DHARITRI

ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ (୧୬ ପୃଷ୍ଠା) Bhubaneswar, Wednesday, February 19/2025 Page 16 ₹ 7.00

୫୧ଶ ଭାଗ ୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 87 ମୂଲ୍ୟ ₹୭/-




### ଝାନ୍ସୀରେ 'ବର୍ଡର ୨'ର ଶୁଟିଂ

ଝାନ୍ସୀରେ 'ବର୍ଡର ୨' ଫିଲ୍ମର ଶୁଟିଂ ଆରମ୍ଭ ହୋଇଥିବା ନେଇ ଅଭିନେତା ସନି ଦେଓଲ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

୦୨

୧୪

### ପିଚେମଙ୍କ ଡବଲରେ ସ୍ପେନ୍ ବିଜୟୀ

ଇସ୍ତେଲ ପିଚେମଙ୍କ ଡବଲ ଗୋଲ ବଳରେ ସ୍ପେନ୍ ମଙ୍ଗଳବାର ଅନୁଷ୍ଠିତ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳକୁ ପରାସ୍ତ କରିଛି।





ଲୋକ ସେବା ଭବନର ଆନେକ୍ସ ବିଲ୍ଡିଂ ପାର୍ଶ୍ୱ କୋଠାର ୫ମ ମହଲା ଛାତ ଉପରେ ମଙ୍ଗଳବାର ଅପରାହ୍ନରେ ଲାଗିଥିବା ନିଆଁ। **(ରିପୋର୍ଟ: ପୃଷ୍ଠା-୫)**

# ଅନ୍‌ଲାଇନରେ ଅଶ୍ଳୀଳ କଣ୍ଟେଣ୍ଟ ରୋକିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ

**ନିକଟରେ ଏକ ଶୋ'ରେ ମା'ବାପାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ୟୁଟ୍ୟୁବର ତଥା ବିୟର ବାଇସେପ୍ ଭାବେ ପରିଚିତ ରଣବୀର ଆଲ୍ଲାହାବାଦିଆଙ୍କ ବିରୋଧରେ ଦେଶର ବିଭିନ୍ନ ଥାନାରେ ମାମଲା ରୁଜୁ ହୋଇଛି। ସର୍ବୋଚ୍ଚ ଅଦାଲତରେ ସେସବୁର ଏକତ୍ରିତ ଶୁଣାଣି ସହ ଗିରଫଦାରିରୁ ଆଶ୍ୱସ୍ତି ପାଇଁ ଆଲ୍ଲାହାବାଦିଆ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟ ଉକ୍ତ ପ୍ରସଙ୍ଗକୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ବୋଲି ଅଭିହିତ କରିବା ସହ ଏହା ଉପରେ କେନ୍ଦ୍ର ସରକାର କ'ଣ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ୟୁଟ୍ୟୁବ୍ ଓ ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ବଢ଼ିଚାଲିଥିବା ଅଶ୍ଳୀଳ କଣ୍ଟେଣ୍ଟର ଦୁରୁପଯୋଗ ରୋକିବା ପାଇଁ ଆଇନ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି।**

### ଆଲ୍ଲାହାବାଦିଆଙ୍କ ଗିରଫଦାରି ରୋକିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୮।୨

ୟୁଟ୍ୟୁବ୍ ଏବଂ ଅନ୍ୟାନ୍ୟ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ 'ଅଶ୍ଳୀଳ କଣ୍ଟେଣ୍ଟ' ପୋଷ୍ଟ ହେଉଥିବାରୁ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ବିଚାର କରନ୍ତୁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ଆହ୍ୱାନ ଦେଇଛନ୍ତି। କେତେକ ଚ୍ୟାନେଲ୍ ଏହି ପ୍ଲାଟ୍‌ଫର୍ମଗୁଡ଼ିକର ଦୁରୁପଯୋଗ କରୁଥିବାରୁ ସର୍ବୋଚ୍ଚ ଅଦାଲତ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଇଣ୍ଡିଆସ୍ ଗଟ୍ ଲାଟେଣ୍ଟ ଶୋ'ରେ ଅତିଥି ଭାବେ ଯୋଗଦେଇଥିବା ୟୁଟ୍ୟୁବର ତଥା ପଡ୍‌କାଷ୍ଟର ରଣବୀର ଆଲ୍ଲାହାବାଦିଆଙ୍କ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ସୁପ୍ରିମକୋର୍ଟ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ୟୁଟ୍ୟୁବ୍‌ରେ ଅଶ୍ଳୀଳ ମନ୍ତବ୍ୟ ସମ୍ପର୍କରେ ଅଦାଲତ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ସୋସିଆଲ୍ ମିଡିଆରେ ବିବାଦୀୟ କଣ୍ଟେଣ୍ଟ ରୋକିବା ଦିଗରେ ସରକାର କିଛି କଲେ ଆମେ ଖୁସି ହେବୁ। ସରକାର ଆଇନ ନ ଆଣିଲେ, ତଥାକଥିତ ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ୟୁଟ୍ୟୁବରମାନଙ୍କ ଦ୍ୱାରା ହେଉଥିବା ଦୁରୁପଯୋଗକୁ ଆମେ ଫାଙ୍କା ଛାଡ଼ିବାକୁ ଦେବୁନାହିଁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ କହିଛନ୍ତି। ଏଥିସହିତ ଖଣ୍ଡପୀଠ ଉକ୍ତ ମାମଲାରେ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କ ସହଯୋଗ ଲୋଡ଼ିଛନ୍ତି।

ବିଅରବିସେପ୍ସ ଭାବେ ଲୋକପ୍ରିୟ ଆଲ୍ଲାହାବାଦିଆ ସମୟ ରାଇନାଙ୍କ ଦ୍ୱାରା ଆୟୋଜିତ ଶୋ'ରେ ଯୋଗଦେଇ ମାତାପିତା ଓ ଯୌନସମ୍ପର୍କ ☞ପୃଷ୍ଠା-୪

# ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି

### କିଟ୍‌ରେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର,୧୮।୨(ବନ୍ଦନା ସେଠୀ)

କିଟ୍ ବିଶ୍ୱବିଦ୍ୟାଳୟରେ ରବିବାର ରାତିରେ ନେପାଳୀ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍‌ଙ୍କ ମୃତ୍ୟୁ ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି। ଘଟଣାର ତଦନ୍ତ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। କମିଟିରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଏବଂ ଉଚ୍ଚଶିକ୍ଷା ବିଭାଗର ☞ପୃଷ୍ଠା-୪

### ଛାତ୍ରୀଛାତ୍ରଙ୍କୁ ଓଡ଼ିଶାକୁ ଛାଡ଼ି ନ ପାରେ ନେପାଳ

**କାଠମାଣ୍ଡୁ,୧୮।୨(ପିଟି):** ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠ ପଢ଼ିବା ପାଇଁ ନେପାଳ ସରକାର ନିଜ ଦେଶର ଛାତ୍ରୀଛାତ୍ରମାନଙ୍କୁ ଆଉ ଅନୁମତି ଦେଇ ନ ପାରନ୍ତି। ଓଡ଼ିଶାରେ ପଢ଼ିବା ପାଇଁ ଆବଶ୍ୟକ ଆପତ୍ତି ବିହୀନ ପ୍ରମାଣପତ୍ର (ଏନ୍‌ଓସି) ପ୍ରଦାନ ନ କରିବାକୁ ସେଠାକାର ସରକାର ବିଚାର କରୁଥିବା ସୂଚନା ମିଳିଛି। ନେପାଳର ଶିକ୍ଷା, ☞ପୃଷ୍ଠା-୪

# ଛାତିରେ ପିଲା, ହାତରେ ଲାଠି

ନୂଆଦିଲ୍ଲୀ, ୧୮।୨

ନୂଆଦିଲ୍ଲୀ ରେଳ ଷ୍ଟେଶନରେ ଶନିବାର ରାତିରେ ଦଳାଚକଟା ଘଟି ୧୮ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ରେଳ ଷ୍ଟେଶନଗୁଡ଼ିକର ସୁରକ୍ଷା ବଢ଼ାଯିବା ସହ ଭିଡ଼ ପରିଚାଳନା ପ୍ରତି ବିଶେଷ ଧ୍ୟାନ ଦିଆଯାଇଥିବା ନେଇ ରେଲୱେ ପ୍ରୋଟେକ୍ସନ ଫୋର୍ସ (ଆର୍‌ପିଏଫ୍) ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାରି ମଧ୍ୟରେ ନୂଆଦିଲ୍ଲୀ ରେଳ ଷ୍ଟେଶନରେ ରେଲୱେ ପ୍ରୋଟେକ୍ସନ ସ୍ପେଶାଲ ଫୋର୍ସ (ଆର୍‌ପିଏସ୍‌ଏଫ୍)ର ମହିଳା କନ୍‌ଷ୍ଟେବଲ ରୀନାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏକ୍ସ'ରେ ଆର୍‌ପିଏଫ୍‌ର ଅଫିସିଆଲ୍ ହ୍ୟାଣ୍ଡେଲରୁ ରୀନାଙ୍କ ଭିଡିଓକୁ ଶେୟାର କରାଯାଇଛି, ଯେଉଁଥିରେ ରୀନା ତାଙ୍କ ବର୍ଷକର ପିଲାକୁ ଛାତିରେ ଝୁଲାଇ ଡ୍ୟୁଟି କରୁଥିବା ନଜରକୁ ଆସିଛନ୍ତି। ଉକ୍ତ ଭିଡିଓରେ ରୀନା ହାତରେ ଏକ ଲାଠି ଧରି ଭିଡ଼କୁ ନିୟନ୍ତ୍ରଣ କରୁଥିବାବେଳେ ସେ ତାଙ୍କ ବର୍ଷକର ଶିଶୁକୁ ଏକ ବେବି କ୍ୟାରିୟର ସାହାଯ୍ୟରେ ନିଜ ଛାତିରେ ବାନ୍ଧିଛନ୍ତି। ଭିଡିଓରେ ପିଲାଟି ☞ପୃଷ୍ଠା-୪



ନୂଆଦିଲ୍ଲୀ ରେଳ ଷ୍ଟେଶନରେ ବର୍ଷକର ପିଲାକୁ ଧରି ଡ୍ୟୁଟି କରୁଛନ୍ତି ଆର୍‌ପିଏସ୍‌ଏଫ୍ ମହିଳା କନ୍‌ଷ୍ଟେବଲ ରୀନା।






### ବିଷ୍ଣୁପଦଙ୍କ ଘରେ ସିବିଆଇ ଚଢ଼ାଉ

**ବ୍ରିଜ୍ ଆଣ୍ଡ୍ ରୁଫ୍ କମ୍ପାନୀ ଲାଞ୍ଚ ମାମଲା**

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)



ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଦାମୀ କାର୍‌ରୁ ୧୦ଲକ୍ଷ ଟଙ୍କା ଜବତ ଘଟଣା ପୁଣି ଚର୍ଚ୍ଚା ସୃଷ୍ଟି କରିଛି। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏହି ମାମଲାରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ (ଇଣ୍ଡିଆ) ଲିମିଟେଡ୍‌ର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ତଥା କଣ୍ଟ୍ରାକ୍ଟର ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିଷ୍ପତ୍ତି ଓ କାର୍ଯ୍ୟକାରିତା**




## ସଂକ୍ଷେପରେ

### ଆମେରିକାରୁ ବେଆଇନ ପ୍ରବାସୀ ଭାରତୀୟଙ୍କୁ ଗ୍ରହଣ କରିବ କୋଷ୍ଟାରିକା

ସାନ୍ ଜୋସ୍,୧୮।୨(ପି.ଟି.)

ଆମେରିକାରୁ ବିଦା ହେବାକୁ ଥିବା ବେଆଇନ ପ୍ରବାସୀ ଭାରତୀୟ ଏବଂ କେନ୍ଦ୍ରୀୟ ଏସୀୟ ଲୋକମାନଙ୍କୁ ଗ୍ରହଣ କରିବା ପାଇଁ କୋଷ୍ଟାରିକା ରାଜି ହୋଇଛି। କୋଷ୍ଟାରିକା ରାଷ୍ଟ୍ରପତି ରୋଡ୍ରିଗୋ ଚାଭେସ୍ ରୋବ୍ଲସ୍‌ଙ୍କ କାର୍ଯ୍ୟାଳୟର ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ୨୦୦ ଜଣିଆ ପ୍ରବାସୀଙ୍କ ଏକ ଗ୍ରୁପ୍ ବ୍ୟବସାୟିକ ବିମାନରେ ଆସି ବୁଧବାର ଜୁଆନ୍ ସାଣ୍ଟାମାରିଆ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ପହଞ୍ଚିବ। ଆମେରିକାରୁ ବେଆଇନ ପ୍ରବାସୀଙ୍କୁ ବିଦା କରିବାରେ ସହଯୋଗ କରିବାକୁ କୋଷ୍ଟାରିକା ସରକାର ରାଜି ହୋଇଛନ୍ତି। ସେମାନଙ୍କୁ ସେଠାରେ ଏକ ଅସ୍ଥାୟୀ ଶିବିରରେ ରଖାଯାଇ ପରେ ସେମାନଙ୍କୁ ମୂଳ ଦେଶକୁ ପଠାଯିବ।

### ଅବସର ନେଲେ ସିଇସି ରାଜୀବ କୁମାର

ନୂଆଦିଲ୍ଲୀ,୧୮।୨



୨୦୨୪ ଲୋକ ସଭା ନିର୍ବାଚନ ସମେତ ଗୁରୁତ୍ୱପୂର୍ଣ୍ଣ ଜମ୍ମୁ-କଶ୍ମୀର ବିଧାନସଭା ନିର୍ବାଚନ ପରିଚାଳନାର ନେତୃତ୍ୱ ନେଇଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ସେ ୨୦୨୦ ସେପ୍ଟେମ୍ବର ୧ରେ ନିର୍ବାଚନ କମିଶନର ଭାବେ ଯୋଗଦେଇଥିବାବେଳେ ୨୦୨୨ ମେ' ୧୫ରେ ୨୫ତମ ସିଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନିର୍ବାଚନ କମିଶନର ଭାବେ ସେ ଏହି ସଂସ୍ଥାର ଗଠନ, ବୈଷୟିକ, ସାମର୍ଥ୍ୟ ବିକାଶ, ଯୋଗଯୋଗ, ଅନ୍ତର୍ଜାତୀୟ ସହଯୋଗ ଏବଂ ପ୍ରଶାସନିକ ସଂସ୍କାର ଦିଗରେ କାର୍ଯ୍ୟ କରିଥିଲେ। ସେ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ପରିଚାଳନା ସମେତ ୨୦୨୨ରେ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ, ୨୦୨୪ର ଲୋକ ସଭା ନିର୍ବାଚନ ଓ ରାଜ୍ୟ ସଭା ନିର୍ବାଚନ ପରିଚାଳନା କରିଥିଲେ। ତାଙ୍କ ସ୍ଥାନରେ ଜ୍ଞାନେଶ କୁମାର ପରବର୍ତ୍ତୀ ସିଇସି ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି।

# ପ୍ରୟାଗରାଜସ୍ଥିତ ନଦୀଜଳରେ ଅତ୍ୟଧିକ ମଳ ବ୍ୟାକ୍ଟେରିଆ



ମହାକୁମ୍ଭ ଅବସରରେ ପ୍ରୟାଗରାଜସ୍ଥିତ ତ୍ରିବେଣୀ ସଙ୍ଗମରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

ନୂଆଦିଲ୍ଲୀ,୧୮।୨

ପ୍ରୟାଗରାଜରେ ମହାକୁମ୍ଭ ମେଳା ଚାଲିଥିବାବେଳେ ସେଠାର ନଦୀଜଳ ଗାଧୋଇବା ପାଇଁ ମଧ୍ୟ ଉପଯୁକ୍ତ ନୁହେଁ ବୋଲି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ସୋମବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ଙ୍କୁ ଜଣାଇଛି। ନଦୀଜଳରେ ଅତ୍ୟଧିକ ପରିମାଣରେ ମଳ ବ୍ୟାକ୍ଟେରିଆ ଭରିରହିଛି। ସ୍ୱେରେଜ୍ ପ୍ରଦୂଷଣ ଯୋଗୁ ଜଳରେ ଫାସାଲ କୋଲିଫର୍ମ ବଢୁଛି। ଏହାର ଅନୁମତିଯୋଗ୍ୟ ସୀମା ୧୦୦ ମିଲିଲିଟର ପ୍ରତି ୨,୫୦୦ ୟୁନିଟ୍ ବୋଲି ସିପିସିବି କହିଛି। ଫାସାଲ କୋଲିଫର୍ମ ବ୍ୟାକ୍ଟେରିଆ ଏକ ପ୍ରକାର ଅଣୁଜୀବ ଯାହା ମଣିଷ ଏବଂ ପ୍ରାଣୀମାନଙ୍କ ଅନ୍ତରେ ରହିଥାନ୍ତି। ସେମାନଙ୍କ ମଳରେ ଆସି ଉକ୍ତ ବ୍ୟାକ୍ଟେରିଆ ପାଣିରେ ମିଶିଥାଏ। ପ୍ରୟାଗରାଜର ବିଭିନ୍ନ ଭାଗରେ ଥିବା ନଦୀଜଳରେ ଅନୁମୋଦିତ ସୀମାଠାରୁ ବହୁତ ଅଧିକ ବ୍ୟାକ୍ଟେରିଆ ରହିଥିବାରୁ ଏହା ଗୁରୁତର ପ୍ରଦୂଷଣ, ଯାହାଦ୍ୱାରା ଜଳବାହିତ ରୋଗ ବ୍ୟାପିବା ଆଶଙ୍କା ରହିଛି। ଏହି ପାଣିରେ ଗାଧୋଇବା ଦ୍ୱାରା ଗାଷ୍ଟ୍ରୋଇଣ୍ଟେଷ୍ଟାଇନାଲ ସଂକ୍ରମଣ, ଚର୍ମ ଓ ଆଖିରେ ସଂକ୍ରମଣ, ଟାଇଫଏଡ୍, ହେପାଟାଇଟ୍ସ, ଶ୍ୱାସକ୍ରିୟା ସମସ୍ୟା ଆଦି ଦେଖାଦେବା ସମ୍ଭାବନା ରହିଛି।

## ପ୍ରଦୂଷଣ ବୋର୍ଡ ରିପୋର୍ଟ

ଏନ୍‌ଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ, ନ୍ୟାୟିକ ସଦସ୍ୟ ଜଷ୍ଟିସ୍ ସୁଧୀର ଅଗ୍ରୱାଲ ଏବଂ ବିଶେଷଜ୍ଞ ସଦସ୍ୟ ଏ. ସେନ୍ଥିଲ ଭେଲ୍‌ଙ୍କ ଖଣ୍ଡପୀଠ ପ୍ରୟାଗରାଜରେ ଗଙ୍ଗା ଓ ଯମୁନା ନଦୀକୁ ଛଡ଼ାଯାଉଥିବା ସ୍ୱେରେଜ୍ ଆବର୍ଜନା ରୋକିବା ମାମଲାର ଶୁଣାଣି କରିଛନ୍ତି। ଗତ ୩ ତାରିଖରେ ସିପିସିବି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ କେତେକ ନିୟମର ଅନୁପାଳନ ହୋଇନାହିଁ କିମ୍ବା ଉଲ୍ଲଂଘନ ହୋଇଥିବା ଖଣ୍ଡପୀଠ କହିଛନ୍ତି। ପ୍ରୟାଗରାଜସ୍ଥିତ ନଦୀର ବିଭିନ୍ନ ଭାଗରେ ମଳ ବ୍ୟାକ୍ଟେରିଆ ଭରି ରହିଥିବାରୁ ଏହା ଗାଧୋଇବା ପାଇଁ ପ୍ରାଥମିକ ଜଳ ମାନକୁ ପୂରଣ କରୁନାହିଁ। ମହାକୁମ୍ଭ ବେଳେ କୋଟି କୋଟି ଲୋକ ସେଠାରେ ବୁଡ଼ ପକାଉଛନ୍ତି। ଫଳରେ ବ୍ୟାକ୍ଟେରିଆ ପରିମାଣ ବଢ଼ି ଚାଲିଥିବା ରିପୋର୍ଟରେ କୁହାଯାଇଛି। ବିସ୍ତୃତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ପୂର୍ବରୁ ଟ୍ରିବ୍ୟୁନାଲ ଉତ୍ତରପ୍ରଦେଶ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ୟୁପିପିସିବି)କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ଅନୁପାଳନ କରାଯାଇ ନାହିଁ।

ଜାନୁଆରୀ ୨୮ରେ ଉକ୍ତ ବୋର୍ଡ ପଠାଇଥିବା ରିପୋର୍ଟ ଅନୁଯାୟୀ, ନଦୀର ବିଭିନ୍ନ ଭାଗରେ ପ୍ରଚୁର ମାତ୍ରାରେ ମଳ ଓ କୋଲିଫର୍ମ ରହିଛି। ଉକ୍ତ ରିପୋର୍ଟର ଅନୁଧ୍ୟାନ କରି ଜବାବ ଦାଖଲ କରିବାକୁ ଟ୍ରିବ୍ୟୁନାଲ ଉତ୍ତରପ୍ରଦେଶ ପକ୍ଷର ଓକିଲଙ୍କୁ ଗୋଟିଏ ଦିନ ସମୟ ଦେଇଛନ୍ତି। ବୁଧବାର ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ବେଳେ ପ୍ରୟାଗରାଜରେ ଗଙ୍ଗା ନଦୀଜଳ ଗୁଣବତ୍ତା ପରିଚାଳନା ଦାୟିତ୍ୱରେ ଥିବା ସମ୍ପୃକ୍ତ ରାଜ୍ୟ କର୍ତ୍ତୃପକ୍ଷ ଏବଂ ୟୁପିପିସିବି ସଦସ୍ୟ ସଚିବ ଭର୍ଚୁଆଲି ଉପସ୍ଥିତ ରହିବାକୁ ଟ୍ରିବୁନାଲ ନିର୍ଦ୍ଦେଶ ଦେଇଛନ୍ତି।

## ମହାକୁମ୍ଭ 'ମୃତ୍ୟୁକୁମ୍ଭ'ରେ ପରିଣତ ହୋଇଛି: ମମତା



ମମତା ବାନାର୍ଜୀ

କୋଲକାତା,୧୮।୨

ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭକୁ ନେଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ଉତ୍ତରପ୍ରଦେଶ ପ୍ରତିପକ୍ଷ ଯୋଗୀ ଆଦିତ୍ୟନାଥଙ୍କୁ କଡ଼ା ସମାଲୋଚନା କରିଛନ୍ତି। ପ୍ରୟାଗରାଜର ଉକ୍ତ ଆଧ୍ୟାତ୍ମିକ ସମାବେଶ 'ମୃତ୍ୟୁକୁମ୍ଭ'ରେ ପରିଣତ ହୋଇଥିବା ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। କୁମ୍ଭମେଳାକୁ ଆସିଥିବା ଶ୍ରଦ୍ଧାଳୁମାନଙ୍କ ପାଇଁ ଅସମାନତା ରହିଥିବାବେଳେ ପ୍ରଶାସନ ପାଖରେ ଉପଯୁକ୍ତ ଯୋଜନାର ଅଭାବ ରହିଛି। ମେଳାକୁ ଆସୁଥିବା ଧନୀ ଏବଂ ଭିଆଇପିମାନଙ୍କ ପାଇଁ ସର୍ବାଧିକ ଲକ୍ଷେ ଟଙ୍କାରେ କ୍ୟାମ୍ପ୍ ଉପଲବ୍ଧ ହେଉଛି। ହେଲେ ଗରିବଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ମେଳାରେ ଦଳାଚକଟା ସ୍ଥିତି ସାଧାରଣ କଥା। ତେବେ ଏହାକୁ ରୋକିବା ଲାଗି ଉପଯୁକ୍ତ ବ୍ୟବସ୍ଥା ଜରୁରୀ ବୋଲି ମମତା କହିଛନ୍ତି।

ମମତାଙ୍କ ମନ୍ତବ୍ୟ ଉପରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟକୁ ଦୃଢ଼ ପ୍ରତିବାଦ କରିବାକୁ ସେ ହିନ୍ଦୁ ଏବଂ ସାଧୁ ସନ୍ଥ ସମୁଦାୟଙ୍କୁ ନିବେଦନ କରିଛନ୍ତି। ଯଦି ଆପଣମାନେ ପ୍ରକୃତ ହିନ୍ଦୁ, ତେବେ ରାଜନୀତିରୁ ଊର୍ଦ୍ଧ୍ୱକୁ ଯାଇ ମମତାଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରନ୍ତୁ ବୋଲି ଶୁଭେନ୍ଦୁ କହିଛନ୍ତି।

## ଅଗୁଷ୍ଟା ୱେଷ୍ଟଲାଣ୍ଡ ମାମଲା

### ମଧ୍ୟସ୍ଥ କ୍ରିଷ୍ଟିଆନ୍ ମିଚେଲ୍‌ଙ୍କୁ ଜାମିନ



କ୍ରିଷ୍ଟିଆନ୍ ମିଚେଲ ଜେମ୍ସ

ନୂଆଦିଲ୍ଲୀ,୧୮।୨(ପି.ଟି.)

ଅଗୁଷ୍ଟା ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ମଧ୍ୟସ୍ଥତା କରିଥିବା ବ୍ରିଟିଶ ନାଗରିକ କ୍ରିଷ୍ଟିଆନ୍ ମିଚେଲ ଜେମ୍ସଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଜାମିନ ମଞ୍ଜୁର କରିଛନ୍ତି। ସିବିଆଇ ଏହି ୩,୬୦୦ କୋଟି ଟଙ୍କାର ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାର ତଦନ୍ତ କରୁଥିବାବେଳେ କ୍ରିଷ୍ଟିଆନ୍ ୬ ବର୍ଷ ହେଲା ଜେଲରେ ଥିଲେ। ତଦନ୍ତ ଜାରି ରହିଥିବାବେଳେ କ୍ରିଷ୍ଟିଆନ୍ ୬ ବର୍ଷ ଜେଲରେ କାଟିସାରିଲେଣି ବୋଲି ଜଷ୍ଟିସ୍ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କହିଛନ୍ତି। ତଳକୋର୍ଟଙ୍କ ସର୍ତ୍ତ ଅନୁଯାୟୀ ତାଙ୍କୁ ଜାମିନରେ ଛାଡ଼ିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୮ରେ କ୍ରିଷ୍ଟିଆନ ଦୁବାଇରୁ ପ୍ରତ୍ୟର୍ପିତ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ଗତବର୍ଷ ସେପ୍ଟେମ୍ବର ୨୫ରେ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ରାତିଅଧିଆ ସିଇସି ଚୟନ ନିଷ୍ପତ୍ତି ଅପମାନଜନକ: ରାହୁଲ

ନୂଆଦିଲ୍ଲୀ,୧୮।୨(ପି.ଟି.)

ମାମଲା ସୁପ୍ରିମକୋର୍ଟରେ ବିଚାରାଧୀନ ଥିବାବେଳେ ନୂଆ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ନିଯୁକ୍ତି ପାଇଁ ରାତିଅଧିଆ ନିଷ୍ପତ୍ତି ନେବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପାଇଁ ଅପମାନଜନକ ଏବଂ ଅସଭ୍ୟ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର କହିଛନ୍ତି। ସୋମବାର ରାତିରେ ସିଇସି ଚୟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଚୟନ କମିଟି ବୈଠକ ବସିଥିଲା। କମିଟି ସଦସ୍ୟ ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ



ରାହୁଲ ଗାନ୍ଧୀ

ଗାନ୍ଧୀ ସୁପ୍ରିମକୋର୍ଟ ଶୁଣାଣିକୁ ଦୃଷ୍ଟିରେ ରଖି ବୈଠକ ଘୁଞ୍ଚାଇବାକୁ କହିଥିଲେ। ଏହା କିଛି ଘଣ୍ଟା ପରେ ଜ୍ଞାନେଶ କୁମାରଙ୍କୁ ନୂଆ ସିଇସି ନିଯୁକ୍ତ କରାଯାଇଥିଲା। ରାହୁଲ କହିଛନ୍ତି, ବୈଠକରେ ସେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅସହମତ ନୋଟ୍ ଦେଇଥିଲେ। ନିର୍ବାଚନ କମିଶନର ଏବଂ ମୁଖ୍ୟ ନିର୍ବାଚନ କମିଶନର ଚୟନ ପ୍ରକ୍ରିୟା ସରକାରୀ ପ୍ରଭାବରୁ ମୁକ୍ତ ରଖାଯିବା ଏକ ସ୍ୱାଧୀନ ନିର୍ବାଚନ କମିଶନର ସବୁଠୁ ମୌଳିକ ଦୃଷ୍ଟିକୋଣ ବୋଲି ରାହୁଲ ଏକ୍ସ'ରେ ଲେଖିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଂଘନ କରି ଏବଂ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେଇ କୋଟି କୋଟି ଲୋକଙ୍କର ଆମ ନିର୍ବାଚନୀ ପ୍ରକ୍ରିୟାର ସାଧୁତାକୁ ନେଇ ରହିଥିବା ଚିନ୍ତାକୁ ମୋଦି ସରକାର ବଢ଼ାଇ ଦେଇଛନ୍ତି। ବିରୋଧୀ ଦଳ ନେତା ଭାବେ ବାବାସାହେବ ଆମ୍ବେଦ୍କର ଏବଂ ରାଷ୍ଟ୍ରର ପ୍ରତିଷ୍ଠାତା ନେତାମାନଙ୍କ ଆଦର୍ଶକୁ କାଏମ ରଖିବା ସହ ସରକାରଙ୍କୁ ଉତ୍ତରଦାୟୀ କରାଇବା ତାଙ୍କ କର୍ତ୍ତବ୍ୟ ବୋଲି ରାହୁଲ କହିଛନ୍ତି।

ଚୟନ କମିଟି ଗଠନକୁ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବା ସତ୍ତ୍ୱେ ତରବରିଆ ଭାବେ ସିଇସି ନିଯୁକ୍ତ କରାଯିବାକୁନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ସରକାରଙ୍କ ରାତିଅଧିଆ ନିଯୁକ୍ତି ନିଷ୍ପତ୍ତି ଆମ ଗଣତନ୍ତ୍ର ଏବଂ ମୁକ୍ତ ନିର୍ବାଚନ ଭାବନାକୁ ଦୁର୍ବଳ କରୁଛି ବୋଲି କଂଗ୍ରେସ ନେତା ମାନିକମ୍ ଟାଗୋର କହିଛନ୍ତି। ସରକାରଙ୍କ ଏଭଳି ନିଷ୍ପତ୍ତି ସୁପ୍ରିମକୋର୍ଟଙ୍କ କର୍ତ୍ତୃତ୍ୱ ଏବଂ ସମ୍ବିଧାନ ଭାବନାର ଉଲ୍ଲଂଘନ ବୋଲି କଂଗ୍ରେସ ଏମ୍‌ପି ପ୍ରମୋଦ ତିୱାରୀ କହିଛନ୍ତି।

## ଭାରତରେ ନିଯୁକ୍ତି ଆରମ୍ଭ କଲା ଟେସ୍‌ଲା

ନୂଆଦିଲ୍ଲୀ,୧୮।୨

ଆମେରିକା ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଟେସ୍‌ଲା ସିଇଓ ଏଲନ୍ ମସ୍କଙ୍କ ଆଲୋଚନା ପରେ ତାଙ୍କ କମ୍ପାନୀ ଭାରତରେ ନିଯୁକ୍ତି ପ୍ରଦାନ ଆରମ୍ଭ କରିଛି। ତେଣୁ ଭାରତୀୟ ବଜାରରେ ଟେସ୍‌ଲା ପ୍ରବେଶ କରୁଥିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ଏହି ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା କମ୍ପାନୀ ସର୍ଭିସ୍ ଟେକ୍‌ନିସିଆନ୍ ସମେତ ୧୩ଟି ସେବାରେ ନିଯୁକ୍ତି ପାଇଁ ପ୍ରାର୍ଥୀ ଆହ୍ୱାନ କରିଥିବା ସୋମବାର ଏହାର ଲିଙ୍କଡ୍‌ଇନ୍ ପୃଷ୍ଠାରେ ପ୍ରକାଶିତ ବିଜ୍ଞାପନରୁ ଜଣାପଡ଼ିଛି। ସେଥିରୁ ଅନ୍ୟୂନ ୫ଟି ପଦବୀ ଉଭୟ ମୁମ୍ବାଇ ଏବଂ ଦିଲ୍ଲୀରେ ଉପଲବ୍ଧ ଥିବାବେଳେ କଷ୍ଟମର ଏନ୍‌ଗେଜ୍‌ମେଣ୍ଟ ମ୍ୟାନେଜର, ଡେଲିଭରି ଅପରେଶନ ସ୍ପେଶାଲିଷ୍ଟ ଆଦି ଅନ୍ୟାନ୍ୟ ପଦବୀ କେବଳ ମୁମ୍ବାଇରେ ରହିଛି। ଭାରତୀୟ ବଜାରରେ ପ୍ରବେଶ ପାଇଁ ଟେସ୍‌ଲା ବହୁବର୍ଷ ହେଲା ଆଲୋଚନା ଚଳାଇଥିବାବେଳେ ଅତ୍ୟଧିକ ଆମଦାନୀ ଶୁଳ୍କକୁ ନେଇ ଦୂରେଇ ରହିଥିଲା। ଭାରତ ଏବେ ୪୦ ହଜାର ଡଲାରରୁ ଅଧିକ ମୂଲ୍ୟର ବିଳାସପୂର୍ଣ୍ଣ କାର ଉପରେ ମୌଳିକ ସୀମା ଶୁଳ୍କ ୧୧୦%ରୁ ୭୦%କୁ ହ୍ରାସ କରିଛି। ଗତବର୍ଷ ଭାରତରେ ପାଖାପାଖି ୧ ଲକ୍ଷ ୟୁନିଟ ଇଭି ବିକ୍ରି ହୋଇଥିଲା। ବିକ୍ରି ବଢ଼ାଇବାକୁ ଭାରତ ଟେସ୍‌ଲାକୁ ସୁଯୋଗ ଦେଇଛି।

## ଲ୍ୟାଣ୍ଡିଂ ବେଳେ ଓଲଟିଲା ବିମାନ: ୧୮ ଆହତ

ଟରଣ୍ଟୋ, ୧୮।୨

କାନାଡାର ଟରଣ୍ଟୋସ୍ଥିତ ପିଅରସନ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟରେ ମଙ୍ଗଳବାର ଡେଲ୍‌ଟା ଏୟାରଲାଇନ୍ସର 'ସିଜେଆର୍‌୯୦୦' ବିମାନ ଦୁର୍ଘଟଣାର ଶିକାର ହୋଇଛି। ଏହି ଦୁର୍ଘଟଣାରେ ୧୮ ଜଣ ଆହତ ହୋଇଥିବାବେଳେ ୩ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ବିମାନରେ ୭୬ ଜଣ ଯାତ୍ରୀ ଏବଂ ୪ ଜଣ କ୍ରିଉ ସଦସ୍ୟ ରହିଥିଲେ। ରିପୋର୍ଟ ଅନୁଯାୟୀ, ବିମାନଟି ଲ୍ୟାଣ୍ଡିଂ କରୁଥିବାବେଳେ ଟରଣ୍ଟୋ ଏୟାରପୋର୍ଟର ବରଫାବୃତ୍ତ ରନ୍‌ୱେରେ ଏହା ନିଜର ସନ୍ତୁଳନ ହରାଇ ବସିଥିଲା। ଫଳରେ ବିମାନଟି ଓଲଟି ପଡ଼ିଥିଲା। ବିମାନଟି ଯାତ୍ରୀମାନଙ୍କୁ



ଟରଣ୍ଟୋସ୍ଥିତ ଏୟାରପୋର୍ଟରେ ଡେଲଟା ଏୟାରଲାଇନ୍ସର ଦୁର୍ଘଟଣାଗ୍ରସ୍ତ ବିମାନ।

ନେଇ ମିନିଆପଲିସ-ସେଣ୍ଟ ପଲ୍ ଏୟାରପୋର୍ଟରୁ ଟରଣ୍ଟୋ ଏୟାରପୋର୍ଟକୁ ଆସୁଥିଲା। ଦୁର୍ଘଟଣାଗ୍ରସ୍ତ ବିମାନ ମଧ୍ୟରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ନେଇ ଡେଲ୍ଟା ଏୟାରଲାଇନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ବିମାନ ଦୁର୍ଘଟଣା ନେଇ ଯାଞ୍ଚର ଆଦେଶ ଦିଆଯାଇଛି ବୋଲି ଏୟାରଲାଇନ୍ସ କହିଛି। ଡେଲ୍ଟା ଏୟାରଲାଇନ୍ସର ଏହି ବିମାନ ବରଫାବୃତ୍ତ ରନ୍‌ୱେରେ ଓଲଟିବାର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ବାଣିଜ୍ୟିକ କାରବାର ବଢ଼ାଇବେ ଭାରତ, କାତାର

ନୂଆଦିଲ୍ଲୀ, ୧୮।୨

ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାତାରର ଅମିର ଶେଖ୍ ତମିମ ବିନ୍ ହମଦ୍ ଅଲ୍-ଥାନୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ, ନିବେଶ, ଶକ୍ତି, ଟେକ୍ନୋଲୋଜି ଆଦି କ୍ଷେତ୍ରରେ ଅନେକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ବାଣିଜ୍ୟିକ ଏବଂ ଲୋକ ସମ୍ପର୍କକୁ ଆହୁରି ମଜଭୁତ କରିବା ଦିଗରେ ରଣନୈତିକ ଭାଗୀଦାରିକୁ ବୃଦ୍ଧି କରିବା ପାଇଁ ୨ ନେତା ଜୋର୍ ଦେଇଥିଲେ। ଆଗାମୀ ୫ ବର୍ଷ ମଧ୍ୟରେ ବାର୍ଷିକ ଦ୍ୱିପାକ୍ଷିକ ବାଣିଜ୍ୟକୁ



ନୂଆଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କତାରର ଅମିର ଶେଖ୍ ତମିମ ବିନ୍ ହମଦ୍ ଅଲ୍-ଥାନୀ ଦ୍ୱିପାକ୍ଷିକ ଆଲୋଚନା କରୁଛନ୍ତି।

୧୪ ବିଲିୟନ ଡଲାରରୁ ଦ୍ୱିଗୁଣିତ କରି ୨୮ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏହି ଆଲୋଚନାରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି, ଯେଉଁଥିରେ ୨ ଦେଶ ସହମତି ପ୍ରକାଶ କରିଛନ୍ତି। ଏହି ଅବସରରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ କାତାରର ବହିର୍ବ୍ୟାପାର ମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ ରେହମାନ ବିନ୍ ଜସିମ ଅଲ୍ ଥାନୀଙ୍କ ମଧ୍ୟରେ ବିଭିନ୍ନ ଦସ୍ତାବିଜ୍ ଆଦାନପ୍ରଦାନ କରାଯାଇଥିଲା। ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରାମନ, ପିୟୁଷ ଗୋୟଲ, ହରଦୀପ ସିଂ ପୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନାରେ ଇସ୍ରାଏଲ ଏବଂ ହମାସ୍ ପ୍ରସଙ୍ଗ ମଧ୍ୟ ଉଠିଥିଲା। ଏନେଇ ଉଭୟ ମୋଦି ଓ କାତାରର ଅମିର ନିଜ ମତ ରଖିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କାତାର ଜେଲରେ ବନ୍ଦୀ ଥିବା ୬୦୦ ଭାରତୀୟଙ୍କ ପ୍ରସଙ୍ଗ ଉଠାଇଥିଲେ।

## ଫୁର୍‌ସତ୍

## ଯୌତୁକରେ ମିଳିଥିବା ୫.୫୧ ଲକ୍ଷ ଫେରାଇଲେ

ଜୈସଲ୍‌ମେର

### ସିଭିଲ ସର୍ଭିସେସ୍ ଆସ୍ପିରାଣ୍ଟ ପରମବୀର ଚାରିଆଡ଼ୁ ପ୍ରଶଂସିତ

ପଶ୍ଚିମ ରାଜସ୍ଥାନର ଜୈସଲମେର ଜିଲା ଲାଠି ଅଞ୍ଚଳସ୍ଥିତ କେରାଲିଆ ଗ୍ରାମରେ ଅନୁଷ୍ଠିତ ହୋଇଥିବା ଏକ ବିବାହ ଉତ୍ସବରେ ଜଣେ ବର ଯୌତୁକ ପ୍ରଥାକୁ ବନ୍ଦ କରିବା ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ରାଜସ୍ଥାନର ପାଲି ଜିଲା କଣ୍ଟାଲିଆ ଗ୍ରାମର ପରମବୀର ସିଂ କୁମ୍ପାୱତଙ୍କ ବିବାହ ରବିବାର କେରାଲିଆ ଗ୍ରାମ ନିବାସୀ ଜେଠୁ ସିଂ ଭାଟିଙ୍କ ଝିଅ ନିକିତା ଭାଟିଙ୍କ ସହ ହୋଇଥିଲା। ତେବେ ବିବାହର ତିଲକ୍ ପ୍ରଥା ଚାଲିଥିବା ବେଳେ ଜେଠୁ ସିଂ ତାଙ୍କ ଜ୍ୱାଇଁ ପରମବୀରଙ୍କୁ ଉପହାର ସ୍ୱରୂପ ୫ ଲକ୍ଷ ୫୧ ହଜାର ଟଙ୍କା ଦେଇଥିଲେ। ହଠାତ୍ ପରମବୀର ଏହି ଉପହାରକୁ ମନା କରି ପାରି ନଥିଲେ। ଏହାର କିଛି ସମୟ ପରେ ସେ ତାଙ୍କ ବାପା ଈଶ୍ୱର ସିଂ କୁମ୍ପାୱତ୍‌ଙ୍କୁ ଉପହାରରେ ମିଳିଥିବା ୫ ଲକ୍ଷ ୫୧ ହଜାର



ଟଙ୍କା କନ୍ୟା ପକ୍ଷଙ୍କୁ ଫେରାଇ ଦେବା ପାଇଁ ଅନୁରୋଧ କରିଥିଲେ। ଏଥିରେ ଈଶ୍ୱର ରାଜି ହୋଇଥିଲେ। ଏହାପରେ ଉଭୟ ପରମବୀର ଓ ତାଙ୍କ ବାପା ଈଶ୍ୱର କନ୍ୟାଙ୍କ ବାପା ଜେଠୁ ସିଂଙ୍କ ପାଖକୁ ଯାଇ ତିଲକ ପ୍ରଥା ବାବଦକୁ ଉପହାରରେ ମିଳିଥିବା ୫ ଲକ୍ଷ ୫୧ ହଜାର ଟଙ୍କା ଫେରାଇ ଦେବା ସହ ପରମ୍ପରାକୁ ନିଭାଇବା ପାଇଁ ସେମାନେ କନ୍ୟା ପକ୍ଷଙ୍କଠାରୁ କେବଳ ଗୋଟିଏ ୧ ଟଙ୍କିଆ କଏନ୍ ଓ ନଡ଼ିଆ ରଖିଥିଲେ। ବର ଓ ତାଙ୍କ ବାପାଙ୍କ ଏହି ଆଚରଣ ଦେଖି କନ୍ୟାଙ୍କ ବାପା ଜେଠୁ ସିଂ ଭାବବିହ୍ୱଳ ହୋଇ ଯାଇଥିଲେ। ଏହି ଦୃଶ୍ୟ ଦେଖି ସେଠାରେ ଥିବା ସମସ୍ତ ଅତିଥି ମଧ୍ୟ ଚକିତ ହୋଇଯାଇଥିଲେ। ଏହି ଘଟଣା କେବଳ କେରାଲିଆ ଗ୍ରାମରେ ନୁହେଁ, ବରଂ ଆଖପାଖ ଗ୍ରାମରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣା ସମ୍ପର୍କରେ ପରମବୀର କହିଛନ୍ତି, ତାଙ୍କୁ ଓ ତାଙ୍କ ପରିବାରକୁ ଯୌତୁକ ଦରକାର ନାହିଁ। ରାଜପୁତ ସମାଜରେ ଯୌତୁକ ପ୍ରଥା ବନ୍ଦ କରିବାର ସନ୍ଦେଶ ଦେବା ପାଇଁ ସେ ତିଲକ ପରମ୍ପରାରେ ମିଳିଥିବା ଟଙ୍କାକୁ ଫେରାଇ ଦେଇଛନ୍ତି। ୩୦ ବର୍ଷୀୟ ପରମବୀର ହେଉଛନ୍ତି ଜଣେ ସିଭିଲ ସର୍ଭିସେସ୍ ଆସ୍ପିରାଣ୍ଟ। ତେଣୁ ଜଣେ ଶିକ୍ଷିତ ବ୍ୟକ୍ତି ଭାବେ ସମାଜରେ ଯୌତୁକ ପରି କୁପ୍ରଥାକୁ ସେ କେବେ ମଧ୍ୟ ପ୍ରଶ୍ରୟ ଦେବେ ନାହିଁ ବୋଲି ପରମବୀର କହିଛନ୍ତି। ତାଙ୍କ ବାପା ଈଶ୍ୱର ସିଂ କହିଛନ୍ତି, ଆଧୁନିକ ଭାରତରେ ଝିଅମାନେ ବିଭିନ୍ନ କ୍ଷେତ୍ରରେ ଦେଶ ଓ ସମାଜ ସମେତ ପରିବାରର ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି। ବିବାହ ଉତ୍ସବରେ କେବଳ ନଡ଼ିଆ ନେଇ ପରମ୍ପରାକୁ ନିଭାଇବାର ଆବଶ୍ୟକତା ରହିଛି। ପରମ୍ପରା ନାଁରେ ଲକ୍ଷାଧିକ ଟଙ୍କାର ଯୌତୁକ ଦିଆନିଆ ଠିକ୍ ନୁହେଁ ବୋଲି ସେ କହିଛନ୍ତି। କନ୍ୟାଙ୍କ ବାପା ଜେଠୁ ସିଂ କହିଛନ୍ତି, ସମାଜରେ ଲୋକଙ୍କ ମଧ୍ୟରେ ଯୌତୁକ ନ ନେବାର ମାନସିକତା ଆସିଗଲେ କୌଣସି ବାପା ସେମାନଙ୍କ ଝିଅଙ୍କୁ ଆଉ ବୋଝ ବୋଲି ଭାବିବେ ନାହିଁ।

## ଝାନ୍ସୀରେ 'ବର୍ଡର ୨'ର ଶୁଟିଂ

ଝାନ୍ସି

ବଲିଉଡ୍ ଅଭିନେତା ସନି ଦେଓଲଙ୍କ 'ବର୍ଡର ୨' ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରି ରହିଛନ୍ତି। ତେବେ ସନି ଏହି ଫିଲ୍ମର ଶୁଟିଂ ଆରମ୍ଭ କରିଛନ୍ତି। ମଙ୍ଗଳବାର ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ଶୁଟିଂ ଶେଟ୍‌ର ଏକ ଫଟୋ ଶେୟାର କରିଛନ୍ତି। ଫଟୋରେ ସନିଙ୍କୁ ଅଭିନେତା ବରୁଣ ଧାୱନ ଏବଂ 'ବର୍ଡର ୨' ଫିଲ୍ମର କ୍ରିଉ ସଦସ୍ୟଙ୍କ ସହ ପୋଜ୍ ଦେଉଥିବାର ଦେଖିବାକୁ ମିଳିଛି। ଏହି ଫଟୋରେ 'ବର୍ଡର ୨' ନିର୍ଦ୍ଦେଶକ ଅନୁରାଗ ସିଂ, ନିର୍ମାତା ଭୂଷଣ କୁମାର, ନିଧି ଦତ୍ତା ଏବଂ ସହ ନିର୍ମାତା ଶିବ ଚାନନ୍ ଓ ବିନୟ ଗାନ୍ଧୀ ନଜରକୁ ଆସିଛନ୍ତି। କ୍ୟାପ୍‌ଶନ୍‌ରେ ସନି ଲେଖିଛନ୍ତି, ଝାନ୍ସୀ ସହରର ଉପକଣ୍ଠସ୍ଥିତ କ୍ୟାଣ୍ଟନ୍‌ମେଣ୍ଟ ଅଞ୍ଚଳରେ ନିର୍ମିତ ଶୁଟିଂ ସେଟ୍‌ରେ ଭାରତର ସବୁଠାରୁ ବଡ଼ ୱାର୍ ଡ୍ରାମା ଫିଲ୍ମର ନିର୍ମାଣ କରାଯାଉଛି। ତେବେ ରିପୋର୍ଟ ଅନୁଯାୟୀ, ଫିଲ୍ମର ଅନ୍ୟତମ ଷ୍ଟାର୍ ଅହାନ ସେଟ୍ଟୀ ଓ ଦିଲ୍‌ଜିତ ଦୋସାଞ୍ଜଙ୍କର ଶୁଟିଂ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇନାହିଁ। ପ୍ରକାଶ ଯେ, 'ବର୍ଡର ୨' ହେଉଛି ୧୯୯୭ ମସିହାର ସୁପରହିଟ୍ ଫିଲ୍ମ 'ବର୍ଡର'ର ସ୍ୱିକେଲ। ଆସନ୍ତା ବର୍ଷ ଜାନୁଆରୀ ୨୩ରେ 'ବର୍ଡର ୨' ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି।



ସନି ଦେଓଲ

# ୩ ଅଧିକାରୀଙ୍କ ସମେତ ୫ ଗିରଫ

## କିଟ୍‌ରେ ଛାତ୍ରୀ ମୃତ୍ୟୁ, ନିର୍ଯାତନା ଘଟଣା

ଭୁବନେଶ୍ୱର,୧୮।୨
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱ ବିଦ୍ୟାଳୟରେ ପୁରୁଷବନ୍ଧୁଙ୍କ ନିର୍ଯାତନାରୁ ନେପାଳୀ ଇଞ୍ଜିନିୟରିଂ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍ ଆତ୍ମହତ୍ୟା କରିବା ଏବଂ ପରେ କର୍ତ୍ତୃପକ୍ଷ ନେପାଳୀ ଛାତ୍ରୀଛାତ୍ରଙ୍କୁ ମାଡ଼ମାରି କ୍ୟାମ୍ପସରୁ ବିଦା କରିବା ଘଟଣାକୁ ନେଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଛି। ଏହି ଘଟଣାକୁ ଦୁଇଦିନ ବିତିଥିବା ବେଳେ ବିଶ୍ୱବିଦ୍ୟାଳୟରେ ଅଶାନ୍ତି ଲାଗି ରହିଛି। ଆକ୍ରମଣର ଭିଡିଓ ଭାଇରାଲ ସହ ସବୁଆଡୁ ଚାପ ପଡ଼ିବା ପରେ ମାଡ଼ ମାରି ଛାତ୍ରୀଛାତ୍ରଙ୍କୁ କ୍ୟାମ୍ପସରୁ ବାହାର କରିଥିବା ଅଭିଯୋଗରେ ୩ଜଣ ନିର୍ଦ୍ଦେଶକ ଏବଂ ୨ଜଣ ସୁରକ୍ଷା କର୍ମୀଙ୍କୁ ମଙ୍ଗଳବାର କମିଶନରେଟ୍ ପୋଲିସ ଗିରଫ କରିଛି। ସେମାନେ ହେଲେ ବିଶ୍ୱବିଦ୍ୟାଳୟର ଡାଇରେକ୍ଟର ଜେନେରାଲ ଏଚ୍‌ଆର୍ ଶିବାନନ୍ଦ ମିଶ୍ର (୫୯), ଡାଇରେକ୍ଟର (ଆଡ୍‌ମିନ୍) ପ୍ରତାପ କୁମାର ଚମ୍ପତି (୫୧), ହଷ୍ଟେଲ ଡାଇରେକ୍ଟର ସୁଧୀର କୁମାର ରଥ (୫୯), ସୁରକ୍ଷାକର୍ମୀ ରମାକାନ୍ତ ନାୟକ (୪୫) ଓ ଯୋଗେନ୍ଦ୍ର ବେହେରା (୨୫)। ଏହି ଘଟଣାକୁ କେନ୍ଦ୍ର କରି ଇନ୍‌ଫୋସିଟି ଥାନା ପକ୍ଷରୁ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୨୬(୨), ୨୯୬, ୧୧୫(୨), ୩(୫)ରେ ଏକ ମାମଲା (ନଂ.୫୫/୨୦୨୫) ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ଅଦାଲତରୁ ଜାମିନ ମିଳିଥିବା ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ପୀଡ଼ିତାଙ୍କୁ ନ୍ୟାୟ ଦେବାକୁ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ମୁଖ୍ୟ ଅଧିକାରୀଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କୁ ଖୁବ୍‌ଶୀଘ୍ର


ଗିରଫ ୫ ଅଭିଯୁକ୍ତ

- ବହିଷ୍କୃତ ହେଲେ ୨ ଅଭିଯୁକ୍ତ ସୁରକ୍ଷା କର୍ମୀ
- ହଷ୍ଟେଲର ୨ ଅଧିକାରୀ, ଆଇଆର୍‌ଓ ଅଧିକାରୀଙ୍କୁ ନିଲମ୍ବନ କଲା କିଟ୍
- ଛାତ୍ରୀଛାତ୍ରଙ୍କ ନୀରବ ପ୍ରତିବାଦ, ସନ୍ଧ୍ୟାରେ କ୍ୟାଣ୍ଡେଲ ଶୋଭାଯାତ୍ରା

ହଷ୍ଟେଲ ତଥା ଶିକ୍ଷାନୁଷ୍ଠାନ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୋମବାର ପୂର୍ବାହ୍ନ ୧୧ରୁ ମଧ୍ୟାହ୍ନ ୧୨ଟା ୩୦ ମଧ୍ୟରେ ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରୁଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଯଥାଶୀଘ୍ର ସେଠାରୁ ଚାଲିଯିବାକୁ ତାଗିଦ୍ କରିଥିଲେ। ଛାତ୍ରୀଛାତ୍ରମାନେ ହଷ୍ଟେଲ ଖାଲି କରିବାରେ ସାମାନ୍ୟ ବିଳମ୍ବ କରିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ ଓ ମାରପିଟ କରିଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଏହି ଘଟଣାରେ କିଟ୍ ପକ୍ଷରୁ ଦୁଇ ଅଭିଯୁକ୍ତ ସୁରକ୍ଷା କର୍ମୀଙ୍କୁ ବହିଷ୍କୃତ କରାଯିବା ସହ ହଷ୍ଟେଲ ଦାୟିତ୍ୱରେ ଥିବା ଦୁଇ ଅଧିକାରୀ, ଇଣ୍ଟରନ୍ୟାଶନାଲ ରିଲେଶନ୍‌ସ ଅଫିସ (ଆଇଆର୍‌ଓ)ର ଜଣେ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ତେବେ ଏହା କରି କିଟ୍ ପୂରା ଘଟଣାକୁ ଚାପିଦେବାକୁ ଉଦ୍ୟମ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। କିଟ୍ ପକ୍ଷରୁ ଏହି ଘଟଣାରେ ଦୁଃଖ ପ୍ରକାଶ କରାଯିବା ସହ ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଅନ୍ୟପକ୍ଷରେ ମୃତ ପୀଡ଼ିତାଙ୍କୁ ନ୍ୟାୟ ଓ ମାଡ଼ ମାରିଥିବା କର୍ମଚାରୀଙ୍କ କ୍ଷମାପ୍ରାର୍ଥନା ଦାବିରେ ଛାତ୍ରୀଛାତ୍ରମାନେ କିଟ୍ ସମ୍ମୁଖରେ ନୀରବ ପ୍ରାର୍ଥନା କରି ଆନ୍ଦୋଳନ କରିଥିଲେ। ଟାଣ ଖରାରେ ବିଭିନ୍ନ ପ୍ଲାକାର୍ଡ ଧରି ଛାତ୍ରୀଛାତ୍ରମାନେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ହଷ୍ଟେଲ ୱାର୍ଡେନ୍ ଜୟନ୍ତୀ ନାଥ ଓ ମଞ୍ଜୁଷା ପାଣ୍ଡେ ସର୍ବସମ୍ମୁଖରେ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ କ୍ୟାଣ୍ଡେଲ ଧରି ଶୋଭାଯାତ୍ରା କରିଛନ୍ତି। ଏଥିସହ କିଟ୍ ସମ୍ମୁଖରେ ଥିବା ଆଇ ଲଭ୍ କିଟ୍‌କୁ ଭାଙ୍ଗୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ଅପରପକ୍ଷରେ ଏମ୍ସରେ ମୃତା ପ୍ରକ୍ରିତିଙ୍କ ବ୍ୟବଚ୍ଛେଦ ହୋଇଛି। ବୁଧବାର ତାଙ୍କ ମରଶରୀରକୁ ନେପାଳ ନିଆଯିବ। ପ୍ରକ୍ରିତିଙ୍କ ବାପା ସୁନୀଲ ଲାମ୍‌ସଲ୍ ଦୁଃଖରେ ଭାଙ୍ଗିପଡ଼ିବା ସହ ଏଥିପାଇଁ କିଟ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ତାଙ୍କ ଝିଅ ସହ ଯାହା ଘଟିଲା ସେପରି ଘଟଣା ଆଉ କାହା ସହ ନ ଘଟୁ ବୋଲି କହିଛନ୍ତି। ଏହି ଘଟଣାରେ ଓଏଚ୍‌ଆର୍‌ସି ଏବଂ ଏନ୍‌ଏଚ୍‌ଆର୍‌ସିରେ ପୃଥକ ଆବେଦନ କରାଯାଇ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ପୀଡ଼ିତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରାଯାଇଛି।

## କ୍ଷମା ମାଗିଲେ କିଟ୍ କୁଳପତି

ଭୁବନେଶ୍ୱର,୧୮।୨
(ସୁଚିସ୍ମିତା ସାହୁ)

ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ, ଆନ୍ଦୋଳନବେଳେ ଛାତ୍ରୀଛାତ୍ରଙ୍କୁ ଆକ୍ରମଣ ଓ ଜୋର୍‌ଜବରଦସ୍ତି ବସ୍‌ରେ ନେଇ କଟକ ରେଳ ଷ୍ଟେଶନରେ ଛାଡ଼ିବା ଘଟଣାକୁ ନେଇ ମଙ୍ଗଳବାର କିଟ୍ କର୍ତ୍ତୃପକ୍ଷ କ୍ଷମା ମାଗିଛନ୍ତି। କୁଳପତି ପ୍ରଫେସର ଶରନଜିତ ସିଂ କ୍ୟାମ୍ପସରେ ଘଟିଥିବା ଏଭଳି ଅପ୍ରୀତିକର ଘଟଣା ପାଇଁ ଅତ୍ୟନ୍ତ ଦୁଃଖ ପ୍ରକାଶ କରିଛନ୍ତି। ଆମର କିଛି ଲୋକ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କ ସହ ଯେଉଁଭଳି ଆଚରଣ କରିଛନ୍ତି ସେଥିପାଇଁ ମୁଁ ଦୁଃଖିତ। ଆମର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆମେ ଭଲ ପାଉଛୁ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ କେବେ ମଧ୍ୟ ଅପମାନିତ କରାଯାଇନାହିଁ। ଆମର ଦୁଇ ଅଧିକାରୀଙ୍କ ଦାୟିତ୍ୱହୀନତା ଓ ମନ୍ତବ୍ୟ ଅତ୍ୟନ୍ତ ନିନ୍ଦନୀୟ ଥିଲା। ଆମେ ସେମାନଙ୍କୁ କୌଣସି ପରିସ୍ଥିତିରେ ସମର୍ଥନ କରୁନାହୁଁ ବରଂ ସେମାନଙ୍କୁ ଚାକିରିରୁ ବାହାର କରିଦେଇଛୁ। ସେମାନେ ମଧ୍ୟ ନିଜର ଆଚରଣ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ଆମେ ମଧ୍ୟ ଏଭଳି ଘଟଣା ପାଇଁ କ୍ଷମା ପ୍ରାର୍ଥନା କରୁଛୁ। ନେପାଳର ସମସ୍ତ ଛାତ୍ରୀଛାତ୍ରଙ୍କୁ ଆମର ଭଲ ପାଇବା ଓ ସ୍ନେହ ଜଣାଉଛୁ। ସେମାନେ ତୁରନ୍ତ ବିଶ୍ୱବିଦ୍ୟାଳୟକୁ ଫେରିବାକୁ ନିବେଦନ କରୁଛୁ ବୋଲି କୁଳପତି ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।




# କୋହଳ ଦଫାରୁ ମିଳିଗଲା ଜାମିନ

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

କିଟ୍ ବିଶ୍ୱବିଦ୍ୟାଳୟରେ ମୃତ ବି.ଟେକ୍ ଛାତ୍ରୀ ପ୍ରକ୍ରିତି ଲାମ୍‌ସଲ୍‌ଙ୍କୁ ନ୍ୟାୟ ଦାବିରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ମାଡ଼ ମାରି କ୍ୟାମ୍ପସ୍‌ରୁ ବଳପୂର୍ବକ ବାହାର କରିଦେବା ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ୩ ଅଧିକାରୀଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା। କିଟ୍‌ର ଡାଇରେକ୍ଟର ଜେନେରାଲ ଏଚ୍‌ଆର୍ ଶିବାନନ୍ଦ ମିଶ୍ର, ଡାଇରେକ୍ଟର(ଆଡମିନ୍) ପ୍ରତାପ କୁମାର ଚମ୍ପତି, ହଷ୍ଟେଲ ଡାଇରେକ୍ଟର ସୁଧୀର କୁମାର ରଥ, ସୁରକ୍ଷାକର୍ମୀ ରମାକାନ୍ତ ନାୟକ ଓ ଯୋଗେନ୍ଦ୍ର ବେହେରାଙ୍କୁ ଭୁବନେଶ୍ୱର ଜେଏମ୍‌ଏଫ୍‌ସି–୨ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ବିଚାରପତି ସେମାନଙ୍କୁ ଜାମିନ ପ୍ରଦାନ କରିଛନ୍ତି। ପୋଲିସ ଜାଣିଶୁଣି କୋହଳ ଦଫା ଲଗାଇଥିବାରୁ ଅଭିଯୁକ୍ତମାନଙ୍କୁ ସହଜରେ ଜାମିନ ମିଳିଗଲା ବୋଲି କୁହାଯାଉଛି। ନେପାଳୀ ଛାତ୍ରମାନଙ୍କୁ ଅଭିଯୁକ୍ତମାନେ ସଙ୍ଘବଦ୍ଧ ହୋଇ ଆକ୍ରମଣ କରିବା ସହ ବିଦା କରୁଥିବା ଭାଇରାଲ ଭିଡିଓରୁ ଦେଖିବାକୁ ମିଳୁଛି। ଏହା ସତ୍ତ୍ୱେ ଏକାଧିକ ସଙ୍ଗିନ ଦଫା ଲଗାଇବା ପରିବର୍ତ୍ତେ ପୋଲିସ ଘଟଣାକୁ ହାଲୁକା ଭାବେ ନେଇ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ୧୨୬(୨) (ବେଆଇନ ଭାବେ ଅଟକାଇବା), ୨୯୬ (ଗାଳିଗୁଲଜ), ୧୧୫(୨) (ଆଘାତ ଦେବା), ୩(୫) (ଅପରାଧରେ ଏକାଧିକ ଲୋକଙ୍କ ସମ୍ପୃକ୍ତି) ଭଳି କୋହଳ ଦଫା ଲଗାଇଛି। ଫଳରେ ଅଭିଯୁକ୍ତଙ୍କୁ ସଙ୍ଗେସଙ୍ଗେ ଜାମିନ ମିଳିଯାଇଛି। ଏହାକୁ ନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ ପ୍ରଶ୍ନ ଉଠାଇ ପୋଲିସ ଓ କିଟ୍ କର୍ତ୍ତୃପକ୍ଷଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଦାଶଙ୍କ କହିବା ଅନୁଯାୟୀ, ପୋଲିସ ଜାଣିଶୁଣି ଏହି ଘଟଣାରେ କୋହଳ ଦଫା ଲଗାଇଛି। ଏହି ଘଟଣାରେ ଯେଉଁସବୁ ଦଫା ଲାଗିଛି, ସେଥିରେ ଥାନାରୁ ପୋଲିସ ନୋଟିସ୍ ଦେଇ ଛାଡିଦେବା କଥା। ହେଲେ ଏହି ଘଟଣା ଅଧିକ ପ୍ରଚାର ପ୍ରସାର ହୋଇଯାଇଥିବାରୁ ପୋଲିସ ସେମାନଙ୍କୁ କୋର୍ଟଚାଲାଣ କଲା। ବିଦେଶୀ ପିଲାମାନଙ୍କୁ ଅଭିଯୁକ୍ତମାନେ ଯେଭଳି ଆକ୍ରମଣ, ନିର୍ଯାତନା, ଦୁର୍ବ୍ୟବହାର କରି ବିତାଡ଼ିତ କଲେ, ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହି ଘଟଣାରେ ବିଏନ୍‌ଏସ୍ ୧୦୯ (ହତ୍ୟା ଉଦ୍ୟମ), ୧୧୧ (ଯୋଜନାବଦ୍ଧ ଅପରାଧ), ୧୩୭ (ଅପହରଣ) ଭଳି ସଙ୍ଗିନ ଦଫା ଲଗାଯିବା କଥା। ହେଲେ ପୋଲିସ ସେଭଳି କଲାନାହିଁ। କିଟ୍ କର୍ତ୍ତୃପକ୍ଷ ପୋଲିସକୁ ପୋଷୁଛନ୍ତି। ତେଣୁ ଏତେ ବଡ଼ ସାମ୍ରାଜ୍ୟ ଗଢ଼ିଛନ୍ତି ବୋଲି ଦାଶ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଘଟଣାର ଏକ ଭିଡିଓ ଭାଇରାଲ ହେଉଥିବାବେଳେ ସୁରକ୍ଷା କର୍ମୀ ଓ ଅଧିକାରୀଙ୍କ ନୃଶଂସତା ଦେଖିବାକୁ ମିଳିଛି। ଛାତ୍ରମାନେ ନିଜ ଲଗେଜ ଓ ବ୍ୟାଗ ନେଇ ଆସୁଥିବାବେଳେ ସୁରକ୍ଷାକର୍ମୀ ଏବଂ ଅନ୍ୟ କେତେଜଣ ସେମାନଙ୍କୁ ନିସ୍ତୁକ ମାଡ଼ ମାରୁଥିଲେ। ଏପରିକି ଏହି ସମୟରେ ଅନ୍ୟ ଛାତ୍ରମାନେ ଭୟରେ ପାଟି ଖୋଲୁ ନ ଥିଲେ। କେତେଜଣ ଛାତ୍ରୀ ଏହି ଭିଡିଓ ଉତ୍ତୋଳନ କରି ଛାଡିଥିବା ଜଣାପଡ଼ିଛି। ବିଦେଶୀ ଛାତ୍ରୀଛାତ୍ରଙ୍କୁ କିଟ୍ ଅଧିକାରୀଙ୍କ ଏଭଳି ବ୍ୟବହାରକୁ ନେଇ ନିନ୍ଦା କରାଯାଉଛି।

### ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ନିବେଦନ କଲା ଏସ୍‌ଏଫ୍‌ଆଇ

କିଟ୍‌ରେ ଛାତ୍ରୀ ମୃତ୍ୟୁ ଓ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ଭାରତର ଛାତ୍ର ଫେଡେରେଶନ୍ (ଏସ୍‌ଏଫ୍‌ଆଇ) ଓଡ଼ିଶା ରାଜ୍ୟ କମିଟି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଏଥିସହ ଉଚ୍ଚସ୍ତରୀୟ ତଦନ୍ତ ସହ କ୍ୟାମ୍ପସରେ ଛାତ୍ରଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ମଧ୍ୟ ଦାବି କରିଛି। ଏହି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଏସ୍‌ଏଫ୍‌ଆଇ ଛାତ୍ର ସମାଜକୁ ନିବେଦନ କରିଛି।



## ଧରିତ୍ରୀ ତେଲକୋଇ ଖବରଦାତାଙ୍କ ପରଲୋକ


ରଞ୍ଜିତ ବିଶ୍ୱାଳ

କେନ୍ଦୁଝର,୧୮।୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ଧରିତ୍ରୀ ଖବରଦାତା ରଞ୍ଜିତ ବିଶ୍ୱାଳ(୬୩)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ଦେହାନ୍ତ ଖବର ପାଇ ତେଲକୋଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଧରିତ୍ରୀରେ ଦୀର୍ଘ ବର୍ଷ ଧରି କାମ କରି ଆସୁଥିଲେ। ତେଲକୋଇ ପ୍ରେସ୍ କ୍ଲବ୍‌ର ପୂର୍ବତନ ସଭାପତି ସହ ଜଣେ ଫୁଟ୍‌ବଲ ଖେଳାଳି ଓ ରେଫରି ଥିଲେ। ରାଜନୈତିକ କ୍ଷେତ୍ରରେ ମଧ୍ୟ ତାଙ୍କର ବେଶ୍ ଉପଲବ୍ଧି ରହିଥିଲା। ତେଲକୋଇ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଗରିବ ଓ ସାଧାରଣ ଲୋକଙ୍କୁ ସହାୟତା ପ୍ରଦାନ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ଜିଲା ପ୍ରେସ୍ କ୍ଲବ୍, ତେଲକୋଇ ପ୍ରେସ୍ କ୍ଲବ ସମେତ ବିଭିନ୍ନ ସାମ୍ବାଦିକ ସଂଘର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ସର୍ଭେରେ ସ୍ୱଚ୍ଛତା, ସମନ୍ୱୟ ଜରୁରୀ

ଖୋର୍ଦ୍ଧା,୧୮।୨ (ପ୍ରଭାତ ପାଣିଗ୍ରାହୀ)


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମନ୍ତ୍ରୀ ସୁରେଶ ପୂଜାରୀ 'ନକ୍ସା'ର ଶୁଭାରମ୍ଭ କରୁଛନ୍ତି।

**ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା'ର ଶୁଭାରମ୍ଭ**

- ଓଡ଼ିଶାର ୪ ସହର ସାମିଲ
- ଜମି ମାଲିକଙ୍କ ଉପସ୍ଥିତିରେ ହେବ ସର୍ଭେ, ମିଳିବ ସାର୍ଟିଫିକେଟ
- ଏକ ବର୍ଷ ଧରି ଚାଲିବ, ପ୍ରତି ୩ ମାସରେ ସମୀକ୍ଷା

ଭାରତ ସରକାରଙ୍କ ସର୍ବେକ୍ଷଣ ସଂସ୍ଥା ସର୍ଭେ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମଙ୍ଗଳବାର ସହରାଞ୍ଚଳ ଜାତୀୟ ଭୂସ୍ଥାନିକ ସର୍ବେକ୍ଷଣ ପାଇଲଟ ପ୍ରୋଜେକ୍ଟ 'ନକ୍ସା' ଶୁଭାରମ୍ଭ ହୋଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଏବଂ ବାରିପଦା ସ୍ଥାନ ପାଇଛି। ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହାର ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶାରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ଅତ୍ୟାଧୁନିକ ଜ୍ଞାନକୌଶଳ ଯଥା ସାଟେଲାଇଟ ମାଧ୍ୟମରେ ଛବି ଉତ୍ତୋଳନ, ଡ୍ରୋନ ସର୍ଭେ, ଭୂସ୍ଥାନିକ ସର୍ବେକ୍ଷଣ (ଜିଆଇଏସ୍) ଆଧାରରେ ସହରାଞ୍ଚଳର ଭୂମି ରେକର୍ଡକୁ ଆଧୁନିକୀକରଣ କରିବା ନିମନ୍ତେ ଏହା ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସହରାଞ୍ଚଳର ଭୂମି ସମ୍ବନ୍ଧିତ ରେକର୍ଡକୁ ଠିକ୍ ଭାବେ ଡିଜିଟାଲ ପୋର୍ଟାଲରେ ଉପଲବ୍ଧ କରାଯାଇପାରିବ। ଏପରିକି ନିୟମିତ ଅପଡେଟ ମଧ୍ୟ ହୋଇପାରିବ। ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ ସହରାଞ୍ଚଳର ଜମିର ଠିକ୍ ମୂଲ୍ୟ ଆକଳନ ତଥା ଠିକ୍‌ଭାବେ ଭୂମି କର ଆଦାୟ କରିବାରେ ସହାୟକ ହେବ। ଏହି ସର୍ବେକ୍ଷଣ ଦ୍ୱାରା ସହରାଞ୍ଚଳର ସ୍ୱଳ୍ପଜମିର ସନ୍ତୁଳିତ ଉପଯୋଗ, ନିୟମାବଳୀକୁ ଠିକ୍‌ଭାବେ ଲାଗୁ କରିବା, ସ୍ଥାବର ସମ୍ପତ୍ତି ସମ୍ବନ୍ଧିତ ସେବା ପ୍ରଦାନ, ପରିବହନ ତଥା ଅନ୍ୟାନ୍ୟ ଆପାତକାଳୀନ ସେବାକୁ ସୁଦୃଢ଼ କରିବା ସହ ସହରାଞ୍ଚଳର ନିରନ୍ତର ବିକାଶକୁ ସୁନିଶ୍ଚିତ କରାଯାଇପାରିବ। ଡ୍ରୋନ ସର୍ଭେ ସହ ତଳସ୍ତରରେ ଜମି ମ୍ୟାପିଂ ସମୟରେ ଫିତା ଧରି ମପାଯିବ। ତହସିଲଦାର ଏଥିପ୍ରତି ଗୁରୁତ୍ୱ ଦେବେ। ଭୂମିର ସର୍ଭେ ସମୟରେ ଜମି ମାଲିକଙ୍କ ଉପସ୍ଥିତିରେ ନିର୍ଭୁଲ ଏବଂ ଠିକ୍ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା ସହ ପୌର ପରିଷଦ ଅଧିକାରୀ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟତା ଏବଂ ଜନସାଧାରଣଙ୍କ ସହଭାଗିତା ଜରୁରୀ। ଏହି ସର୍ଭେ ଏକ ବର୍ଷ ଧରି ଚାଲିବ। ପ୍ରତି ୩ ମାସରେ ସେ ଏହାର ସମୀକ୍ଷା କରିବେ ବୋଲି କହିଛନ୍ତି। ଜମି ମାଲିକଙ୍କୁ ଜମି ସର୍ଭେ ପରେ ଜମିର ସାର୍ଟିଫିକେଟ ଦିଆଯିବ। ଏହା ସେମାନଙ୍କୁ ଭବିଷ୍ୟତରେ ସହଯୋଗ କରିବ। ବ୍ୟାଙ୍କ ଋଣ ନେବା ସମୟରେ ସହଜ ହେବ। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ କହିଥିଲେ, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପରିକଳ୍ପନା କରିଥିବା ବେଳେ ଡିଜିଟାଲ ସର୍ଭେ ବେଶ୍ ସହାୟକ ହେବ। ଖୋର୍ଦ୍ଧା ପାଇଁ ମାଷ୍ଟର ପ୍ଲାନ ଆବଶ୍ୟକତା ଅନୁଭବ ବେଳେ ସରକାର ନକ୍ସା ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧାର ସମୃଦ୍ଧି ପ୍ରଗତି ପଥରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ତେବେ ପ୍ରାଥମିକ ପର୍ଯ୍ୟାୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ଏହି ସର୍ଭେ ନିରୀକ୍ଷଣ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ଜମି ରେକର୍ଡ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ, କେନ୍ଦ୍ର ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଆଶିଷ କୌଶଳ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡ଼ା ସଂଯୋଜନା କରିଥିଲେ। ଖୋର୍ଦ୍ଧା ପୌର ପରିଷଦର ସମସ୍ତ କାଉନସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜସ୍ୱ ବିଭାଗ ଏବଂ ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ। p

# ଲୋକସେବା ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୮।୨ (ସତ୍ୟଜିତ୍ ରାଉତ)

ଲୋକ ସେବା ଭବନର ଆନେକ୍ସ ବିଲ୍ଡିଂ ପାର୍ଶ୍ୱ କୋଠାର ୫ମ ମହଲା ଛାତ ଉପରେ ମଙ୍ଗଳବାର ଅପରାହ୍ନ ୪ଟା ୩୮ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା କୁହାଯାଉଛି। ଖବର ପାଇ ସେକ୍ରେଟେରିଏଟ୍ ଫାୟାର ଷ୍ଟେଶନ ଟିମ୍ ପହଞ୍ଚିଲା ବେଳକୁ ସ୍ଥାନୀୟ କର୍ମଚାରୀମାନେ ପାଣି ପକାଇ ନିଆଁ ଲିଭାଇଦେଇଥିଲେ। ତେବେ ଛାତରେ ଗଚ୍ଛିତ ଥିବା କିଛି ଚିରାଫଟା କାଗଜରୁ ଏହି ନିଆଁ ଲାଗିଥିବା ଷ୍ଟେଶନ ଅଫିସର ଅନୁପ କୁମାର ଦାସ କହିଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ୨୦୨୩ ଅକ୍ଟୋବର ୩ ସକାଳେ ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଆଁ ଲାଗିଥିଲା।

# ଆଜିଠୁ ସପ୍ତାହେ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ବୁଧବାରଠାରୁ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ହାଲୁକାରୁ ମଧ୍ୟମଧରଣ ବର୍ଷା ହୋଇପାରେ। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝରଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା ଆଦି ଜିଲାରେ ବିଜୁଳି ଓ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ଓ ୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରଗଡ଼, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ାର ସହ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡ଼ଘଡ଼ିର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।




# ଗରିଆପାଲି ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

- ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତା ମୃତ
- ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ସହଯୋଗ କରୁଥିବା ଚର୍ଚ୍ଚା

ଦେବଗଡ଼,୧୮।୨ (ଶଶାଙ୍କ ଶେଖର ଝାଙ୍କର)


ମୃତ ଦନ୍ତାହାତୀ

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ନିକଟରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ବିଳମ୍ବିତ ରାତିରେ ଦନ୍ତା ପ୍ରାଣ ହରାଇଥିବା ଜଣାପଡିଛି। ଖବର ପାଇ ମଙ୍ଗଳବାର ସକାଳେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦେହରେ ଲାଗିଥିବା ବିଦ୍ୟୁତ୍ ତାର ହଟାଇଥିଲେ। ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ରାଉରକେଲା ଆର୍‌ସିସିଏଫ୍ ପି. ରାମାସ୍ୱାମୀ, ଭୁବନେଶ୍ୱର ଜେଟିଏଫ୍ ସଦସ୍ୟ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସି, ଏସିଏଫ୍ ସ୍ୱାଧୀନତା ସାହାଣୀ, ଏସିଏଫ୍ ଅରୁଣ କୁମାର ବେହେରା, ରିଆମାଳ ରେଞ୍ଜ ଅଫିସର ନିରଞ୍ଜନ ଧରୁଆ ପ୍ରମୁଖ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ଦେବଗଡ଼ ପ୍ରାଣୀ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ଡ. ସତ୍ୟ ରଞ୍ଜନ ମହାପାତ୍ର ଏବଂ ବନ ବିଭାଗ ଅଧୀନସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ମାଟି ଖୋଳି ପୋତି ଦିଆଯାଇଛି। ତେବେ କେତେଜଣ ଶିକାରୀ ଜନ୍ତୁ ଶିକାର ପାଇଁ ଜିଆଇ ତାର ଯୋଗେ ବିଦ୍ୟୁତ୍ ଫାଶ ପକାଇଥିବା ବେଳେ ସେହି ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଦେବଗଡ଼ ବନଖଣ୍ଡ ଅଧିକାରୀ ରାଓସୋ ସୂଚନା ଦେଇଛନ୍ତି। ବାର୍ହା ଶିକାର ପାଇଁ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ବନ ବିଭାଗ ଅବହେଳା ଯୋଗୁ ଉକ୍ତ ତାରରେ ଲାଗି ଦନ୍ତା ପ୍ରାଣ ହରାଇଥିବା ଜଣାପଡିଛି।

ସୂଚନା ଯୋଗ୍ୟ, ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ଜଙ୍ଗଲରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ସକାଳେ ଦନ୍ତାହାତୀକୁ ଗ୍ରାମବାସୀ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ତପନ ନାୟକ ସଦଳବଳ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦନ୍ତାହାତୀର ପାଟି ତଳେ କ୍ଷତ ଦେଖାଯାଉଥିବାରୁ ସଂକ୍ରମଣଜନିତ ରୋଗରେ ମୃତ୍ୟୁ କିମ୍ବା ବିସ୍ଫୋରକ ଖାଦ୍ୟ ଖାଇ ମୃତ୍ୟୁ ଘଟିବା ସନ୍ଦେହ କରାଯିବା ସହ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କାମରେ ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ମଧ୍ୟ ସହଯୋଗ କରୁଥିବା ଜଣାପଡିଛି। ଡିଏଫ୍‌ଓ ଏହି ଘଟଣା ନିଜେ ତଦନ୍ତ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ବିସିଏ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେହେଲେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ବିସିଏ ଦ୍ୱିତୀୟ ବର୍ଷର ଛାତ୍ର ସୁମନ ବିଶ୍ୱାଳ। ଇନ୍‌ଫୋସିଟି ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କୋଠାର ଫ୍ୟାନ ହୁକ୍‌ରେ ସୁମନଙ୍କ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ମୃତଦେହ ଜବତ କରାଯାଇଛି। ସୁମନଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ବୋଲି ସୂଚନା ମିଳିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ସୁମନଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ମିଳିଛି। ଗୋଟିଏ ମିଛ ଲୁଚାଇବାକୁ ଯାଇ ଏକାଧିକ ମିଛ କହିଥିଲେ ବୋଲି ସେଥିରେ ଉଲ୍ଲେଖ ଅଛି। ବୁଧବାର ସୁମନ ପରୀକ୍ଷା ଦେଇଥାନ୍ତେ। ଖବର ଜଣାପଡ଼ିବା ପରେ ଶିକ୍ଷାନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଡିଓଙ୍କ ଗାଡ଼ି ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡାରେ ସ୍ଥାନୀୟ ବିଡିଓ ବ୍ୟବହାର କରୁଥିବା ଏକ ଭଡ଼ା ଗାଡ଼ି ଧକ୍କାରେ ମଙ୍ଗଳବାର ଜଣେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଶଙ୍କର ମୁଣ୍ଡା(୫୮) କୁଚିଣ୍ଡା ବ୍ଲକ୍ ଟାଇଁସର ପଞ୍ଚାୟତ ଫଟାଟାଙ୍ଗର ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ। ତାଙ୍କ ଘର ମହୁଲପାଲି ଥାନା କୁସୁମୀ ନିକଟ ଡୁଲେସରାରେ। କୁଚିଣ୍ଡା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୭/୨୫)ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୁଚିଣ୍ଡା ପଞ୍ଚାୟତ ସମିତିରେ ଦୀର୍ଘଦିନ ହେବ ଏକ ବୋଲେରୋ(ଓଡି ୧୫ଟି ୦୪୨୬) ଭଡ଼ାରେ ଲାଗିଛି। ମଙ୍ଗଳବାର ବିଡିଓ ଜୟନ୍ତ ସାହୁ ଏହି ଗାଡ଼ିରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଥିବା କୁନ୍ତରା କଲେଜକୁ ପରିଦର୍ଶନରେ ଯାଇ ସେଠାରୁ କୁଚିଣ୍ଡା ଫେରୁଥିଲେ। ମନ୍ତ୍ରୀମୁଣ୍ଡା ଖେଳ ପଡ଼ିଆ ସମ୍ମୁଖରେ କୁଚିଣ୍ଡାରୁ ବ୍ୟାଙ୍କ କାମସାରି ଫଟାଟାଙ୍ଗର ସ୍କୁଲ ଫେରୁଥିବା ପ୍ରଧାନ ଶିକ୍ଷକ ମୁଣ୍ଡାଙ୍କ ସ୍କୁଟି (ନଂ.ଓଡି ୧୪ ଏକ୍ସ ୭୪୮୯)କୁ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ିକୁ ନେଇ ଡ୍ରାଇଭର ସେଠାରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ଡ୍ରାଇଭର ସୁମନ୍ତ ପଟେଲ ବୋଲେରୋକୁ ଥାନାରେ ଜିମା ଦେବା ସହ ନିଜେ ଆତ୍ମସମର୍ପଣ କରିଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ଏ ନେଇ ବିଡିଓ ସାହୁଙ୍କୁ ପଚାରିବାରୁ କୁନ୍ତରା ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଫେରିବା ବେଳେ ହଠାତ ସ୍କୁଟି ଆରୋହୀ ଆମ ଗାଡି ସମ୍ମୁଖକୁ ଚାଲିଆସିବାରୁ ଏଭଳି ସ୍ଥିତି ଉପୁଜିଲା। ମୁଁ କୁଚିଣ୍ଡା ଆଇଆଇସି ଓ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଫୋନରେ ଜଣାଇଥିଲି। ଏଭଳି ଘଟଣା ପାଇଁ ମୁଁ ଗଭୀର ମର୍ମାହତ। ପ୍ରଶାସନ ପକ୍ଷରୁ ଯାହା ସହଯୋଗ କରାଯିବା କଥା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



## ଧରିତ୍ରୀ ତେଲକୋଇ ଖବରଦାତାଙ୍କ ପରଲୋକ


ରଞ୍ଜିତ ବିଶ୍ୱାଳ

କେନ୍ଦୁଝର,୧୮।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍‌ର ଧରିତ୍ରୀ ଖବରଦାତା ରଞ୍ଜିତ ବିଶ୍ୱାଳ(୬୩)ଙ୍କ ପରଲୋକ ଘଟିଛି। ସେ କିଛିଦିନ ହେଲା ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ସକାଳେ ତାଙ୍କ ଦେହାନ୍ତ ଖବର ପାଇ ତେଲକୋଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ପରୋପକାରୀ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ଧରିତ୍ରୀରେ ଦୀର୍ଘ ବର୍ଷ ଧରି କାମ କରି ଆସୁଥିଲେ। ତେଲକୋଇ ପ୍ରେସ୍ କ୍ଲବ୍‌ର ପୂର୍ବତନ ସଭାପତି ସହ ଜଣେ ଫୁଟ୍‌ବଲ ଖେଳାଳି ଓ ରେଫରି ଥିଲେ। ରାଜନୈତିକ କ୍ଷେତ୍ରରେ ମଧ୍ୟ ତାଙ୍କର ବେଶ୍ ଉପଲବ୍ଧି ରହିଥିଲା। ତେଲକୋଇ ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଗରିବ ଓ ସାଧାରଣ ଲୋକଙ୍କୁ ସହାୟତା ପ୍ରଦାନ କରି ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ଜିଲା ପ୍ରେସ୍ କ୍ଲବ୍, ତେଲକୋଇ ପ୍ରେସ୍ କ୍ଲବ ସମେତ ବିଭିନ୍ନ ସାମ୍ବାଦିକ ସଂଘର ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ଝିଅ ଓ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ।

# ସର୍ଭେରେ ସ୍ୱଚ୍ଛତା, ସମନ୍ୱୟ ଜରୁରୀ

ଖୋର୍ଦ୍ଧା,୧୮।୨
(ପ୍ରଭାତ ପାଣିଗ୍ରାହୀ)

ଭାରତ ସରକାରଙ୍କ ସର୍ବେକ୍ଷଣ ସଂସ୍ଥା ସର୍ଭେ ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ ମଙ୍ଗଳବାର ସହରାଞ୍ଚଳ ଜାତୀୟ ଭୂସ୍ଥାନିକ ସର୍ବେକ୍ଷଣ ପାଇଲଟ ପ୍ରୋଜେକ୍ଟ 'ନକ୍ସା' ଶୁଭାରମ୍ଭ ହୋଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାରୁ ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଏବଂ ବାରିପଦା ସ୍ଥାନ ପାଇଛି। ମଧ୍ୟପ୍ରଦେଶରୁ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଏହାର ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଶାରେ ଖୋର୍ଦ୍ଧା ଜୟୀ ରାଜଗୁରୁ ଭବନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହାର ଶୁଭାରମ୍ଭ କରିଛନ୍ତି।

ଏହି ଅବସରରେ ମନ୍ତ୍ରୀ ପୂଜାରୀ କହିଥିଲେ, ଅତ୍ୟାଧୁନିକ ଜ୍ଞାନକୌଶଳ ଯଥା ସାଟେଲାଇଟ ମାଧ୍ୟମରେ ଛବି ଉତ୍ତୋଳନ, ଡ୍ରୋନ ସର୍ଭେ, ଭୂସ୍ଥାନିକ ସର୍ବେକ୍ଷଣ (ଜିଆଇଏସ୍) ଆଧାରରେ ସହରାଞ୍ଚଳର ଭୂମି ରେକର୍ଡକୁ ଆଧୁନିକୀକରଣ କରିବା ନିମନ୍ତେ ଏହା ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ। ଏହାଦ୍ୱାରା ସହରାଞ୍ଚଳର ଭୂମି ସମ୍ବନ୍ଧିତ ରେକର୍ଡକୁ ଠିକ୍ ଭାବେ ଡିଜିଟାଲ ପୋର୍ଟାଲରେ ଉପଲବ୍ଧ କରାଯାଇପାରିବ। ଏପରିକି ନିୟମିତ ଅପଡେଟ ମଧ୍ୟ ହୋଇପାରିବ। ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମନ୍ତ୍ରୀ ସୁରେଶ ପୂଜାରୀ 'ନକ୍ସା'ର ଶୁଭାରମ୍ଭ କରୁଛନ୍ତି।

### ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା'ର ଶୁଭାରମ୍ଭ

- ଓଡ଼ିଶାର ୪ ସହର ସାମିଲ
- ଜମି ମାଲିକଙ୍କ ଉପସ୍ଥିତିରେ ହେବ ସର୍ଭେ, ମିଳିବ ସାର୍ଟିଫିକେଟ
- ଏକ ବର୍ଷ ଧରି ଚାଲିବ, ପ୍ରତି ୩ ମାସରେ ସମୀକ୍ଷା

ସହରାଞ୍ଚଳର ଜମିର ଠିକ୍ ମୂଲ୍ୟ ଆକଳନ ତଥା ଠିକ୍‌ଭାବେ ଭୂମି କର ଆଦାୟ କରିବାରେ ସହାୟକ ହେବ। ଏହି ସର୍ବେକ୍ଷଣ ଦ୍ୱାରା ସହରାଞ୍ଚଳର ସ୍ୱଳ୍ପଜମିର ସନ୍ତୁଳିତ ଉପଯୋଗ, ନିୟମାବଳୀକୁ ଠିକ୍‌ଭାବେ ଲାଗୁ କରିବା, ସ୍ଥାବର ସମ୍ପତ୍ତି ସମ୍ବନ୍ଧିତ ସେବା ପ୍ରଦାନ, ପରିବହନ ତଥା ଅନ୍ୟାନ୍ୟ ଆପାତକାଳୀନ ସେବାକୁ ସୁଦୃଢ଼ କରିବା ସହ ସହରାଞ୍ଚଳର ନିରନ୍ତର ବିକାଶକୁ ସୁନିଶ୍ଚିତ କରାଯାଇପାରିବ। ଡ୍ରୋନ ସର୍ଭେ ସହ ତଳସ୍ତରରେ ଜମି ମ୍ୟାପିଂ ସମୟରେ ଫିତା ଧରି ମପାଯିବ। ତହସିଲଦାର ଏଥିପ୍ରତି ଗୁରୁତ୍ୱ ଦେବେ। ଭୂମିର ସର୍ଭେ ସମୟରେ ଜମି ମାଲିକଙ୍କ ଉପସ୍ଥିତିରେ ନିର୍ଭୁଲ ଏବଂ ଠିକ୍ ମୂଲ୍ୟାୟନ ଉପରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ। ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା ସହ ପୌର ପରିଷଦ ଅଧିକାରୀ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟତା ଏବଂ ଜନସାଧାରଣଙ୍କ ସହଭାଗିତା ଜରୁରୀ। ଏହି ସର୍ଭେ ଏକ ବର୍ଷ ଧରି ଚାଲିବ। ପ୍ରତି ୩ ମାସରେ ସେ ଏହାର ସମୀକ୍ଷା କରିବେ ବୋଲି କହିଛନ୍ତି। ଜମି ମାଲିକଙ୍କୁ ଜମି ସର୍ଭେ ପରେ ଜମିର ସାର୍ଟିଫିକେଟ ଦିଆଯିବ। ଏହା ସେମାନଙ୍କୁ ଭବିଷ୍ୟତରେ ସହଯୋଗ କରିବ। ବ୍ୟାଙ୍କ ଋଣ ନେବା ସମୟରେ ସହଜ ହେବ। ସେହିପରି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଥିଲେ, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପରିକଳ୍ପନା କରିଥିବା ବେଳେ ଡିଜିଟାଲ ସର୍ଭେ ବେଶ୍ ସହାୟକ ହେବ। ଖୋର୍ଦ୍ଧା ପାଇଁ ମାଷ୍ଟର ପ୍ଲାନ ଆବଶ୍ୟକତା ଅନୁଭବ ବେଳେ ସରକାର ନକ୍ସା ଶୁଭାରମ୍ଭ କରିଛନ୍ତି। ଖୋର୍ଦ୍ଧାର ସମୃଦ୍ଧି ପ୍ରଗତି ପଥରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ତେବେ ପ୍ରାଥମିକ ପର୍ଯ୍ୟାୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଇଥିଲା। ରାଜସ୍ୱ ମନ୍ତ୍ରୀ ଏହି ସର୍ଭେ ନିରୀକ୍ଷଣ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ରାଜ୍ୟ ଜମି ରେକର୍ଡ ନିର୍ଦ୍ଦେଶକ ବିଜୟ କୁମାର ଖଣ୍ଡାୟତରାୟ, କେନ୍ଦ୍ର ସର୍ଭେ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ଆଶିଷ କୌଶଳ, ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଖୋର୍ଦ୍ଧା ଭାରପ୍ରାପ୍ତ ତହସିଲଦାର ନିବେଦିତା ପରିଡ଼ା ସଂଯୋଜନା କରିଥିଲେ। ଖୋର୍ଦ୍ଧା ପୌର ପରିଷଦର ସମସ୍ତ କାଉନସିଲର, ଜନପ୍ରତିନିଧି, ବୁଦ୍ଧିଜୀବୀ, ଶିକ୍ଷାବିତ୍, ରାଜସ୍ୱ ବିଭାଗ ଏବଂ ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକସେବା ଭବନରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୮।୨
(ସତ୍ୟଜିତ୍ ରାଉତ)

ଲୋକ ସେବା ଭବନର ଆନେକ୍ସ ବିଲ୍ଡିଂ ପାର୍ଶ୍ୱ କୋଠାର ୫ମ ମହଲା ଛାତ ଉପରେ ମଙ୍ଗଳବାର ଅପରାହ୍ନ ୪ଟା ୩୮ରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଜଳିପୋଡ଼ି ନଷ୍ଟ ହୋଇଯାଇଥିବା କୁହାଯାଉଛି। ଖବର ପାଇ ସେକ୍ରେଟେରିଏଟ୍ ଫାୟାର ଷ୍ଟେଶନ ଟିମ୍ ପହଞ୍ଚିଲା ବେଳକୁ ସ୍ଥାନୀୟ କର୍ମଚାରୀମାନେ ପାଣି ପକାଇ ନିଆଁ ଲିଭାଇଦେଇଥିଲେ। ତେବେ ଛାତରେ ଗଚ୍ଛିତ ଥିବା କିଛି ଚିରାଫଟା କାଗଜରୁ ଏହି ନିଆଁ ଲାଗିଥିବା ଷ୍ଟେଶନ ଅଫିସର ଅନୁପ କୁମାର ଦାସ କହିଛନ୍ତି। ପ୍ରକାଶ ଯେ, ଏହା ପୂର୍ବରୁ ୨୦୨୩ ଅକ୍ଟୋବର ୩ ସକାଳେ ରାଜସ୍ୱ ମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ନିଆଁ ଲାଗିଥିଲା।

# ଆଜିଠୁ ସପ୍ତାହେ ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୮।୨
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ମଙ୍ଗଳବାର ସର୍ବାଧିକ ତାପମାତ୍ରା ବୌଦ୍ଧରେ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ବୁଧବାରଠାରୁ ସପ୍ତାହେ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ଘଡ଼ଘଡ଼ି ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ବୁଧବାର ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରେ ହାଲୁକାରୁ ମଧ୍ୟମଧରଣ ବର୍ଷା ହୋଇପାରେ। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝରଗଡ଼, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାରେ ବିଜୁଳି ଓ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମଧରଣର ବର୍ଷା ହେବ। ଏଥିପାଇଁ ସମ୍ପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୦ ଓ ୨୧ ତାରିଖରେ ମୟୂରଭଞ୍ଜ, କେନ୍ଦୁଝରଗଡ଼, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ାର ସହ ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ। ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡ଼ଘଡ଼ିର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।




# ଗରିଆପାଲି ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

- ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଦନ୍ତା ମୃତ
- ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ସହଯୋଗ କରୁଥିବା ଚର୍ଚ୍ଚା

ଦେବଗଡ଼,୧୮।୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବନଖଣ୍ଡ ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ନିକଟରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ଜନ୍ତୁ ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୋମବାର ବିଳମ୍ବିତ ରାତିରେ ଦନ୍ତା ପ୍ରାଣ ହରାଇଥିବା ଜଣାପଡ଼ିଛି। ଖବର ପାଇ ମଙ୍ଗଳବାର ସକାଳେ ବନବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ଦେହରେ ଲାଗିଥିବା ବିଦ୍ୟୁତ୍ ତାର ହଟାଇଥିଲେ। ହାତୀର ବୟସ ପ୍ରାୟ ୧୨ ବର୍ଷ ହେବ ବୋଲି ବନ ବିଭାଗ ଅନୁମାନ କରିଛି। ରାଉରକେଲା ଆର୍‌ସିସିଏଫ୍ ପି. ରାମାସ୍ୱାମୀ, ଭୁବନେଶ୍ୱର ଜେଟିଏଫ୍ ସଦସ୍ୟ, ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜି


ମୃତ ଦନ୍ତାହାତୀ

ରାଓସି, ଏସିଏଫ୍ ସ୍ୱାଧୀନତା ସାହାଣୀ, ଏସିଏଫ୍ ଅରୁଣ କୁମାର ବେହେରା, ରିଆମାଳ ରେଞ୍ଜ ଅଫିସର ନିରଞ୍ଜନ ଧରୁଆ ପ୍ରମୁଖ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ଦେବଗଡ଼ ପ୍ରାଣୀ ଚିକିତ୍ସା ବିଭାଗ ଡେପୁଟି ଡାଇରେକ୍ଟର ଡ. ସତ୍ୟ ରଞ୍ଜନ ମହାପାତ୍ର ଏବଂ ବନ ବିଭାଗ ଅଧୀନସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାସ୍ଥଳରେ ମାଟି ଖୋଳି ପୋତି ଦିଆଯାଇଛି। ତେବେ କେତେଜଣ ଶିକାରୀ ଜନ୍ତୁ ଶିକାର ପାଇଁ ଜିଆଇ ତାର ଯୋଗେ ବିଦ୍ୟୁତ୍ ଫାଶ ପକାଇଥିବା ବେଳେ ସେହି ଦିଗକୁ ନେଇ ତଦନ୍ତ ଜାରି ରହିଥିବା ଦେବଗଡ଼ ବନଖଣ୍ଡ ଅଧିକାରୀ ରାଓସୋ ସୂଚନା ଦେଇଛନ୍ତି। ବାରହା ଶିକାର ପାଇଁ ଦୁର୍ବୃତ୍ତମାନେ ବିଦ୍ୟୁତ୍ ତାର ବିଛାଇଥିଲେ। ବନ ବିଭାଗ ଅବହେଳା ଯୋଗୁ ଉକ୍ତ ତାରରେ ଲାଗି ଦନ୍ତା ପ୍ରାଣ ହରାଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ, ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଗରିଆପାଲି ଗ୍ରାମ ଜଙ୍ଗଲରେ ଦନ୍ତାହାତୀର ମୃତଦେହ ଠାବ ହୋଇଛି। ସକାଳେ ଦନ୍ତାହାତୀକୁ ଗ୍ରାମବାସୀ ଦେଖିବା ପରେ ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ନିରଞ୍ଜନ ଧରୁଆ, ଫରେଷ୍ଟର ତପନ ନାୟକ ସଦଳବଳ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଦନ୍ତାହାତୀର ପାଟି ତଳେ କ୍ଷତ ଦେଖାଯାଉଥିବାରୁ ସଂକ୍ରମଣଜନିତ ରୋଗରେ ମୃତ୍ୟୁ କିମ୍ବା ବିସ୍ଫୋରକ ଖାଦ୍ୟ ଖାଇ ମୃତ୍ୟୁ ଘଟିବା ସନ୍ଦେହ କରାଯିବା ସହ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥାଇପାରେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏପରି କାମରେ ବିଦ୍ୟୁତ୍, ବନ ବିଭାଗ କର୍ମଚାରୀ ମଧ୍ୟ ସହଯୋଗ କରୁଥିବା ଜଣାପଡ଼ିଛି। ଡିଏଫ୍‌ଓ ଏହି ଘଟଣା ନିଜେ ତଦନ୍ତ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

**JOIN THE WASTE MANAGEMENT SYMPOSIUM**

Usthi Foundation India with support of Puri Municipality and Swiss Federal Institute of Aquatic Science and Technology is organising a **Waste Management Symposium** on February 27th, 28th 2025, from 10 AM to 4 PM. We invite you to attend it.

The event will focus on:-

- **Address Critical Issues:** Tackle waste challenges impacting health, tourism and our marine environment.
- **Learn Best Practices:** Hear from experts on effective waste management strategies and innovative solutions.
- **Pilot Project Launch:** Witness the unveiling of the "POWER" project for optimized waste segregation in Pentakatha.
- **Network & Collaborate:** Engage with government officials, the Swiss Embassy, local leaders and CSR partners.

**Day 1:** Technical Sessions, Panel Discussions, Pilot Project Launch
**Day 2:** Participate in Beach Clean-up 8:30 AM onwards

This is limited seat participation. Interested people (No age restriction) including students, **email: usthifoundation@gmail.com by 23rd February** to register.

# ବିସିଏ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନା ଅଞ୍ଚଳରେ ଜଣେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେହେଲେ ସ୍ଥାନୀୟ ଅଞ୍ଚଳରେ ଥିବା ଏକ ଘରୋଇ ଶିକ୍ଷାନୁଷ୍ଠାନର ବିସିଏ ଦ୍ୱିତୀୟ ବର୍ଷର ଛାତ୍ର ସୁମନ ବିଶ୍ୱାଳ। ଇନ୍‌ଫୋସିଟି ଅଞ୍ଚଳରେ ଥିବା ଏକ ପରିତ୍ୟକ୍ତ କୋଠାର ଫ୍ୟାନ ହୁକ୍‌ରେ ସୁମନଙ୍କ ଝୁଲନ୍ତା ଅବସ୍ଥାରେ ମଙ୍ଗଳବାର ମୃତଦେହ ଜବତ କରାଯାଇଛି। ସୁମନଙ୍କ ଘର ଢେଙ୍କାନାଳ ଅଞ୍ଚଳରେ ବୋଲି ସୂଚନା ମିଳିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଏନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ସୁମନଙ୍କ ପକେଟ୍‌ରୁ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ମିଳିଛି। ଗୋଟିଏ ମିଛ ଲୁଚାଇବାକୁ ଯାଇ ଏକାଧିକ ମିଛ କହିଥିଲେ ବୋଲି ସେଥିରେ ଉଲ୍ଲେଖ ଅଛି। ବୁଧବାର ସୁମନ ପରୀକ୍ଷା ଦେଇଥାନ୍ତେ। ଖବର ଜଣାପଡ଼ିବା ପରେ ଶିକ୍ଷାନୁଷ୍ଠାନର ଅଧିକାରୀ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ବିଡିଓଙ୍କ ଗାଡ଼ି ଧକ୍କାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

କୁଚିଣ୍ଡା,୧୮।୨(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ମନ୍ତ୍ରୀମୁଣ୍ଡାରେ ସ୍ଥାନୀୟ ବିଡିଓ ବ୍ୟବହାର କରୁଥିବା ଏକ ଭଡ଼ା ଗାଡ଼ି ଧକ୍କାରେ ମଙ୍ଗଳବାର ଜଣେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଶଙ୍କର ମୁଣ୍ଡା(୫୮) କୁଚିଣ୍ଡା ବ୍ଲକ୍ ଟାଇଁସର ପଞ୍ଚାୟତ ଫଟାଟାଙ୍ଗର ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ। ତାଙ୍କ ଘର ମହୁଲପାଲି ଥାନା କୁସୁମୀ ନିକଟ ଡୁଲେସରାରେ। କୁଚିଣ୍ଡା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲ ପଠାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୪୭/୨୫)ରୁଜୁ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, କୁଚିଣ୍ଡା ପଞ୍ଚାୟତ ସମିତିରେ ଦୀର୍ଘଦିନ ହେବ ଏକ ବୋଲେରୋ(ଓଡି ୧୫ଟି ୦୪୨୬) ଭଡ଼ାରେ ଲାଗିଛି। ମଙ୍ଗଳବାର ବିଡିଓ ଜୟନ୍ତ ସାହୁ ଏହି ଗାଡ଼ିରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହୋଇଥିବା କୁନ୍ତରା କଲେଜକୁ ପରିଦର୍ଶନରେ ଯାଇ ସେଠାରୁ କୁଚିଣ୍ଡା ଫେରୁଥିଲେ। ମନ୍ତ୍ରୀମୁଣ୍ଡା ଖେଳ ପଡ଼ିଆ ସମ୍ମୁଖରେ କୁଚିଣ୍ଡାରୁ ବ୍ୟାଙ୍କ କାମସାରି ଫଟାଟାଙ୍ଗର ସ୍କୁଲ ଫେରୁଥିବା ପ୍ରଧାନ ଶିକ୍ଷକ ମୁଣ୍ଡାଙ୍କ ସ୍କୁଟି (ନଂ.ଓଡି ୧୪ ଏକ୍ସ ୭୪୮୯)କୁ ବୋଲେରୋ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ିକୁ ନେଇ ଡ୍ରାଇଭର ସେଠାରୁ ପଳାଇଯାଇଥିଲେ। ପରବର୍ତ୍ତୀ ସମୟରେ ଡ୍ରାଇଭର ସୁମନ୍ତ ପଟେଲ ବୋଲେରୋକୁ ଥାନାରେ ଜିମା ଦେବା ସହ ନିଜେ ଆତ୍ମସମର୍ପଣ କରିଥିବା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ଏ ନେଇ ବିଡିଓ ସାହୁଙ୍କୁ ପଚାରିବାରୁ କୁନ୍ତରା ଯୁକ୍ତ ୨ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରି ଫେରିବା ବେଳେ ହଠାତ ସ୍କୁଟି ଆରୋହୀ ଆମ ଗାଡି ସମ୍ମୁଖକୁ ଚାଲିଆସିବାରୁ ଏଭଳି ସ୍ଥିତି ଉପୁଜିଲା। ମୁଁ କୁଚିଣ୍ଡା ଆଇଆଇସି ଓ ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଫୋନରେ ଜଣାଇଥିଲି। ଏଭଳି ଘଟଣା ପାଇଁ ମୁଁ ଗଭୀର ମର୍ମାହତ। ପ୍ରଶାସନ ପକ୍ଷରୁ ଯାହା ସହଯୋଗ କରାଯିବା କଥା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।



ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ନିଷ୍ପତ୍ତି ଓ କାର୍ଯ୍ୟକାରିତା

ଉତ୍ତରପ୍ରଦେଶ କୁଶିନଗରର ମଦ୍‌ନି ମସ୍‌ଜିଦ ଭଙ୍ଗା ଘଟଣାରେ ସୁପ୍ରିମକୋର୍ଟ ଜିଲା କର୍ତ୍ତୃପକ୍ଷଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଅବମାନନା କରାଯାଇ ମସ୍‌ଜିଦର ଏକ ଅଂଶକୁ କର୍ତ୍ତୃପକ୍ଷ ଭାଙ୍ଗିଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ତେବେ ସୁପ୍ରିମକୋର୍ଟ ସେମାନଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ଉତ୍ତର ଚାହିଁଛନ୍ତି। ଉଲ୍ଲେଖନୀୟ ଯେ, ୧୩ ନଭେମ୍ବର ୨୦୨୪ରେ ସର୍ବୋଚ୍ଚ ଅଦାଲତ ସମଗ୍ର ଦେଶ ପାଇଁ ଏକ ମାର୍ଗଦର୍ଶିକା ଜାରି କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ, ପୂର୍ବରୁ କାରଣ ଦର୍ଶାଅ ନୋଟିସ ନ ଦେଇ କିମ୍ବା ପକ୍ଷଙ୍କୁ ଜବାବ ଦାଖଲ କରିବା ପାଇଁ ୧୫ ଦିନ ସମୟ ନ ଦେଇ କୌଣସି ଘର ଭଙ୍ଗାଯାଇପାରିବ ନାହିଁ। କିନ୍ତୁ ଫେବୃଆରୀ ୯ ତାରିଖରେ କୁଶିନଗର ମସ୍‌ଜିଦର କିଛି ଅଂଶ ଭଙ୍ଗାଯାଇଥିଲା, ଯାହାକୁ ନେଇ ସୁପ୍ରିମକୋର୍ଟରେ ପିଟିଶନ ଦାଏର ହୋଇଥିଲା। ତେବେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ମସ୍‌ଜିଦ ଭଙ୍ଗା ଯାଇପାରିବ ନାହିଁ ବୋଲି ଜଷ୍ଟିସ ବି.ଆର୍. ଗଭାଇ ଓ ଜଷ୍ଟିସ ଏ.ଜି. ମସିହଙ୍କ ଖଣ୍ଡପୀଠ ଦର୍ଶାଇଛନ୍ତି। ଯଦି ନିକଟ ଇତିହାସକୁ ଦେଖାଯାଏ ତେବେ ଉତ୍ତରପ୍ରଦେଶରେ ପ୍ରୟାଗରାଜର ଶାହି ମସ୍‌ଜିଦ ମାମଲା ତଳକୋର୍ଟରେ ବିଚାରାଧୀନ ଥିବାବେଳେ ରାସ୍ତା ଚଉଡ଼ା ପାଇଁ ତାହାକୁ ଭଙ୍ଗାଯାଇଥିଲା। ଦେଖିବାକୁ ଗଲେ ଉତ୍ତରପ୍ରଦେଶ ବ୍ୟତୀତ ମହାରାଷ୍ଟ୍ରରେ ମଧ୍ୟ ଏଭଳି ଘଟଣା ଦେଖିବାକୁ ମିଳୁଛି। କୌଣସି ଘର ଭାଙ୍ଗିବା ଆଗରୁ ପକ୍ଷଙ୍କୁ ନୋଟିସ ଦେବା ଲାଗି ମାର୍ଗଦର୍ଶିକା ଜାରି କରିବା ପୂର୍ବରୁ ୧ ଅକ୍ଟୋବର, ୨୦୨୪ରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏକ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ସୂଚିତ କରିଥିଲେ ଯେ, ମନ୍ଦିର, ମସ୍‌ଜିଦ ସମେତ ଅନ୍ୟ ସବୁ ଧର୍ମୀୟ ନିର୍ମାଣ ସର୍ବସାଧାରଣ ସ୍ଥାନରେ କରାଯାଇଥିଲେ ସେଗୁଡ଼ିକୁ ହଟାଇବାକୁ ହେବ। ସାର୍ବଜନୀନ ଜମି ଉପରେ ନିର୍ଦ୍ଦେଶ ଜାରି କଲାବେଳକୁ ସୁପ୍ରିମକୋର୍ଟ ମୁଖ୍ୟତଃ ରାସ୍ତା, ଜଳାଶୟ ଏବଂ ଭାରତୀୟ ରେଳ ଜମିକୁ ଗୁରୁତ୍ୱ ଦେଇଥିଲେ। କିନ୍ତୁ ସାର୍ବଜନୀନ ସ୍ଥାନରେ ବେଆଇନ ଭାବେ ନିର୍ମିତ ମନ୍ଦିର ଓ ମସ୍‌ଜିଦକୁ ଉଚ୍ଛେଦ କରିବା ପାଇଁ ଦେଇଥିବା ରାୟକୁ କାର୍ଯ୍ୟକାରୀ କରାଇବା କଷ୍ଟକର ହୋଇପଡୁଥିବା ମନେ ହେଉଛି। ଏପରିକି କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ବିରୋଧରେ ବି ସୁପ୍ରିମକୋର୍ଟରେ ଅଭିଯୋଗ ଦାଖଲ କରାଯାଉଛି।

> **ସରକାରୀ ଜମି ଜବରଦଖଲକୁ ବନ୍ଦ କରିବା ପାଇଁ ସବୁଧର୍ମର ଗୁରୁମାନେ ତାଙ୍କର ଚେଲାଚାମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେବା ଉଚିତ। ତାହା ନ ହେଲେ ଖୁବ୍ ଶୀଘ୍ର ଭାରତ ଏକ ଦରିଦ୍ର ଧାର୍ମିକ ଦେଶ ଭାବେ ପରିଣତ ହେବ, ଯାହା ଉତ୍ତର ଆଫ୍ରିକାର ଅନେକ ଦେଶରେ ଦେଖିବାକୁ ମିଳୁଛି।**

ଉଲ୍ଲେଖନୀୟ ଯେ, ଭାରତ ଭଳି ଏକ ଧର୍ମନିରପେକ୍ଷ ଦେଶରେ ବିଭିନ୍ନ ଧର୍ମର ଲୋକ ସହାବସ୍ଥାନ କରୁଛନ୍ତି। କିନ୍ତୁ ଅନେକ ସମୟରେ ଧର୍ମୀୟ ପୀଠ ଯଥା ମନ୍ଦିର, ମସ୍‌ଜିଦ କିମ୍ବା ଗୀର୍ଜାକୁ ନେଇ ବିବାଦ ଦେଖାଯାଉଛି। ବିଶେଷକରି ବିବାଦ ଉପୁଜୁଛି ଏଗୁଡ଼ିକର ସ୍ଥାନକୁ ନେଇ। ଅନେକ ସାର୍ବଜନୀନ ସ୍ଥଳରେ ମନ୍ଦିର, ମଠ, ମସ୍‌ଜିଦ ନିର୍ମାଣ କରାଯାଉଥିବା ଦେଖାଯାଉଛି। ଏହି ସ୍ଥାନକୁ ନେଇ ଯେତେବେଳେ ବିବାଦ ସୃଷ୍ଟି ହେଉଛି ସେତେବେଳେ ମାମଲା ତଳ କୋର୍ଟରୁ ଯାଇ ସୁପ୍ରିମକୋର୍ଟରେ ପହଞ୍ଚୁଛି। ଏସବୁ ବିବାଦର ସମାଧାନ ପାଇଁ ଶୀର୍ଷ ଅଦାଲତ ଯେଉଁ ରାୟ ଦେଉଛନ୍ତି ତାହା ତୃଣମୂଳ ସ୍ତରରେ କେତେ ଗୁରୁତ୍ୱ ବହନ କରୁ ନଥିବ ସ୍ପଷ୍ଟ ହେଉଛି। ଏହା ସତ୍ୟ ଯେ, ଭାରତରେ ଅନେକ ଜାଗାରେ ବିଭିନ୍ନ ଧର୍ମ ସହିତ ସମ୍ପୃକ୍ତ ଉପାସନା ପୀଠ ଜବରଦଖଲ କରି ନିର୍ମାଣ କରାଯାଉଛି। ଏମିତିକି ସରକାରଙ୍କ ପାଇଁ ଏଗୁଡ଼ିକ ଭଙ୍ଗାଯିବା ଏକପ୍ରକାର ଅସମ୍ଭବ ହୋଇପଡୁଛି। ଭାରତରେ ଜବରଦଖଲରେ କେବଳ ମସ୍‌ଜିଦ ନିର୍ମାଣ କରାଯାଇ ନାହିଁ ବରଂ ସଂଖ୍ୟାବହୁଳ ଧର୍ମର ଲୋକେ ରହୁଥିବା ଅଞ୍ଚଳରେ ରାସ୍ତା ଉପରେ ମନ୍ଦିର ବା ମଠ ଗଢ଼ିବାର ଉଦ୍ୟମ ଜାରି ରହିଛି। ଭାରତ ଏକ ଧର୍ମନିରପେକ୍ଷ ଦେଶ ସମ୍ବିଧାନରେ ଥିବାବେଳେ ଜନସାଧାରଣଙ୍କ ଧାର୍ମିକ ପ୍ରେମ ଅତ୍ୟଧିକ ମାତ୍ରାରେ ବଢ଼ିବାରେ ଲାଗିଛି। ନିଜ ମନ ଭିତରେ ଠାକୁରଙ୍କୁ ରଖି ଏକ ଧାର୍ମିକ ଜୀବନଯାପନ କରିବା ପାଇଁ କୌଣସି ବ୍ୟକ୍ତି ଆଗଭର ହୋଇଥିବା ଦେଖାଯାଉନାହିଁ। ଦେଶବ୍ୟାପୀ ଅଶାନ୍ତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆସନ୍ତାକାଲିର ଯୁବପିଢ଼ିଙ୍କ ପାଇଁ ଚିନ୍ତା କରିବା ପରିବର୍ତ୍ତେ ପୂର୍ବରୁ ଘଟିଯାଇଥିବା ତଥାକଥିତ ଦୋଷ ଦୁର୍ବଳତାକୁ ନେଇ ଭାରତୀୟ ସମାଜ ଆଗେଇ ଚାଲିଥିବା ମନେହୁଏ। ଯିଏ ଯେତେ ଚିତ୍କାର କରି ଅନ୍ୟକୁ ଗାଳି ଦେଇପାରିଲା ସେହି ବ୍ୟକ୍ତି ଏବେ ଧାର୍ମିକ ମାପଦଣ୍ଡରେ ପରିଣତ ହୋଇଛନ୍ତି। ଅର୍ଥାତ୍ ସେହି ଆକ୍ରୋଶମୂଳକ ବ୍ୟକ୍ତି ନିଷ୍ପତ୍ତି ନେଉଛନ୍ତି କେଉଁ କାର୍ଯ୍ୟ ବା କଥାଟି ଧର୍ମ ସପକ୍ଷରେ କିମ୍ବା ବିପକ୍ଷରେ ଯାଉଛି। ଏଭଳି ପରିସ୍ଥିତିରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଭଲ ଉଦ୍ଦେଶ୍ୟରେ ଦିଆଯାଉଥିବା ନିଷ୍ପତ୍ତିଗୁଡ଼ିକ ବିକୃତ ହୋଇଯାଉଛି। ଏହି ପରିସ୍ଥିତିରେ ପରିବର୍ତ୍ତନ ଆଣିବା ନିଶ୍ଚିତ ଭାବେ କଷ୍ଟକର। ତାହା କେବଳ ସମ୍ଭବପର ହୋଇପାରିବ ଯଦି ସାଧାରଣ ନାଗରିକଙ୍କର ଆଭିମୁଖ୍ୟ ବଦଳିପାରିବ। କ୍ଷୁଦ୍ର ଉଦାହରଣ ଭାବେ ସରକାରୀ ଜମି ଜବରଦଖଲକୁ ବନ୍ଦ କରିବା ପାଇଁ ସବୁଧର୍ମର ଗୁରୁମାନେ ତାଙ୍କର ଚେଲାଚାମୁଣ୍ଡାଙ୍କୁ ନିର୍ଦ୍ଦେଶ ଦେବା ଉଚିତ। ତାହା ନ ହେଲେ ଖୁବ୍ ଶୀଘ୍ର ଭାରତ ଏକ ଦରିଦ୍ର ଧାର୍ମିକ ଦେଶ ଭାବେ ପରିଣତ ହେବ, ଯାହା ଉତ୍ତର ଆଫ୍ରିକାର ଅନେକ ଦେଶରେ ଦେଖିବାକୁ ମିଳୁଛି।

# ଓଡ଼ିଶା ଜନଜାତିଙ୍କ ସାମଗ୍ରିକ ବିକାଶ



ବିଦ୍ୟାଧର ମହାରଣା

ଓଡ଼ିଶାରେ ୬୪ ଜନଜାତି ବାସ କରନ୍ତି, ଯାହାଙ୍କ ସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ ୯୫ ଲକ୍ଷରୁ ଅଧିକ ଏବଂ ଏହା ରାଜ୍ୟର ମୋଟ ଜନସଂଖ୍ୟାର ପ୍ରାୟ ୨୨.୮ ପ୍ରତିଶତ। ଦେଶରେ ଥିବା ମୋଟ ଜନଜାତି ୧୦.୪୩ କୋଟିର ୯.୨% ଓଡ଼ିଶାରେ ବାସକରନ୍ତି। ରାଜ୍ୟର ମୁଖ୍ୟ ଜନଜାତିଗୁଡ଼ିକ ହେଉଛି କନ୍ଧ, ସାନ୍ତାଳ, ଗଣ୍ଡ, ମୁଣ୍ଡା, ହୋ, ପରଜା, ସଉରା ଭୂୟାଁ, ଭୂମିଜ ଇତ୍ୟାଦି। ଏହାଛଡ଼ା ରାଜ୍ୟରେ ୧୩ଟି ଆଦିମ ଅଧିବାସୀ ଅଛନ୍ତି, ଯାହାଙ୍କୁ ଏବେ ନିର୍ଦ୍ଦିଷ୍ଟ ଅସହାୟ ଜନଜାତି ବା ପି.ଟି.ଭି (ପର୍ଟିକୁଲାରି ଭଲନେରେବଲ ଟ୍ରାଇବ୍‌ସ) କୁହାଯାଏ। ଏମାନଙ୍କ ସଂଖ୍ୟା ଧୀରେ ଧୀରେ କମି ଯାଉଥିବାରୁ ଏମାନଙ୍କ ବିକାଶ ପାଇଁ ୧୭ ଗୋଟି ମାଇକ୍ରୋ ପ୍ରକଳ୍ପ ରାଜ୍ୟରେ କାର୍ଯ୍ୟକାରୀ ହେଉଛି।

ଆଦିବାସୀଙ୍କ ଏକ ନିଜସ୍ୱ ପରିଚୟ ଅଛି। ସେମାନଙ୍କର ସତନ୍ତ୍ର ଐତିହ୍ୟ, ପରମ୍ପରା, ପ୍ରଥା ଓ ସଂସ୍କୃତି ଅଛି। ପ୍ରକୃତିର ମୁକୁଳା ସୌନ୍ଦର୍ଯ୍ୟ ମଧ୍ୟରେ ଏକ ମୁକ୍ତ ଜୀବନ ଯାପନ କରି ନିଜର ଗୁଜୁରାଣ ମେଣ୍ଟାଇବାକୁ ସେମାନେ ସର୍ବଦା ତତ୍ପର। କିନ୍ତୁ ଦେଶ ସ୍ୱାଧୀନ ହେବା ପରେ ଅସହାୟ ଜନଜାତିଙ୍କ ଠାରୁ ନିଜର ମୌଳିକ ଅଧିକାର ଛଡ଼ାଇ ନିଆଗଲା। ପୋଡୁଚାଷ ଉପରେ କଟକଣା ଲଗାଇ ଦିଆଗଲା। ଜଙ୍ଗଲ ଅଧିକାରକୁ ସୀମିତ କରି ଦିଆଗଲା। ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ଓ ରାଜନୈତିକ ସୁରକ୍ଷା ନିମନ୍ତେ ସମ୍ବିଧାନ ଧାରା ୧୫,୧୬,୧୭,୧୯, ୨୩,୨୫,୨୯,୩୫, ୪୬,୨୪୪,୨୭୫ ,୩୬୬ ଓ ୩୭୧ରେ କେତେକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଦିବାସୀଙ୍କ ବିକାଶ ପାଇଁ ଧେବର କମିଶନ (୧୯୬୦), ଲୋକର କମିଟି (୧୯୬୫) ଓ ଜାତୀୟ ଅନୁସୂଚିତ ଜାତି କମିଶନ (୨୦୦୩) ବହୁ ପ୍ରସ୍ତାବ ଦେଇଥିଲେ। ଏହା ସତ୍ତ୍ୱେ ସେମାନଙ୍କର ବିକାଶ ନ ହେବାରୁ ପେସା ଆଇନ ୧୯୯୬ ଓ ଫରେଷ୍ଟ ଅଧିକାର ଆଇନ ୨୦୦୬ ପ୍ରଣୀତ ହୋଇଛି। ପଞ୍ଚମ ସୂଚୀ ଅନ୍ତର୍ଗତ ୧୨ଟି ରାଜ୍ୟ ପାଇଁ ପେସା ଆଇନ ଉଦ୍ଦିଷ୍ଟ ଥିଲେ ମଧ୍ୟ ଓଡ଼ିଶା ଓ ଝାଡ଼ଖଣ୍ଡ ଏଯାଏ ପେସା ନିୟମ ପ୍ରଣୟନ ନ କରିବା ପରିତାପର ବିଷୟ। ସେହିପରି ଫରେଷ୍ଟ ଅଧିକାର ଆଇନ ୨୦୦୬ ଆମ ରାଜ୍ୟରେ ସମ୍ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ ହୋଇନାହିଁ। କାରଣ ଏଥିରେ କେତେକ ଆଇନଗତ ଓ ବୈଷୟିକ ପ୍ରତିବନ୍ଧକ ରହିଛି।

ଆସନ୍ତୁ ଆଲୋଚନା କରିବା ଆଦିବାସୀଙ୍କ ଜୀବିକା ସମ୍ବନ୍ଧରେ। ଆଦିବାସୀଙ୍କ ଜୀବିକା ନିର୍ବାହନ ମୁଖ୍ୟତଃ ପାଞ୍ଚଟି ଉପାୟରେ ହୋଇଥାଏ। ପ୍ରଥମଟି ହେଉଛି ଜଙ୍ଗଲ ଆଧାରିତ। ଜଙ୍ଗଲ ଆଦିବାସୀଙ୍କ ପାଇଁ ଖାଦ୍ୟ,ବାସ,ଜାଳେଣି, ଗୋଖାଦ୍ୟ ଓ ଶିଳ୍ପ ପାଇଁ କଞ୍ଚାମାଲ ସହିତ ବହୁ ଔଷଧୀୟ ବୃକ୍ଷଲତା ଯୋଗାଏ। ବିଭିନ୍ନ ପ୍ରକାର ଫଳ, ଶାଗ, କନ୍ଦା, ମହୁ, ଝୁଣା, ଛତୁ, ପତ୍ର, ଝାଡୁ, ଲତା ଏମାନେ ଜଙ୍ଗଲରୁ ସଂଗ୍ରହ କରି ନିଜର ଆବଶ୍ୟକତା ପୂରଣ ସହିତ ବଜାରରେ ବିକ୍ରୟ



କରନ୍ତି। ଦ୍ୱିତୀୟଟି ହେଉଛି ଜମି ଆଧାରିତ। ପାହାଡିଆ ଅଞ୍ଚଳରେ ପୋଡୁଚାଷ , ସୋପାନ ଚାଷ, ଢିପ ଜମିରେ ଓ ଖାଲ ଜମିରେ ବିଭିନ୍ନ ଫସଲ ଚାଷ କରି ଆଦିବାସୀମାନେ ନିଜର ପାରିବାରିକ ଆବଶ୍ୟକତା ପୂରଣ ସହିତ ବଳକା ଦ୍ରବ୍ୟ ବଜାରରେ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାନ୍ତି। ଏହାସହିତ ଗାଈ, ଛେଳି , ମେଣ୍ଢା, ଘୁଷୁରି, କୁକୁଡା ଏମାନଙ୍କର ମୁଖ୍ୟ ପ୍ରାଣୀ। କେତେକ ମଧ୍ୟ ନଦୀ ଓ ପୋଖରୀରୁ ମାଛ ଧରନ୍ତି। ତୃତୀୟରେ ଆଦିବାସୀମାନେ ଜଙ୍ଗଲଜାତ ଦ୍ରବ୍ୟରୁ ଗୃହ ଆସବାବ, ହସ୍ତକଳା, ଝାଡୁ, ଖଲିପତ୍ର, ଧାତୁ ନିର୍ମିତ ଅଳଙ୍କାର, ବସ୍ତ୍ର, ଟସର ଇତ୍ୟାଦି ପ୍ରସ୍ତୁତ କରି ବିକ୍ରୟ କରନ୍ତି। ଚତୁର୍ଥରେ ଜଙ୍ଗଲରୁ ବହୁ ଫଳମୂଳ ସଂଗ୍ରହ କରି ଏମାନେ ଆମ୍ବୁଲ, ଆଚାର, ପାଲୁଅ, ଆମ୍ବ ଶଢ଼ା, ମହୁଲି ମଦ ଇତ୍ୟାଦି ପ୍ରସ୍ତୁତ କରି ବିକ୍ରୟ କରନ୍ତି। ଆମ୍ବ, ପଣସ, କେନ୍ଦୁ, ଚାର ଇତ୍ୟାଦି ଫଳ ସଂଗ୍ରହ ମଧ୍ୟ ଏମାନେ କରନ୍ତି। ପଞ୍ଚମରେ ଏମାନେ ମଜୁରି ପାଇଁ ଖଣି ଖାଦାନ ଯାଆନ୍ତି କିମ୍ବା ଦାଦନ ଖଟିବାକୁ ବାହାରକୁ ପିଲାଛୁଆଙ୍କୁ ସାଙ୍ଗରେ ନେଇ ଯାଆନ୍ତି।

ଆଦିବାସୀଙ୍କ ଜୀବିକା ନିର୍ବାହ କେବେହେଲେ ପ୍ରତିପାଳନକ୍ଷମ ହେଉନାହିଁ। ସାଧାରଣତଃ ଜୀବିକା ପ୍ରତିପାଳନକ୍ଷମ ହେବା ପାଇଁ ପାଞ୍ଚଟି ସମ୍ବଳର ବିକାଶ ହେବା କଥା। ଏହି ସମ୍ବଳଗଡ଼ିକ ହେଲା ପ୍ରାକୃତିକ, ଭୌତିକ, ସାମାଜିକ, ଆର୍ଥିକ ଓ ମାନବିକ। ପ୍ରାକୃତିକ ସମ୍ବଳ ହିସାବରେ ଜମି, ଜଳ, ଜନ୍ତୁ, ଜଙ୍ଗଲ ବିକାଶ ଆଦିବାସୀ ଅଞ୍ଚଳରେ ନିରୁତ୍ସାହଜନକ। ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଜନଜାତିଙ୍କ ପାଇଁ ରାସ୍ତା, ପାନୀୟଜଳ, ବିଦ୍ୟୁତ୍ ଏବେବି ଅପହଞ୍ଚ। ସାମାଜିକ ବିକାଶ ପାଇଁ ଆବଶ୍ୟକ ଶିକ୍ଷା,ସ୍ୱାସ୍ଥ୍ୟ ସେବା, କର୍ମନିଯୁକ୍ତି ଇତ୍ୟାଦି ଅତ୍ୟନ୍ତ ନିମ୍ନମାନର। ଆର୍ଥିକ ଅନ୍ତର୍ଭୁକ୍ତି ଅଭାବରୁ ବହୁ ଆଦିବାସୀ ଗ୍ରାମ ମହାଜନଙ୍କୁ ଜମି ବନ୍ଧକ ଦେଇ ଋଣଗ୍ରସ୍ତ। ଏହି ଋଣଗ୍ରସ୍ତ ଆଦିବାସୀ ଦାଦନ ଖଟିବାକୁ ଯାଆନ୍ତି। ଗୋଷ୍ଠୀଗତ ଅର୍ଥନୈତିକ ପ୍ରଗତି ଏବେବି ଆଦିବାସୀ ସମାଜରେ ବିରଳ।

ବର୍ତ୍ତମାନ ଆସିବା ବିକାଶ ମାର୍ଗ ଆଡକୁ । ଆମ ଦେଶର ବିଭିନ୍ନ ରାଜ୍ୟରେ ଏବଂ ଆମ ରାଜ୍ୟର କେତେକ ସ୍ଥାନରେ କେତେକ ନୂତନ ରଣନୀତି ସଫଳ ହେବାର ଦେଖାଯାଇଛି। ଏହାକୁ ଆଧାର କରି ନିମ୍ନଲିଖିତ ରଣନୀତି କାର୍ଯ୍ୟକାରୀ ହେଲେ ଆଦିବାସୀଙ୍କ ଜନଜୀବନ ମଧ୍ୟ ପ୍ରତିପାଳନକ୍ଷମ ହୋଇପାରିବ। ପ୍ରଥମରେ ଆଦିବାସୀଙ୍କୁ ଜମି ଅଧିକାର ଦେବା ପାଇଁ ଏଫ.ଆର୍. ଆଇନ ୨୦୦୬କୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଉ। ଯେହେତୁ ପୋଡୁଚାଷ ଯୋଗୁ ଅବାରିତ ମୃତ୍ତିକା କ୍ଷୟ ହେଉଛି ଓ ଜଙ୍ଗଲ ନଷ୍ଟ ହେଉଛି ଏହାର ବିକଳ୍ପ ହିସାବରେ ଗଡ଼ାଣିଆ କୃଷିଜମି କୌଶଳ ଅନୁସରଣ କରାଯିବା ଆବଶ୍ୟକ। ଏହି କୌଶଳ ଫିଲିପାଇନ୍‌ସରେ ବେଶ୍ ସଫଳ ହୋଇଛି। ସେହିପରି ସୋପାନ ଚାଷରେ ସୋପାନ କଡ଼ରେ ସବୁଜ ବାଡ଼ ଦେଇ ଫଳ ଓ ପନିପରିବା ଚାଷ ହୋଇପାରିବ। ଅନ୍ୟ ଚାଷ ଜମିରେ ଜୈବିକ ଚାଷ ସହିତ ଦେଶୀ ବିହନ ଓ ଦେଶୀୟ ଜ୍ଞାନକୌଶଳ ପ୍ରୟୋଗ କରାଗଲେ ଏହି ଚାଷ ଲାଭଦାୟକ ହେବ। ୱାଡି ପ୍ରଣାଳୀରେ ଫଳ ଚାଷ, ବୃକ୍ଷରୋପଣ ସହିତ ପଶୁପାଳନ ସମନ୍ୱିତ ଚାଷ ବେଶ୍ ଲାଭଦାୟକ ହେବ। ନିଜ ବାଡ଼ିବଗିଚାରେ ପାରିବାରିକ ଉଦ୍ୟାନ ହିସାବରେ ଫଳ, ପନିପରିବା ଓ ମସଲା ଫସଲ ଚାଷ କରି ନିଜ ପରିବାରର ଆବଶ୍ୟକତା ପୂରଣ ସହିତ ବଜାରରେ ବଳକା ପଦାର୍ଥ ବିକ୍ରୟ ହୋଇପାରିବ। ଦ୍ୱିତୀୟରେ ଆଦିବାସୀଙ୍କ ଜୀବନରେଖା ହୋଇଥିବା ଜଙ୍ଗଲକୁ ପେସା ଆଇନ ୧୯୯୬ ଅନୁସାରେ ସୁରକ୍ଷିତ କରିବା ଆବଶ୍ୟକ। ଏହି ଆଇନ ଅନୁଯାୟୀ ପ୍ରତି ଗ୍ରାମରେ ଏକ ଗ୍ରାମସଭା ରହିବ ଏବଂ ଏହି ଗ୍ରାମସଭା ସମସ୍ତ ନିଷ୍ପତ୍ତି ନେବ। ପଞ୍ଚାୟତ ସ୍ତରରେ ଅଣ କାଠ ଜଙ୍ଗଲଜାତ ଦ୍ରବ୍ୟର ନିୟନ୍ତ୍ରଣ କରାଯାଇ ଆଦିବାସୀଙ୍କୁ ଏହାର ସଂଗ୍ରହ ଅଧିକାର ଦେବା ସହିତ ସର୍ବନିମ୍ନ ସହାୟକ ମୂଲ୍ୟ ଘୋଷଣା କରିବା ଆବଶ୍ୟକ। ଆଦିବାସୀମାନେ ବ୍ୟବସାୟିକ ଭାବରେ ଶତାବରୀ, ସଫେଦ ମୁସଲି, ପାତାଳଗରୁଡ଼, ବଚ ଇତ୍ୟାଦି ଔଷଧୀୟ ଗୁଳ୍ମ ଚାଷ କରି ଏହାକୁ ଉଚ୍ଚ ମୂଲ୍ୟରେ ବିକ୍ରୟ କରି ପାରିବେ। ଜଙ୍ଗଲରେ ମିଳୁଥିବା ବାହାଡ଼ା, ହରିଡ଼ା, ଅଁଳା, ଭୂଇଁ ନିମ, ଅର୍ଜୁନ ଇତ୍ୟାଦି ଔଷଧୀୟ ଦ୍ରବ୍ୟ ସଂଗ୍ରହ କରି ବିକ୍ରୟ କରିପାରିବେ। ତୃତୀୟରେ ଆଦିବାସୀ ପୁରୁଷ ଓ ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ପରିଣତ କରି ବେସରକାରୀ ସଂଗଠନ ଦ୍ୱାରା ସେମାନଙ୍କର ଦକ୍ଷତା ବିକାଶ କରାଇ ଛେଳି ପାଳନ, କୁକୁଡା ପାଳନ, ଖଲିପତ୍ର ପ୍ରସ୍ତୁତି, ହସ୍ତଶିଳ୍ପ ପ୍ରସ୍ତୁତି, ଟସର ଚାଷ, ଫୁଲ ଝାଡୁ ପ୍ରସ୍ତୁତି, ଅଗରବତି ତିଆରି, ହଳଦୀ ଗୁଣ୍ଡ, ମସଲା ଗୁଣ୍ଡ, ଆଚାର ପ୍ରସ୍ତୁତି, ପୁଷ୍ଟି ଶସ୍ୟ ସଂଶାଧନ ଇତ୍ୟାଦି ଲଘୁ ଉଦ୍ୟୋଗ ଜରିଆରେ ରୋଜଗାର ବୃଦ୍ଧି କରାଯାଇ ପାରେ। ଆଦିବାସୀମାନଙ୍କୁ ଗ୍ରାମ ମହାଜନ କବଳରୁ ରକ୍ଷା କରିବା ପାଇଁ ଆନୁଷ୍ଠାନିକ ଋଣ ଯୋଗାଣ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଚତୁର୍ଥରେ ଆଦିବାସୀ ଗ୍ରାମକୁ ପରିବେଶ ଗ୍ରାମରେ ପରିଣତ କରି ପାରିଲେ ପ୍ରାକୃତିକ ସମ୍ବଳର ସଂରକ୍ଷଣ ସହିତ ଆଦିବାସୀଙ୍କ ଜୀବନଧାରଣର ମାନ ବୃଦ୍ଧି ପାଇବ। ଶକ୍ତି ସଞ୍ଚୟ ପାଇଁ ସୌରଶକ୍ତି ବ୍ୟବହାର,ସବଜି କୁଲର, ଧୂମହୀନ ଚୁଲା, ଗୋବର ଗ୍ୟାସ ପ୍ଲାଣ୍ଟ ଇତ୍ୟାଦି ଉପରେ ସହାୟତା ଦେବାକୁ ହେବ। ପଞ୍ଚମରେ ଆଦିବାସୀଙ୍କ ଧର୍ମୀୟ ଭାବନା ଓ ପ୍ରଚଳିତ ପ୍ରଥାକୁ ସମ୍ମାନ ଦେଇ ଏଗୁଡ଼ିକର ସରଂକ୍ଷଣ ପାଇଁ ବ୍ୟବସ୍ଥା କଲେ ସେମାନଙ୍କ ସାମୂହିକ ବିକାଶ ହୋଇପାରିବ।

କଳିଙ୍ଗନଗର, ଭୁବନେଶ୍ୱର
ମୋ: ୯୪୩୭୦୭୧୧୯୦

# କଜଳପାତିଆ ଭଦ୍ରଲୋକି



ଡ. ସୀତାକାନ୍ତ ତ୍ରିପାଠୀ

କାଉ କଳା, କୋଇଲି ମଧ୍ୟ କଳା। ଯଦି କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗେ କାଉ କହେ ମୁଁ ବଡ଼, କୋଇଲି ମଧ୍ୟ କୁହେ ସିଏ ବଡ଼। କେହି କାହାକୁ ଛାଡ଼ିବାର ନୁହନ୍ତି। କାଉ କହେ ମୁଁ ଯଦି ସକାଳେ ଓ ସନ୍ଧ୍ୟାରେ କା' କା' ରାବନ୍ତି ନାହିଁ ତା'ହେଲେ ହୁଏତ ଲୋକମାନେ ଠିକ୍ ସମୟରେ ଶେଯ ଛାଡ଼ନ୍ତେ ନାହିଁ କି ସନ୍ଧ୍ୟାବତି ମଧ୍ୟ ଠିକ୍ ସମୟରେ ଦିଆଯାଆନ୍ତା ନାହିଁ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମୁଁ ଅଳିଆ ଆବର୍ଜନା ସଫା କରୁଛି ବୋଲି ମଣିଷଠାରୁ ଆରମ୍ଭ କରି ପଶୁ-ପକ୍ଷୀମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଆରାମରେ ରହୁଛନ୍ତି। ମୁଁ ଆଉ କେଉଁ ପଶୁ ପକ୍ଷୀମାନଙ୍କ ଭଳି ପଲପଲ ପିଲାଛୁଆ ଜନ୍ମ କରି ନିଜର ବଂଶବିସ୍ତାର କରି ଅନ୍ୟମାନଙ୍କର ଦୁଃଖ କିମ୍ବା ବିନାଶର କାରଣ ସାଜେ ନାହିଁ । ଆମକୁ 'କାକବନ୍ଧ୍ୟା' ଭଳି ଅପବାଦ ମିଳିଲେ ମଧ୍ୟ ପୁଅ ହେଉ କି ଝିଅ ହେଉ ଆମେ ଥରକରେ ସନ୍ତୁଷ୍ଟ ହୋଇଥାଉ। କୋଇଲି ଲୋ' ତୁ ଭଲ ଭାବରେ ଜାଣିଛୁ ମୋ ପାଇଁ ତୋର ବଂଶରକ୍ଷା ହୋଇପାରିଛି। ତୁ କେବଳ ଅଣ୍ଡା ଦେବା ଶିଖିଛୁ କିନ୍ତୁ ତାକୁ କେମିତି ପାଳିପୋଷି ଯତ୍ନ ନେଇ ଛୁଆ କରିହେବ ସେ କଥା ତୋତେ ଆଦୌ ଜଣାନାହିଁ। ମୋତେ ଯାହା ଲଜ୍ଜା ନାହିଁ ତୋ ଅଣ୍ଡାର ଯତ୍ନନେଇ ମୁଁ ଛୁଆ କରୁଛି। ଆରେ ! ପିଲାମାନଙ୍କ ପାଖରୁ ତୁମେମାନେ ମା' ବାପା ଡାକ ଶୁଣିବ କିନ୍ତୁ ମୁଁ ସାତ ପର ହୋଇଯିବି। କୃତଜ୍ଞତାର କ' ଅକ୍ଷର ତୁମମାନଙ୍କୁ ଜଣା ନାହିଁ। ପର ଗାଲରେ ପିଠା ଖାଇବା ଭାରି ସହଜ, କିନ୍ତୁ ଚାଉଳ ବିରି ବତୁରାଇ ତାକୁ ବାଟି ତାଉଆରେ ପିଠା ବନାଇ ଖାଇବାରେ ଯେଉଁ କଷ୍ଟ ସେ କଥା ତୁମେମାନେ କାହୁଁ ଜାଣିବ ? ଏତକ ଶୁଣୁ ଶୁଣୁ କୋଇଲି ଆଉ କି ଛାଡେ, ସିଏ କହେ ରେ କାଉ ! ତୋର କର୍କଶ ରାବ ଶୁଣି ଲୋକମାନେ କିଛି ଅଶୁଭ ଘଟଣା ଘଟିବ ବୋଲି ପରା ଆଶଙ୍କା କରି ଥାଆନ୍ତି। ହେଇ ଦେଖ ! ମୋର ସ୍ୱର ମଧୁର ଆଉ ମୋର କୁହୁତାନ ଶୁଣିବା ପାଇଁ ଲୋକମାନେ କେତେ ବାଇଆ ! ତେଣୁ ଯେଉଁ ଲୋକମାନଙ୍କର କଣ୍ଠ ମଧୁର ଥାଏ ସେମାନଙ୍କୁ କୋକିଳ କଣ୍ଠ ବୋଲି ଅଭିହିତ କରାଯାଇଥାଏ। ଆମର ପତି ପତ୍ନୀ ସମ୍ପର୍କ ମଧୁର। ମା' କୋଇଲିର ସ୍ୱରଠାରୁ ପୁରୁଷ କୋଇଲିର ସ୍ୱର ମଧୁର, କିନ୍ତୁ ତାକୁ ନେଇ ଆମ ଭିତରେ ମନାନ୍ତର ନ ଥାଏ। ଆମ ସମ୍ପର୍କର ପବିତ୍ରତାକୁ ଲକ୍ଷ୍ୟ କରି ବିବାହ ପୂର୍ବରୁ କନ୍ୟାମାନେ କୋଇଲି ବୁଡ଼ (ବାଡୁଅପାଣି ଗାଧୁଆ) ପକାଇ ଥାଆନ୍ତି। କେବଳ ସେତିକି ନୁହେଁ ମୋର ମହତ୍ତ୍ୱ ଏବଂ ଗୁରୁତ୍ୱକୁ ଉପଲବ୍ଧି କରି ଶ୍ରୀମନ୍ଦିରରେ ମଧ୍ୟ 'କୋଇଲି ବୈକୁଣ୍ଠ' ଭଳି ଅତି ମର୍ଯ୍ୟାଦାବନ୍ତ ସ୍ଥାନ ନିର୍ଦ୍ଧାରଣ କରାଯାଇଛି।

ଏସବୁ କଳି ଗଣ୍ଡଗୋଳ ଶୁଣି ସେଠାରେ ପହଞ୍ଚିଗଲା 'କଜଳପାତି' ଯାହାର ରଙ୍ଗ ମଧ୍ୟ କଳା। ଯେହେତୁ କଳିଗୋଳ ଲାଗୁଥିବା ଉଭୟ ପକ୍ଷଙ୍କର ରଙ୍ଗ କଳା, ତେଣୁ ତାକୁ ମଧ୍ୟସ୍ଥ ବା ଭଦ୍ରଲୋକି କରିବା ପାଇଁ କଷ୍ଟ ହେଲା ନାହିଁ। କାରଣ ଉଭୟ ପକ୍ଷରେ ତା'ର ଗ୍ରହଣୀୟତା ମଧ୍ୟ ଥିଲା। ଫରକ ଏତିକି ଥିଲା କାଉ ମୁହଁରେ କାଉକୁ ଟେକିବା ପୁଣି କୋଇଲି ମୁହଁରେ କୋଇଲିକୁ ପ୍ରଶଂସା କରିବାର କଳା କଜଳପାତିକୁ ଜଣାଥିଲା। ତା'ଛଡ଼ା ପକ୍ଷୀ ସମାଜ ମଧ୍ୟରେ ଯଦି ଏକତା ନ ରହିବ ତା'ହେଲେ ହୁଏତ ଅନ୍ୟମାନଙ୍କୁ ଆକ୍ରମଣ କରିବାର ସୁଯୋଗ ମିଳି ଯାଇପାରେ। ପକ୍ଷୀ ସମାଜରେ ଶାନ୍ତି, ଶୃଙ୍ଖଳା ତଥା ଏକତା ବଜାୟ ରହିବା ସହିତ ବାହ୍ୟ ଆକ୍ରମଣରୁ ନିଜକୁ ବଞ୍ଚାଇବାର ଏହି ତଥାକଥିତ ପ୍ରୟାସକୁ ଅନ୍ୟ ପକ୍ଷୀମାନେ ମଧ୍ୟ ସମର୍ଥନ କରିବାକୁ ଚାଲି ଆସିଲେ। ଏକଥା କହିବା ବାହୁଲ୍ୟ ମାତ୍ର, ଏଠାରେ କଜଳପାତିକୁ ମଧ୍ୟସ୍ଥତା କରିବା ପାଇଁ ନା କାଉ ଡାକିଥାଏ ନା କୋଇଲି ଡାକିଥାଏ। ତେବେ ନିଜର ଗରିମା ବା ଗୁରୁତ୍ୱ ବଜାୟ ରଖିବା ପାଇଁ ହେଉ କିମ୍ବା ପକ୍ଷୀ ସମାଜର ବୃହତ୍ ସ୍ୱାର୍ଥ ରକ୍ଷା ପାଇଁ ହେଉ ତା'ର ଏହି ଅଭିନବ ପ୍ରୟାସର ଉଦ୍ଦେଶ୍ୟ ବୁଝିବା ଏକ କଷ୍ଟକର ବ୍ୟାପାର। ତେଣିକି ତାକୁ କାଉ ଏବଂ କୋଇଲି ପଚାରିଲେ କି ନାହିଁ ତା'ର କିଛି ଯାଏ ଆସେ ନାହିଁ। ତେବେ ତା'ର ଉକ୍ତ ମଧ୍ୟସ୍ଥ ଭୂମିକାଟି ସାଧାରଣତଃ ପ୍ରଶଂସନୀୟ ହୋଇଥାଏ। ଯଦି କୌଣସି କାରଣରୁ ଉଭୟ କାଉ ଏବଂ କୋଇଲି, 'ଏହି କଳି ସେମାନଙ୍କର ଆଭ୍ୟନ୍ତରୀଣ ବିଷୟ ଏବଂ ଏଥିରେ ତୃତୀୟ ପକ୍ଷର ମଧ୍ୟସ୍ଥତାର ଆବଶ୍ୟକତା ନାହିଁ' ବୋଲି କୁହନ୍ତି ଏବଂ ଏହାକୁ ଅନ୍ୟ ପକ୍ଷୀମାନେ ମଧ୍ୟ ସମର୍ଥନ କରି ଅନଧିକାର ଚର୍ଚ୍ଚା ନ କରନ୍ତି ତେବେ କଜଳପାତିକୁ ଭଦ୍ରଲୋକି କରିବାର ଅପନିନ୍ଦା ମିଳିଥାଏ। କାରଣ କଥାରେ ଅଛି 'ମାନି, ଜାମିନି, ମଧ୍ୟସ୍ଥି, ମନା କରିଛନ୍ତି ଅଗସ୍ତି'।



ଏହା ପକ୍ଷୀ ସମାଜର ଏକ କାଳ୍ପନିକ କଥାବସ୍ତୁ ହୋଇପାରେ, ତେବେ ଆମ ସମାଜରେ କଜଳପାତିଆ ଚରିତ୍ରର ଅନେକ ଲୋକ ଅଛନ୍ତି ଯେଉଁମାନଙ୍କୁ କିଏ ଡାକୁ ବା ନ ଡାକୁ କିମ୍ବା ଖୋଜୁ ବା ନ ଖୋଜୁ ସମସ୍ୟାର ସମାଧାନ କରିବା ନାଁରେ ସେମାନେ ଆସି ପର କଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଅଧିକ ଜଟିଳ କରି ତା'ର ଫାଇଦା ଉଠାଇବାକୁ ଚେଷ୍ଟା କରିଥାଆନ୍ତି। ଯଦିଓ ଏମାନଙ୍କ ମଧ୍ୟରୁ ଅଳ୍ପ କିଛି ଉଭୟଙ୍କର ଆପତ୍ତି ଅଭିଯୋଗ ଶୁଣି ସାରି ନିଜର ଚମତ୍କାର ବ୍ୟକ୍ତିତ୍ୱ ତଥା ବୁଝାମଣାର କଳାକୌଶଳ ଦ୍ୱାରା ଉଭୟ ପକ୍ଷଙ୍କ ମଧ୍ୟରେ ଲାଗି ରହିଥିବା ସାମୟିକ କିମ୍ବା ଦୀର୍ଘ ଦିନର ମନାନ୍ତର, ମତାନ୍ତର ତଥା କଳି-ଗଣ୍ଡଗୋଳଗୁଡ଼ିକର ଆପୋସ ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି, ତେବେ ଆମେ ସମସ୍ତେ ଏହି କଜଳପାତିଆ ଭଦ୍ରଲୋକମାନଙ୍କର ଭୂମିକାକୁ ଠିକ୍ ଭାବେ ତଉଲି ପାରିଲେ ଯାଇ ଅଯଥା ସମସ୍ୟାଗୁଡ଼ିକରୁ ମୁକୁଳି ପାରିବା ନ ହେଲେ ସମସ୍ୟାର ଜାଲରେ ଛନ୍ଦି ହେବା ସହିତ ଉକ୍ତ ମତାନ୍ତର ଏବଂ ମନାନ୍ତରଗୁଡ଼ିକ ବହୁଗୁଣିତ ହେବାର ଆଶଙ୍କା ରହିଛି।

ଭଦ୍ରକ, ମୋ: ୯୭୭୮୭୬୪୩୯୪

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭକରି ଚାକିରି ଆଶା ରଖିଥିବା ପଞ୍ଜାବର ଫୁମାନ ସିଂଙ୍କ ପାଇଁ ବାଧକ ସାଜିଥିଲା ଦାରିଦ୍ର୍ୟ। ସେ ବିଏ ଦ୍ୱିତୀୟ ବର୍ଷରୁ ପାଠ ଛାଡ଼ିବା ପରେ ଗାଜର ଚାଷ ଆରମ୍ଭ କରିଥିଲେ। ୩୦ ବର୍ଷ ହେଲା ସେ ଏହି ଚାଷ କରିଆସୁଛନ୍ତି। ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଛନ୍ତି। କପୁରଥାଲାର ପରମଜିତପୁର ଗାଁର ଫୁମାନ ଏବେ ଚାଷରୁ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି। ଫୁମାନ ପ୍ରଥମେ ସାଢ଼େ ଚାରି ଏକରରେ ଚାଷ ଆରମ୍ଭ କରି ତାହାକୁ ୩୭ ଏକରକୁ ବୃଦ୍ଧି କରିଛନ୍ତି। ଏହାବାଦ ଆଉ ୧୩ ଏକର ଜମି ଲିଜରେ ଆଣି ମୋଟରେ ସେ ୫୦ ଏକର ଚାଷ କରୁଛନ୍ତି। ଫୁମାନ ଓ ତାଙ୍କ ଦୁଇ ଭାଇଙ୍କ ଚାଷ ଜମିକୁ ମିଶାଇଲେ ମୋଟ ୮୦ ଏକର ଜମିରେ ଗାଜର ଚାଷ ହେଉଛି। ସେଥିରୁ ଏହି ଚାଷରେ ଫୁମାନଙ୍କ ପୁଅ ମଧ୍ୟ ସହଯୋଗ କରୁଛନ୍ତି। ଆଖପାଖ ଅଞ୍ଚଳରେ ଗାଜର ଚାଷ ବଢ଼ାଇବା ଲାଗି ଫୁମାନ ଏକ ସିଡ୍ ବ୍ୟାଙ୍କ କରିଛନ୍ତି। ସ୍ଥାନୀୟ ଲୋକେ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଚାଷୀମାନେ ତାଙ୍କଠାରୁ ଗାଜର ମଞ୍ଜି ନେଉଛନ୍ତି। ଏବେ ତାଙ୍କ ସିଡ୍ ବ୍ୟାଙ୍କରେ ଯେତିକି ବିହନ ମଞ୍ଜି ଅଛି ତାହା ୬୫୦ ଏକର ଚାଷ ହୋଇପାରିବ।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଫେବୃଆରୀ ୧୯୭୬

- ପଞ୍ଜାବର ଯୌତୁକ ଦାବି, ଯୌତୁକ ଦାନ ଓ ଗ୍ରହଣ ବିରୁଦ୍ଧରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରି ପଞ୍ଜାବ ବିଧାନସଭାରେ ଏକ ବିଲ୍ ଗୃହୀତ ହୋଇଛି।
- ସହରାଞ୍ଚଳ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ଓ ଖୋଲା ଜମିରେ କୋଠାବାଡ଼ି ନିର୍ମାଣ ନିୟନ୍ତ୍ରଣ ସଂକ୍ରାନ୍ତ ବିଲ୍ ସଂପ୍ରତି ଆଇନରେ ପରିଣତ ହୋଇଛି।

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ-କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | 3 | | |
| | 3 | 7 | 9 | | | | | |
| | 5 | | | | 8 | | | |
| | | | | | 1 | | | |
| 2 | | | | | | 8 | 6 | |
| | | | 7 | 2 | | | | |
| | | | 5 | 6 | 7 | | 8 | |
| 3 | 7 | 5 | | | | 2 | | |
| | 8 | 4 | 3 | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 5 | 1 | 7 | 9 | 4 | 6 | 8 |
| 6 | 9 | 8 | 4 | 5 | 3 | 7 | 2 | 1 |
| 1 | 7 | 4 | 6 | 8 | 2 | 5 | 9 | 3 |
| 9 | 2 | 3 | 5 | 4 | 1 | 6 | 8 | 7 |
| 7 | 5 | 6 | 9 | 3 | 8 | 1 | 4 | 2 |
| 4 | 8 | 1 | 2 | 6 | 7 | 9 | 3 | 5 |
| 8 | 1 | 9 | 7 | 2 | 6 | 3 | 5 | 4 |
| 5 | 6 | 2 | 3 | 1 | 4 | 8 | 7 | 9 |
| 3 | 4 | 7 | 8 | 9 | 5 | 2 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୋତାର ସାଥୀ ବେତାର

ମହାଶୟ,

ବହୁଜନ ହିତାୟ ଓ ବହୁଜନ ସୁଖାୟ ବାର୍ତ୍ତା ପ୍ରଚାର କରିଆସୁଥିବା ରେଡିଓ ବା ବେତାର ଆଜି ବି ତା'ର ସତନ୍ତ୍ରତା ବଜାୟ ରଖିଛି। ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବା ସହ ସେମାନଙ୍କୁ ସୁରକ୍ଷିତ ସ୍ଥାନର ଠିକଣା ଦେଉଥିବା ରେଡିଓର ଶ୍ରୋତା ସଂଖ୍ୟା କମିଯାଇଥାଇପାରେ ହେଲେ ଆଜି ବି ମଳିନ ପଡିନି ତା'ର ମୌଳିକତା। ଶିକ୍ଷା, ସ୍ୱାସ୍ଥ୍ୟ, ସୂଚନା ଓ ମନୋରଞ୍ଜନର ବଳିଷ୍ଠ ମାଧ୍ୟମ ବୋଲାଉଥିବା ବେତାର ତା'ର ଶ୍ରୋତାଙ୍କ ମନ ଜାଣି କାର୍ଯ୍ୟକ୍ରମ ପ୍ରସାରିତ କରିଚାଲିଛି। ଟିଭି, ମୋବାଇଲ, ଇଣ୍ଟରନେଟ ଜମାନାରେ ଯୁଗ ସହ ତାଳ ଦେଇ ରେଡିଓ ଶ୍ରୋତାଙ୍କର ଆହୁରି ନିକଟତର ହୋଇପାରିଛି । ଏବେ ମୋବାଇଲ ଆପ୍‌ରେ ମଧ୍ୟ ରେଡିଓ ଶୁଣି ହେଉଛି। କମ୍ୟୁନିଟି ରେଡିଓ ଷ୍ଟେଶନ ମଧ୍ୟ ଶ୍ରୋତାମାନଙ୍କୁ ଲୋକକଳା, ସଂସ୍କୃତି ଆଧାରିତ କାର୍ଯ୍ୟକ୍ରମ ପ୍ରସାରଣ କରି ଶ୍ରୋତାଭିମୁଖୀ ହେବାକୁ ଅନବରତ ଉଦ୍ୟମ ଜାରି ରଖିଛି। ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ଲୋକଙ୍କୁ ସୂଚନା ସହ ସଚେତନତାର ବାର୍ତ୍ତା ପ୍ରଚାର କରିଆସୁଥିବା କମ୍ୟୁନିଟି ରେଡିଓ ଷ୍ଟେସନ ପ୍ରତି ସରକାର ଅଧିକ ଦୃଷ୍ଟି ଦେଲେ ଭଲ ହୁଅନ୍ତା ।

**- ଦେବେନ୍ଦ୍ର କୁମାର ରାଉଳ, ଉପସ୍ଥାପକ, ରେଡିଓ ବାଘାଯତୀନ ସାନବିଶୋଳ, ମୟୂରଭଞ୍ଜ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପିପିଲିରେ ପହଞ୍ଚିଲା କଂଗ୍ରେସର ସଂକଳ୍ପ ଯାତ୍ରା

ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)

କଂଗ୍ରେସର ସଂକଳ୍ପ ପଦଯାତ୍ରା ମଙ୍ଗଳବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଶ୍ରୀକ୍ଷେତ୍ର ଅଭିମୁଖେ ବାହାରିଛି। ୩ଦିନିଆ ପଦଯାତ୍ରାରେ ବହୁ ସଂଖ୍ୟକ କଂଗ୍ରେସ ନେତା ଓ କର୍ମୀ ସାମିଲ ହୋଇଛନ୍ତି। ପ୍ରଥମ ଦିନରେ ଏହି ପଦଯାତ୍ରା ଲିଙ୍ଗିପୁର ଦେଇ ପିପିଲିରେ ପହଞ୍ଚିଛି। ବୁଧବାର ପିପିଲିଠାରୁ ପଦଯାତ୍ରା ଆରମ୍ଭ ହୋଇ ତେଇସିପୁର ଦେଇ ଚନ୍ଦନପୁରଠାରେ ପହଞ୍ଚିବ। ୨୦ ତାରିଖରେ ଚନ୍ଦନପୁରରୁ ପଦଯାତ୍ରା ବାହାରି ବାଟମଙ୍ଗଳା ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚିବ। ଏହାପରେ ପିସିସି ସଭାପତି ଭକ୍ତ ଦାସ ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କୁ ଦର୍ଶନ କରିବେ। ଶ୍ରୀମନ୍ଦିରରୁ ବାହାରିବା ପରେ ସେ ବଡ଼ଦାଣ୍ଡରେ ଗଣମାଧ୍ୟମକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି।


ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଭୁବନେଶ୍ୱରସ୍ଥିତ ବିମାନବନ୍ଦରରୁ ପୁରୀ ଅଭିମୁଖେ କଂଗ୍ରେସ ନେତା ଓ କର୍ମୀମାନେ ସଂକଳ୍ପ ଯାତ୍ରାରେ ଯାଉଛନ୍ତି।

# ଭାଜପା ଜିଲା ସଭାପତି ପଦକୁ ନେଇ ଅଙ୍କ ଛିଣ୍ଡୁନି

ସମ୍ବଲପୁର, ୧୮।୨(ଭବାନୀ ଶଙ୍କର ଭୋଇ)

ରାଜ୍ୟରେ ଥିବା ଭାଜପାର ୩୭ ସାଙ୍ଗଠନିକ ଜିଲା ମଧ୍ୟରୁ ୨ଟି ପର୍ଯ୍ୟାୟରେ ୩୬ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇସାରିଛି। ହେଲେ ସମ୍ବଲପୁର ଜିଲା ଭାଜପା ସଭାପତିଙ୍କ ନାମକୁ ନେଇ ସହମତି ହୋଇ ପାରୁନାହିଁ। ଏହି ପଦ ଏବେ ଅଛିଣ୍ଡା ଅଙ୍କ ହୋଇ ରହିଯାଇଛି। ଜାନୁଆରି ୨୦ରେ ଭାଜପା ଜିଲା ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ କରାଯାଇଥିଲା। କୁଚିଣ୍ଡାର ବରିଷ୍ଠ ନେତା ସୁଶୀଲ କର, ବୁର୍ଲାର ନମ୍ରସକାନ୍ତ ପଟ୍ଟନାୟକ, ସମ୍ବଲପୁରର ସୁଶାନ୍ତ ପୁରୋହିତ ଓ ଶମ୍ଭୁ ବରେଲିଆ ଜିଲା ସଭାପତି ପଦ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିଲେ। ସମ୍ବଲପୁର ସାଙ୍ଗଠନିକ ଜିଲାର ୨୭ ମଣ୍ଡଳରୁ ୨୨ ମଣ୍ଡଳର ମଣ୍ଡଳ ସଭାପତି ଓ ପ୍ରତିନିଧିଙ୍କ ନାମ ଘୋଷଣା ହୋଇଥିଲା। କିନ୍ତୁ ଜିଲା ସଭାପତି ପଦ ପାଇଁ ଆସିଥିବା ନାମକୁ ନେଇ ଭିନ୍ନ ଚର୍ଚ୍ଚା ହେଉଛି। ପୂର୍ବରୁ ଜୟନାରାୟଣ ମିଶ୍ରଙ୍କ ସମର୍ଥକମାନେ ଜିଲା ସଭାପତି ଗିରୀଶ ପଟେଲଙ୍କ ବିରୋଧରେ ଖୋଲାଖୋଲି ବିରୋଧ କରିଥିଲେ। ଏପରିକି ଜିଲା କାର୍ଯ୍ୟାଳୟକୁ ଜିଲା ସଭାପତି ଭାବେ ପଟେଲଙ୍କୁ ପଶିବାକୁ ଦିଆଯାଇ ନ ଥିଲା। ଏହାପରେ ସେ ଅନ୍ୟତ୍ର ଜିଲା ସଭାପତିଙ୍କ କାର୍ଯ୍ୟାଳୟ ଖୋଲି ନିଜ ସମର୍ଥକଙ୍କୁ ନେଇ କାର୍ଯ୍ୟ କରୁଛନ୍ତି। ଜୟନାରାୟଣଙ୍କ ସମର୍ଥକ ଭୁବନେଶ୍ୱରରେ ଦଳର ରାଜ୍ୟସ୍ତରୀୟ ନେତାଙ୍କୁ ଏ ନେଇ ଭେଟିଥିବା ଜଣାପଡ଼ିଛି। ତେବେ ଗୋଷ୍ଠୀ ବିବାଦ ଯୋଗୁ ସମ୍ବଲପୁରରେ କୌଣସି ନାମକୁ ନେଇ ସହମତି ହୋଇ ନ ପାରିବା ଦଳୀୟ ନେତାଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ସୂଚନାଯୋଗ୍ୟ ଯେ, ପ୍ରଥମ ପର୍ଯ୍ୟାୟରେ ଜାନୁଆରୀ ୨୫ରେ ୨୩ ଜିଲା ସଭାପତି ଏବଂ ଫେବୃଆରୀ ୧୬ରେ ୧୩ ସାଙ୍ଗଠନିକ ଜିଲା ସଭାପତିଙ୍କ ନାମ ଘୋଷଣା ହୋଇସାରିଥିବା ବେଳେ ସମ୍ବଲପୁର ଏଥିରୁ ବାଦ୍ ପଡ଼ିଛି। ଏ ନେଇ ରାଜ୍ୟ ଭାଜପା ଉପସଭାପତି ତଥା ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାୟକଙ୍କୁ ପଚାରିବାରୁ ପ୍ରକ୍ରିୟା ଚାଲିଛି, ଖୁବ୍‌ଶୀଘ୍ର ଜିଲା ସଭାପତି ନାମ ଘୋଷଣା କରାଯିବ ବୋଲି କହିଛନ୍ତି।

# ବିଧାନସଭାରେ କିଟ୍ ପ୍ରସଙ୍ଗ: ଦୋଷୀଙ୍କୁ ଦଣ୍ଡ ଦେବାକୁ ଦାବି

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)

- ଆଇନଶୃଙ୍ଖଳା ରକ୍ଷା କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ: ପ୍ରତାପ ଦେବ
- ଅଚ୍ୟୁତ ସାମନ୍ତଙ୍କ ଗିରଫ ଦାବି କଲେ ବାବୁ ସିଂ
- ବିଚାର ବିଭାଗୀୟ ତଦନ୍ତ ନ ହେଲେ ଧାରଣା ଦେବି: ବାହିନୀପତି

ବିଧାନସଭାରେ ମଙ୍ଗଳବାର ଶୂନ୍ୟକାଳରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ନେପାଳୀ ଛାତ୍ରୀଛାତ୍ରଙ୍କ ପ୍ରତି ଅମାନବୀୟ ଆଚରଣକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ବିଭିନ୍ନ ରାଜନୈତିକ ଦଳ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ପ୍ରଥମେ ବିଜେଡି ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ଗୃହରେ ଉକ୍ତ ପ୍ରସଙ୍ଗକୁ ଉଠାଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଓଡ଼ିଶା ବିଶ୍ୱରେ ନିନ୍ଦିତ ହୋଇଛି। ଅପରପକ୍ଷେ ଓଡ଼ିଆ ଅସ୍ମିତା କଥା କହି ସରକାରକୁ ଆସିଥିବା ଭାଜପା ଏବେ ଆଇନଶୃଙ୍ଖଳା ରକ୍ଷା କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ସେ କହିଛନ୍ତି।

ପ୍ରତାପଙ୍କ କଥାକୁ ଭାଜପା ସଦସ୍ୟ ବାବୁ ସିଂ ଏବଂ ଇରାସିସ୍ ଆଚାର୍ଯ୍ୟ ବିରୋଧ କରିଥିଲେ। ଯେଉଁମାନେ କିଟ୍‌ରେ ଠିକାଦାରୀ କାର୍ଯ୍ୟ କରୁଛନ୍ତି ସେମାନେ କେଉଁ ଦଳର ତାହା ତଦନ୍ତ ହେବା ଦରକାର ବୋଲି ସେମାନେ କହିଥିଲେ। ଏଥିସହ ଘଟଣାରେ ତୁରନ୍ତ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ କରାଯାଉ ବୋଲି ବାବୁ ଦାବି କରିଥିଲେ। ଅଚ୍ୟୁତଙ୍କ ବିନା ଅନୁମତିରେ କିଟ୍ ପରିସରରେ କିଛି ହୁଏନି, ସବୁଥିରେ ତାଙ୍କର ହସ୍ତକ୍ଷେପ ଥାଏ। ତେଣୁ ନେପାଳୀ ଛାତ୍ରୀଛାତ୍ରଙ୍କ ସହ ଯେଉଁଭଳି ବ୍ୟବହାର କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଘଟଣାରେ ଯଦି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହୁଏ, ତେବେ କିଛି ଠିକ୍ ହେବନି। ଗୁଣ୍ଡାଙ୍କୁ ଲଗାଇ ନେପାଳୀ ଛାତ୍ରୀଛାତ୍ରମାନଙ୍କୁ ମାରପିଟ କରାଯାଉଛି। ଏହା ସୁସ୍ଥ ଗଣତନ୍ତ୍ର ନୁହେଁ। ଏହା ଓଡ଼ିଶା ମାଟିର ସମ୍ମାନର କଥା। ପ୍ରତିଥର ସେ ସବୁ କଥାକୁ ମ୍ୟାନେଜ କରି ଦିଅନ୍ତି। ତେଣୁ ଏଥର ମଧ୍ୟ ମ୍ୟାନେଜ୍ କରିଦେବେ ବୋଲି ଭାବୁଛନ୍ତି। ମାତ୍ର ଏଭଳି ସମ୍ବେଦନଶୀଳ ଘଟଣାରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ଓ ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି କରିବେ ବୋଲି ବାବୁ ସିଂ କହିଛନ୍ତି। ସେହିପରି କିଟ୍ କର୍ତ୍ତୃପକ୍ଷ ଗରିବ ଲୋକମାନଙ୍କ ଜମିକୁ ହଡ଼ପ କରିବା ସହିତ ଜଙ୍ଗଲ ଜମିକୁ ଦଖଲ କରି କୋଠା ଓ ମନ୍ଦିର ନିର୍ମାଣ ଆଦି କରିଛନ୍ତି। ଅନେକ ହଜାର ଏକର ଜମିକୁ କିଟ୍ ଜବରଦଖଲ କରିଛି। ତେଣୁ ଏ ସବୁର ଖୋଳତାଡ଼ ହେବା ଆବଶ୍ୟକ ବୋଲି ବାବୁ କହିଛନ୍ତି। ସେହିପରି ଭାଜପା ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଧ୍ୟ ଘଟଣାକୁ ନେଇ ବର୍ଷିଛନ୍ତି।

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛନ୍ତି। ନଚେତ୍ ସେ ଗୃହରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ତାରାପ୍ରସାଦ କହିଛନ୍ତି, ଯେଉଁସବୁ ଭିଡିଓ ଭାଇରାଲ୍ ହେଉଛି, ସେସବୁକୁ ଦେଖିଲେ କାନ୍ଦ ଲାଗୁଛି। ନେପାଳୀ ପିଲାମାନଙ୍କୁ ଅତି ଅମାନବୀୟ ଭାବେ ମାରପିଟ୍ କରାଯାଉଥିବା ଭିଡିଓରେ ରହିଛି। ନେପାଳ ସହ ଆମ ସମ୍ପର୍କ ଅତି ଘନିଷ୍ଠ। ମହାପ୍ରଭୁ ଜଗନ୍ନାଥଙ୍କ ପାଇଁ କସ୍ତୁରୀ ସେଠାରୁ ଆସିଥାଏ। ମାତ୍ର କିଟ୍ କର୍ତ୍ତୃପକ୍ଷ ଯେଉଁଭଳି ଭାବେ ନେପାଳୀ ଛାତ୍ରୀଛାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି, ତାହା ନିନ୍ଦନୀୟ ବୋଲି ତାରା କହିଛନ୍ତି।

# ଭୋଟ ପାଇଁ ରାଜନୀତି କରେନି : ଜଗଦ୍ଦେବ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଭୋଟ ପାଇଁ ସେ ରାଜନୀତି କରନ୍ତି ନାହିଁ ବୋଲି ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ କହିଛନ୍ତି। ଖୋର୍ଦ୍ଧା ଟାଉନ ହଲ୍‌ଠାରେ ମଙ୍ଗଳବାର ଅନୁଷ୍ଠିତ ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା'ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜଗଦ୍ଦେବ ଯୋଗଦେଇ ଏହା କହିଛନ୍ତି। ନିର୍ବାଚନରେ ହାରଜିତ୍‌କୁ ଭୟ କରେ ନାହିଁ। ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିଥାଏ। ଛାତ୍ର ନେତାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସିଛି। ସେ କହିଛନ୍ତି, କିଏ ତାଙ୍କୁ ଭଲପାଉ କିମ୍ବା ନ ପାଉ, କାହା ପାଇଁ ବିକାଶ କାମ ଅଟକିବନି। ଦ୍ୱିତୀୟ ଥର ଲାଗି ଖୋର୍ଦ୍ଧାବାସୀ ତାଙ୍କୁ ଭୋଟ ନ ଦିଅନ୍ତୁ ପଛକେ ଏକ ସମୃଦ୍ଧ, ଆଦର୍ଶ ଖୋର୍ଦ୍ଧା ନିର୍ମାଣ ତାଙ୍କ ଲକ୍ଷ୍ୟ ରହିଛି। ଏଥିରୁ ବିଚ୍ୟୁତ ହେବେ ନାହିଁ ବୋଲି ଜଗଦ୍ଦେବ କହିଛନ୍ତି।

ସେ ଆହୁରି କହିଛନ୍ତି, ରାଜଧାନୀର ଜିଲା ମୁଖ୍ୟାଳୟ ସତ୍ତ୍ୱେ ଏହାର ସମୁଚିତ ବିକାଶ ହୋଇପାରିନାହିଁ। ସଙ୍କୀର୍ଣ୍ଣ ମନୋଭାବ, ଭୋଟବ୍ୟାଙ୍କ ରାଜନୀତିରେ ଠପ୍ ହୋଇଯାଇଥିବା ଖୋର୍ଦ୍ଧାର ବିକାଶ ତ୍ୱରାନ୍ୱିତ ହେବ। ଚିଲିକା, ବେଗୁନିଆ ପରେ ଖୋର୍ଦ୍ଧା ବିଧାୟକ ହୋଇଛି। ଖୋର୍ଦ୍ଧାବାସୀ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସହର ସୌନ୍ଦର୍ଯ୍ୟକରଣକୁ ପ୍ରାଥମିକତା ଦିଆଯିବ। ଆରୋପ ପ୍ରତ୍ୟାରୋପ, ନିଜ ସ୍ୱାର୍ଥଠାରୁ ଉର୍ଦ୍ଧ୍ୱରେ ଉଠି ସହର ବିକାଶ, ସମୃଦ୍ଧ ପ୍ରଗତିଶୀଳ ଖୋର୍ଦ୍ଧା ନିର୍ମାଣ ପାଇଁ ସମସ୍ତଙ୍କ ସହଭାଗିତା ଜରୁରୀ। ୨୦୩୬ ଉତ୍କର୍ଷ ଓଡ଼ିଶା, ଉତ୍କର୍ଷ ଖୋର୍ଦ୍ଧା ପାଇଁ ପରସ୍ପର ମଧ୍ୟରେ ମନୋମାଳିନ୍ୟ ଭୁଲି ଆଗେଇ ଆସିବାକୁ ବିଧାୟକ ଜଗଦ୍ଦେବ ଆହ୍ୱାନ ଦେଇଛନ୍ତି।

# କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ: ସିପିଆଇ(ଏମ୍)



କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍‌ର ବିକ୍ଷୋଭ ପ୍ରଦର୍ଶନ।

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ): କିଟ୍ ବିଶ୍ୱବିଦ୍ୟାଳୟରେ ନେପାଳୀ ବି.ଟେକ୍ ଛାତ୍ରୀଙ୍କ ମୃତ୍ୟୁ ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ସିପିଆଇ(ଏମ୍) ରାଜ୍ୟ କମିଟି ଅଭିଯୋଗ କରିଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜାଣିଶୁଣି କୌଣସି ପଦକ୍ଷେପ ଗ୍ରହଣ ନ କରି ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ମାନସିକସ୍ତରରେ ନିର୍ଯାତନା ଦେଉଛନ୍ତି। ଛାତ୍ରୀଙ୍କ ଗଣତାନ୍ତ୍ରିକ ସ୍ୱରକୁ ଚପାଇ ଦେବା ଓ ଦମନମୂଳକ ଆଚରଣ ପ୍ରଦର୍ଶନ ସହିତ ଆକ୍ରମଣ କରିଛନ୍ତି। ଜୋରକରି ଅନେକ ଶହ ଛାତ୍ରୀଛାତ୍ରଙ୍କୁ ଗାଡିରେ ନେଇ କଟକ ରେଳଷ୍ଟେଶନରେ ଟ୍ରେନରେ ବସାଇ ବିଦା କରିବା ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି। ରାଜ୍ୟର ପ୍ରଶାସନ ଓ ପୋଲିସ ସହାୟତାରେ କିଟ୍ କର୍ତ୍ତୃପକ୍ଷ ଏଭଳି ବର୍ବର ଆଚରଣ ପ୍ରଦର୍ଶନ କରିଛନ୍ତି। ଏହି ଘଟଣାରେ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ଦେବାରେ ସ୍ଥାନୀୟ ପୋଲିସ ଓ ପ୍ରଶାସନ ମଧ୍ୟ ବିଫଳ ହୋଇଛି। ତେଣୁ କିଟ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଜମି ହଡ଼ପ କେଲେଙ୍କାରୀର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସିପିଆଇ(ଏମ୍) ଦାବି କରିଛି। ଏଥିସହ କିଟ୍ ସମେତ ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ସୁରକ୍ଷା ଦିଆଯିବା ଓ ଉଚ୍ଚ ଶିକ୍ଷାର ଦ୍ରୁତ ବ୍ୟବସାୟୀକରଣକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ସିପିଆଇ(ଏମ୍) ପକ୍ଷରୁ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଗିରଫ ଦାବି କରାଯାଇଛି।


झारखण्ड सरकार
पेयजल एवं स्वच्छता प्रमंडल, सरायकेला

ई० निविदा सूचना

ई० निविदा सूचना संख्या– DWSD/SKL/MVS/29/2024-25 दिनांक :– 18.02.2025

The undersigned on behalf of the Government of Jharkhand invites bids for the work mentioned In table below through e-Procurement from eligible and approved Contractors, registered in with Drinking Water & Sanitation Department. Government of Jharkhand, Central Government, State Government any PSU or any Agency of International or National repute may participate in the bid the bid but registration with Drinking Water & Sanitation Department, Government of Jharkhand will be essential within a period of two months from date of award after issue of Letter of Acceptance. The bid shall be submitted online in the Website http://jharkhandtenders. gov.in. The bidder(s) should have necessary portal enrolment with their own Digital Signature Certificate.

| | | |
|---|---|---|
| 1 | कार्य का नाम | Detailed survey, Designing and Drawing, Construction of R.C.C. Intake well cum Pump House, R.C.C. Gangway, Conventional Water Treatment plant , RCC Elevated Service, Reserviour nos. Staff Quarter, Compound wall, Highway, Crossing, Supplying and laying Raw and Clear Water rising main and Distribution Network, House Connection, Supplying and installation of VT and Centrifugal pump motor, Five years Operation and maintenance with allied works etc. all complete job for **Dudra-Kamalpur Rural Pipe Water Supply Scheme, District Saraikela-Kharsawan on Turn key basis For the year of 2024-25 underD. W. &S. Division Saraikela on turnkey basis** |
| 2 | प्राक्कलित राशि | रू० 771.81 लाखे |
| 3 | अग्रधन की राशि | रू० 7.72 लाख |
| 4 | परिमाण विपत्र की राशि | रू० 10,000.00 |
| 5 | कार्य पूर्ण करने की अवधि | 18 माह + 3 माह परिचालन एवं परीक्षण |
| 6 | वेबसाईट पर निविदा प्रकाशन की तिथि एवं समय | दिनांक 25.02.2025, अपराह्न 05.00 बजे से |
| 7 | प्री बीड मीटिंग की तिथि एवं समय | दिनांक 04.03.2025, 12:30 बजे अपराह्न। अभियंता प्रमुख्य का कार्यालय पेयजल एवं स्वच्छता विभाग, नेपाल हाउस, झारखण्ड, राँची |
| 8 | बीड प्राप्त की अंतिम तिथि एवं समय | दिनांक 20.03.2025 03.00 बजे तक। |
| 9 | सरकार के सचिव, सूचना प्रोधोगिकी एवं ई–गवर्नेंस, झारखण्ड मंत्रालय, के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन की राशि ऑनलाईन जमा करने की अन्तिम तिथि एवं समय | दिनांक 21.03.2025, 03.00 बजे अपराहन तक |
| 10 | निविदा खोलने की तिथि एवं समय | दिनांक 22.03.2025, 03.00 बजे तक। |
| 11 | निविदा आमंत्रित करने वाले पदाधिकारी एवं कार्यालय का पता | कार्यपालक अभियंता पेयजल एवं स्वच्छता प्रमंडल, सरायकेला |
| 12 | प्रोक्योरमें कार्यालय का सम्पर्क नं0 | 9234850400, 7209358672 |
| 13 | ई–प्रोक्योरमेंट सेल का हेल्प लाईन नं0 | 0651 2480345 |

नोट– प्राक्कलित राशि एवं अग्रधन की राशि घट–बढ़ सकती है।
विस्तृत जानकारी हेतु वेबसाईट नं0 http://jharkhandtenders.gov.in पर देखा जा सकता है।
PR 346656 Water Resource (24-25)_D
कार्यपालक अभियंता
पेयजल एवं स्वच्छता प्रमंडल, सरायकेला

ପୂର୍ବ ତଟ ରେଳପଥ
ସାମଗ୍ରୀଗୁଡ଼ିକର ଯୋଗାଣ

ଇ-ଟେଣ୍ଡର ବିଜ୍ଞପ୍ତି ସଂ. Sr. DMM/SBP/Stores/ Tender Publication/2025, ତା.14.02.2025ରିଖ

ଟେଣ୍ଡର ନଂ. GEM/2025/B/5954296 : ସାମଗ୍ରୀ ଗୁଡ଼ିକର ବିବରଣୀ: ସମ୍ବଲପୁର ମଣ୍ଡଳର ପରିଚ୍ଚାଳନା ବିଭାଗ ଦ୍ୱାରା 30 ମାସର ଅବଧି ବର୍ଷ (914 ଦିନ) ପାଇଁ ମଣ୍ଡଳରେ ଟ୍ରାଫିକ ଲେଭଲ କ୍ରସିଂ ଫାଟକରେ 71 ଜଣ ପୂର୍ବତନ ସୈନିକଙ୍କୁ ଗେଟମ୍ୟାନ ଭାବରେ ନିଯୁକ୍ତି ପାଇଁ ଆଉଟସୋର୍ସିଂ (Outsoursing) ।

ଟେଣ୍ଡର ମୂଲ୍ୟ (₹): 8,65,28,362.00, EMD @ 2% (₹) : 17,30,567.00 ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.07.03.2025ରିଖ 15.00 ଘଟିକାରେ ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ସମ୍ବଲପୁର
PR-996/P/24-25

ସମଗ୍ର ଶିକ୍ଷା / समग्र शिक्षा / Samagra Shiksha

DISTRICT PROJECT OFFICE, SAMAGRA SHIKSHA, PURI
(ODISHA SCHOOL EDUCATION PROGRAMME AUTHORITY (OSEPA))
(Department of School & Mass Education, Odisha)
E-mail: dpcpurissa.opepa@nic.in, fcpurissa.opepa@nic.in

Letter No. 1239 Date: 18.02.2025

NOTICE INVITING TENDER (NIT)

Sealed tenders are invited from the reputed & credible printers/firms/agencies for printing & supply of **"Question-cum-Answer Sheets, Answer Key & Oral questions for SA-II 2024-25 for Class-I to VIII Students"** in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of "Question-cum-Answer Sheet for SA-II 2024-25 for Class-I to VIII Students" | Rs.1,000/- | Rs.50,000/- | 28.02.2025 upto 2 P.M. | 28.02.2025 at 3.30 P.M. |

The detailed BID document is available in the website **www.puri.odisha.gov.in / www.opepa.odisha.gov.in**. Interested and eligible agency/firm may download the BID DOCUMENT from the above website and apply accordingly. Corrigendum/ addendum, if required, will be uploaded in the above website. Hence, potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part / all BID/Cancel the entire selection process at any stage without assigning any reason thereof.

Sd./- DEO-cum-District Project Coordinator, SS

बैंक ऑफ़ बड़ौदा / Bank of Baroda

କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ବିଭବ ଗୁଲମୋହର, ବେହେରା ସାହି
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨

ଡିମାଣ୍ଡ ନୋଟିସ୍
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଖୋର୍ଦ୍ଧା ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| କ୍ର. ନଂ. | ଖୋର୍ଦ୍ଧା ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|---|
| ୧. | **ଋଣଗ୍ରହୀତା: ମେସର୍ସ ହରେକୃଷ୍ଣ ଷ୍ଟୋନ କ୍ରସର, ସ୍ୱତ୍ୱାଧିକାରୀ: ଶ୍ରୀ ଦିବାକର ମହାରଥୀ,** ସା: ଡିହପୁର, ପୋ.: ଡିହପୁର, ବାଜପୁର, ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୬୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ଲୋକନାଥ ହରିଚନ୍ଦନ,** ପିତା: ବାନାମ୍ବର ହରିଚନ୍ଦନ, ସା: ଦୁର୍ଗାପୁର, ବେଗୁନିଆ, ପୋ./ଥାନା: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୨୦୫୫ | ୧୯.୧୧.୨୦୨୪ / ୧୭.୦୧.୨୦୨୫ / ଠିକଣାଧାରୀ ନାହାଁନ୍ତି | ୧) କ୍ୟାଶ୍ କ୍ରେଡ଼ିଟ: ଟ.୧୫,୦୦,୦୦୦/- ୨) ପିଏମଏମୱାଇ (ଟିଏଲ୍): ଟ.୪,୦୦,୦୦୦/- ୩) ପିଏମଏମୱାଇ (ଟିଏଲ୍): ଟ.୩,୫୦,୦୦୦/- | ୧) ବାର୍ଷିକ - ୧୧.୭୫% ୨) ବାର୍ଷିକ - ୧୧.୭୫% ୩) ବାର୍ଷିକ - ୧୧.୭୫% | ୧୭.୦୧.୨୦୨୫ ସୁଦ୍ଧା ଟ.୧୬,୦୭,୮୭୫.୨୫ + ପରବର୍ତ୍ତୀ ସୁଧ ଏବଂ ଖର୍ଚ୍ଚ |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, (ବର୍ତ୍ତମାନ ଖୋର୍ଦ୍ଧା ସଦର), ଥାନା ନଂ.: ୮୧, ମୌଜା: ଦୁର୍ଗାପୁର, ତହସିଲ: ବେଗୁନିଆ, ଏସ୍‌ଆରଓ: ଖୋର୍ଦ୍ଧା, ଖାତା ନଂ.: ୨୮୬, ପ୍ଲଟ୍ ନଂ.: ୧୯୫, କ୍ଷେତ୍ର: ଏକର ୦.୧୩୫ ଡ଼ିସିମିଲି, ଅନୁରୂପ ସାବିକ ଖାତା ନଂ.: ୨୮୯, ପ୍ଲଟ୍ ନଂ.: ୧୩୭, କିସମ: ଘରବାରୀ ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ଭରତ ସାମନ୍ତସିଂହାର, ଦକ୍ଷିଣ: ବାଇଧର ସୁନ୍ଦରା

ଉପର ସାରଣୀରେ ଦର୍ଶିତ ଆମ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡାକ ଯୋଗେ ଡିମାଣ୍ଡ ନୋଟିସ ଆପଣଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

**ସ୍ଥାନ: ଭୁବନେଶ୍ୱର, ତାରିଖ: ୧୮.୦୨.୨୦୨୫** କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
ବାଡ଼ି ବଗିଚା କାମ ପାଇଁ ଲୋକ ଦରକାର। ଖାଇବା, ରହିବା ସହ ୧୦,୦୦୦ ଦିଆଯିବ।
ଫୁଲନଖରା, କଟକ
7809525452

ASSISTANT REQUIRED
Qualification: +3 Arts (English language mode) + PGDCA, Age 30 to 50yrs & Driving license 2 wheeler Monthly salary- Rs.10,000/- to 14,000/- basing on merit to finalize on interview. Annual increment scope available. Apply with certificate copies and Aadhar card to L.palo & Sons, Palo Colony, Bhanjanagar-761126. (male or female candidate), Contact- 9438572007, 9437448343, Mail id- lrpalo@yahoo.in

ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ବ୍ଲକ୍ ପାଇଁ ପୁଅ ଏବଂ ଝିଅ ଆବଶ୍ୟକ।
-: ଯୋଗାଯୋଗ :-
୯୭୭୭୬୩୧୪୦୪
ଏନ୍‌ଆଇଟି, ଭୁବନେଶ୍ୱର

WANTED
Female Diploma Nursing / Matriculate to work in a Clinic at Bhubaneswar.
For Walk in Interview details Call - 9437130007

JPSS PVT. LTD.
REQUIREMENT DEO
Salary: Rs.12,000.00
Send Bio-Data to Whatsapp No.
8093996451

WANTED
Wanted young & good-looking massage boy for Body Massage Center at Bhubaneswar.
Contact : 9861550765

WALK IN INTERVIEW
ORICON EQUIPMENTS PVT. LTD. M&M division requires the following candidates for BHUBANESWAR & CUTTACK
SALES EXECUTIVE
Graduate/Diploma/ITI/+2 up to 0-5 years experience in Automobile, Commercial vehicle, Construction Equipment, Tractor & Agriculture equipment or Fresher smart candidates also apply. Candidate must have their own vehicle.
(Salary is not a constraint for desirable candidate experience or fresher)
Date of Interview : 16th (SUNDAY) & 20th (Thursday) February - 2025, Time - 10A.M. to 3 P.M.
KALINGA AUTOMOBILES PVT. LTD.
PLOT NO : B , UNIT - 1 , BAPUJI NAGAR , BHUBANESWAR, BACK SIDE OF INDIAN PETROL PUMP, PIN-751009, Mob No: 9938044881 & 9938449915
Send your CV : hrofficer@kttorissa.com , careers@kttorissa.com

WALK-IN INTERVIEW
SRM UNIVERSITY AP
SRM University-*AP* is seeking talented, motivated, and research-oriented faculty members to fill various postions in the Department of Computer Science and Enginerring (CSE).
**Position: Assistant Professor/Associate Professor/Professor**
**Qualification:** PhD in CSE or other relevant areas with excellent academic and publication records or industry experience. Canditates who have submitted their thesis can also apply.
**Highlights:**
- Support for research through Professional Development Allowance, Seed Grant (Upto 50 Lakhs) and allotment of PhD scholars/Postdocs.
- Encouragement for patent publication, consultancy and technology transfer through our dedicated research centres.
- Attractive compensation based on qualifications and experience. Compensation will not be a constraint for exceptional candidates.
- Subsidized accommodation (subject to availability), full support in finding near by accommodation, on-campus childcare facilities and free local transport to the campus for work and back in selected routes.
- Comprehensive medical cover for self and family - Rs.5,00,000/-
- Term life insurance - Rs.15,00,000/-

Interested candidates are requested to attend the walk-in interview.
Date: February 23, 2025 | Time: 9:00 AM to 4:00 PM
Venue: Hotel Pal Heights, J-7, Jayadev Vihar-Ekamra Kanana Rd, Jayadev Vihar, Bhubaneswar, Odisha - 751013
For any inquiries, please contact: +91 9032067774 / 9790733507

# ପିଲାଙ୍କ ଆଗ୍ରହକୁ ଗୁରୁତ୍ୱ ଦିଅ




କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ମଞ୍ଚାସୀନ ଅତିଥି ।

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

### ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା

ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ପ୍ରତ୍ୟେକ ପିଲାଙ୍କୁ ଦକ୍ଷତା ଓ ପ୍ରତିଭାରେ ନିପୁଣ କରିବ ବୋଲି ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସୋମବାର ପୂର୍ବାହ୍ନରେ ଜିଲା ସମଗ୍ର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା, ଯାହା ମାଧମରେ ଶିଶୁମାନଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ଓ ପ୍ରତିଭା ପ୍ରଦର୍ଶନର ମଞ୍ଚ ଯୋଗାଇଥାଏ। ଏହାକୁ ଅତିରିକ୍ତ ଜିଲାପାଳ ବେହେରାଙ୍କ ସହ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଉଦ୍‌ଘାଟନ କରିଥିଲେ। ବିଭିନ୍ନ ଉଦାହରଣ ଓ ମହାପୁରୁଷଙ୍କ ଜୀବନୀ ସମ୍ପର୍କରେ ଉଲ୍ଲେଖ କରି ବେହେରା ମାତାପିତା, ଅଭିଭାବକ ଓ ଶିକ୍ଷକମାନେ ଶିଶୁ ପାଇଁ ଉପଯୁକ୍ତ ସମୟ ଦେବା ଓ ସେମାନଙ୍କ ଆଗ୍ରହକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ନିପୁଣ ଓଡ଼ିଶାର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ତଥ୍ୟ ଉପସ୍ଥାପନ କରିବା ସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ପଞ୍ଚସୂତ୍ରର ଉପଯୋଗ, ନିପୁଣ ଓଡ଼ିଶାର ପ୍ରଚାର ପ୍ରସାର, କାର୍ଯ୍ୟାବଳୀ, ଛାତ୍ରୀଛାତ୍ରଙ୍କ ଭୂମିକା, ମାତାପିତାଙ୍କ ଭୂମିକା, ଶିକ୍ଷକମାନଙ୍କ ଭୂମିକା, ଗୋଷ୍ଠୀର ଭୂମିକା, ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ଓ ଶିକ୍ଷାଧିକାରୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ।

ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପିଲାମାନଙ୍କ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି ବୋଲି କହିଥିଲେ। ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ସୁଶିଲ କୁମାର ପ୍ରଧାନ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାମକୃଷ୍ଣ ସାହୁ ସମସ୍ତଙ୍କୁ ନିପୁଣ ଓଡ଼ିଶା ଶପଥପାଠ କରାଇଥିଲେ। ପରେ ଛାତ୍ରୀଛାତ୍ରମାନେ ଶିକ୍ଷାଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଚିନାବାଦାମ ଚାଷ ସମ୍ବନ୍ଧୀୟ କୃଷକ ତାଲିମ ଶିବିର

ପିପିଲି,୧୮।୨(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅଧୀନ ସରସ୍ୱତୀପୁର ପଞ୍ଚାୟତ ବାଲିପାଟଣା ଗ୍ରାମରେ ଖରାଟିଆ ଚିନାବାଦାମ ଚାଷ ସମ୍ବନ୍ଧରେ ଏକ କୃଷକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଭାରତ ସରକାରଙ୍କ ଏକ ସମବାୟ ସଂସ୍ଥା ଇଫ୍‌କୋ ଓ ଏକ ବେସରକାରୀ ସଂସ୍ଥା ଓଏଫ୍‌ଏସ୍‌ଆଇଏଫ୍‌ଏସ୍‌ର ମିଳିତ ସହଯୋଗରେ ଆଖପାଖ ୫ ଖଣ୍ଡ ଗ୍ରାମ ବନମାଳୀପୁର, ଦକ୍ଷିଣସାହି, ବାଲିପାଟଣା, ପାଇକେଣସାହି ଓ ବାଲିପୋଖରୀର ପ୍ରାୟ ୫୦ ଜଣ ଚିନାବାଦାମ ଚାଷୀ ଯୋଗଦେଇଥିଲେ। ପ୍ରାକ୍ତନ ଉପ କୃଷି ନିର୍ଦ୍ଦେଶକ ତଥା ବରିଷ୍ଠ କୀଟତତ୍ତ୍ୱବିତ୍ ଡ. ବିଜୟାନନ୍ଦ ମହାନ୍ତି ବର୍ତ୍ତମାନ ଅନୁସରଣ କରୁଥିବା ପଦ୍ଧତି ଓ ପୁରାତନ ପଦ୍ଧତିର ଏକ ତୁଳନାତ୍ମକ ଚିତ୍ର ମାଧମରେ ବୁଝାଇଥିଲେ। କ୍ଷେତ୍ର ପରିଭ୍ରମଣ କରି ଫୁଲଘରା (ସ୍ପୋଡୋପ୍ଟେରା) ପୋକ ଦମନ ପାଇଁ ଏକରକୁ ୮/୧୦ ଫେରୋମେନ୍ ଯନ୍ତା ବସାଇ ଅଣ୍ଡିରା ପୂର୍ଣ୍ଣାଙ୍ଗ ପୋକ ଧରି ମାରିବା, ପ୍ରାକୃତିକ ଭାବେ ଚଢ଼େଇଙ୍କ ଦ୍ୱାରା ପୋକ ଦମନ ପାଇଁ ଏକରକୁ ୧୦/୧୨ଟି ଜାଗାରେ ବାଉଁଶ କଣି ପୋତି ଚଢ଼େଇ ବସିବାକୁ ବ୍ୟବସ୍ଥା କରିବା, କମ୍ ଖର୍ଚ୍ଚ କରି ଏନ୍‌ପିଭିଏଚ୍ ଭୂତାଣୁ ପାଣି ଲିଟର ପିଛା ୧ ମିଲି ମିଶାଇ ସିଞ୍ଚନ କରିବା, ମୂଳଶଢ଼ା ପାଇଁ ମେଶେଲକ୍ସିଲ ଓ ମାନକୋଜେବ୍‌ରୁ ୨ ମିଲି ବା କ୍ଲୋରୋଥାଲୋନିଲ ପାଣି ଲିଟରକୁ ୨ ମିଲି ହିସାବରେ ଗୋଳାଇ ସିଞ୍ଚନ ପାଇଁ କହିଥିଲେ। ଇଫ୍‌କୋ ସଂସ୍ଥାର ନାନୋ ୟୁରିଆ କ୍ଷେତ୍ର ଅଧିକାରୀ ସୌମ୍ୟକାନ୍ତ ହାତୀ, ନାନୋ ଡିଏପିଓ ସାଗରିକା ପ୍ରୟୋଗ କରି ମାଟି ଓ ବାୟୁର କ୍ଷତି ନ ଘଟାଇ ଉନ୍ନତ ଚାଷ ପାଇଁ ପରାମର୍ଶ ଦେଇଥିଲେ। ନୀଳମାଧବ ନନ୍ଦ ଓ କାଳନ୍ଦୀ ଚରଣ ସିଂ ସଭା ପରିଚାଳନା କରିଥିଲେ।



କୃଷକଙ୍କୁ ତାଲିମ ପ୍ରଦାନ କରାଯାଉଛି ।

# ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଶିଶୁ ଶିକ୍ଷାନୁଷ୍ଠାନ କିଡ୍ସ ହୋମ୍ ପ୍ରି ସ୍କୁଲ୍‌ର ୨୩ତମ ବାର୍ଷିକ ଉତ୍ସବ ପରିଚାଳନା କମିଟି ସଭାପତି ସାହିତ୍ୟିକ ଶ୍ୟାମ ପ୍ରକାଶ ସେନାପତିଙ୍କ ସଭାପତିତ୍ୱରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଶିଶୁ ମଙ୍ଗଳ କମିଟିର ପୂର୍ବତନ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ଏବଂ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ବରିଷ୍ଠ ଗବେଷିକା ଡ. ମନସା ଶ୍ରୀଚନ୍ଦନ ରାୟ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉଦ୍‌ବୋଧନ ମାଧ୍ୟମରେ ବିଦ୍ୟା ହେଉଛି ଦୁନିଆର ଶ୍ରେଷ୍ଠ ବିଭୂତି। ଅଭିଭାବକମାନେ ଶିଶୁଙ୍କ ମାନସିକ, ଶାରୀରିକ, ବୌଦ୍ଧିକ ଏବଂ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ସୁପରାମର୍ଶ ଦେଇଥିଲେ। ଅଧ୍ୟକ୍ଷା ରୁପାଲି ଚାନ୍ଦ ସ୍ୱାଗତ ଭାଷଣ ପ୍ରଦାନ ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉପଦେଷ୍ଟା ସୌରଭ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ପିପିଡବ୍ଲ୍ୟୁଓ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ

ନିମାପଡ଼ା,୧୮।୨(ବିଚିତ୍ରାନନ୍ଦ ସାହୁ)

ପିଙ୍ଗଳାକ୍ଷୀ ପବ୍ଲିକ ୱେଲ୍‌ଫେୟାର ଅର୍ଗାନାଇଜେଶନ (ପିପିଡବ୍ଲ୍ୟୁଓ) ଜିଲା ପ୍ରଶାସନ ସମାଜ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ନିମାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ, ଅକ୍ଷୟ କୁମାର ମହାନ୍ତି, ପ୍ରଫୁଲ୍ଲ କୁମାର ବେହେରା, ତୁନିଲତା ବେହେରା ପ୍ରମୁଖ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ, ନିଶାର କୁପରିଣାମ, କୁପ୍ରଭାବ, ନିଶାଠାରୁ ପ୍ରତ୍ୟେକ ବ୍ୟକ୍ତି ଦୂରେଇ ରହିବା ଦିଗରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ନିଶାର କୁପ୍ରଭାବ ଏବଂ ନିଶାମୁକ୍ତ ଶୀର୍ଷକ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ନିମାପଡ଼ା ଉଚ୍ଚ ବିଦ୍ୟାଳୟ, ଜବରା ବାଳିକା ଉଚ୍ଚ ବିଦ୍ୟାଳୟ, ଦକ୍ଷିଣେଶ୍ୱରୀ ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ପିପିଡବ୍ଲ୍ୟୁଓର ପଦ୍ମଲୋଚନ ମହାନ୍ତି, ଗୀତାନନ୍ଦା ପଟ୍ଟନାୟକ, ପ୍ରଭାତ ବେହେରା, ସ୍ମିତାହାସ ନାୟକ, ଭବାନୀ ଶଙ୍କର ମହାରଣା ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ।

# ୩୪୮ ପରୀକ୍ଷାର୍ଥୀ ଦେଲେ ଯୁକ୍ତ ୨ ପରୀକ୍ଷା

କାକଟପୁର/ଅସ୍ତରଙ୍ଗ,୧୮।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଅସ୍ତରଙ୍ଗ ବ୍ଲକର ୩ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ୩୪୮ ପରୀକ୍ଷାର୍ଥୀ ବିଜ୍ଞାନ ବିଭାଗର ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା। ବ୍ଲକରେ ୩ ପରୀକ୍ଷା କେନ୍ଦ୍ରର ରତନପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୫୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୧୫୭ ଜଣ ରେଗୁଲାର ଓ ଜଣେ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଥିଲେ। ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୪୮ ଜଣ ପରୀକ୍ଷା ଦେଇଥିବାବେଳେ ୨ ଜଣ ଅନୁପସ୍ଥିତ ଥିଲେ। ସେଥିମଧ୍ୟରୁ ଅସ୍ତରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୧ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ଥିବାବେଳେ ଶାରଳା ଆବାସିକ ବିଦ୍ୟାଳୟର ୯୯ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨ ଜଣ ଅନୁପସ୍ଥିତ, ୯୭ ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହି ପରୀକ୍ଷା ଦେଇଥିଲେ। ମହାତ୍ମା ଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟରେ ୪୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ପୂରା ସିସିଟିଭି ନଜରରେ ପରୀକ୍ଷା କେନ୍ଦ୍ର ରହିଥିଲା।

# ବେଆଇନ ଇଟାଭାଟି ଭଙ୍ଗାଗଲା

କାକଟପୁର/ଅସ୍ତରଙ୍ଗ,୧୮।୨
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଆଗକୁ ଗ୍ରୀଷ୍ମଋତୁ ଆସୁଥିବାବେଳେ ଇଟାଭାଟି ପାଇଁ ପ୍ରଦୂଷଣ ସହ ତାପମାତ୍ରା ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଅପରାହ୍ନରେ ପୋଲିସ ଫୋର୍ସ ଓ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ସହଯୋଗରେ ଚଢ଼ାଉ ହୋଇ ବାଉରିଆକଣରେ ଥିବା ବେଆଇନ ଇଟାଭାଟିଗୁଡ଼ିକୁ ନଷ୍ଟ କରାଯାଇଛି। ଗତ କିଛିଦିନ ହେବ କାକଟପୁର ଓ ଏହାର ଆଖପାଖ ଅଞ୍ଚଳରେ ବେଆଇନ ଭାବେ ବହୁ ଇଟାଭାଟି ଗଢ଼ିଉଠିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ରାଜ୍ୟରେ ମାଟିଡିଆରି ଇଟାଭାଟି ଉପରେ ନିଷେଧାଦେଶ ଜାରି କରିଛନ୍ତି। ଇଟାର ଚାହିଦା ମେଣ୍ଟାଇବାକୁ କେବଳ ଫ୍ଲାଇଆଶ୍‌ରେ ଇଟା ନିର୍ମାଣକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ରାଜ୍ୟ ସରକାର ସବୁଜ ସଙ୍କେତ ପ୍ରଦାନ କରିଛନ୍ତି। ବେଆଇନ ଇଟାଭାଟି ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଛି। ତେଣୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହି ଅନ୍ୟସବୁ ବେଆଇନ ଇଟାଭାଟି ଭଙ୍ଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ଏସ୍‌ପିଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଅଧିକାରୀ, କର୍ମଚାରୀ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

### ସ୍ଥାନାନ୍ତର ନିର୍ଦ୍ଦେଶ ପରେ ବି ବଦଳି ହେଉନାହାନ୍ତି

ଗାଦି ଛାଡୁନାହାନ୍ତି ପୋଲିସ ଅଧିକାରୀ। ଗୋଟିଏ ଥାନା ଅଧୀନରେ ଦୀର୍ଘଦିନ ଧରି କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ଅନ୍ୟସ୍ଥାନକୁ ବଦଳି ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ସେମାନେ ସେହି ପୁରୁଣା ଥାନାରେ କାର୍ଯ୍ୟ କରୁଥିବା ଭଳି ଅଭିଯୋଗ ଆସିଛି। ସମ୍ପୃକ୍ତ ଅଧିକାରୀଙ୍କ ଅନେକ ଦିନଠାରୁ ଅନ୍ୟସ୍ଥାନକୁ ବଦଳି ହୋଇଥିଲେ ମଧ୍ୟ ସେମାନେ ଯାଉନାହାନ୍ତି। ଫଳରେ ଏସ୍‌ପି ଚଳିତମାସରେ ଦୁଇ ଦୁଇଥର ବଦଳି ଅର୍ଡର କରିବା ସହ ୧୮ ତାରିଖ ସୁଦ୍ଧା ନୂତନ ସ୍ଥାନରେ ଯୋଗଦେବାକୁ ତାଗିଦା କରିଥିଲେ। ମାତ୍ର ୧୮ ତାରିଖ ହୋଇଥିଲେ ମଧ୍ୟ ଲିଷ୍ଟରେ ଥିବା ଅଧିକାରୀ ଓ କର୍ମଚାରୀ ଅନ୍ୟତ୍ର ଯାଇ ନ ଥିବା ଜଣାପଡ଼ିଛି।

ସୂଚନାଥାଉ କି, ଏସ୍‌ପି ଭିନୀତ୍ ଅଗ୍ରୱାଲ ୧୪ ତାରିଖରେ ଚିଠି ନଂ. ୫୫୦/ଆରଓରେ ଜିଲାରେ ଥିବା ବିଭିନ୍ନ ଥାନାଧିକାରୀ, ଡିଏସ୍‌ପି, ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଚିଠି ଅନୁଯାୟୀ ଜିଲାର ବିଭିନ୍ନ ଥାନାରେ କାର୍ଯ୍ୟରତ ୨୭ ଜଣ ଅଧିକାରୀ ଓ କର୍ମଚାରୀଙ୍କ ନାମ ଉଲ୍ଲେଖ ରହିଥିଲା। ନିର୍ଦ୍ଦେଶ ପରେ ୨୭ ଜଣଙ୍କ ମଧ୍ୟରୁ ମାତ୍ର ୩ ଜଣ ନୂତନ ଥାନାରେ ଯୋଗଦେଇଥିବା ବେଳେ ୨୪ ଜଣ ରିଲିଭ୍ ନ ନେଇ ସେହିପରି ପୂର୍ବ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଫଳରେ ଏସ୍‌ପି ପୁନର୍ବାର ୧୭ ତାରିଖରେ ଏକ ଚିଠି କରି ୧୮ ତାରିଖ ସୁଦ୍ଧା ଲିଷ୍ଟରେ ଥିବା ଜିଲାର ୨୪ ଜଣ ଅଧିକାରୀ ଓ କର୍ମଚାରୀ ନୂତନ ସ୍ଥାନରେ ଯୋଗଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ୧୮ ତାରିଖରେ ଅଧିକାରୀ ଓ କର୍ମଚାରୀମାନେ ରିଲିଭ୍ ହୋଇ ନ ଥିବା ଜଣାପଡିଛି।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

**ଇଣ୍ଡିଆ ଏଆଇ ମିଶନ**

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

**ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର**

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

**ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ**

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

**ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା**

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

**ଭାରତର ମୌଳିକ ବୃହତ୍ ଭାଷା ମଡେଲ**

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହୁଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

**ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ**

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

**ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ**

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯)ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

**ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି**

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

**ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ**

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

**ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି**

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

**ଭାରତରେ ଏଆଇ ବଜାରରେ ବୃଦ୍ଧି**

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

**ଏକ୍ସେଲେଟର ନେଟୱର୍କ ବୃଦ୍ଧି**

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)

# ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜବତ ଗାଡ଼ିର ଆବର୍ଜନା

## ଗୋଟିଏ ସ୍ଥାନରେ ୫ ଅବକାରୀ ଥାନା



ଅବାକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଗଦା ହୋଇଥିବା ଜବତ ଗାଡ଼ି।

ଭୁବନେଶ୍ୱର,୧୮।୨(ସତ୍ୟଜିତ୍ ରାଉତ)

କଳ୍ପନା ଅଞ୍ଚଳରେ ଥିବା ଭୁବନେଶ୍ୱର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ଦୀର୍ଘଦିନ ଧରି ଜବତ ଗାଡ଼ିଗୁଡ଼ିକ ଅଳିଆଗଦା ଭାବେ ପଡ଼ିରହିଛି। ଏହି ଗାଡ଼ିଗୁଡ଼ିକ କାର୍ଯ୍ୟାଳୟ ପରିସରରେ ଏକ ବୃହତ୍ ଅଂଶ ମାଡ଼ି ବସିଛି। ବର୍ଷା ପାଣିରେ ଭିଜିବା ସହ ଧୂଳି ଓ ଅଳନ୍ଧୁ ଲାଗି ଗାଡ଼ିଗୁଡ଼ିକ ନଷ୍ଟ ହେଉଥିବାବେଳେ କାର୍ଯ୍ୟାଳୟ ପରିସରକୁ ଅସୁନ୍ଦର କରୁଛି। କାର୍ଯ୍ୟାଳୟ ପରିସରକୁ ସଫା କରି ପରିଷ୍କାର ରଖିବାକୁ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏହି ଗୋଟିଏ ସ୍ଥାନରେ ଦୀର୍ଘଦିନ ହେବ ଭୁବନେଶ୍ୱରର ୫ଟି ଅବକାରୀ ଥାନା ଚାଲୁଛି। ଥାନାଗୁଡ଼ିକ ସ୍ୱତନ୍ତ୍ର ସ୍ଥାନକୁ ଯାଉ ନ ଥିବାରୁ କର୍ମଚାରୀଙ୍କ ମନରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଭିଯୁକ୍ତଙ୍କ ସଂଖ୍ୟା ଅଧିକ ହେଲେ ସେମାନଙ୍କୁ ରଖିବାକୁ ଥାନା ହାଜତରେ ପର୍ଯ୍ୟାପ୍ତ ସ୍ଥାନ ମିଳୁନାହିଁ। ଫଳରେ ଶିଡି ଉପରେ ଓ ଅଫିସ ପରିସରର ବିଭିନ୍ନ ସ୍ଥାନରେ ଅଭିଯୁକ୍ତମାନେ ବସୁଛନ୍ତି।

କଳ୍ପନାସ୍ଥିତ ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱରର ଦୁଇ ରେଞ୍ଜ ଇନ୍ସପେକ୍ଟରଙ୍କ କାର୍ଯ୍ୟାଳୟ ରହିଥିବା ବେଳେ ଭୁବନେଶ୍ୱର ଅବକାରୀ ୧, ୨, ୩ ଥାନା ଓ ବାଲିଅନ୍ତା ଅବକାରୀ ଥାନା ଏବଂ ଗୋଟିଏ ଭ୍ରାମ୍ୟମାଣ ୟୁନିଟ ଥାନା ରହିଛି। ୫ଟି ଥାନା ପକ୍ଷରୁ ମଦ, ବ୍ରାଉନ୍ସୁଗାର, ଗଞ୍ଜେଇ ଆଦି ଜବତ ମାମଲାରେ ଦୁଇଚକିଆ, ୩ଚକିଆ, ୪ ଚକିଆ ଯାନକୁ ଜବତ କରାଯାଇ କାର୍ଯ୍ୟାଳୟ ପରିସରକୁ ଅଣାଯାଉଛି। ହେଲେ ଗାଡ଼ିଗୁଡିକର ନିଲାମ ପ୍ରକ୍ରିୟା କରାଯାଉ ନ ଥିବାରୁ ସେଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ି ରହି ନଷ୍ଟ ହେଉଛି। କାର୍ଯ୍ୟାଳୟ ପରିସରରେ ଜବତ ଗାଡ଼ିଗୁଡ଼ିକ ସଂଖ୍ୟା ଏତେ ବଢ଼ିଗଲାଣି ଯେ, କର୍ମଚାରୀ ଓ ଥାନାକୁ ଆସୁଥିବା ଲୋକଙ୍କ ଗାଡ଼ି ରଖିବାକୁ ମଧ୍ୟ ପର୍ଯ୍ୟାପ୍ତ ସ୍ଥାନ ମିଳୁନାହିଁ। ଜବତ ଗାଡ଼ିଗୁଡ଼ିକ ମଧ୍ୟରୁ କେତେକ ନଷ୍ଟ ହୋଇଯାଇଥିବାରୁ ତାହା ବିକ୍ରି କରିବା ସ୍ଥିତିରେ ମଧ୍ୟ ନାହିଁ। କୋର୍ଟଙ୍କଠୁ ଅନୁମତି ଆଣି ଜବତ ଗାଡ଼ିଗୁଡିକୁ ନିଲାମ କରାଯିବାର ବ୍ୟବସ୍ଥା ଥିବାବେଳେ ଏହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ଚର୍ଚ୍ଚା ହେଉଛି। ଏନେଇ ଜିଲା ଅବକାରୀ ଅଧୀକ୍ଷକ ଦେବାଶିଷ ପଟେଲଙ୍କ କହିବା କଥା, ପୂର୍ବରୁ ବାଜ୍ୟାପ୍ତି ପ୍ରକ୍ରିୟା ଧିମା ସ୍ଥିତିରେ ଥିବାବେଳେ ସେ ଆସିବା ପରେ ଏହାକୁ ଅଧିକ ତ୍ୱରାନ୍ୱିତ କରିଛନ୍ତି। ପ୍ରତ୍ୟେକ ମାସରେ ୧୦ରୁ ୧୨ଟି ଗାଡ଼ିକୁ ନିଲାମ କରାଯାଉଛି। ଖରାପ ହୋଇଯାଇଥିବା ଗାଡ଼ିଗୁଡ଼ିକର ଯନ୍ତ୍ରାଂଶକୁ ସ୍ୱତନ୍ତ୍ର କବାଡିଆ ଦୋକାନୀଙ୍କୁ ବିକ୍ରି କରାଯାଉଛି। ଏହା ଏକ ନ୍ୟାୟିକ ପ୍ରକ୍ରିୟା ହେଉଥିବାବେଳେ ଏଥିପାଇଁ ସମୟ ଲାଗେ। ହେଲେ ଏହାକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରାଯାଉଛି। ତେବେ ଥାନାଗୁଡ଼ିକୁ ସ୍ଥାନାନ୍ତର ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଥାନା-୨ ପାଇଁ ନନ୍ଦନକାନନ ଅଞ୍ଚଳ, ଥାନା-୩ ପାଇଁ ପାତ୍ରପଡ଼ା ଓ ବାଲିଅନ୍ତା ଥାନା ପାଇଁ ବାଲିଅନ୍ତା ଅଞ୍ଚଳରେ ବିଭାଗ ପକ୍ଷରୁ ଜମି ମିଳିଛି। ଖୁବ୍ଶୀଘ୍ର କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ମୋବାଇଲ ୟୁନିଟ୍ ଥାନା ଲାଗି ସ୍ୱତନ୍ତ୍ର ଜମି ପାଇଁ ମଧ୍ୟ ଚିଠି ଲେଖାଯାଇଛି। ଏପରି କି ଆଗକୁ ଭୁବନେଶ୍ୱର-୧ ଥାନାକୁ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଦିଆଯିବାକୁ ବ୍ୟବସ୍ଥା ହେବ ବୋଲି ପଟେଲ୍ କହିଛନ୍ତି।

# ୨୩ ବସ୍‌ରୁ ଖୋଲାଗଲା ମଲ୍ଟି ହର୍ନ

କଟକ,୧୮।୨(କାର୍ତ୍ତିକ ସାହୁ)

କମିଶନରେଟ୍ ପୋଲିସର ଟ୍ରାଫିକ ପୋଲିସ କର୍ମଚାରୀମାନେ ଗାଡ଼ିରେ ଲାଗିଥିବା ମଲ୍ଟି ହର୍ନ ବିରୋଧରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଅଭିଯାନ କରିଥିଲେ। ସେମାନେ ଖାନ୍‌ନଗର ଛକ ନିକଟରେ ବିଭିନ୍ନ ବସ୍‌ରେ ଲାଗିଥିବା ମଲ୍ଟି ହର୍ନ ଯାଞ୍ଚ କରିଥିଲେ। ମୋଟ ୨୩ଟି ବସ୍‌ରୁ ମଲ୍ଟି ହର୍ନ ଖୋଲାଯାଇ ଜବତ କରାଯାଇଥିଲା। ଏଥିସହ ଓଡ଼ିଶା ସହରାଞ୍ଚଳ ପୋଲିସ ଅଧିନିୟମ ଅନୁଯାୟୀ ଉକ୍ତ ବସ୍‌ଗୁଡ଼ିକରୁ ମୋଟ ୧୧,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



ମୋକ୍ଷ ପକ୍ଷରୁ ସୂଚନା ଭବନରେ ମଙ୍ଗଳବାର ଅନୁଷ୍ଠିତ ୧୫ତମ ଯୁଗଳବନ୍ଦୀ ଓଡ଼ିଶୀ ନୃତ୍ୟ ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

# ‘ଗରୀୟାନ୍ ଗଙ୍ଗାଧର’ ଲୋକାର୍ପିତ

ଭୁବନେଶ୍ୱର,୧୮।୨ (ସୌମ୍ୟରଞ୍ଜନ ରାଉତ)



ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତାବର୍ଷିକୀ ଉତ୍ସବରେ ‘ଗରୀୟାନ ଗଙ୍ଗାଧର’ ପୁସ୍ତକ ଲୋକାର୍ପଣ କରାଯାଉଛି।

ଦିଲ୍ଲୀ ଉତ୍କଳ ଅସ୍ମିତା ଫାଉଣ୍ଡେଶନ ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତାବର୍ଷିକୀ ଉତ୍ସବ ଓ ‘ଗରୀୟାନ ଗଙ୍ଗାଧର’ ପୁସ୍ତକ ଲୋକାର୍ପଣ ଉତ୍ସବ ବୁଦ୍ଧ ମନ୍ଦିରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନାଟ୍ୟକାର ମିହିର ମେହେର ଏହି ଉତ୍ସବକୁ ଉଦ୍‌ଘାଟନ କରି ଗଙ୍ଗାଧରଙ୍କ ସାହିତ୍ୟର ଅନାଲୋଚିତ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ହରପ୍ରସାଦ ଦାସ ଯୋଗଦେଇ ନାରୀ କବିମାନଙ୍କୁ କେତେକ ପତ୍ରପତ୍ରିକାରେ ‘କବି’ ଭାବେ ଉଲ୍ଲେଖ କରୁଥିବାରୁ ତାହା ଭୁଲ୍ ବୋଲି କହିଥିଲେ। ଏହି ଉତ୍ସବରେ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଡାକ୍ତର ଅନିତା ପଣ୍ଡାଙ୍କ ସମ୍ପାଦନାରେ ଅସ୍ମିତା ପକ୍ଷରୁ ପ୍ରକାଶିତ ଗଙ୍ଗାଧର ମେହେରଙ୍କ ଉପରେ ପ୍ରକାଶିତ ପୁସ୍ତକ ‘ଗରୀୟାନ ଗଙ୍ଗାଧର ’ ପୁସ୍ତକଙ୍କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ସେ ଗଙ୍ଗାଧରଙ୍କ ସାହିତ୍ୟରେ ପ୍ରକୃତି ଉପରେ ଥିବା ପ୍ରସଙ୍ଗକୁ ଉତ୍ଥାପନ କରିଥିଲେ। ଅସ୍ମିତାର ସଭାନେତ୍ରୀ ଡା. ଅନିତା ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଡ. ବାସନ୍ତୀ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଅନୁଷ୍ଠାନର ଉପସଭାପତି ଗୁରୁକଲ୍ୟାଣ ମହାପାତ୍ର ଉତ୍ସବରେ ଅଧକ୍ଷତା କରିଥିଲେ। ସାହିତ୍ୟିକା ବିଜୟାଲକ୍ଷ୍ମୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବେଆଇନ ମାଦକ ଦ୍ରବ୍ୟ କାରବାର ରୋକିବା ପାଇଁ ଆଇନରେ ପରିବର୍ତ୍ତନ ହେବ: ମନ୍ତ୍ରୀ



ବୈଠକରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅଧିକାରୀମାନେ।

## ଖାଲି ପଦବୀ ପୂରଣ ନେଇ ପ୍ରକ୍ରିୟା ଆରମ୍ଭ ହେବ

ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)

ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ କାରବାରକୁ ସମ୍ପୂର୍ଣ୍ଣ ଭାବେ ରୋକିବା ପାଇଁ ଆଇନରେ ପରିବର୍ତ୍ତନ ଆସିବ। ଏହା ନୂଆ ଅବକାରୀ ନୀତିରେ ପ୍ରତିଫଳିତ ହେବ। ତେଣୁ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଦକ୍ଷତାକୁ ବୃଦ୍ଧି କରି ରାଜ୍ୟର ସୁନାମ ବଢ଼ାଇବା ଦିଗରେ କାର୍ଯ୍ୟ କରିବାକୁ ଆଇନ, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅବକାରୀ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ହରିଚନ୍ଦନ ବିଭିନ୍ନ ଅବକାରୀ ଜିଲା ଅଧୀକ୍ଷକଙ୍କ ସହ ଏନେଇ ଆଲୋଚନା କରିଥିଲେ। ଏଥିସହ ଜିଲାୱାରୀ ଏନ୍‌ଫୋର୍ସମେଣ୍ଟ କାର୍ଯ୍ୟକଳାପ, ରାଜସ୍ୱ ଆଦାୟ, ମାମଲା ସଂଖ୍ୟା, ମହୁଲ ଫୁଲ ବିକ୍ରୟ ଏବଂ ଅନ୍ୟ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରୟ ସ୍ଥିତି ଏବଂ ଜବତ ଗାଡି ସ୍ଥିତି ସମ୍ପର୍କରେ ବୁଝିଥିଲେ। ଏହି ଅବସରରେ ବିଭାଗରେ ଖାଲିଥିବା ପଦବୀ ପୂରଣ ପାଇଁ ଖୁବ୍ଶୀଘ୍ର ପ୍ରକ୍ରିୟା ଆରମ୍ଭ ହେବ ବୋଲି କହିବା ସହ ଅଧିକାରୀ ଓ କର୍ମଚାରୀଙ୍କୁ ନିୟମିତ ଆବଶ୍ୟକ ତାଲିମ ପ୍ରଦାନ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ସେହିଭଳି ବିଭିନ୍ନ ଜିଲାରେ ଷ୍ଟାଫ୍ କ୍ୱାର୍ଟର୍ସ ନିର୍ମାଣ ଓ ଡିପୋର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ଅବାକରୀ କମିଶନର ନରସିଂହ ଭୋଳ, ଓଏସ୍‌ବିସି ଏମ୍‌ଡି ଅମ୍ବର କରଙ୍କ ସମେତ ଅବକାରୀ ଅଧୀକ୍ଷକ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଲବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

**ଇଣ୍ଡିଆ ଏଆଇ ମିଶନ**

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

**ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର**

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

**ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ**

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

**ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା**

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

**ଭାରତର ମୌଳିକ ବୃହତ୍ ଭାଷା ମଡେଲ**

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

**ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ**

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

**ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ**

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯)ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

**ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି**

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

**ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ**

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

**ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି**

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। ‘ସେଲ୍ସଫୋର୍ସ’ ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

**ଭାରତରେ ଏଆଇ ବଜାରରେ ବୃଦ୍ଧି**

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢ଼ୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

**ଏକ୍ସେଲେଟର ନେଟୱର୍କ ବୃଦ୍ଧି**

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)

# ବାହାଘର ଭୋଜି ଖାଇ ୪ଶହ ଝାଡ଼ାବାନ୍ତିରେ ଆକ୍ରାନ୍ତ

■ ଘରକୁ ଘର ବୁଲି ମେଡିକାଲ ଟିମ୍ ସେବା ଯୋଗାଇଲା
■ ପରିସ୍ଥିତି ଅନୁଧ୍ୟାନକଲେ ବାଙ୍କୀ ବିଧାୟକ

ବାଙ୍କୀ,୧୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):


ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସମ୍ପର୍କରେ ଡାକ୍ତରୀ ଟିମ୍ ସହ ଆଲୋଚନା କରୁଛନ୍ତି ।

କଟକ ଜିଲା ବାଙ୍କୀ ବୈଦ୍ୟେଶ୍ୱର ପଞ୍ଚାୟତରେ ଏକ ବାହାଘର ଭୋଜି ଖାଇ ୪୦୦ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଖୋର୍ଦ୍ଧା, ଭୁବନେଶ୍ୱରର ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ବୈଦ୍ୟେଶ୍ୱର ପଞ୍ଚାୟତ ପାଟଣା ଗାଁରେ ରବିବାର ରାତିରେ ପଦ୍ମଚରଣ ସାହୁଙ୍କ ଝିଅ ବାହାଘର ଭୋଜି ଖାଇଥିବା ବ୍ୟକ୍ତିମାନେ ଝାଡ଼ାବାନ୍ତି ଆକ୍ରାନ୍ତ ହୋଇଛନ୍ତି। ସୋମବାର ୧୯୦ ଜଣ ଏବଂ ମଙ୍ଗଳବାର ୨୫୧ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତ ୧୫୮ଜଣ ବୈଦ୍ୟେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିହୋଇଥିଲେ। ସେମାନଙ୍କ ମଧ୍ୟରେ କେତେଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ଆଂଶିକ ଆକ୍ରାନ୍ତମାନଙ୍କୁ ମଙ୍ଗଳବାର ଗାଁରେ ଡାକ୍ତରୀ ଟିମ୍ ପହଞ୍ଚି ସେବା ଯୋଗାଇଛି। ଗାଁ ଲୋକଙ୍କ ବ୍ୟତୀତ ବାହାଘରକୁ ଆସିଥିବା ବରଯାତ୍ରୀ ମଧ୍ୟ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ବୈଦ୍ୟେଶ୍ୱର ପାଟଣା ଗାଁରେ ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅମରେଶ ସାହୁଙ୍କ ନିର୍ଦ୍ଦେଶରେ ୨ଟି ମେଡିକାଲ ଟିମ୍ ପହଞ୍ଚି ଘରକୁ ଘର ବୁଲି ଚିକିତ୍ସା ଯୋଗାଇ ଦିଆଯାଇଛି। ୪ ଜଣ ଗୁରୁତର ଆକ୍ରାନ୍ତଙ୍କୁ ଭୁବନେଶ୍ୱର ୬ ନଂ. ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜଣେ ୧୧ ବର୍ଷର ବାଳକ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଗାଁରେ ଦୁଇଟି ଆମ୍ବୁଲାନ୍ସ ନିୟୋଜିତ ଥିବା ବେଳେ ପାଣିର ନମୁନା ସଂଗ୍ରହକରି ପରୀକ୍ଷା ପାଇଁ ପଠାଯାଇଥିବା ସୁବର୍ଣ୍ଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସାହୁ କହିଛନ୍ତି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ବନବାସୀ ବେହେରା, ଡା.ପଦ୍ମଲୋଚନ ପଣ୍ଡା, ଫାର୍ମାସିଷ୍ଟ ଜଗବନ୍ଧୁ ସ୍ୱାଇଁ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଆକ୍ରାନ୍ତମାନଙ୍କ ମଧ୍ୟ ଚିକିତ୍ସା କରୁଛନ୍ତି। ଘରକୁ ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ହାଲୋଜିନ୍ ବଟିକା ଏବଂ ବ୍ଲିଚିଂ ପାଉଡର ବାଣ୍ଟୁଛନ୍ତି। ଏ ସମ୍ପର୍କରେ ଖବରପାଇ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆକ୍ରାନ୍ତଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହ ସ୍ଥିତି ଅନୁଧ୍ୟାନକରି ମେଡିକାଲରେ ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି। କଟକ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଲୋକନାଥ ପାତ୍ର ଗାଁରେ ପହଞ୍ଚି ଲୋକମାନଙ୍କ ଚିକିତ୍ସା କିପରି ହୋଇପାରିବ ତା' ଉପରେ ଧ୍ୟାନ ଦେଇଥିଲେ।

## ସ୍କୁଟିରେ ଯିବାବେଳେ ୨ ଯୁବକଙ୍କୁ ଆକ୍ରମଣ

ନିଶ୍ଚିନ୍ତକୋଇଲି,୧୮।୨(ଅଶୋକ ମହାପାତ୍ର)

ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ସୋମବାର ରାତିରେ ସ୍କୁଟିରେ ଯାଉଥିବା ୨ ଯୁବକଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବାବେଳେ ଅନ୍ୟଜଣେ ଆହତ ହୋଇଛନ୍ତି। ଉଭୟଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି। ଆହତ ଯୁବକ ହେଲେ ନତକାଇ ପଞ୍ଚାୟତ ଏକରୁଖୀ ଗ୍ରାମର ଦେବାଶିଷ ଦ୍ୱିବେଦୀ (୩୧) ଓ ରଶ୍ମିରଞ୍ଜନ ଲେଙ୍କା(୪୨)। ସେମାନେ ବାହାବଳପୁର ଛକରୁ ନିଜ ଗ୍ରାମ ଏକରୁଖୀକୁ ସ୍କୁଟିରେ ଯାଉଥିବାବେଳେ ୨ ବାଇକ୍‌ରେ ୪ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ମହାଜନପୁର ଗ୍ରାମ ବାଜଣାହୁଡା ନିକଟରେ ସେମାନେ ଦେବାଶିଷଙ୍କ ସ୍କୁଟିକୁ ଅଟକାଇ ଖଣ୍ଡାରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ଏପରି କି ଉଭୟଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ। ଏହି ଆକ୍ରମଣରେ ରଶ୍ମିରଞ୍ଜନଙ୍କ ମୁହଁ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଦେବାଶିଷଙ୍କ ହାତର ଆଙ୍ଗୁଠି ଭାଙ୍ଗିଯାଇଛି। ସ୍ଥାନୀୟ ଲୋକେ ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ରଶ୍ମିରଞ୍ଜନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଜମିଜମା ବିବାଦକୁ ନେଇ ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାରେ ସ୍ଥାନୀୟ ୪ ଯୁବକଙ୍କ ହାତ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଦେବାଶିଷ ମଙ୍ଗଳବାର ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାକୁ ଗିରଫ କରିପାରିନାହିଁ। ଆଇଆଇସି ଯୁଗଳ ଦାସଙ୍କୁ ପଚାରିବାରେ ଆକ୍ରମଣ ଘଟଣାର ତଦନ୍ତ ଚାଲିଛି, ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ଯାତ୍ରା ଅଭିନେତ୍ରୀଙ୍କ ଘରୁ ଚୋରି ଘଟଣା: ସାମଗ୍ରୀ ଜବତ, ଜଣେ ଅଟକ

ନିଶ୍ଚିନ୍ତକୋଇଲି,୧୮।୨(ଅଶୋକ ମହାପାତ୍ର):

ନିଶ୍ଚିନ୍ତକୋଇଲି ଥାନା ପୋଲିସ ମଙ୍ଗଳବାର ଯାତ୍ରା ଅଭିନେତ୍ରୀଙ୍କ ଘରୁ ଲକ୍ଷାଧିକ ଟଙ୍କା ଅଳଙ୍କାର ଚୋର ସାମଗ୍ରୀକୁ ମଙ୍ଗଳବାର ଜବତ କରିଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଧରି ଥାନାରେ ଅଟକ ରଖିଥିବା ଜଣାଯାଇଛି। ନିଶ୍ଚିନ୍ତକୋଇଲି ଥାନା ବୁହାଲୋ ୮ ବି-୧ କେନାଲ ପାର୍ଶ୍ୱରେ କୋଣାର୍କ ଗଣନାଟ୍ୟର ଅଭିନେତ୍ରୀ ଘର କରି ସ୍ଥାୟୀ ଭାବେ ବାସକରି ଆସୁଛନ୍ତି। ତେବେ ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ନିକଟରେ ତାଙ୍କ ଘରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିଲା। ଏ ସମ୍ପର୍କରେ ଯାତ୍ରା ଅଭିନେତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଚୋରି ଘଟଣା ଉପରେ ତଦନ୍ତକରି ଭଦ୍ରେଶ୍ୱର ଥାନା ଉମର ପଞ୍ଚାୟତ କାଲୁରିଆ ଗ୍ରାମରୁ ଯାତ୍ରା ଅଭିନେତ୍ରୀଙ୍କ ଗାଡି ଚାଳକଙ୍କୁ ଉଠାଇ ନେଇଛି। ପୋଲିସ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର ଚୋରି ସାମଗ୍ରୀ ଉଦ୍ଧାର କରିଛି। ତେବେ ଏହି ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା କାରଣରୁ ଓ ତଦନ୍ତରେ ବାଧ ଉପୁଜିବା ଆଶଙ୍କାକରି ପୋଲିସ ଅଟକ ରଖିଥିବା ଯୁବକଙ୍କ ନାମ ଗୋପନ ରଖିଛି। ଏ ସମ୍ପର୍କରେ ଆଇଆଇସି ଯୁଗଳ ଦାସଙ୍କୁ ପଚାରିବାରେ ଚୋରି ଘଟଣାରେ ଜଣଙ୍କୁ ଅଟକରଖାଯାଇଛି। ଅଭିଯୁକ୍ତମାନଙ୍କୁ କାବୁକରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ଖୁବ୍‌ଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଧରାଯିବ ଓ ଚୋରି ସାମଗ୍ରୀ ଜବତ ମଧ୍ୟ ହେବ।

## କ୍ରିକେଟ୍ ଟୁର୍ନାମେଣ୍ଟ: ସେମିରେ ମାଣିଆବନ୍ଧ


ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଆଠଗଡ଼,୧୮।୨(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ଷ୍ଟାଡିୟମଠାରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ଚାଲିଥିବା ପ୍ରଥମ ଶିବଶଙ୍କର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୪ର୍ଥ ଦିନରେ ମଙ୍ଗଳବାର ପାଞ୍ଚଗାଁ କ୍ରିକେଟ ଦଳକୁ ୫୭ ରନରେ ପରାସ୍ତକରି ମାଣିଆବନ୍ଧ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ମାଣିଆବନ୍ଧ ଦଳ ପ୍ରଥମେ ବ୍ୟାଟିଂକରି ଜେଡିଙ୍କ ୩୦ ବଲରୁ ୮୭ ରନ୍ ବଳରେ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୨୮୭ରନ୍ ସଂଗ୍ରହ କରିଥିଲା। ଜବାବରେ ପାଞ୍ଚଗାଁ ଦଳ ୨୩୦ କରି ସମସ୍ତ ଉଇକେଟ ହରାଇ ପରାସ୍ତ ହୋଇଛି। ମ୍ୟାଚକୁ ସୁବ୍ରତ ପାଲ୍ ଓ ଶରତ ବେହେରା ଅମ୍ପାୟର ଭାବେ ପରିଚାଳନା କରିଥିଲେ। ମ୍ୟାଚ ଶେଷରେ ପୂର୍ବତନ ଏନ୍ଏସି ଅଧକ୍ଷା ସୁଚିତ୍ରା ସାହୁ ଓ ପୂର୍ବତନ କାଉନସିଲର ସୁଚିତ୍ରା ବେହେରା ଅତିଥି ରୂପେ ଯୋଗଦେଇ ବିଜୟୀ ଦଳର ଜେଡିଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

## ଆଠଗଡ଼ ବ୍ଲକ୍ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ ପ୍ରତ୍ୟାହୃତ

ଆଠଗଡ଼, ୧୮।୨(ସତ୍ୟ ପ୍ରସାଦ ରଥ) :

ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟରେ ପଶି ଗତ ୧୩ ତାରିଖରେ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ ଘଟଣାକୁ କେନ୍ଦ୍ରକରି ଆଠଗଡ଼ ବ୍ଲକ୍ କର୍ମଚାରୀଙ୍କ ପକ୍ଷରୁ ଦୀର୍ଘଦିନ ଧରି କଲମଛାଡ ଆନ୍ଦୋଳନ ଚାଲିଥିଲା। କଟକ ଜିଲାପାଳଙ୍କ ହସ୍ତକ୍ଷେପ ପରେ ମଙ୍ଗଳବାର ଏହା ପ୍ରତ୍ୟାହୃତ ହୋଇଛି। ଅପରାହ୍ନରେ ଭାରପ୍ରାପ୍ତ ବିଡିଓ ପ୍ରଣବ କୁମାର ବେହେରା, ଖୁଣ୍ଟୁଣୀ ଥାନା ଅଧିକାରୀଙ୍କ ଉପସ୍ଥିତିରେ ସମାଧାନ ହୋଇଛି। ରାଜ୍ୟରେ ଚାଲିଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ, ହିତାଧିକାରୀ ଚୟନ ପାଇଁ ଗ୍ରାମସଭାରେ ବାଧାପ୍ରାପ୍ତ ଦୃଷ୍ଟିରୁ କର୍ମଚାରୀମାନେ ପଦସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ସମ୍ମାନ ଜଣାଇ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବୁଧବାରଠାରୁ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଟୁର୍ନାମେଣ୍ଟ: ଢଁସର କ୍ରିକେଟ୍ ଟିମ୍ ବିଜୟୀ

ବାଙ୍କୀ,୧୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଣୀ ଶୁକଦେଈ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଦିବସ ଖେଳ ମଙ୍ଗଳବାର ବାଙ୍କୀ କଲେଜ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିଣି ପ୍ରଥମେ ପାଥପୁର କ୍ରିକେଟ ଟିମ୍ ବ୍ୟାଟିଂକରି ନିର୍ଦ୍ଧାରିତ ଓଭରରେ ୧୦୪ରନ କରିଥିଲା। ଢଁସର କ୍ରିକେଟ ଟିମ୍ ୧୦୫ରନ୍ କରିବା ସହ ୬ ଉଇକେଟରେ ବିଜୟ ଲାଭ କରିଥିଲା। ଅତିଥି ଭାବେ ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଜିତେନ୍ଦ୍ର ଦେଓ ଖେଳ ପରିଚାଳନା କରିଥିବା ବେଳେ ଅମ୍ପାୟର ଭାବେ ଅରିଜିତ ରଣା ଓ ସୀତାରାମ ମହାପାତ୍ର ସହଯୋଗ କରିଥିଲେ।

# ବଢୁଛି ଚୋରି, ଖୋଜୁଛି ପୋଲିସ

ନିଶ୍ଚିନ୍ତକୋଇଲି,୧୮।୨(ଅଶୋକ ମହାପାତ୍ର)

**ଲୁଟିନେଲେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱର୍ଣ୍ଣ ଅଳଙ୍କାର**

କଟକ ଜିଲା କିଶନନଗର ଥାନା ଅଞ୍ଚଳରେ ଦିନକୁଦିନ ଚୋରି ଓ ଆପରାଧିକ କାର୍ଯ୍ୟ ବଢ଼ି ଚାଲିଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରି ଦୁର୍ବୃତ୍ତଙ୍କୁ ଖୋଜୁଛି। କିଶନନଗର ଥାନା ଅନ୍ତର୍ଗତ ମଣିଜଙ୍ଗ ପଞ୍ଚାୟତର ୨ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଶନିବାର ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସ୍ୱର୍ଣ୍ଣ ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି।

ମଣିଜଙ୍ଗ ଗ୍ରାମର ଆଲୋକ ଚନ୍ଦ୍ର ମିଶ୍ର କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ତାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘର ପଛ ଗ୍ରୀଲ ଭାଙ୍ଗି ଘରେ ପ୍ରବେଶ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କ ଗଡ୍‌ରେଜ ଭାଙ୍ଗି ୨ଟି ସୁନାହାର, ୧ଟି ସୁନା ଚେନ, ୨ ହଳ ଚୁଡ଼ି, କାନଫୁଲ ହଳେ, ସୁନା ଲକେଟ ୧ଟି ଲୁଟି ନେଇଛନ୍ତି। ଏହି ଲୁଟ୍ ସାମଗ୍ରୀର ମୂଲ୍ୟ ୮ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ପରିବାର ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଆଲୋକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ କରିଥିଲା। ହେଲେ କୌଣସି ଦୁର୍ବୃତ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇନାହିଁ। ସେହିପରି ପଞ୍ଚାୟତର ଧାରୁବିଲ ଗ୍ରାମର ରମାକାନ୍ତ ମହାନ୍ତି କେନ୍ଦୁଝର ଜିଲାର ଆନନ୍ଦପୁରଠାରେ ରୁହନ୍ତି। ତାଙ୍କ ଘରେ କେହି ନ ଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଅନୁରୂପ ଭାବେ ଘରର ପଛ କବାଟ ଭାଙ୍ଗି ଘରେ ଥିବା ୨ହଳ କାନଫୁଲ, ସୁନା ଲକେଟ, ୧ଟି ମୁଦି, ଗୋଟିଏ ରୁପାର ଜଗନ୍ନାଥ ମୂର୍ତ୍ତି ସମେତ ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରମାକାନ୍ତ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରିଥିଲେ ମଧ୍ୟ କାହାରିକୁ ଗିରଫ କରି ପାରିନାହିଁ। ଚୋରି ସାମଗ୍ରୀର ମୂଲ୍ୟ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ କିଶନନଗର ଥାନା ଅଧିକାରୀ ଦୁର୍ଗେଶ ନନ୍ଦିନୀ ମହାନ୍ତିଙ୍କୁ ପଚାରିବାରେ ପୋଲିସ ସିସିଟିଭି,ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି। ଖୁବ୍‌ଶୀଘ୍ର ଦୁର୍ବୃତ୍ତଙ୍କ ଧରାଯିବ ବୋଲି ସେ କହିଛନ୍ତି।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

**ଇଣ୍ଡିଆ ଏଆଇ ମିଶନ**

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

**ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର**

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

**ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ**

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

**ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା**

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

**ଭାରତର ମୌଳିକ ବୃହତ୍ ଭାଷା ମଡେଲ**

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

**ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ**

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍ଆଇଆର୍ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି।

ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍ଆଇଇଏଲ୍ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

**ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ**

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

**ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି**

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍‌ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍‌ଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

**ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ**

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

**ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି**

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍ଏମ୍‌ବି କହିଛନ୍ତି।

**ଭାରତରେ ଏଆଇ ବଜାରରେ ବୃଦ୍ଧି**

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

**ଏକ୍ସେଲେଟର ନେଟୱର୍କ ବୃଦ୍ଧି**

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

(ସୌଜନ୍ୟ: ପିଆଇବି)

**ସିଦ୍ଧ ମହାବୀର ପୀଠରେ ପ୍ରଥମ ବାର୍ଷିକ ଯଜ୍ଞ**

**ଟାଙ୍ଗୀ (ରଘୁନାଥ ସାହୁ):** କନ୍ଧ ନୟାଗଡ଼ ଗ୍ରାମର ବାଇପାସ ଛକଠାରେ ସିଦ୍ଧ ମହାବୀରଙ୍କ ପୀଠରେ ପ୍ରଥମ ବାର୍ଷିକ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗତ ୧୬ତାରିଖରୁ ମନ୍ଦିର ପରିସରରେ ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟ ପୂଜା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଉପସ୍ଥିତିରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। କର୍ତ୍ତାଭାବେ ହରିହର ଦାଶ ଏବଂ ଆଚାର୍ଯ୍ୟଭାବେ ପଣ୍ଡିତ ଶୁଭାଂଶୁ ମିଶ୍ର କାର୍ଯ୍ୟ ନିର୍ବାହ କରିଥିଲେ। ଉପଦେଷ୍ଟା ପୂର୍ବତନ ବିଚାରପତି ନାରାୟଣ ମହାପାତ୍ର, ଦୁର୍ଗା ଶଙ୍କର ସିଂ ଦେଓ, ଗଣେଶ ଗୁମାନସିଂ, ଅଖିଳ ଖମାରୀ, ମାଧବ ଖମାରୀ, ଅରୁଣ ସୁବୁଦ୍ଧି, ବାଳକୃଷ୍ଣ ମିଶ୍ର, ଭାଗୀରଥି ମହାରଣା, ରାମଚନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

# ୭ ଦଫା ଦାବିରେ କାଜୁ ଜଙ୍ଗଲ ଜଗୁଆଳି କର୍ମଚାରୀ ସଂଘର ଧାରଣା



ଖୋର୍ଦ୍ଧା ମଣ୍ଡଳ ପରିଚାଳକଙ୍କ କାର୍ଯ୍ୟାଳୟ ଆଗରେ କାଜୁ ଜଙ୍ଗଲ ଜଗୁଆଳି କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

କାଜୁ ଜଙ୍ଗଲ ଜଗୁଆଳି କର୍ମଚାରୀ ସଂଘ ପକ୍ଷରୁ ୭ଦଫା ଦାବିରେ ଖୋର୍ଦ୍ଧା ମଣ୍ଡଳ ପରିଚାଳକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଅଭିଯୋଗ ମୁତାବକ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧୀନ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ୮୨ଟି କାଜୁ ଜଙ୍ଗଲ ଏବଂ ୭ଟି ନର୍ସରିରେ ଖୋର୍ଦ୍ଧା, ପୁରୀ, ନୟାଗଡ଼, ରଣପୁର, କଟକର ୪୨ଜଣ ଜଗୁଆଳି କାଜୁ ଗଛର ରକ୍ଷଣାବେକ୍ଷଣ ଦୀର୍ଘ ବର୍ଷ ଧରି କରିଆସୁଛନ୍ତି। ଜଗୁଆଳିଙ୍କ ଦୀର୍ଘ ୬ମାସର ବକେୟା ଦରମା ବିଭାଗ ପକ୍ଷରୁ ପ୍ରଦାନ କରାଯାଇନାହିଁ। ଦରମା ନ ପାଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବକେୟା ଦରମା ପ୍ରଦାନ, ପ୍ରତିମାସର ୧ରୁ ୫ତାରିଖ ମଧ୍ୟରେ ଦରମା, ଇପିଏଫ୍ ଓ ଇଏସ୍ଆଇ ସୁବିଧା, ସରକାରଙ୍କ ଆଇନ ଅନୁଯାୟୀ ବର୍ଦ୍ଧିତ ଦରମା, ମୁଖ୍ୟମନ୍ତ୍ରୀ ଦେଇଥିବା ଚିଠିକୁ ଠିକ୍‌ଭାବେ କାର୍ଯ୍ୟକାରୀ କରାଯାଉ। ଯେଉଁ କାଜୁ ଜଙ୍ଗଲକୁ ଇଡ୍‌କୋକୁ ଦିଆଯାଉଛି ସେହି ଜଙ୍ଗଲ ଦାୟିତ୍ୱରେ ଥିବା ଜଗୁଆଳିଙ୍କୁ ବାହାର ନ କରି ଖାଲିପଡିଥିବା ଅନ୍ୟ କାଜୁ ଜଙ୍ଗଲରେ ନିଯୁକ୍ତି ଦିଆଯାଉ। ୩ ବର୍ଷିଆ ଏବଂ ୫ ବର୍ଷିଆ କାଜୁ ଉଦ୍ୟାନ ନିଲାମ ଦିଆଗଲେ ମଧ୍ୟ କାଜୁ ଜଗୁଆଳିଙ୍କୁ ପ୍ରତି ମାସରେ ଦରମା ଦିଆଯାଉ। ଯଦି କାଜୁ ଉନ୍ନୟନ ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ନ ନିଏ, ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ସତେଶ୍ୱର ମାର୍ଥା, ସଭାପତି ନବକିଶୋର ମହାନ୍ତି, ଆବାହକ ସୁଶାନ୍ତ ପଲେଇ, ଅକ୍ଷୟ କୁମାର ସାହୁ, ସନାତନ ମହାଭୋଇ, ଧୁଶାସନ ପ୍ରଧାନ, କବିନ୍ଦ୍ର ବଲବନ୍ତରାୟ, ରବୀନ୍ଦ୍ର କୁମାର ଜେନା, ପ୍ରସନ୍ନ ପାତ୍ର, ତପନ ଜେନା, ବିକ୍ରମ ପାଲଟାସିଂହ, ଗୋପାଳ ପ୍ରଧାନ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଖୋର୍ଦ୍ଧା ଡିଭିଜନର ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ସଂକ୍ଷେପରେ

### ଦୁର୍ଘଟଣା: ବାଇକ୍ ଚାଳକଙ୍କ ମୃତ୍ୟୁ

**ବାଣପୁର,୧୮।୨(ଦିଲୀପ କୁମାର ସ୍ୱାଇଁ):** ନାରୁଣୀ ଥାନା ନିକଟ କଉଡ଼ିଖେଣି ବଡ଼ପଦର ଛକଠାରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ତୋରସିଂହ ପଞ୍ଚାୟତ ଭଗବତୀପୁର ଗ୍ରାମର ସୌମ୍ୟରଞ୍ଜନ ସାହୁ। ସୂଚନା ମୁତାବକ, ଖୋର୍ଦ୍ଧାରୁ ସୌମ୍ୟରଞ୍ଜନ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନାରୁଣୀ ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

### ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ମାଟ୍ରିକ ପରୀକ୍ଷା ହବ୍

**ଟାଙ୍ଗୀ,୧୮।୨(ରଘୁନାଥ ସାହୁ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୨୧ତାରିଖଠାରୁ ମାର୍ଚ୍ଚ ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଟାଙ୍ଗୀ ବ୍ଲକ୍ ସଦରମହକୁମାରେ ଥିବା ବଳରାମ ଦେବ ବିଦ୍ୟାପୀଠକୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ହବ୍‌ଭାବେ ଘୋଷଣା କରାଯାଇଛି। ଏହି ହବ କେନ୍ଦ୍ର ଅଧୀନରେ ୧୧ଟି ପରୀକ୍ଷା କେନ୍ଦ୍ର ରହିଛି। ଏହି ପରୀକ୍ଷା କେନ୍ଦ୍ରରେ ବ୍ଲକ ଅନ୍ତର୍ଗତ ୨୬ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷା ଦେବେ। ବଳରାମ ଦେବ ବିଦ୍ୟାପୀଠର ମାଟ୍ରିକ ପରୀକ୍ଷା ହବ କେନ୍ଦ୍ରର ସୁପରିଚାଳନା ପାଇଁ କେନ୍ଦ୍ରର ଭାରପ୍ରାପ୍ତ ନୋଡାଲ ଅଧିକାରୀଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲାଇ, ସହକାରୀ ନୋଡାଲ ଅଧିକାରୀ ଭାବେ ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ବେହେରା ନିଯୁକ୍ତି ହୋଇଛନ୍ତି। ସମସ୍ତ ୧୧ଟି ପରୀକ୍ଷା କେନ୍ଦ୍ରର ସୁପରିଚାଳନା ପାଇଁ ନୋଡାଲ ଅଧିକାରୀଭାବେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନଲତା ବେହେରା ନିଯୁକ୍ତି ହୋଇଛନ୍ତି। ଏଥିସହିତ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇଛନ୍ତି। ଏହି ପ୍ରଶ୍ନପତ୍ର ହବରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ପରୀକ୍ଷା ଦିନ ସ୍ୱତନ୍ତ୍ର ୩ଟି ଗାଡ଼ିରେ ପ୍ରଶ୍ନପତ୍ର ଓ ପରୀକ୍ଷା ଖାତା ଠିକ ସମୟରେ ପରୀକ୍ଷା କେନ୍ଦ୍ରକୁ ଯୋଗାଇ ଦିଆଯିବ। ପରୀକ୍ଷା ସରିବା ପରେ ଉତ୍ତର ଖାତାକୁ କଡ଼ା ସୁରକ୍ଷା ବଳୟରେ ହବ କେନ୍ଦ୍ରକୁ ଆଣିବା ପାଇଁ ବ୍ୟବସ୍ଥା ହୋଇଥିବା ଭାରପ୍ରାପ୍ତ ନୋଡାଲ ଅଧିକାରୀ ପଲାଇ କହିଛନ୍ତି।

# ବିଦ୍ୟାର୍ଥୀଙ୍କ ଜ୍ଞାନର ମାପକାଠି ମେଧାବୃତ୍ତି ପରୀକ୍ଷା

ବୋଲଗଡ଼,୧୮।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକସ୍ତରୀୟ ମେଧା ବୃତ୍ତି ପରୀକ୍ଷା ମଙ୍ଗଳବାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ସାନପଦର ସ୍ଥିତ ସାରସ୍ୱତ ସରସ୍ୱତୀ ବିଦ୍ୟାମନ୍ଦିରରେ ୭୪ଜଣ ଛାତ୍ରୀଛାତ୍ର, ଦେଉଳିସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ରରେ ୬୫ଜଣ ଓ ବାଙ୍କୋଇସ୍ଥିତ ବୀଣାପାଣି ବିଦ୍ୟାମନ୍ଦିର ପରୀକ୍ଷାକେନ୍ଦ୍ରରେ ୬୦ଜଣ ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷା ଦେଇଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରରେ ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ଏହି ବ୍ଲକସ୍ତରୀୟ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ରଙ୍କୁ ରାଜ୍ୟସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ପ୍ରମାଣପତ୍ର ଏବଂ ପୁରସ୍କାର ସହିତ ସମ୍ବର୍ଦ୍ଧିତ କରାଯିବ ବୋଲି ମେଧା ବୃତ୍ତି ପରୀକ୍ଷା ସଂଯୋଜକ ସାନନ୍ଦ କୁମାର ସାହୁ ସୂଚନା ପ୍ରଦାନ କରିବା ସହ ଏହି ମେଧା ପରୀକ୍ଷା ଛାତ୍ରୀଛାତ୍ରଙ୍କ ଜ୍ଞାନର ମାପକାଠି ହୋଇଥାଏ। ତେଣୁ ପ୍ରତିବର୍ଷ ଘରୋଇ ଓ ସରକାରୀ ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରମାନେ ଏହି ମେଧା ବୃତ୍ତି ପରୀକ୍ଷା ଦେବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତ ବୋଲି ସେ କହିଛନ୍ତି।

# କାଡ଼ାନାଳ ନିର୍ମାଣ ନିମ୍ନମାନର ଅଭିଯୋଗ



ନିର୍ମାଣାଧୀନ କାଡାନାଳ।

ନିରାକାରପୁର,୧୮।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଚାଷ ଏବଂ ଚାଷୀଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରିବା ସହ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ ସମୟରେ ବିଭାଗୀୟ ଅଧିକାରୀଙ୍କ ଅବହେଳାରୁ ଯୋଜନା ସଫଳ ରୂପାୟନ ହୋଇପାରୁନି। ଚାଷୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି କ୍ଷେତରେ କାଡ଼ାନାଳ ନିର୍ମାଣ ହେଉଥିବା ବେଳେ ନିମ୍ନମାନର କରାଯାଉଛି। ଏପରିକି ବିନା ସୂଚନା ଫଳକରେ କାମ ହେଉଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ନିରାକାରପୁର, ଲେଣ୍ଡୋ, ଡିଆ, ରାମେଶ୍ୱର ଆଦି ପଞ୍ଚାୟତ ଅଞ୍ଚଳରେ ଥିବା କ୍ଷେତରେ କାଡ଼ାନାଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ରହିବାରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଅଭିଯୋଗ ହେଉଛି। ଆବଶ୍ୟକ ପରିମାଣର କଞ୍ଚାମାଲ ଦିଆଯାଉ ନାହିଁ। ଏପରିକି ବିନା ସୂଚନା ଫଳକରେ କାମ ଚାଲିଛି। ଏନେଇ ସ୍ଥାନୀୟ ୱାର୍ଡସଭ୍ୟ ବିପିନ କୁମାର ସାହୁ କୁହନ୍ତି, କାଡାନାଳ କେଉଁ ସ୍ଥାନରେ ନିର୍ମାଣ କରାଯିବାର ଆବଶ୍ୟକ, ତାହା ଚାଷୀ ଜାଣିବା ଦରକାର। ସେହିପରି ଚାଷୀ ଗୋଲେଖ ଦଳେଇ କୁହନ୍ତି, ଚାଷୀଙ୍କୁ ଅବଗତ କରା ନ ଯାଇ କାଡ଼ାନାଳ ନିର୍ମାଣ କରାଯିବା କେତେଦୂର ଠିକ୍। ଅନ୍ୟପଟେ ଏହାର ନିରପେକ୍ଷ ତଦନ୍ତ ସହ ପ୍ରକୃତ ତଥ୍ୟ ଚାଷୀଙ୍କୁ ବିଭାଗ ପକ୍ଷରୁ ସୂଚନା ଦେବାକୁ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଭାଗୀୟ ଏସ୍‌ଡିଓ ପ୍ରଫୁଲ ଦାଶଙ୍କୁ ପଚାରିବାରେ କୁହନ୍ତି, ବୁଧବାର ଘଟଣାସ୍ଥଳ ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିବି ବୋଲି କହିଛନ୍ତି।

# ଅନିଶ୍ଚିତତାରେ ବିଜେବି ହାଇସ୍କୁଲ ୧୨୫ତମ ଜୟନ୍ତୀ ଉତ୍ସବ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ପାଳନ ନେଇ ଅନିଶ୍ଚିତତା ଲାଗି ରହିଛି। ୨୦୨୦ ଏବଂ ୨୦୨୧ ମସିହାରେ କରୋନା ମହାମାରୀ ଯୋଗୁ ଉତ୍ସବ ପାଳନ ହୋଇପାରିଲା ନାହିଁ। ଏପରିକି ଉତ୍ସବ ପାଳନ ପାଇଁ ପରବର୍ତ୍ତୀ ସମୟରେ ଅନେକ ଥର ବୈଠକ ହୋଇଛି। ଚଳିତ ମାସରେ ଆୟୋଜନ ଲାଗି ନିଷ୍ପତ୍ତି ସତ୍ତ୍ୱେ କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଅତିଥି ନିମନ୍ତ୍ରଣକୁ ନେଇ କୌଣସି ନିଷ୍ପତ୍ତି ହୋଇପାରୁ ନ ଥିବାରୁ ଉତ୍ସବ ଆୟୋଜନରେ ବିଳମ୍ବ ଘଟୁଥିବା ସାଧାରଣରେ ଆଲୋଚନା ହେଉଛି।

ପ୍ରକାଶ ଯେ, ବିଜେବି ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ଆୟୋଜନ ଲାଗି ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ଏବଂ ଆଲମ୍‌ନିକୁ ନେଇ କମିଟି ଗଠନ କରାଯାଇଥିଲା। କମିଟି ପକ୍ଷରୁ ଏକାଧିକ ଥର ବୈଠକ ହୋଇଛି। ଉତ୍ସବରେ ରାଷ୍ଟ୍ରପତିଙ୍କ ଯୋଗଦେବା ନେଇ ଘୋଷଣା ହୋଇଥିଲା। ଏପରିକି ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଖବର ପ୍ରକାଶ ପାଇଥିଲା। ହେଲେ ପରବର୍ତ୍ତୀ ସମୟରେ ରାଷ୍ଟ୍ରପତିଙ୍କ ଭବନରୁ କୌଣସି ଚିଠି ବିଦ୍ୟାଳୟକୁ ଆସିଲା ନାହିଁ। ୨୦୨୪ରେ ତତ୍କାଳୀନ ରାଜ୍ୟପାଳ ରଘୁବର ଦାସଙ୍କୁ ନେଇ ଉତ୍ସବ ଆୟୋଜନ ଲାଗି ସ୍ଥିର ହୋଇଥିଲା। ରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ମଧ୍ୟ କୌଣସି ଉତ୍ତର ଆସିଲା ନାହିଁ। ଏବେ ନୂତନ ରାଜ୍ୟପାଳଙ୍କୁ ନେଇ ଚଳିତ ମାସରେ ଉତ୍ସବ ଆୟୋଜନ ଲାଗି ପୁଣି ଥରେ କମିଟିରେ ନିଷ୍ପତ୍ତି ନିଆଯାଇଥିବା ସତ୍ତ୍ୱେ ଉତ୍ସବ ଆୟୋଜନ ନେଇ ଆଶଙ୍କା ପ୍ରକାଶ କରିଛନ୍ତି ଆୟୋଜକ କମିଟିର କେତେଜଣ ସଦସ୍ୟ। ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସମେତ ଦୁଇ ପୂର୍ବତନ ବିଧାୟକ, ବହୁ ପ୍ରଶାସକ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ପୁରାତନ ଛାତ୍ର ଏହି କମିଟିରେ ରହିଛନ୍ତି। ତେବେ ଉତ୍ସବ ପାଳନ ଲାଗି କୌଣସି ନିଷ୍କର୍ଷ ବାହାରି ପାରୁନାହିଁ। ଏନେଇ ଉତ୍ସବ କମିଟି ଗଣମାଧ୍ୟମ ପରାମର୍ଶଦାତା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ କୁହନ୍ତି, ରାଷ୍ଟ୍ରପତିଙ୍କୁ ରାଜଭବନରେ ଏକ ପ୍ରତିନିଧି ଦଳ ଭେଟି ଆମନ୍ତ୍ରିତ କରିଥିଲେ। ତେବେ ରାଷ୍ଟ୍ରପତି ଭବନରୁ ଏଯାବତ୍ କୌଣସି ଚିଠି ଆସିନାହିଁ। ସେହିପରି ସଂସଦ ସମ୍ପାଦକ ଗୋପାଳକୃଷ୍ଣ ଦାସ କୁହନ୍ତି, ଶୃଙ୍ଖଳିତ ଉତ୍ସବ ଲାଗି ବିଭିନ୍ନ କମିଟି ଗଠନ କରାଯାଇଛି। ଏହି ବିଦ୍ୟାଳୟ ଏକ ଐତିହାସିକ ବିଦ୍ୟାଳୟ, ତେଣୁ ସର୍ବସମ୍ମତିକ୍ରମେ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ରାଷ୍ଟ୍ରପତି ଭବନରୁ ଏନେଇ କୌଣସି ଉତ୍ତର ଆସିଲା ନାହିଁ। ଫଳରେ ବିଳମ୍ବ ଘଟିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାକର ସାହୁ କୁହନ୍ତି, ଉତ୍ସବ ଆୟୋଜନ ଲାଗି ବାରମ୍ବାର ବୈଠକରେ ଆଲୋଚନା କରାଯାଇଛି।

# ଏଆଇ କ୍ଷେତ୍ରରେ ଭାରତର ସଫଳତା: ନବୋନ୍ମେଷ ଆଧାରିତ ଭବିଷ୍ୟତର ଯାତ୍ରା

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଏକ ପରିବର୍ତ୍ତନଶୀଳ ବିପ୍ଳବର ସାକ୍ଷୀ ହେଉଛି ଭାରତ। ଏହି ପରିବର୍ତ୍ତନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ରହିଛି। ଭାରତ ଇତିହାସରେ ପ୍ରଥମ ଥର ପାଇଁ ସରକାର ସିଧାସଳଖ ଏଆଇକୁ ପ୍ରୋତ୍ସାହିତ କରୁଛନ୍ତି, ଯେଉଁଠି କମ୍ପ୍ୟୁଟିଂ ଶକ୍ତି, ଗ୍ରାଫିକାଲ ପ୍ରୋସେସିଂ ୟୁନିଟ୍ (ଜିପିୟୁ) ଏବଂ ଗବେଷଣା ସୁଯୋଗ ସୁଲଭ ମୂଲ୍ୟରେ ଉପଲବ୍ଧ।

ଏଆଇ କେବଳ କିଛି ବିଶେଷ ଲୋକଙ୍କ ପାଖରେ ସୀମିତ ନ ରହୁ ଏବଂ ବଡ଼ ବୈଷୟିକ କମ୍ପାନୀ ଏବଂ ବିଶ୍ୱର ଅଗ୍ରଣୀ ସଂସ୍ଥା ଏହା ଉପରେ ଆଧିପତ୍ୟ ବିସ୍ତାର ନ କରନ୍ତୁ, ସେଥିପାଇଁ ମୋଦୀ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ନୀତି ମାଧ୍ୟମରେ ସରକାର ଛାତ୍ରଛାତ୍ରୀ, ଷ୍ଟାର୍ଟଅପ୍ ଏବଂ ଉଦ୍ଭାବକମାନଙ୍କୁ ବିଶ୍ୱସ୍ତରୀୟ ଏଆଇ କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚାଇବାରେ ସକ୍ଷମ କରୁଛନ୍ତି, ଯାହା ବାସ୍ତବରେ ଏକ ସମାନ ସୁଯୋଗ ସୃଷ୍ଟି କରୁଛି। ଏହା ଭାରତ ଏଆଇ ମିଶନ ହେଉ କିମ୍ବା ଏଆଇ ପାଇଁ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେଉ, ମୋଦୀ ସରକାରଙ୍କ ଏହିସବୁ ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଦେଶର ଏଆଇ କ୍ଷେତ୍ରରେ ଉନ୍ନତି ଆଣିବା। ଏ ସମ୍ବନ୍ଧରେ ମୋଦୀ ସରକାରଙ୍କ ଆଭିମୁଖ୍ୟକୁ ଉପସ୍ଥାପନ କରାଯାଉଛି।

### ଇଣ୍ଡିଆ ଏଆଇ ମିଶନ

ମୋଦୀ ସରକାର ୨୦୨୪ରେ ୧୦,୩୦୦ କୋଟି ଟଙ୍କାର ଆବଣ୍ଟନ ସହିତ ଇଣ୍ଡିଆ ଏଆଇ ମିଶନକୁ ଅନୁମୋଦନ କରିଥିଲେ। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏହି ନିର୍ଦ୍ଧାରିତ ପାଣ୍ଠି ଇଣ୍ଡିଆ ଏଆଇ ମିଶନର ବିଭିନ୍ନ ଉପାଦାନକୁ ପ୍ରୋତ୍ସାହନ ଯୋଗାଇବ। ଗୋଟିଏ ଉଚ୍ଚସ୍ତରୀୟ ସାଧାରଣ କମ୍ପ୍ୟୁଟିଂ ସୁବିଧା ଦ୍ୱାରା ସମର୍ଥିତ, ଇଣ୍ଡିଆ ଏଆଇ ମିଶନ ବର୍ତ୍ତମାନ ଭାରତୀୟ ଭାଷାଗୁଡ଼ିକର ବ୍ୟବହାର କରି ଭାରତୀୟ ସନ୍ଦର୍ଭ ପାଇଁ ସ୍ୱଦେଶୀ ଏଆଇ କାର୍ଯ୍ୟକ୍ରମଗୁଡ଼ିକୁ ଲୋକପ୍ରିୟ କରିବାର ନିକଟତର ହୋଇଛି। ପ୍ରାୟ ୧୦ ହଜାର ଜିପିୟୁର ଗଣନା ସୁବିଧା ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମଡେଲ ଆରମ୍ଭ ହେଉଛି। ଅବଶିଷ୍ଟ ୮,୬୯୩ ଜିପିୟୁ ଖୁବ୍ ଶୀଘ୍ର ଯୋଡ଼ାଯିବ।

### ଜିପିୟୁ ମୌଳିକ ଭିତ୍ତିଭୂମି ଓ ଖୋଲା ଜିପିୟୁ ବଜାର

ଇଣ୍ଡିଆ ଏଆଇ ମିଶନର ଶୁଭାରମ୍ଭ ହେବାର ୧୦ ମାସ ମଧ୍ୟରେ ନୋଡାଲ ମନ୍ତ୍ରଣାଳୟ ବିପୁଳ ପ୍ରତିକ୍ରିୟା ହାସଲ କରିବାରେ ସକ୍ଷମ ହୋଇଛି ଏବଂ ପ୍ରାୟ ୧୮,୬୯୩ ଜିପିୟୁର ଏକ ଉଚ୍ଚମାନର ଏବଂ ଶକ୍ତିଶାଳୀ ସାଧାରଣ କମ୍ପ୍ୟୁଟିଂ ସୁବିଧା ସୃଷ୍ଟି କରିଛି। ଏହି ଓପନ ସୋର୍ସ ମଡେଲ ଡିପସିକଠାରୁ ପ୍ରାୟ ୯ଗୁଣ ଏବଂ ଚାଟ୍‌ଜିପିଟିଠାରୁ ପ୍ରାୟ ଦୁଇ ତୃତୀୟାଂଶ ଅଧିକ। ଉଲ୍ଲେଖନୀୟ କଥା ହେଉଛି, ମୋଦୀ ସରକାର ଭାରତର ଜିପିୟୁ ବଜାରକୁ ଖୋଲିବା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ଭାରତରେ ଏହି ବଜାରକୁ ଖୋଲିବା ପାଇଁ ପ୍ରଥମ ସରକାର ଭାବେ ଏହା ଛୋଟ ଷ୍ଟାର୍ଟଅପ୍, ଗବେଷକ ଏବଂ ଛାତ୍ରମାନଙ୍କୁ ଉଚ୍ଚ-କାର୍ଯ୍ୟଦକ୍ଷତା କମ୍ପ୍ୟୁଟିଂ ସମ୍ବଳକୁ ପ୍ରବେଶ କରିବାକୁ ଅନୁମତି ଦେଇଥାଏ। ଅନ୍ୟପକ୍ଷରେ ବିକଶିତ ଦେଶଗୁଡ଼ିକରେ ଏଆଇ ବଜାରରେ ପ୍ରାୟତଃ ବୃହତ୍ ଶିଳ୍ପ ସଂସ୍ଥାଗୁଡ଼ିକର ପ୍ରାଧାନ୍ୟ ରହିଥାଏ। ମୋଦୀ ସରକାର ଦେଶର ସଂସ୍ଥାଗୁଡ଼ିକୁ ଏଆଇ ବିକାଶ ପାଇଁ ୧୮ହଜାର ଉଚ୍ଚମାନର ଜିପିୟୁ ଆଧାରିତ କମ୍ପ୍ୟୁଟିଂ ସୁବିଧା ପ୍ରଦାନ କରିବେ ଏବଂ ସେଥିମଧ୍ୟରୁ ୧୦ହଜାର ପୂର୍ବରୁ ଉପଲବ୍ଧ ହୋଇସାରିଛି। ସରକାର ୧୦ଟି କମ୍ପାନୀକୁ ମଧ୍ୟ ଚୟନ କରିଛନ୍ତି, ଯେଉଁମାନେ ୧୮,୬୯୩ ଜିପିୟୁ ଯୋଗାଇ ଦେବେ। ଏହାବ୍ୟତୀତ ୩ରୁ ୫ବର୍ଷ ମଧ୍ୟରେ ଭାରତ ନିଜର ଜିପିୟୁ ବିକଶିତ କରିବ ଏବଂ ଆଗାମୀ ୧୦ ମାସ ମଧ୍ୟରେ ଏକ ସ୍ୱଦେଶୀ ମୌଳିକ ଏଆଇ ପ୍ଲାଟଫର୍ମ ଆସିବାର ଆଶା କରାଯାଇପାରେ। ସରକାର ଶୀଘ୍ର ଏକ ସାଧାରଣ କମ୍ପ୍ୟୁଟିଂ ସୁବିଧା ଆରମ୍ଭ କରିବେ, ଯେଉଁଠାରେ ଷ୍ଟାର୍ଟଅପ୍ ଏବଂ ଗବେଷକମାନେ କମ୍ପ୍ୟୁଟିଂ ଶକ୍ତି ବ୍ୟବହାର କରିପାରିବେ। ବିଶ୍ୱସ୍ତରରେ ଜିପିୟୁ ଉପଲବ୍ଧତା ପାଇଁ ଘଣ୍ଟା ପ୍ରତି ପାଖାପାଖି ୨.୫ ରୁ ୩ ଡଲାର ଖର୍ଚ୍ଚ ହେଉଥିବାବେଳେ, ମୋଦୀ ସରକାର ଏହାକୁ ଘଣ୍ଟା ପ୍ରତି ମାତ୍ର ୧ ଡଲାରରେ ପ୍ରଦାନ କରିବେ।

### ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ

ଓପନ୍ ଡାଟା ସହିତ ଏଆଇ ନବୋନ୍ମେଷକୁ ସକ୍ଷମ କରୁଛି। ଡାଟା ଏପରି ଏକ ଶକ୍ତି ଯାହା ଏଆଇ ଗବେଷଣା ଏବଂ ନବସୃଜନକୁ ପରିଚାଳିତ କରେ। ଏକ ସମୃଦ୍ଧ, ବିବିଧ ଏବଂ ପ୍ରଚୁର ଡାଟାସେଟ୍ ବିନା ନିପୁଣ ଡାଟା ବୈଜ୍ଞାନିକ ଏବଂ ଡେଭଲପର୍ସମାନେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଏହାକୁ ସ୍ୱୀକାର କରି ମୋଦୀ ସରକାର ବୃହତ୍ ଗବେଷଣା ସମୁଦାୟ ପାଇଁ ଖୋଲା ଡାଟାସେଟକୁ ସୁଲଭ କରିବା ପାଇଁ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆ ଏଆଇ ଡାଟାସେଟ୍ ପ୍ଲାଟଫର୍ମ ମାଧ୍ୟମରେ ସରକାର ଉଚ୍ଚମାନର, ଅଣବ୍ୟକ୍ତିଗତ ଡାଟାସେଟ୍ ଉପଲବ୍ଧତାକୁ ସୁବ୍ୟବସ୍ଥିତ କରିବା ଏବଂ ଏକ ଏକୀକୃତ ଡାଟା ପ୍ଲାଟଫର୍ମ ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଏହା ଭାରତୀୟ ଷ୍ଟାର୍ଟଅପ୍ ଏବଂ ଗବେଷକମାନଙ୍କ ପାଇଁ ନିରବଚ୍ଛିନ୍ନ ଉପଲବ୍ଧତାକୁ ସକ୍ଷମ କରିବା ସହିତ ଏଆଇ ପରିଚାଳିତ ନବସୃଜନକୁ ତ୍ୱରାନ୍ୱିତ କରିଥାଏ। ଏହି ଏଆଇ ଡାଟାସେଟ୍ ପ୍ଲାଟଫର୍ମରେ ଅଜ୍ଞାତ ତଥ୍ୟ ବା ଡାଟାର ସର୍ବବୃହତ୍ ସଂଗ୍ରହ ରହିବ, ଯାହା ନବସୃଜନକୁ ଆଗେଇ ନେବ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆପ୍ଲିକେଶନଗୁଡ଼ିକର କ୍ଷମତାକୁ ବୃଦ୍ଧି କରିବ।

### ଏଆଇ ଉତ୍କୃଷ୍ଟତା କେନ୍ଦ୍ର ପ୍ରତିଷ୍ଠା

୨୦୨୩ରେ ମୋଦୀ ସରକାର ନୂଆଦିଲ୍ଲୀରେ ତିନୋଟି ଏଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସ(ସିଓଇ) ପ୍ରତିଷ୍ଠା କରିବାକୁ ଘୋଷଣା କରିଥିଲେ, ଯାହା ସ୍ୱାସ୍ଥ୍ୟସେବା, କୃଷି ଏବଂ ଉନ୍ନତ ସହରୀ ଯୋଜନା ଏବଂ ପରିଚାଳନାଯୁକ୍ତ ସହର ଉପରେ ଧ୍ୟାନ ଦେଇଥିଲା। ବଜେଟ ୨୦୨୫-୨୬ରେ ୫୦୦କୋଟି ଟଙ୍କା ବ୍ୟୟ ଅଟକଳ ସହିତ ଶିକ୍ଷାରେ ଏଆଇ ପାଇଁ ଏକ ନୂତନ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଘୋଷଣା କରାଯାଇଛି। ସରକାର ଦକ୍ଷତା ବିକାଶ ପାଇଁ ୫ଟି ଜାତୀୟ ଉତ୍କର୍ଷ କେନ୍ଦ୍ର ଲାଗି ଯୋଜନା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି, ଯାହା ଶିଳ୍ପ-ପ୍ରାସଙ୍ଗିକ ବିଶେଷଜ୍ଞତା ସହିତ ଯୁବକମାନଙ୍କୁ ଦକ୍ଷତା ବୃଦ୍ଧି ନିମିତ୍ତ ପରିକଳ୍ପନା କରାଯାଇଛି। ମେକ୍ ଫର୍ ଇଣ୍ଡିଆ, ମେକ୍ ଫର୍ ଦ ୱାର୍ଲ୍ଡ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ଭାଗୀଦାରି ସହିତ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠା କରାଯିବ।

### ଭାରତର ମୌଳିକ ବୃହତ୍ ଭାଷା ମଡେଲ

ଭାରତ କେବଳ ଏକ ଶକ୍ତିଶାଳୀ ଏଆଇ କ୍ଷେତ୍ରର ବିକାଶ କରୁନାହିଁ, ବରଂ ମୌଳିକ ଏଆଇ ମଡେଲ ନିର୍ମାଣ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ଅଗ୍ରଗତି କରିଛି। ଭାରତର ଏଆଇ ଅଗ୍ରଗତିକୁ ସ୍ୱଦେଶୀ ରଖିବା ଲାଗି ସରକାର ସୁନିଶ୍ଚିତ ପଦକ୍ଷେପ ନେଇଛନ୍ତି। ଡିଜିଟାଲ୍ ଇଣ୍ଡିଆ ଭାଷିଣୀ ହେଉଛି ଭାରତର ଏଆଇ ଆଧାରିତ ଭାଷା ଅନୁବାଦ ପ୍ଲାଟଫର୍ମ, ଯାହାର ଉଦ୍ଦେଶ୍ୟ ହେଉଛି ଭାରତୀୟ ଭାଷାରେ ଇଣ୍ଟରନେଟ୍ ଏବଂ ଡିଜିଟାଲ୍ ସେବାଗୁଡ଼ିକୁ ସହଜରେ ଉପଲବ୍ଧ କରିବା। ଯେଉଁଥିରେ ସ୍ୱର-ଆଧାରିତ ପହଞ୍ଚ ଏବଂ ଭାରତୀୟ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାରେ ସାହାଯ୍ୟ କରିବା ଭଳି ବୈଶିଷ୍ଟ୍ୟ ରହିଛି।

### ଭାରତ ବିଶ୍ୱ ଏଆଇ ପ୍ରତିଭା ଓ ଦକ୍ଷତାରେ ଅଗ୍ରଣୀ

ମେଟ୍ରୋ ସହରଠାରୁ ବାହାରେ ଏଆଇ ପ୍ରତିଭା ସମ୍ଭାବନା ଏବଂ ଏଆଇ ଶିକ୍ଷା ଇଣ୍ଡିଆଏଆଇ ଭବିଷ୍ୟତ ଦକ୍ଷତା ପଦକ୍ଷେପ ଅଧୀନରେ, ଏଆଇ ପାଠ୍ୟକ୍ରମକୁ ସ୍ନାତକ, ସ୍ନାତକୋତ୍ତର ଏବଂ ପିଏଚ୍‌ଡି ପାଠ୍ୟକ୍ରମରେ ସାମିଲ କରାଯିବ। ଏହାବ୍ୟତୀତ ଏନ୍‌ଆଇଆର୍‌ଏଫ୍‌ର ଶ୍ରେଷ୍ଠ ୫୦ଟି ଗବେଷଣା ପ୍ରତିଷ୍ଠାନରେ ଏଆଇ ଉପରେ ଗବେଷଣା କରୁଥିବା ପୂର୍ଣ୍ଣକାଳୀନ ପିଏଚ୍‌ଡି ଛାତ୍ରମାନଙ୍କୁ ଫେଲୋଶିପ୍ ପ୍ରଦାନ କରାଯାଉଛି। ଏଆଇ ଶିକ୍ଷାର ସମାବେଶୀ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସରକାର ଟାୟାର-୨ ଏବଂ ଟାୟାର-୩ ସହରରେ ଡାଟା ଏବଂ ଏଆଇ ପରୀକ୍ଷାଗାର ପ୍ରତିଷ୍ଠା କରୁଛନ୍ତି। ଏହି ପରୀକ୍ଷାଗାରଗୁଡ଼ିକ ବ୍ୟାପକ ଜନସଂଖ୍ୟା ପାଇଁ ମୌଳିକ ଏଆଇ ପାଠ୍ୟକ୍ରମ ପ୍ରଦାନ କରିବେ। ଦିଲ୍ଲୀର ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନଫରମେଶନ୍ ଟେକ୍ନୋଲୋଜି(ଏନ୍‌ଆଇଇଏଲ୍‌ଆଇଟି)ରେ ଏକ ମଡେଲ୍ ଇଣ୍ଡିଆ ଏଆଇ ଡାଟା ଲ୍ୟାବ୍ ପ୍ରତିଷ୍ଠା ହୋଇସାରିଛି।

### ବିଶ୍ୱ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ପ୍ରଥମ ସ୍ଥାନରେ ଭାରତ

ଷ୍ଟାନ୍‌ଫୋର୍ଡ ଏଆଇ ଇଣ୍ଡେକ୍ସ ୨୦୨୪ ଅନୁଯାୟୀ, ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଭାରତ ବିଶ୍ୱର ଅଗ୍ରଣୀ ରାଷ୍ଟ୍ର। ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ଆମେରିକା (୨.୨) ଏବଂ ଜର୍ମାନୀ (୧.୯) ଠାରୁ ଆଗରେ ରହି ଭାରତ ୨.୮ ସ୍କୋର ସହ ବିଶ୍ୱସ୍ତରରେ ପ୍ରଥମ ସ୍ଥାନରେ ରହିଛି। ୨୦୧୬ରୁ ଭାରତ ଏଆଇ ପ୍ରତିଭାର ପ୍ରଦର୍ଶନରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଇଛି, ଯାହା ଏଆଇ କ୍ଷେତ୍ରରେ ନିଜକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ମହିଳାମାନଙ୍କ ପାଇଁ ଏଆଇ କୌଶଳ ପ୍ରୟୋଗ କ୍ଷେତ୍ରରେ ମଧ୍ୟ ଭାରତ ୧.୭ ପ୍ରବେଶ ହାର ସହିତ ଶୀର୍ଷରେ ରହିଛି, ଏହା ପଛକୁ ଆମେରିକା (୧.୨) ଏବଂ ଇସ୍ରାଏଲ (୦.୯) ରହିଛନ୍ତି। ଏହି ସଫଳତା ଏଆଇ ଦକ୍ଷତା ବିକାଶରେ ଲିଙ୍ଗଗତ ପାର୍ଥକ୍ୟକୁ ଦୂର କରିବା ପାଇଁ ଭାରତର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

### ଏଆଇ ନବୋନ୍ମେଷରେ ବର୍ଦ୍ଧିତ ଉପସ୍ଥିତି

ନବୋନ୍ମେଷଣ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ଭାରତୀୟ ଯୁବବର୍ଗ ନିଜର ଶ୍ରେଷ୍ଠତା ପ୍ରମାଣିତ କରିଛନ୍ତି। ଭାରତ ନିଜକୁ ଏଆଇ ପାଇଁ ଏକ ନବୋନ୍ମେଷ କେନ୍ଦ୍ର ରୂପରେ ପ୍ରତିଷ୍ଠା କରୁଛି, ଯେଉଁଠି ବିଶ୍ୱର ୧୬ ପ୍ରତିଶତ ଏଆଇ ପ୍ରତିଭା ଅଛନ୍ତି। ଏଠାରେ ଏଆଇ କୌଶଳକୁ ଦ୍ରୁତ ଗତିରେ ଗ୍ରହଣ କରାଯାଉଛି। ସବୁଠୁ ଦ୍ରୁତ ଗତିରେ ଆଗକୁ ବଢ଼ୁଥିବା ୫ଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରୁ ଭାରତ ଅନ୍ୟତମ। ସିଙ୍ଗାପୁର, ଫିନ୍‌ଲ୍ୟାଣ୍ଡ, ଆୟର୍ଲାଣ୍ଡ ଏବଂ କାନାଡ଼ା ସହିତ ଭାରତ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଶ୍ରେଷ୍ଠ ପାଞ୍ଚଟି ଏଆଇ ପ୍ରତିଭା କେନ୍ଦ୍ର ମଧ୍ୟରେ ରହିଛି। ଭାରତରେ ଏଆଇ ପେସାଦାରଙ୍କ ଚାହିଦା ୨୦୨୬ ସୁଦ୍ଧା ପାଖାପାଖି ୧ ନିୟୁତରେ ପହଞ୍ଚିବ ବୋଲି ଆକଳନ କରାଯାଇଛି।

ଭାରତର ଜେନ୍ ଏଆଇ କ୍ଷେତ୍ର ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଉଲ୍ଲେଖନୀୟ ରୂପରେ ବିକଶିତ ହୋଇଛି। ନାସକମ୍ ଦ୍ୱାରା ନଭେମ୍ବର ୨୦୨୪ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଭାରତର ଜେନେରେଟିଭ୍ ଏଆଇ କ୍ଷେତ୍ର ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଭାରତୀୟ ଜେନ୍ ଏଆଇ ଷ୍ଟାର୍ଟଅପ୍ ପାଣ୍ଠି ଯୋଗାଣ ୨୦୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସ ପାଖାପାଖି ୫କୋଟି ୧୦ ଲକ୍ଷ ଆମେରିକୀୟ ଡଲାର ଥିଲା, ଯେଉଁଥିରେ ବି୨ବି ଏବଂ ଏଜେଣ୍ଟିକ୍ ଏଆଇ ଷ୍ଟାର୍ଟଅପ୍ସଗୁଡ଼ିକ ନେତୃତ୍ୱରେ ତ୍ରୈମାସୱାରୀ ଅଭିବୃଦ୍ଧି ୬ ଗୁଣରୁ ଅଧିକ ଥିଲା।

### ଭାରତ ଏଆଇ ଆପଣାଇବାରେ ଅଗ୍ରଣୀ

ବିସିଜି ଦ୍ୱାରା ସଂକଳିତ ଏକ ସଦ୍ୟ ରିପୋର୍ଟ ଅନୁଯାୟୀ, ଏଆଇ ଗ୍ରହଣ କରିବାରେ ଭାରତ ଅଗ୍ରଣୀ ରହିଛି, ଯେଉଁଥିରେ ୮୦ ପ୍ରତିଶତ କମ୍ପାନୀ ଏଆଇକୁ ଏକ ପ୍ରମୁଖ ରଣନୀତିକ ପ୍ରାଥମିକତା ଭାବେ ଚିହ୍ନଟ କରିଛନ୍ତି। ଏହା ବିଶ୍ୱର ହାରାହାରି ୭୫% ତୁଳନାରେ ଅଧିକ। ରିପୋର୍ଟରେ ଦର୍ଶାଯାଇଛି ଯେ, ୬୯% ଭାରତୀୟ କମ୍ପାନୀ ୨୦୨୫ରେ ସେମାନଙ୍କ ବୈଷୟିକ ପୁଞ୍ଜି ବିନିଯୋଗ ବୃଦ୍ଧି କରିବାକୁ ଯୋଜନା କରିଛନ୍ତି। ଏହି କମ୍ପାନୀଗୁଡ଼ିକ ମଧ୍ୟରୁ ଏକ ତୃତୀୟାଂଶ ଏଆଇ ପଦକ୍ଷେପ ପାଇଁ ୨୫ ନିୟୁତ ଆମେରିକୀୟ ଡଲାରରୁ ଅଧିକ ଆବଣ୍ଟନ କରିଛନ୍ତି।

### ଭାରତୀୟ ଏଆଇ କ୍ଷେତ୍ରରେ ନିରନ୍ତର ପ୍ରଗତି

ସ୍ୱାଧୀନ ଏଜେଣ୍ଟ ଭଳି ଏଆଇ ପରିଚାଳିତ ପ୍ରଯୁକ୍ତିର ଲାଭ ଉଠାଇ କ୍ଷୁଦ୍ର ଏବଂ ମଧ୍ୟମ ଧରଣର ବ୍ୟବସାୟ(ଏସ୍‌ଏମ୍‌ବି)ଗୁଡ଼ିକ ବ୍ୟକ୍ତିଗତ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଏବଂ ବ୍ୟାକ୍-ଅଫିସ୍ କାର୍ଯ୍ୟକଳାପକୁ ଅନୁକୂଳ କରିବା ସକାଶେ ଦକ୍ଷ ଉପାୟ ଖୋଜୁଛନ୍ତି। 'ସେଲ୍ସଫୋର୍ସ' ରିପୋର୍ଟ ଅନୁଯାୟୀ, ଭାରତରେ ଏଆଇ ବ୍ୟବହାର କରୁଥିବା ୭୮% କ୍ଷୁଦ୍ର ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଆୟ ବୃଦ୍ଧି ଅନୁଭବ କରିଛନ୍ତି। ଏଆଇ ଆୟ ବୃଦ୍ଧିରେ ସହାୟକ ହୋଇଛି ବୋଲି ସର୍ବେକ୍ଷଣରେ ସାମିଲ ୯୩% ଭାରତୀୟ ଏସ୍‌ଏମ୍‌ବି କହିଛନ୍ତି।

### ଭାରତରେ ଏଆଇ ବଜାରରେ ବୃଦ୍ଧି

ଭାରତରେ ଏଆଇ ବଜାର ଦ୍ରୁତ ଗତିରେ ବଢ଼ୁଥିବା ବିସିଜି-ନାସକମ୍ ରିପୋର୍ଟ ୨୦୨୪ରେ ଉଲ୍ଲେଖ କରାଯାଇଛି। ଏଆଇ ବଜାର ୨୫-୩୫% ସିଏଜିଆରରେ ବୃଦ୍ଧି ପାଇବ, ଯାହା ନବୋନ୍ମେଷ ଏବଂ ରୋଜଗାର ସୃଷ୍ଟି କ୍ଷମତା ଉପରେ ମଧ୍ୟ ଜୋର ଦେବ। ଏଆଇ ନିୟମିତ କାର୍ଯ୍ୟକୁ ସ୍ୱୟଂକ୍ରିୟ କରିଥାଏ। ଏଥିସହିତ ଏହା ଡାଟା ସାଇନ୍ସ, ମେଶିନ୍ ଲର୍ନିଂ ଏବଂ ଏଆଇ ପରିଚାଳିତ ପ୍ରୟୋଗଗୁଡ଼ିକରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ।

### ଏକ୍ସେଲେଟର ନେଟୱର୍କ ବୃଦ୍ଧି

ଭାରତରେ ବର୍ତ୍ତମାନ ୫୨୦ରୁ ଅଧିକ ବୈଷୟିକ ଇନ୍‌କ୍ୟୁବେଟର ଏବଂ ଏକ୍ସେଲେରେଟର ଉପକରଣ ରହିଛି। ବିଶ୍ୱରେ ଏଆଇ କ୍ଷେତ୍ରରେ ମୋଟ ସକ୍ରିୟ କାର୍ଯ୍ୟକ୍ରମରେ ଭାରତରେ ଏହାର ତୃତୀୟ ସବୁଠୁ ବଡ଼ ସଂଖ୍ୟା ରହିଛି, ଯେଉଁଥିରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଷ୍ଟାର୍ଟଅପ୍‌ର ଆବଶ୍ୟକତାକୁ ପୂରଣ କରିବା ଲାଗି ୪୨% କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଟି-ହବ୍ ମ୍ୟାଥ୍ ପରି ଏକ୍ସେଲେରେଟରମାନେ ଉତ୍ପାଦ ବିକାଶ, ବ୍ୟବସାୟ ରଣନୀତି ଏବଂ ସ୍କେଲିଂ ଉପରେ ଗୁରୁତ୍ୱପୂର୍ଣ୍ଣ ମାର୍ଗଦର୍ଶନ ସହିତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଷ୍ଟାର୍ଟଅପ୍ ପ୍ରଦାନ କରନ୍ତି।

**(ସୌଜନ୍ୟ: ପିଆଇବି)**

## ସଂକ୍ଷେପରେ

### ଶିକ୍ଷକ ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନିରାକାରପୁର,୧୮।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ (ବିଇଓ) ବନଲତା ବେହେରାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଶିକ୍ଷକ ସଂଘ ସଭାପତି ଅମ୍ଳାନ ପ୍ରହରାଜ, ସମ୍ପାଦକ ଦେବାନନ୍ଦ ବେହେରା, କାର୍ଯ୍ୟକାରୀ ସଭାପତି ଅମର କୁମାର ଜୟସିଂ, ଉପସଭାପତି ପ୍ରଶାନ୍ତ କୁମାର ରାୟ, ବିଭୂତି ଭୂଷଣ ଜୁଝାରସିଂ, ଉପଦେଷ୍ଟା ପ୍ରଦୀପ କୁମାର ପରିଡା, କିଶୋର କୁମାର ଦାଶ, ରାଜ୍ୟ ସଂଘ କର୍ମକର୍ତ୍ତା ଗୋପାଳ କିଶୋର ସେନ, ଦୁଃଶାସନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କବି ଦୀନବନ୍ଧୁ ବିଶ୍ୱାଳଙ୍କ ଜୟନ୍ତୀ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସାହିତ୍ୟ ସଂସଦ ଆନୁକୂଲ୍ୟରେ ମଙ୍ଗଳବାର ଗବେଷକ, ସାହିତ୍ୟିକ ତଥା କବି ଦୀନବନ୍ଧୁ ବିଶ୍ୱାଳଙ୍କ ୮୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ ସଭାପତିତ୍ୱ କରିଥିଲେ। ପୂର୍ବତନ ଅଧକ୍ଷ ଡ.ବୃନ୍ଦାବନ ପଣ୍ଡା ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରି କହିଥିଲେ, ୧୯୮୩ ମସିହାରେ ସ୍ଥାନୀୟ ସାମନ୍ତରାପୁରସ୍ଥିତ ଶ୍ରୀନିବାସରେ ପ୍ରେସ୍ ସ୍ଥାପନ କରି ବିଶ୍ୱକେଶ ଦର୍ପଣ ୫ ଭାଗ ପ୍ରକାଶନ କରିଥିଲେ। ପ୍ରତିଶବ୍ଦ ଶବ୍ଦକୋଷ, ସଂକ୍ଷିପ୍ତ ଶବ୍ଦକୋଷ, ସମୋଚ୍ଚାରିତ ଶବ୍ଦକୋଷ ଆଦି ତାଙ୍କର ଓଡ଼ିଆ ବାଣୀ ଭଣ୍ଡାରକୁ ଅମୃତ ଦାନ। ବିଦଗ୍ଧ ଚିନ୍ତାମଣି(୨ଖଣ୍ଡ), ମଥୁରା ମଙ୍ଗଳ(୨ଖଣ୍ଡ), ବିଚିତ୍ର ରାମାୟଣ ଆଦି ଗ୍ରନ୍ଥର ଟିକା ଏବଂ ସମ୍ପାଦନାରୁ ତାଙ୍କ ପ୍ରଜ୍ଞା ପାଣ୍ଡିତ୍ୟର ପରିଚୟ ଦିଏ। ଉତ୍କଳୀୟ ସ୍ଥପତିର ସ୍ଥାପତ୍ୟ, ପଞ୍ଚପାଇକ ଆଦି ତାଙ୍କର ୨୧ଟି ପୁସ୍ତକ ପ୍ରକାଶିତ ହୋଇଛି। ସଂସଦ ସଭାପତି ଗୋପାଳକୃଷ୍ଣ ଦାସ, ଉପସଭାପତି ଇତିଶ୍ରୀ ସାହୁଙ୍କ ସମେତ କବିଙ୍କ ପୁତ୍ର ପୀତବାସ ଓ ଶ୍ରୀନିବାସ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଜଟଣୀ,୧୮।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ନିକଟ ହରିରାଜପୁରସ୍ଥିତ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତିରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୧୨ତାରିଖ ପ୍ରଥମ ଦିବସରେ ଅଙ୍କୁରାରୋପଣ ହୋଇଥିଲା। ଗୁରୁବାର ରିତୀନୀତିରେ ପୂଜାର୍ଚ୍ଚନା ସହ ଶାଳାମଣ୍ଡନ, ତୃତୀୟ ଦିବସରେ ଜଳ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ସର୍ବଦେବଦେବୀ ଆବାହନ, ଅଗ୍ନି ସ୍ଥାପନ କରାଯାଇଥିଲା। ଚତୁର୍ଥ ଦିବସରେ ସୂର୍ଯ୍ୟ ପୂଜା,ଗୋପୂଜା, ସର୍ବଦେବଦେବୀ ଓ ଶପ୍ତଚଣ୍ଡୀ ପୂଜା, ପଞ୍ଚମ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା ଓ ଗୀତା ଆହୁତି ହୋଇଥିଲା। ଷଷ୍ଠ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା ଓ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସୂର୍ଯ୍ୟ ପୂଜା, ହୋମପୂଜା ଓ ସର୍ବଦେବଦେବୀ ପୂଜା କରାଯିବା ସହିତ ହରିବୋଲ ହୁଳହୁଳିରେ ପୂର୍ଣ୍ଣାହୁତି ହୋଇଥିଲା। ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଜଗତ କଲ୍ୟାଣ ପାଇଁ ପ୍ରାର୍ଥନା କରିବା ସହିତ ଆଶୀର୍ବାଦ ଭିକ୍ଷା କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ଶୀତଳଭଣ୍ଡାର

## ଉଦ୍‌ଘାଟନକୁ ୫ ମାସ ବିତିଲା

ବେଗୁନିଆ,୧୮।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ, ହଜ୍ ଏବଂ ଶଗଡ଼ଭଙ୍ଗାରେ ନିର୍ମିତ ସୋଲାର ଶୀତଳଭଣ୍ଡାର ଉଦ୍‌ଘାଟନର ୫ମାସ ପରେ ବି କାର୍ଯ୍ୟକ୍ଷମ ହୋଇପାରୁନି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ୩ଟି ଶୀତଳ ଭଣ୍ଡାର କରାଯାଇଥିଲା ତାହା କାମରେ ଆସିପାରୁ ନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ କାର୍ଯ୍ୟକ୍ଷମ ନ ହେବାରୁ ଲୁହାରେ କଳଙ୍କି ଧରିବାକୁ ବସିଲାଣି।

ସୂଚନାଥାଉ କି, ଶଗଡ଼ଭଙ୍ଗା, ହଜ୍ ଏବଂ ସିକୋ ପଞ୍ଚାୟତରେ ଉଦ୍ୟାନ କୃଷି ବିଭାଗର ମିଳିତ ସହଯୋଗରେ ମୋଟ ୪୫ ଲକ୍ଷ ଟଙ୍କାରେ ୩ଟି ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ତେବେ ଗୋଟିଏ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୧୦ଲକ୍ଷ ୫୦ ହଜାର ଟଙ୍କା ଏବଂ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ୪ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର ହୋଇ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ୨୦୨୪ ସେପ୍ଟେମ୍ବର ୯ରେ ଉଦ୍‌ଘାଟନ କରାଯାଇଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଏବଂ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ତେବେ ଉଦ୍‌ଘାଟନ ପରେ ଏହି ଶୀତଳ ଭଣ୍ଡାରଗୁଡିକ ସମ୍ପୃକ୍ତ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ସରପଞ୍ଚମାନେ କମିଟି ଗଠନ କରି କିଏ କିପରି ଚଳାଇବ ସେମାନଙ୍କ ନାମ ଉଦ୍ୟାନ ବିଭାଗକୁ ଦେବା ପରେ ବିଭାଗ ପକ୍ଷରୁ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ହେଲେ କୌଣସି କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାମ ଉଦ୍ୟାନ ବିଭାଗକୁ ଯାଇପାରି ନାହିଁ। ଏପରିକି ଚାଷୀମାନେ ଯେଉଁ ପନିପରିବା ରଖିବେ ସେଥିପାଇଁ କେତେ ଟଙ୍କା ଦେବାକୁ ପଡ଼ିବ ତାହା ବିଡିଓ ଏବଂ ସରପଞ୍ଚ ନିଷ୍ପତ୍ତି କରିବେ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ସହକାରୀ ଉଦ୍ୟାନ ଅଧିକାରୀ ଚିନ୍ମୟୀ ସାହୁ କୁହନ୍ତି, ଉକ୍ତ ଶୀତଳଭଣ୍ଡାରଗୁଡ଼ିକ କାର୍ଯ୍ୟକ୍ଷମ ହେବା ପାଇଁ ଚେଷ୍ଟା କରାଯାଉଛି। ସରପଞ୍ଚମାନଙ୍କ ସହିତ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ।



ବନ୍ଦହୋଇ ରହିଥିବା ସୋଲାର ଶୀତଳଭଣ୍ଡାର।



ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ଗହଣରେ ଛାତ୍ରୀ ଏବଂ ଅନ୍ୟମାନେ।

## ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ

ବାଲୁଗାଁ,୧୮।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ସ୍ନାତକ ଶ୍ରେଣୀର ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ସୋମବାର ଅଧକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଜ୍ଞା ଭବନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀ ପ୍ରଜ୍ଞାସ୍ମିତା ସାହୁ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଆତ୍ମରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମର ସଂଯୋଜିକା ଅଧାପିକା ଡ.ମୋନାଲିସା ମାନସିଂହ ଅତିଥିଙ୍କ ପରିଚୟ ପ୍ରଦାନ ସହ ତାଲିମ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। ଅଧକ୍ଷ ଡ.ସୁବୁଦ୍ଧି ସ୍ୱାଗତ ଭାଷଣ ସହ ଆତ୍ମରକ୍ଷା କୌଶଳର ବିଭିନ୍ନ ଉପଯୋଗିତା ସମ୍ପର୍କରେ କହିଥିଲେ। ଅତିଥିଭାବେ ଅଧାପକ ଡ. କୈଳାସ ଚନ୍ଦ୍ର ମହାରଣା, ଅଧାପକ ପ୍ରବୀଣ କୁମାର ଜେନା, ପ୍ରତାପ କେଶରୀ ଜେନା, ସାଲୋନୀ ପାତ୍ର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନ୍ତର୍ଜାତୀୟ କରାଟେ ଖେଳାଳି ଦୀପକ ସାମନ୍ତରାୟ କହିଥିଲେ, ବାଳିକାମାନେ ଆତ୍ମରକ୍ଷା ପାଇଁ ପ୍ରତିକ୍ରିୟା ପ୍ରଦର୍ଶନ କରିବା ସହିତ ପ୍ରତିଟି ମୁହୂର୍ତ୍ତରେ ଆତ୍ମସଚେତନ ହେବା ଆବଶ୍ୟକ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧାପିକା ରୀନା ରାଉତ ଓ ପ୍ରଶିକ୍ଷାର୍ଥୀ ନିଲମ ସାହୁ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିବା ବେଳେ ଯୁବ ରେଡ୍‌କ୍ରସ ଅଧିକାରୀ ଅଧାପିକା ମନସ୍ୱିନୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ.ସନ୍ତୋଷ ରଥ, ପ୍ରଦୀପ ପାଢ଼ୀ, ଅଧାପିକା ସ୍ନିଗ୍ଧାରାଣୀ ମୁଦୁଲି, ସୁନୀତା ନନ୍ଦ, ରୋଜାଲିନ ମିଶ୍ର, ଶୁଭଦର୍ଶିନୀ ପରିଡ଼ା, ପ୍ରିୟମ୍ବଦା ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ପରାମର୍ଶ ଦେବା ସହ ଉତ୍ସାହିତ କରିଥିଲେ।

# ଦୀକ୍ଷାନ୍ତ ସମାରୋହ ଉଦ୍‌ଯାପିତ

ବେଗୁନିଆ,୧୮।୨(ସନ୍ଧ୍ୟାରାଣୀ ମିଶ୍ର)

କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରରେ ଚାଲିଥିବା ସପ୍ତଦଶ ସାମ୍ବତ୍ସରିକ ଉତ୍ସବ ଓ ଦୀକ୍ଷାନ୍ତ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉପସଭାପତି ରାଜଶ୍ରୀ ପଣ୍ଡା ଅଧକ୍ଷତା କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ। ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ଅମୂଲ୍ୟ କୁମାର ବାହିନୀପତି ବିଶିଷ୍ଟ ଅତିଥି ଏବଂ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ମତବ୍ୟକ୍ତ କରିବା ସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୱତ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଅତିଥିଙ୍କ ପରିଚୟ ଏବଂ ବିଦ୍ୱତ ପରିଷଦ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ। ପରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଏବଂ ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର ସ୍ୱରଚିତ ସଙ୍ଗୀତ ପରିବେଷଣ କରିଥିଲେ। ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସରୋଜ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।



କଣ୍ଟାବାଡ଼ ସରସ୍ୱତୀ ଶିଶୁ ମନ୍ଦିରର ସପ୍ତଦଶ ସାମ୍ବତ୍ସରିକ ଉତ୍ସବ ଓ ଦୀକ୍ଷାନ୍ତ ସମାରୋହର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥି।

## ସର୍ଭେରେ ଜନସାଧାରଣଙ୍କ ସହଯୋଗ ଜରୁରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଜଟଣୀ,୧୮।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦ ପକ୍ଷରୁ ସ୍ଥାନୀୟ ଟାଉନ ହଲ(ସ୍ରଷ୍ଟା)ରେ ସହରାଞ୍ଚଳ ଡିଜିଟାଲ ସର୍ଭେ 'ନକ୍ସା' କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଛି। ଦେଶର ୧୫୨ଟି ସହର ଏଥିରେ ସ୍ଥାନ ପାଇଥିବା ବେଳେ ଓଡ଼ିଶାର ଖୋର୍ଦ୍ଧା, ଜଟଣୀ, ଝାରସୁଗୁଡ଼ା ଏବଂ ବାରିପଦା ସ୍ଥାନ ପାଇଛି। ଏହି ସର୍ବେକ୍ଷଣ ଜମିଜମା ସମ୍ବନ୍ଧିତ ବିବାଦକୁ ସହଜରେ ଦୂର କରିବା ସହ ସହରାଞ୍ଚଳର ଜମିର ଠିକ୍ ମୂଲ୍ୟ ଆକଳନ ତଥା ଠିକ୍‌ଭାବେ ଭୂମି କର ଆଦାୟ କରିବାରେ ସହାୟକ ହେବ। ସର୍ଭେ ଦାୟିତ୍ୱରେ ଥିବା ସଂସ୍ଥା ସହ ପୌର ପରିଷଦ ଅଧିକାରୀ ଏବଂ ରାଜସ୍ୱ ବିଭାଗ ମଧ୍ୟରେ ଉତ୍ତମ ବୁଝାମଣା, ସମନ୍ୱୟତା ଏବଂ ଜନସାଧାରଣଙ୍କ ସହଭାଗିତା ଜରୁରୀ। ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷ ଅନନ୍ତ ବେହେରା, ଉପାଧକ୍ଷା ଆରତୀ ରାଉତ, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର, ସର୍ଭେ ଅଫ୍ ଇଣ୍ଡିଆର ମିଥିଲେଶ ଗୁପ୍ତାଙ୍କ ସହ ଅନ୍ୟ ସହଯୋଗୀ, ପୌର ପରିଷଦର କାଉନସିଲର, ଟିକସଦାତା, ବିଭିନ୍ନ ମହିଳା ଗୋଷ୍ଠୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

## ୧୫୯୯ ଛାତ୍ରୀଛାତ୍ର ଦେବେ ମାଟ୍ରିକ ପରୀକ୍ଷା

### ବେଗୁନିଆ ବ୍ଲକ

ବେଗୁନିଆ,୧୮।୨(ହର ପ୍ରସନ୍ନ ପଣ୍ଡା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଆନୁକୂଲ୍ୟରେ ଆସନ୍ତା ୨୧ତାରିଖରୁ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏନେଇ ବେଗୁନିଆ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଶୃଙ୍ଖଳିତ ଏବଂ ସ୍ୱଚ୍ଛତା ପରିଚାଳନା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି। ବ୍ଲକର ନୋଡାଲ ପରୀକ୍ଷା କେନ୍ଦ୍ର ଭାବେ ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଦାୟିତ୍ୱ ମିଳିଛି। ସେହିପରି ବ୍ଲକର ଯୋଗ୍ୟ ବିବେଚିତ ୧୧ଟି ପରୀକ୍ଷା କେନ୍ଦ୍ରକୁ ଅନୁମତି ମିଳିଛି। ଉକ୍ତ କେନ୍ଦ୍ରରେ ମୋଟ୍ ୧୫୯୯ ଜଣ ମାଟ୍ରିକ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ନୋଡାଲ କେନ୍ଦ୍ରର ଅଧିକାରୀଭାବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଏବଂ ଡେପୁଟି ଅଧିକାରୀଭାବେ ସୁରଜିତା ଦଳେଇଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଶ୍ନପତ୍ରକୁ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ନୋଡାଲ କେନ୍ଦ୍ରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯିବ। ୪ଜଣ ସଶସ୍ତ୍ର ପୋଲିସ ବାହିନୀ ସୁରକ୍ଷା ଯୋଗାଇଦେବେ। ନୋଡାଲ କେନ୍ଦ୍ର ସହିତ ଅନ୍ୟ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବ୍ୟବସ୍ଥା କରାଯାଇଛି। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବା ପାଇଁ ବିଧିବଦ୍ଧ ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

## 'ଫକୀର ମୋହନଙ୍କ ସାହିତ୍ୟରେ ନାରୀ' ଶୀର୍ଷକ ପାଠଚକ୍ର


ପାଠଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଆନୁକୂଲ୍ୟରେ 'ଫକୀର ମୋହନ ସେନାପତିଙ୍କ ସାହିତ୍ୟରେ ନାରୀ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନ ଏହି ପାଠଚକ୍ରକୁ ଉଦ୍‌ଘାଟନ କରି କହିଥିଲେ, ଓଡ଼ିଆ ସାହିତ୍ୟକୁ ଫକୀରମୋହନ ସମୃଦ୍ଧ କରିଛନ୍ତି। ସେ ଜଣେ ଅମ୍ଳାନ ପ୍ରତିଭା। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗୀୟ ମୁଖ୍ୟ ତଥା ବିଶିଷ୍ଟ ସାହିତ୍ୟିକା ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟରେ ନାରୀଙ୍କ ଭୂମିକା ସମ୍ପର୍କରେ କହିଥିଲେ। ଏଥିସହ ଉନବିଂଶ ଶତକ ସମାଜ, ସଂସ୍କୃତି ସମ୍ପର୍କରେ ତଥ୍ୟଭିତ୍ତିକ ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ସସ୍ମିତା ପଟ୍ଟନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧାପିକା ସାନ୍ତ୍ୱନା ବେହେରା, ଅଧାପକ ଡ.ପ୍ରବୀଣ କୁମାର ମିଶ୍ର, ଅଧାପିକା ସସ୍ମିତା ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ। ଏହି ପାଠଚକ୍ରରେ ସମସ୍ତ ଅଧାପିକା, ଅଧାପକ, ଛାତ୍ରୀମାନେ ଯୋଗଦେଇଥିଲେ। ମହାବିଦ୍ୟାଳୟର କୃତୀ ଛାତ୍ରୀ ଅର୍ପିତା ମହାରଣା, ବିଶ୍ୱବିଜୟନୀ ସ୍ୱାଇଁ ଏବଂ ସୁସ୍ମିତା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପାଠକଙ୍କ ଜ୍ଞାନ ବିକଶିତ କରିଥାଏ ପାଠାଗାର

ବୋଲଗଡ,୧୮।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ଅରଖପଲ୍ଲୀ ନୂଆସାହିସ୍ଥିତ ରଘୁନାଥ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ରଘୁନାଥ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ପ୍ରାଧାପକ ସୁନୀଲ କୁମାର ରଥ ଯୋଗଦେଇ ଉକ୍ତ ପାଠାଗାରକୁ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ। ଶିକ୍ଷାବିତ୍ ରଘୁନାଥ ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଡ.ଅଚ୍ୟୁତ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶିକ୍ଷକ ନେତା ସୁମନ୍ତ ଛୋଟରାୟ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ସତ୍ୟବାଦୀ ବଳିୟାରସିଂହ, ନବକିଶୋର ପଟ୍ଟନାୟକ, ହରିବନ୍ଧୁ ସାହୁ, ରବୀନ୍ଦ୍ର କୁମାର ପରିଡା, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧାପକ ପ୍ରଫୁଲ୍ଲ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ। ପାଠାଗାର ଦ୍ୱାରା ପାଠକଙ୍କ ଜ୍ଞାନ ବିକଶିତ ହୋଇଥାଏ ବୋଲି ମୁଖ୍ୟ ଅତିଥି ରଥ କହିଥିଲେ। ପରିବେଶବିତ୍ ଶିକ୍ଷକ ସାନନ୍ଦ କୁମାର ସାହୁ, କବୟିତ୍ରୀ ସେବତୀ ପରିଡା, ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଅଧକ୍ଷ ଅଭିନାଶ ସୁବୁଦ୍ଧି, ସାମାଜିକ କର୍ମୀ ସୁରେଶ କୁମାର ନାୟକଙ୍କ ସମେତ ଅନ୍ୟ ପ୍ରତିଭାମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଭକ୍ତି ଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ପାଠାଗାର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

# ଜେଜେ କ୍ଲବ୍ କଟକ ସେମିରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ବେଗୁନିଆ,୧୮।୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅଧୀନ କୁଶୁପଲ୍ଲା ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଚାଲିଥିବା ସର୍ବଭାରତୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର କଟକର ଜେଜେ କ୍ଲବ୍ ଏବଂ ସେଞ୍ଚୁରିଆନ ୟୁନିଭର୍ସିଟି ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୨ ଗୋଲରେ ଜେଜେ କ୍ଲବ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସିମୋର ସରପଞ୍ଚ ହାଡିବନ୍ଧୁ ମହାପାତ୍ର, ସାମାଜିକକର୍ମୀ ଶିଶିର ରଞ୍ଜନ ଛୁଆଳସିଂହ, ଭୋଳାନାଥ ମହାପାତ୍ର, ଏସ୍.କେ ସମାଦଅଲ୍ଲୀ, ଇଜ୍‌ମତ ଖାଁ, ଖଗେଶ୍ୱର ମନ୍ତ୍ରୀ, ପୀତବାସ ମହାପାତ୍ର, ପ୍ରେମାନନ୍ଦ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ପରିଚାଳକ ଦୟାନ ଖାଁଙ୍କ ଅଧକ୍ଷତାରେ ସାଇ କିସକୋ ମ୍ୟାଚ ରେଫରି ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ବେହେରା, ଗିରିଶ ଚନ୍ଦ୍ର ଜାନି ଏବଂ ସଗିର ଅହମ୍ମଦ ଲାଇନରେ ସହଯୋଗ କରିଥିଲେ। ଫୈଜଲ ହୁସେନ ଖାନ ଭାଷ୍ୟକାର ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ସହଯୋଗ କରିଥିଲେ ଅମଜାଦ ଖାନ ଏବଂ ଏସ୍.କେ ରମଜାନ। ବୁଧବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଘାଟିକିଆର ବଜରଙ୍ଗବାଲୀ ଫୁଟବଲ କ୍ଲବ୍ ଏବଂ କଟକର ଜେଜେ କ୍ଲବ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ରାଇଜିଂଷ୍ଟାର କୁମାରବସ୍ତ ବିଜୟୀ

### ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଖୋର୍ଦ୍ଧା,୧୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ଚାଲିଥିବା ୩ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସରେ ରାଇଜିଂ ଷ୍ଟାର କୁମାରବସ୍ତ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ସ୍ଥାନୀୟ ଖେଳପଡ଼ିଆରେ ରାଇଜିଂ ଷ୍ଟାର କୁମାରବସ୍ତ ଏବଂ ନୂଆପାଟଣା ଡିଗିରିଆ କଟକ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନୂଆପାଟଣା ଡିଗିରିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୪ ଉଇକେଟ ବିନିମୟରେ ୨୨୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁବ୍ରତ ମହାନ୍ତି ୬୧ ଏବଂ ଜୁନେଦ ଖାନ ୪୨ରନ କରିଥିଲେ। ଜବାବରେ ରାଇଜିଂଷ୍ଟାର କୁମାରବସ୍ତ ଟିମ୍ ୧୮.୩ ଓଭରରେ ୪ ଉଇକେଟ ବିନିମୟରେ ୨୨୮ରନ ସଂଗ୍ରହ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୧୧୬ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁନେନ୍ଦ୍ର ଚମ୍ପତିରାୟ ଏବଂ ପ୍ରାଣବନ୍ଧୁ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୌମ୍ୟରଞ୍ଜନ ପାଇକରାୟ ଏବଂ ଦୀପକ ସ୍ୱାଇଁ ସ୍କୋରର, ଆଦିତ୍ୟ ବଳିୟାରସିଂହ ଏବଂ ଝଜ କିଶୋର ସାମନ୍ତରାୟ ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇଥିଲେ। ଅତିଥିଭାବେ ସନାଉଲ୍ଲା ମିଆଁ ଏବଂ ଶୁଭ୍ରାଂଶୁ ଚମ୍ପତିରାୟ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବୁଧବାର ଜାକୋଭିନ ଚୌଦ୍ୱାର ଏବଂ ଇଗଲ ସ୍ପୋର୍ଟିଂ ମେଣ୍ଟାଶାଳ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।


ଅତିଥିଙ୍କଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ସହରୀ ବନ୍ୟା ନିୟନ୍ତ୍ରଣ ପାଇଁ ମାଷ୍ଟରପ୍ଲାନ୍



ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଓ ଅଧିକାରୀମାନେ।

**ଭୁବନେଶ୍ୱର, ୧୮।୨ (ବନ୍ଦନା ସେଠୀ)**

ଭୁବନେଶ୍ୱରରେ ହେଉଥିବା ସହରୀ ବନ୍ୟା ନିୟନ୍ତ୍ରଣ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବ ଆଇଆଇଟି ରୁର୍କୀ। ଏନେଇ ମଙ୍ଗଳବାର ଭୁବନେଶ୍ୱର ମହାନଗର ନିଗମ ଓ ଆଇଆଇଟି ରୁର୍କୀ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି। ପ୍ରତିବର୍ଷ ବର୍ଷା ଋତୁରେ ସହରରେ ବନ୍ୟା ଓ ଜଳପ୍ଲାବନ ଭଳି ସମସ୍ୟା ସୃଷ୍ଟି ହେଉଛି। ଏହାର ଦୀର୍ଘସ୍ଥାୟୀ ସମାଧାନ ନିମନ୍ତେ ବିଏମ୍‌ସି ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ କରିବାକୁ ଏକ ସ୍ମାର୍ଟ ଡ୍ରେନେଜ ସିଷ୍ଟମ ପାଇଁ ମାଷ୍ଟର ପ୍ଲାନ ଏବଂ ଡିପିଆର୍ (ଡ୍ରାଫ୍ଟ ପ୍ରୋଜେକ୍ଟ ରିପୋର୍ଟ) ପ୍ରସ୍ତୁତ କରିବାକୁ ଯୋଜନା କରୁଛି। ଏଥିପାଇଁ ଆବଶ୍ୟକ ପ୍ରଯୁକ୍ତି ଜ୍ଞାନ ଏବଂ ବିଶେଷଜ୍ଞତାର ଉପଯୋଗ କରିବାକୁ ଆଇଆଇଟି ରୁର୍କି ସହିତ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଆସନ୍ତା ବର୍ଷେ ମଧ୍ୟରେ ପ୍ରାୟ ୨୫୬ବର୍ଗ କି.ମି. ଅଞ୍ଚଳକୁ ନେଇ ସମଗ୍ର ସହରର ବର୍ଷାଜଳ ପରିଚାଳନା ପାଇଁ ଏକ ସମନ୍ୱିତ ସମାଧାନ ରାସ୍ତା ବାହାର କରିବା ପାଇଁ ଆଇଆଇଟି ରୁର୍କୀ ବିସ୍ତୃତ ଡ୍ରେନେଜ ମାଷ୍ଟର ପ୍ଲାନ୍‌ର ଡିପିଆର୍ ପ୍ରସ୍ତୁତ କରିବ। ଏଥିପାଇଁ ୮.୦୪ କୋଟି ଟଙ୍କାର ବ୍ୟୟ ବରାଦ ଆକଳନ କରାଯାଇଛି। ୨୦୫୦ ପାଇଁ ଆକଳନ କରାଯାଇଥିବା ଭୂମି ବ୍ୟବହାର, ଜନସଂଖ୍ୟା ଏବଂ ଜଳ ଓ ଜଳବାୟୁକୁ ସମୀକ୍ଷା କରି ଏହି ଯୋଜନା ପ୍ରସ୍ତୁତ ହେବ। ଏଥିରେ ଛୋଟ, ମଧ୍ୟମ ଏବଂ ମୁଖ୍ୟ ଡ୍ରେନ କ୍ଷେତ୍ରଗୁଡ଼ିକର ଜଳ ବିଜ୍ଞାନ ମଡେଲିଂ କରାଯିବ। ଫଳରେ ସହରରେ ଡ୍ରେନେଜ ପରିଚାଳନା ପାଇଁ ସ୍ୱତନ୍ତ୍ର ସମାଧାନ ହୋଇପାରିବ। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମେୟର ସୁଲୋଚନା ଦାସ, ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଅଧ୍ୟକ୍ଷ ଏନ. ତିରୁମଲ୍ଲା ନାୟକ, ଓସ୍‌ଡମା ଦକ୍ଷତା ବିକାଶ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଇଆଇଟି ରୁର୍କୀ ସହ ବିଏମ୍‌ସିର ଏମ୍‌ଓୟୁ

# ଖଣ୍ଡଗିରି ମେଳାରେ ବିଏମ୍‌ସିର ପରିମଳ, ଜନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ)**

୧୫ ଦିନ ଧରି ଚାଲିଥିବା ଖଣ୍ଡଗିରି ମାଘମେଳା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ଏହି ମେଳାରେ ଆଲୋକ, ପାନୀୟ ଜଳ ସହ ବିଏମ୍‌ସି ପକ୍ଷରୁ ଜନସ୍ୱାସ୍ଥ୍ୟ ଓ ପରିମଳ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଦୋକାନୀମାନେ ଯେପରି ସାସ୍ଥ୍ୟ ରକ୍ଷା ପରିମଳ ବ୍ୟବସ୍ଥାକୁ ମାନି ଚଳିବେ ଏବଂ ପରିମଳ ସୁନିଶ୍ଚିତ ହେବ, ସେଥିପାଇଁ ସତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। କମିଶନର ରାଜେଶ ପ୍ରଭାକର ପାଟିଲ ଓ ମେୟର ସୁଲୋଚନା ଦାସଙ୍କ ନିର୍ଦ୍ଦେଶରେ ୨୪ ଘଣ୍ଟିଆ ସଫେଇ କାର୍ଯ୍ୟକ୍ରମ ସାଙ୍ଗକୁ ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ଟିମ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲା। ନଗର ସ୍ୱାସ୍ଥ୍ୟ ଅଧିକାରୀ ଦୀପକ ବିଶୋଇଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଖାଦ୍ୟ ନିରାପତ୍ତା ଅଧିକାରୀ ସତ୍ୟଜିତ୍ ପଟେଲଙ୍କ ନେତୃତ୍ୱରେ ଫେବୃଆରୀ ୪ରୁ ୧୭ ପର୍ଯ୍ୟନ୍ତ ନିରନ୍ତର ତଦାରଖ ଚାଲୁ ରହିଥିଲା। ଖାଦ୍ୟ ନିରାପତ୍ତା ନିୟମକୁ ଭିତ୍ତିକରି ବିଭିନ୍ନ ଖାଦ୍ୟ ଦୋକାନରୁ ନମୁନା ସଂଗ୍ରହ, ବାସି ଖାଦ୍ୟ ନଷ୍ଟ କରିବା ଏବଂ ସତର୍କତା ନୋଟିସ ଜାରି କରାଯାଇଥିଲା। ୬୪୦ଟି ଖାଦ୍ୟ ଦୋକାନରେ ଚଢାଉ କରାଯାଇ ପ୍ରାୟ ୪ କୁଇଣ୍ଟାଲ୍ ଖରାପ ଖାଦ୍ୟ ନଷ୍ଟ କରାଯିବା ସହ ୫୦ ଦୋକାନରୁ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ ପାଇଁ ପଠାଯାଇଥିଲା। ସେଥିରୁ ଦୁଇଟି ନମୁନାରେ ଖାଦ୍ୟ ଖାଇବା ଯୋଗ୍ୟ ହୋଇ ନ ଥିବାରୁ ସମ୍ପୃକ୍ତ ଦୋକାନୀଙ୍କୁ ନୋଟିସ ଜାରି କରାଯାଇଛି। ଏ ବାବଦରେ କେତେକ ଦୋକାନୀଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମେଳାରେ ୪୦ଜଣ ଏଆଇ, ଜୋନ ସାନିଟେଶନ ଏକ୍ସପର୍ଟ, ସୁପରଭାଇଜରମାନେ ପରିମଳ କାର୍ଯ୍ୟର ତଦାରଖ କରୁଥିଲେ। ସେମାନଙ୍କ ସହିତ ଟିମ ସାଇନ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ମଧ୍ୟ କାର୍ଯ୍ୟ କରୁଥିଲେ। ନିୟମିତ ଯାଞ୍ଚ ଫଳରେ ଦୋକାନୀ ଏବଂ ଖାଉଟିମାନେ ସତର୍କତା ଅବଲମ୍ବନ କରିଥିଲେ। ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ଏ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

# ରଙ୍ଗ ସଙ୍ଗମରେ 'ଚିତ୍ର ପ୍ରତିମା'


ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ରେ ପରିବେଷିତ ନାଟକ 'ଚିତ୍ର ପ୍ରତିମା'ର ଏକ ଦୃଶ୍ୟ।

**ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ)**

ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ର ତୃତୀୟ ସନ୍ଧ୍ୟା ମଙ୍ଗଳବାର ରବୀନ୍ଦ୍ର ମଣ୍ଡପରେ ନାଟକ 'ଚିତ୍ର ପ୍ରତିମା' ମଞ୍ଚସ୍ଥ ହୋଇଛି। ନାଟ୍ୟକାର ଗୌରହରି ଦାସଙ୍କ ରଚିତ ଏହି ନାଟକକୁ ଦେଖିବା ପାଇଁ ଭଞ୍ଜକଳା ମଣ୍ଡପ ପ୍ରେକ୍ଷାଳୟରେ ଆଜି ଦର୍ଶକମାନଙ୍କ ବେଶ ଭିଡ଼ ଦେଖିବାକୁ ମିଳିଥିଲା। କୌଣସି ମଣିଷ ଦୋଷଶୂନ୍ୟ ନୁହେଁ କିମ୍ବା ପରିପୂର୍ଣ୍ଣ ନୁହେଁ। ନିଜର ସାଧାରଣ ଗୁଣ ଏବଂ ସୁସମ୍ପର୍କକୁ ନେଇ ସେ ନିଜର ସଂସାର ଗଢ଼ିଥାଏ। ମଣିଷ ଗୋଟେ ଚିତ୍ର ପ୍ରତିମା ପରି। ଉପରଟା ଖୁବ ସୁନ୍ଦର କିନ୍ତୁ ତାର ମନ ଭିତରେ ରହିଥାଏ ଅନେକ ପ୍ରଶ୍ନ, ଆଶା, ଆକାଂକ୍ଷା ଓ ଉଦ୍ଦୀପନା। ଅନ୍ଧାର ଆଲୁଅରେ ଲୁଚକାଳିରେ ଆମ ସମାଜର ସାଧାରଣ ମଣିଷର ସାଂସାରିକ ଜୀବନକୁ ନେଇ ରଚିତ ଏହି ନାଟକ ଚିତ୍ର ପ୍ରତିମା ଆଜି ସମସ୍ତ ଦର୍ଶକଙ୍କ ମନ ମୋହିବାରେ ସଫଳ ହୋଇପାରିଛି। ନିର୍ଦ୍ଦେଶକ ପବିତ୍ର ମହାନ୍ତି ନାଟକର ନିର୍ଦ୍ଦେଶନା ଦେଇଥିଲେ। ଭୁବନେଶ୍ୱରର ବାଗଦେବୀ ଲିଟରେଚର ଟ୍ରଷ୍ଟର କଳାକାରମାନେ ମଞ୍ଚରେ ବିଭିନ୍ନ ଚରିତ୍ରକୁ ନିଜ ଅଭିନୟ ମାଧ୍ୟମରେ ଜୀବନ୍ତ କରି ଗଢ଼ିତୋଳିଥିଲେ।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କଟକ, ୧୮।୨ (କାର୍ତ୍ତିକ ସାହୁ)**

ନାବାଳିକା ବଳାତ୍କାର ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ହେବ। ଅଭିଯୁକ୍ତ ହେଲେ ଜଗତପୁର ଥାନା ଅନ୍ତର୍ଗତ ବିଶ୍ୱନାଥପୁରର ରବୀନ୍ଦ୍ର ଭୋଇ(୬୪)। ଅପରପକ୍ଷରେ ଜଗତ୍‌ପୁର ଅଞ୍ଚଳର ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୨୪ ମାର୍ଚ୍ଚ ୨୭ ତାରିଖରେ ରବୀନ୍ଦ୍ର ଜଣେ ୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ୨୦୨୪ ମେ' ୨୭ ତାରିଖରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ୧୨ ଜଣଙ୍କ ସାକ୍ଷ୍ୟ ଓ ୧୯ଟି ତଥ୍ୟକୁ ବିଚାରକୁ ନେଇ ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ଟଙ୍କା ଅଭାବରେ ମଣିଷ ବଦଳେ


ଉତ୍ତର ପୁରୁଷ ପକ୍ଷରୁ ପରିବେଷିତ ନାଟକ 'ପଞ୍ଚାନନ ଉପାଖ୍ୟାନ'ର ଏକ ଦୃଶ୍ୟ।

**ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ)**

ଟଙ୍କାର ଅଭାବ ଓ ପ୍ରାବଲ୍ୟରେ ବଦଳିଯାଏ ମଣିଷପଣିଆ, ବଦଳିଯାଏ ବନ୍ଧୁପଣିଆ ଓ ଜାତି ଚରିତ୍ର। ସବୁ ଚକ ଚକ କରୁଥିବା ଯେ ସୁନା ନୁହେଁ, ଏକଥା ପୁଣି ଥରେ ପ୍ରମାଣିତ ହୁଏ। ପଞ୍ଚୁ ଜୀବନରେ ତାହା ହିଁ ଘଟିଛି। ଲଟେରି ମିଳିବାର ଆଭାସ ମାତ୍ରେ ବଦଳି ଯାଇଛନ୍ତି ଆଶ୍ରା ଦେଇଥିବା ପରିବାର। ବଦଳି ଯାଇଛି ପଞ୍ଚୁ ଓ ଦୂର୍‌ଦୂର୍ ମାର୍‌ମାର୍ କରୁଥିବା ପରିବାରର ଲୋକେ। ତେବେ କ'ଣ ହେବ ପଞ୍ଚୁର ଅବସ୍ଥା ? କ'ଣ ହେବ ଆଶ୍ରା ଦେଇଥିବା ପରିବାରର ସ୍ଥିତି? ପଞ୍ଚୁ ବଦଳିଯିବ ନା ଭ୍ରମ ତୁଟିଯିବ? ପଞ୍ଚୁ ପାଇଁ ପରିବାର ନା ଚାମ୍ପିର ପ୍ରେମ ମୂଲ୍ୟବାନ୍? ଟଙ୍କାର ଆଗମନରେ କିପରି ମଣିଷର ଜାତି ଚରିତ୍ର ବଦଳିଯାଏ ଓ ଘଟଣାକ୍ରମରେ କିପରି ପରିବର୍ତ୍ତନ ହୁଏ, ତାହା ନାଟକ 'ପଞ୍ଚାନନ ଉପାଖ୍ୟାନ'ରେ ଦେଖିବାକୁ ମିଳିଛି। ନାଟ୍ୟାନୁଷ୍ଠାନ ଉତ୍ତର ପୁରୁଷ ପକ୍ଷରୁ ରବୀନ୍ଦ୍ରମଣ୍ଡପର ଚାଲିଥିବା ନାଟକ ଉତ୍ସବର ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ହୋଇଛି ଏହି ନାଟକ। ଏହାର ନିର୍ଦ୍ଦେଶନା ଡ. ପ୍ରସନ୍ନ କୁମାର ମିଶ୍ର ଦେଇଥିବାବେଳେ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ରାଜ କୁମାର, ପବିତ୍ର କର, ରୂପେଶ, ବିରଞ୍ଚି, ଅଭିଷେକ, କ୍ରିଷ୍ଣା, ମାମା, କାବେରୀ ଓ ଅଞ୍ଜଳି ପ୍ରମୁଖଙ୍କ ଚମତ୍କାର ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପାର୍ଥ ଦାସ, ଗୌରୀ ମିଶ୍ର, ପ୍ରଦୀପ ବିଶ୍ୱାଳ ଯୋଗଦେଇଥିବାବେଳେ ଦେବଦତ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଓ ପକ୍ଷରୁ ଚିତ୍ରଶିଳ୍ପୀ ଶିବିର 'ଚିତ୍ରାଞ୍ଜଳି'


ଚିତ୍ରଶିଳ୍ପୀ ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ)**

ଆର୍ଟିଷ୍ଟ ଆସୋସିଏଶନ ଅଫ୍ ଓଡ଼ିଶା (ଆଓ) ପକ୍ଷରୁ ଚିତ୍ରଶିଳ୍ପୀ ଶିବିର ଚିତ୍ରାଞ୍ଜଳି ମଙ୍ଗଳବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଡିଶାର ୧୫ଜଣ ଶିଳ୍ପୀ ଯୋଗଦେଇ ସେମାନଙ୍କ କଳାକୃତି ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଲଳିତ କଳା ଏକାଡେମୀ ଆଞ୍ଚଳିକ କଳା କେନ୍ଦ୍ର ଭୁବନେଶ୍ୱରର ସଚିବ ରାମକୃଷ୍ଣ ଭେଦାଲା, ଭାରତୀ ଏୟାରଟେଲର ମହାନିର୍ଦ୍ଦେଶକ କୀର୍ତ୍ତିନାଥ ତ୍ରିପାଠୀ, ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଚିବ ପଞ୍ଚାନନ ସାମଲ, ଆଓ ସଭାପତି ଜନପ୍ରିୟ ଦେବତା ପ୍ରମୁଖ ଯୋଗଦେଇଥିଲେ। ଓଡିଶାର କଳାକାରିତାର ପ୍ରବହମାନ ଧାରାକୁ ଆହୁରି ଗତିଶୀଳ କରିବା ନିମନ୍ତେ ଆଓ ପ୍ରଚେଷ୍ଟା କରି ଆସିଛି। ୧୯୯୦ରେ ପ୍ରତିଷ୍ଠିତ ଏହି ଅନୁଷ୍ଠାନ ଧାରାବାହିକ ଭାବେ କର୍ମଶାଳା, କଳା ଶିବିର, ପ୍ରଦର୍ଶନୀ, କଳା ଆଲୋଚନାଚକ୍ର, ସିନେମା କଳା ଉତ୍ସବ ଆୟୋଜନ ଓ ପୁରସ୍କାର ପ୍ରଦାନ କରି ଶିଳ୍ପୀମାନଙ୍କୁ ଉତ୍ସାହିତ କରିଆସୁଛି। ଓଡିଶାର କଳା ପରମ୍ପରାରେ ପ୍ରବୀଣ ଓ ତରୁଣ, ପାରମ୍ପରିକ ଓ ସମସାମୟିକ କଳା ସଂରଚନାରେ ସମନ୍ୱୟ ରକ୍ଷାକରି ତା'ର ପ୍ରତିବଦ୍ଧତାକୁ ସୁଦୂରପ୍ରସାରୀ କରିପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ନିଗମାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଙ୍କଡ଼ କାମୁଡ଼ାରେ ୧୦ ଆହତ

**କଣାସ, ୧୮।୨ (ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଗଡ଼ଖାରଦ ଗ୍ରାମପଞ୍ଚାୟତର ବାଦୁରାବର ଗ୍ରାମରେ ୩ ଦିନ ହେଲା ଏକ ଜଙ୍ଗଲୀ ହନୁମାଙ୍କଡ଼ ଆତଙ୍କ ଚଳାଇଛି। ଲୋକଙ୍କୁ ଗୋଡ଼ାଇ କାମୁଡ଼ିବାରୁ ଝିଲି ପ୍ରଧାନ, ଅମିତ ସାମନ୍ତରାୟ, ସାଇ ସାମନ୍ତରାୟ, ଆଲୋକ ପ୍ରଧାନ, ଗଣେଶ ଦଳାଇଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ବନ ବିଭାଗ ଅଧିକାରୀ ତୁରନ୍ତ ମାଙ୍କଡ଼ଟିକୁ ଧରି ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ମହାକୁମ୍ଭ ପାଇଁ ଭାରତୀୟ ରେଳର ଉଲ୍ଲେଖନୀୟ ସେବା

**ଭୁବନେଶ୍ୱର, ୧୮।୨ (ଅନୁରାଧା ମହାରଣା)**



ଉତ୍ତରପ୍ରଦେଶ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭରେ ୫୩ କୋଟିରୁ ଅଧିକ ତୀର୍ଥଯାତ୍ରୀ ପବିତ୍ର ସ୍ନାନ (ମହାସ୍ନାନ) କରିସାରିଛନ୍ତି, ଯାହା ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶର ମାନ୍ୟତା ଲାଭ କରିଛି। ଉନ୍ନତ ରେଳ ଷ୍ଟେଶନ, ୧୩,୦୦୦ରୁ ଅଧିକ ଟ୍ରେନ ଚଳାଚଳ ଏବଂ ଭିଡ଼ ପରିଚାଳନାର ସୁବ୍ୟବସ୍ଥା ଏହି ସମାବେଶକୁ ସହଜ କରିଛି। ଯାତ୍ରୀ ପରିବହନକୁ ପ୍ରାଥମିକତା ଦେବା ପାଇଁ ସମସ୍ତ ମାଲବାହୀ ଟ୍ରେନଗୁଡ଼ିକୁ ସମର୍ପିତ ପଣ୍ୟ ପରିବହନ କରିଡର (ଡିଏଫଏସି)ରେ ଚଳାଚଳ କରାଯାଉଛି। ସଣ୍ଟିଂ କାର୍ଯ୍ୟକୁ ଏଡାଇବା ପାଇଁ ଉଭୟ ପାର୍ଶ୍ୱରେ ଟ୍ରେନ୍ ସେଟ କିମ୍ବା ଇଞ୍ଜିନ ସହିତ ୨୦୦ ଟ୍ରେନ ରେକ୍ ନିୟୋଜିତ କରାଯାଇଛି। ତେବେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ୧୩ହଜାର ଟ୍ରେନ ଚଳାଚଳର ଯୋଜନା କରାଯାଇଥିବାବେଳେ ୧୬ ତାରିଖ ସୁଦ୍ଧା ୧୨,୫୮୩ ଟ୍ରେନ ଚଳାଚଳ କରିସାରିଛି। ଜାନୁଆରୀ ୧୩ରୁ ପ୍ରୟାଗରାଜ କୁମ୍ଭ ପାଇଁ ଭାରତୀୟ ରେଳ ଦ୍ୱାରା ୩.୦୯ କୋଟି ତୀର୍ଥଯାତ୍ରୀଙ୍କୁ ପରିଚାଳନା କରାଯାଇଥିଲା। ଫେବୃଆରୀ ୧୭ରେ ୧୮.୬୦ ଲକ୍ଷ ଯାତ୍ରୀ, ୧୬ରେ ୧୮.୪୮ ଲକ୍ଷ ଯାତ୍ରୀ, ୧୫ରେ ୧୪.୭୬ ଲକ୍ଷ ଯାତ୍ରୀ, ୧୨ରେ ୧୭ ଲକ୍ଷ ଯାତ୍ରୀ ପରିବହନ କରାଯାଇଛି। ସେହିପରି ଜାନୁଆରୀ ୩୦ରେ ୧୭.୫୭ ଲକ୍ଷ ଯାତ୍ରୀ, ୨୯ରେ ୨୭ ଲକ୍ଷ ଯାତ୍ରୀ, ୨୮ରେ ୧୪.୧୫ ଲକ୍ଷ ଯାତ୍ରୀ, ୧୪ରେ ୧୩.୮୭ ଲକ୍ଷ ଯାତ୍ରୀ ପରିବହନ କରାଯାଇଛି। ଭକ୍ତ ଭିଡ଼କୁ ଦୃଷ୍ଟିରେ ରଖି ସୁଗମ ଯାତ୍ରୀ ଯାତାୟାତ ପାଇଁ ୪୮ଟି ପ୍ଲାଟଫର୍ମ (ପିଏଫ୍) ଏବଂ ୨୧ଟି ଫୁଟ୍ ଓଭର ବ୍ରିଜ ଉତ୍ସର୍ଗୀକୃତ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ପ୍ରୟାଗରାଜ ମେଳା କ୍ଷେତ୍ରର ୯ଟି ଷ୍ଟେଶନରେ ୧,୧୮୬ ଟି ସିସିଟିଭି କ୍ୟାମେରା ସ୍ଥାପନ କରାଯାଇଛି। ଅପେକ୍ଷା କରିଥିବା ଯାତ୍ରୀମାନଙ୍କୁ ପରିଚାଳନା କରିବା ପାଇଁ ୨୩ଟି ସ୍ଥାୟୀ ହୋଲ୍ଡିଂ ଏରିଆ, ପ୍ରମୁଖ ଷ୍ଟେଶନରେ ୧୨ଟି ଭାଷାରେ ଘୋଷଣା ବ୍ୟବସ୍ଥା କରାଯାଇଛି। ଟିକେଟିଂ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ୧୫୧ଟି ମୋବାଇଲ ୟୁଟିଏସ୍ ଟିକେଟିଂ ପଏଣ୍ଟ ସମେତ ୫୫୪ଟି ଟିକେଟିଂ ବ୍ୟବସ୍ଥା ରହିଛି। ପ୍ରମୁଖ ରେଳ ଭିତ୍ତିଭୂମି ପ୍ରକଳ୍ପ ପାଇଁ ୩,୭୦୦ କୋଟି ନିବେଶ ମଧ୍ୟରେ ବନାରସ-ପ୍ରୟାଗରାଜ ରେଳ ଦୋହରୀକରଣ ସହିତ ଏକ ନୂତନ ଗଙ୍ଗା ସେତୁ, ଟ୍ରେନ କ୍ଷମତା ବୃଦ୍ଧି ପାଇଁ ଫାଫାମୌ-ଜଙ୍ଘାଇ ରେଳ ଦୋହରୀକରଣ ସହ ଉଭୟ ସଡକ ପରିବହନ ଏବଂ ରେଳ ଗତିଶୀଳତା ବୃଦ୍ଧି ପାଇଁ ୨୧ଟି ନୂତନ ରୋଡ ଓଭର ବ୍ରିଜ ଏବଂ ରୋଡ ଅଣ୍ଡର ବ୍ରିଜ କରାଯାଇଛି।

# ସ୍ୱରସୁଧାର ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ

**ଭୁବନେଶ୍ୱର, ୧୮।୨ (ସୌମ୍ୟରଞ୍ଜନ ରାଉତ)**

ସାଂସ୍କୃତିକ ଅନୁଷ୍ଠାନ 'ସ୍ୱରସୁଧା'ର ବାର୍ଷିକ ଉତ୍ସବ ତଥା ଶିଳ୍ପୀ ସମ୍ବର୍ଦ୍ଧନା ସମାରୋହ ବୁଦ୍ଧ ମନ୍ଦିରଠାରେ ସଭାପତି ଡ. ରଜନୀ ରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମ୍ବାଦିକ ତଥା ପୂର୍ବତନ ସୂଚନା କମିଶନର ଦିଲୀପ ବିଷୋୟୀ ଏବଂ ଓଡ଼ିଶା ମିରର ସମ୍ପାଦକ ଦିଲୀପ ବିଶ୍ୱାଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ପାଦକ ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସଙ୍ଗୀତ ଗୁରୁ କେଶବ ରାଉତ, ଅଭିନେତ୍ରୀ ତଥା ଓଡ଼ିଶୀ ନୃତ୍ୟଗୁରୁ ପ୍ରତିଭା ପଣ୍ଡା, ବାଦ୍ୟଶିଳ୍ପୀ ଶରତ ରଥ, କଣ୍ଠଶିଳ୍ପୀ ପଦ୍ମଜା ଦାସ, ଶରତ ବାରିକ ଏବଂ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁଙ୍କୁ ବିଭିନ୍ନ ଉପାଧି ପ୍ରଦାନପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମିଶନ ଶକ୍ତି ଇସି ସଦସ୍ୟଙ୍କ ଦିବାରାତ୍ର ଗଣଧାରଣା

**ଭୁବନେଶ୍ୱର, ୧୮।୨ (ସୁଚିସ୍ମିତା ସାହୁ)**


ମିଶନ ଶକ୍ତି ଇସିଙ୍କ ଆନ୍ଦୋଳନରେ ସାମିଲ ହୋଇଥିବା ବିଜେଡି ନେତା।

ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧୀନରେ କାର୍ଯ୍ୟରତ ଇସି ସଦସ୍ୟଙ୍କ ରିଷ୍ଟ୍ରକ୍ଚରିଂ ବନ୍ଦ ସହ ୪ ଦଫା ଦାବିନେଇ ଲୋୟର ପିଏମ୍‌ଜିରେ ମହିଳାମାନେ ଦିବାରାତ୍ର ଗଣଧାରଣା ଜାରି ରଖିଛନ୍ତି। ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ତଥା ଏଆଇଟିୟୁସି ନେତା କମଲେଶ ଦାସ କହିଛନ୍ତି, ଓଡିଶାରେ ମିଶନ ଶକ୍ତି ବିରୋଧରେ ଦୁର୍ନୀତି ଅଭିଯୋଗ ନାହିଁ ଓ ତାହାହିଁ ମିଶନ ଶକ୍ତିର ସଫଳତା ବୋଲି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ମିଶନ ଶକ୍ତି ଦାୟିତ୍ୱରେ ଥିବା ମନ୍ତ୍ରୀ କହୁଛନ୍ତି। ମାତ୍ର ଏହି ସଫଳତା ପାଇଁ ଯେଉଁ ବର୍ଗ ୨୦୦୦ ମସିହାଠାରୁ କାମ କରୁଛି, ସେମାନଙ୍କୁ ପୁନର୍ଗଠନ ନାମରେ ବାହାର କରିବା ଏକ ମତିଭ୍ରମ। ତେଣୁ ରାଜ୍ୟ ସରକାର ପୁନର୍ଗଠନ ଆଦେଶ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି। ସଂଘ ସଭାପତି ଜୟନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନୟାଗଡ଼ ବିଧାୟକ ଡ. ଅରୁଣ ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ବୋଲଗଡ଼ ବେଗୁନିଆ ବିଧାୟକ ପ୍ରଦୀପ ସାହୁ, କଟକ-ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ଯାଜପୁର ବିଧାୟିକା ସୁଜାତା ସାହୁ ପ୍ରମୁଖ ଲୋୟର ପିଏମ୍‌ଜିରେ ପହଞ୍ଚି ଉଦ୍‌ବୋଧନ ଦେଇ ଇସିମାନଙ୍କ ୪ଦଫା ଦାବିକୁ ସମର୍ଥନ କରିଥିଲେ। ଇସି ପୁନର୍ଗଠନ ଆଦେଶ ପ୍ରତ୍ୟାହାର ପାଇଁ ବିଧାୟକମାନେ ବିଧାନସଭାରେ ଲଢ଼ିବେ ବୋଲି କହିଛନ୍ତି। ସିପିଆଇ ଜନସେବା ଦଳର ଭୁବନ ଚନ୍ଦ୍ର ହାତୀ, ଚଣ୍ଡାଳ ପ୍ରଧାନ ଆନ୍ଦୋଳନକୁ ସମର୍ଥନ ଜଣାଇଥିବା ବେଳେ ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘର ଧନୀ ବିଶୋୟୀ, ସରିତା ଦାସ ଓ ମମତା ରାଣୀ ଦାସ ପ୍ରମୁଖ ଉଦବୋଧନ ଦେଇ ଦିବାରାତ୍ର ଗଣଧାରଣା ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି।


୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ପ୍ରତି ଅନ୍ୟାୟର ପ୍ରତିବାଦ, ୭୦ଜଣ ନିର୍ଦ୍ଦୋଷ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ସହ ୧୫ ଦଫା ଦାବି ନେଇ ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଛି।



ଆୟୁଷ ନିର୍ଦ୍ଦେଶାଳୟର ୩ ଅଧିକାରୀଙ୍କୁ ତୁରନ୍ତ ବଦଳି ଦାବିରେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନ ପକ୍ଷରୁ ୟୁନିଟ୍-୩ସ୍ଥିତ ଡା. ଅଭିନଚନ୍ଦ୍ର ହୋମିଓପାଥିକ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଛାତ୍ରୀଛାତ୍ରମାନେ ତାଲା ପକାଇ ଧାରଣା ଦେବା ସହ ବିକ୍ଷୋଭ କରୁଛନ୍ତି।

**ମାଙ୍କଡ଼ କାମୁଡ଼ାରେ ୧୦ ଆହତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ)- କଣାସ ବ୍ଲକ ଗଡ଼ଖାରଦ ଗ୍ରାମପଞ୍ଚାୟତର ବାଲୁରାବର ଗ୍ରାମରେ ୩ ଦିନ ହେଲା ଏକ ଜଙ୍ଗଲୀ ହନୁମାଙ୍କଡ଼ ଆତଙ୍କ ଚଳାଉଛି। ଲୋକଙ୍କୁ ଗୋଡ଼ାଇ କାମୁଡ଼ିବାରୁ ଖିଲି ପ୍ରଧାନ, ଅମିତ ସାମନ୍ତରାୟ, ସାରା ସାମନ୍ତରାୟ, ଆଲେଖ ପ୍ରଧାନ, ଗଣେଶ ବଳାଇଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତତ୍ସହିତ ୨ଟି ଗୋରୁଙ୍କୁ ମଧ୍ୟ କାମୁଡ଼ି ଆହତ କରିଦେଇଛି। ବନ ବିଭାଗ ଅଧିକାରୀ ତୁରନ୍ତ ମାଙ୍କଡ଼କୁ ଧରି ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୫

| | |
|---|---|
| ୬,୯୬,୬୦୭ ଟଙ୍କା | |
| ସୁନା | ୦.୩୫୦ ଗ୍ରାମ୍ |
| ରୁପା | ୧୩୪ ଗ୍ରାମ୍ |

## ସଂକ୍ଷେପରେ

### ମାର୍ଚ୍ଚ ୧୭ରେ ଦୋଳମେଳଣ

ଅସ୍ତରଙ୍ଗ,୧୮।୨(ମମତା ଜେନା)

କାକଟପୁର ବ୍ଲକ ଅଧୀନ ସାଡେଙ୍ଗା ଗ୍ରାମରେ ଥିବା ଲବକୁଶ ଆଶ୍ରମରେ ଆସନ୍ତା ଦୋଳମେଳଣ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଶ୍ରମ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୋଳମେଳଣର ସ୍ଥାୟୀ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନିନ୍ଦିତା ଅଧ୍ୟକ୍ଷତା କରିଥିଲେ। ଦୋଳମେଳଣ କମିଟି ସ୍ଥାୟୀ ଉପଦେଷ୍ଟା ତଥା କାକଟପୁର ଥାନା ଆଇଆଇସି ଉମେଶଚନ୍ଦ୍ର ସାହୁ, ସଭାପତି ଗୁରୁଚରଣ ବିଶ୍ୱାଳ, ଆଦିତ୍ୟ ମହାନ୍ତି, ଉପସଭାପତି ପ୍ରକାଶଚନ୍ଦ୍ର ସ୍ୱାଇଁ, ସଭାନେତ୍ରୀ ରଞ୍ଜନା ସ୍ୱାଇଁ, ସମ୍ପାଦିକା ଉର୍ମିଳା ସ୍ୱାଇଁ, ଉପସଭାନେତ୍ରୀ ସଂଯୁକ୍ତା ମହାନ୍ତି, ସହସମ୍ପାଦିକା ମମତା ପାତ୍ର, କାର୍ଯ୍ୟକର୍ତ୍ତା ସଭ୍ୟା ଶୈଳବାଳା ସ୍ୱାଇଁ, ବିମଳା ସ୍ୱାଇଁ ଓ ସାଡେଙ୍ଗା ଗ୍ରାମର ସମସ୍ତ ଏସ୍‌ଏଚ୍‌ଜି ସଦସ୍ୟା ଏବଂ ଆଶ୍ରମର ସମସ୍ତ ସଭ୍ୟ ଯୋଗଦେଇଥିଲେ। ଆସନ୍ତା ମାର୍ଚ୍ଚ ୧୭ରେ ଦୋଳମେଳଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ମେଳଣ ଉତ୍ସବକୁ ଚଳିତବର୍ଷ ଖୁବ୍ ଧୁମ୍‌ଧାମରେ ପାଳନ କରିବାକୁ ନିମନ୍ତ୍ରିତ ଅତିଥି ପରାମର୍ଶ ଦେଇଥିଲେ। ଦୋଳମେଳଣ ପାଇଁ ୧୫ଟି କମିଟି ଗଠନ କରାଯାଇ ଶୃଙ୍ଖଳିତ ଭାବେ ଆୟୋଜନ କରାଯିବା ସହ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଖବରଦାତାଙ୍କ ଜେଜେମା'ଙ୍କ ଦେହାନ୍ତ

କୋଣାର୍କ,୧୮।୨ (ଜ୍ୟୋତିରାଜ ମହାନ୍ତି)



କୋଣାର୍କ ଥାନା ଅଧୀନ କାଦୁଆ ନୂଆଗାଁ ଗ୍ରାମପଞ୍ଚାୟତର ଧନିତ୍ରୀ ଗ୍ରାମର ସାମାଜିକ କର୍ମୀ ତଥା ଖବରଦାତା ଭାଗୀରଥି ସ୍ୱାଇଁଙ୍କ ଜେଜେମା' ତାରାମଣି ସ୍ୱାଇଁ(୯୮)ଙ୍କ ସୋମବାର ବିଳମ୍ବିତ ରାତ୍ରରେ ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି। ସ୍ୱର୍ଗତା ତାରାମଣି ଜଣେ ଧର୍ମପରାୟଣା, ପରୋପକାରୀ, ମିଷ୍ଟଭାଷୀ ମହିଳା ଭାବେ ସମଗ୍ର ପଞ୍ଚାୟତରେ ବେଶ୍ ସୁନାମ ଅର୍ଜନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସୋବନି ମୁଖାଗ୍ନି ଦେଇଥିଲେ।

# ପ୍ରଶାସନ ହୀନ ରାଜନୀତି କରୁଛି: ବିଜେଡି

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଫଳକ ଓ ଉଦ୍‌ଘାଟନ ଫଳକକୁ ପଞ୍ଚସଖା ପଡ଼ିଆଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଥିଲେ। ଉକ୍ତ ଫଳକରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ତତ୍କାଳୀନ ଏମ୍‌ପି, ବିଧାୟକ ଓ ମନ୍ତ୍ରୀଙ୍କ ନାମ ରହିଥିଲା। ନିକଟରେ ସତ୍ୟବାଦୀ ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହାକୁ ଦୃଷ୍ଟିରେ ରଖି ଫଳକଗୁଡ଼ିକୁ ଏକ ଧଳା ସୋଲ ପଟି ସାହାଯ୍ୟରେ ଘୋଡ଼ାଇ ଜନସାଧାରଣଙ୍କ ନଜରରୁ ଲୁଚେଇ ଦିଆଯାଇଥିଲା। ଏହି ଘଟଣାକୁ ବିଜେଡି ପକ୍ଷରୁ ମଙ୍ଗଳବାର ପୁରୀ ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ନିନ୍ଦା କରାଯାଇଛି। ଏଭଳି ହୀନ କାମ ଶାସକ ଦଳର ନିର୍ଦ୍ଦେଶରେ ପ୍ରଶାସନ ଦ୍ୱାରା କରାଯାଇଥିବା ବିଜେଡି ଅଭିଯୋଗ କରିଛି। ଏହି ଫଳକକୁ ଲୁଚାଇ ଦିଆଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ଜନପ୍ରତିନିଧିଙ୍କୁ ଅପମାନିତ କରାଯାଇଛି। ତେବେ କାହା ନିର୍ଦ୍ଦେଶରେ ଓ କାହିଁକି ଏଭଳି କାର୍ଯ୍ୟ କରାଗଲା ବୋଲି ବିଜେଡି ପ୍ରଶ୍ନ କରିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ ।

ପୂର୍ବରୁ ୨୪ ବର୍ଷ ଭିତରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସତ୍ୟବାଦୀ ଆସି ନ ଥିଲେ ବୋଲି ସତ୍ୟବାଦୀ ମହୋତ୍ସବର ମଞ୍ଚ ଉପରେ ଭାଜପା ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଥିବାରୁ ବିଜେଡି ତା'ର ଜବାବ ଦେଇଛି। ଯଦି ମୁଖ୍ୟମନ୍ତ୍ରୀ ଆସି ନ ଥିଲେ ତେବେ କିଭଳି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଶୁଭ ଦିଆଯାଇଥିଲା ଓ କିଭଳି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଐତିହ୍ୟ ଗ୍ରାମ ସୁଆଣ୍ଡୋକୁ ଉଦ୍‌ଘାଟନ କରାଯାଇଥିଲା ବୋଲି ଖବରଦାତା ସମ୍ମିଳନୀରେ ବିଜେଡି ପ୍ରଶ୍ନ କରିଛି। ସେହିପରି ବିଜେଡି ସରକାର ସମୟରେ ସତ୍ୟବାଦୀର ଉନ୍ନତି ପାଇଁ ୩ଟି ଅନୁଦାନରେ ୫୦ କୋଟି ପ୍ରଦାନ କରାଯିବାକୁ ଘୋଷଣା କରାଯାଇଥିଲା। ବର୍ତ୍ତମାନ ସରକାର ଉକ୍ତ ଅନୁଦାନ ମିଶାଇ ୫୦ କୋଟି ଟଙ୍କା ବକୁଳବନର ଉନ୍ନତି ପାଇଁ ଦେଉଥିବା ଘୋଷଣା କରୁଛନ୍ତି। ଭାଜପା ସରକାର ୮ ମାସ ହୋଇଥିଲେ ମଧ୍ୟ ସତ୍ୟବାଦୀର ଉନ୍ନତି ପାଇଁ ଗୋଟିଏ ଟଙ୍କା ପ୍ରଦାନ କରିନାହାନ୍ତି। ବିଜେଡି ଘୋଷଣା କରିଥିବା ଅନୁଦାନକୁ ଅଟକାଇ ଉକ୍ତ ଟଙ୍କାକୁ ନୂଆ ନାମଦେବାକୁ ନେଇ ସରକାର ଘୋଷଣା କରିଛନ୍ତି। ଶାସକ ଦଳ ଲୋକଙ୍କୁ ଏଭଳି ମିଥ୍ୟା କହି ଭୂଆଁ ବୁଲାଉଛି। ଦରକାର ପଡ଼ିଲେ ଥାନାର ଦ୍ୱାରସ୍ଥ ହେବା ସହ ଆଗକୁ ଏଭଳି ଘଟଣା ଘଟିଲେ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ଖବରଦାତା ସମ୍ମିଳନୀରେ ବିଜେଡି ପକ୍ଷରୁ ସୂଚନା ଦିଆଯାଇଛି।

ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ଦିବାକର ପାତ୍ର, ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା, ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ ରାଉତରାୟ, ୩୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ ଉପସ୍ଥିତ ଥିଲେ।



ପୂର୍ବତନ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ।

# ବ୍ରଦର୍ସ ଇଲେଭେନ ଚାମ୍ପିୟନ

### କଳାପଦର ପ୍ରିମିୟର ଲିଗ୍ କ୍ରିକେଟ୍ ମ୍ୟାଚ ଉଦ୍‌ଯାପିତ

କଣାସ,୧୮।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗୋପୀନାଥପୁର ଗ୍ରାମପଞ୍ଚାୟତ କଳାପଦର ଗ୍ରାମର ରାମ ସେନା ଯୁବ ପରିଷଦ ଆନୁକୂଲ୍ୟରେ ଦୟା ଖେଳପଡ଼ିଆରେ ଚାଲିଥିବା ପ୍ରଥମ କଳାପଦର ପ୍ରିମିୟର ଲିଗ୍ କ୍ରିକେଟ୍ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କିଙ୍ଗ କୋବ୍ରା କ୍ରିକେଟ କ୍ଲବ ସାହସପୁରକୁ ହରାଇ ବ୍ରଦର୍ସ ଇଲେଭେନ ଚାମ୍ପିୟନ ହୋଇଛି। ବ୍ରଦର୍ସ ଇଲେଭେନ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୨ ଓଭରରେ ୮ ଉଇକେଟ ହରାଇ ୧୨୧ ରନ୍ କରିଥିଲା। ଜବାବରେ କିଙ୍ଗ କୋବ୍ରା ୧୧.୧ ଓଭରରେ ଅଲ୍‌ଆଉଟ ହୋଇ ୯୧ ରନ୍ କରି ପରାଜିତ ହୋଇଥିଲା। ବ୍ରଦର୍ସ ଇଲେଭେନ ଖେଳାଳି ଦୁଷ୍ମନ୍ତ ସାହୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ କିଙ୍ଗ କୋବ୍ରା ଖେଳାଳି ମିଥୁନ ସାହୁ ମ୍ୟାନ୍ ଅଫ୍ ଦି ସିରିଜ୍ ଟାଇଟଲ ଜିତିଥିଲେ। ଶ୍ରୀକାନ୍ତ ଜେନା ଓ ସନ୍ତୋଷ ଶ୍ରୀଚନ୍ଦନ ଖେଳ ପରିଚାଳନା କରିଥିଲେ। ରାମ ସେନା ଯୁବ ପରିଷଦର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ଶରତ ଜୟସିଂ, ମହିଳା ସ୍ୱାସ୍ଥ୍ୟକର୍ମୀ ମଞ୍ଜୁଲତା ମହାରଣା, ବେଣୁଧର ଶ୍ରୀଚନ୍ଦନ, ଧନୁ ସାହୁ, ଶଙ୍କର ଜେନା, ଶଶା ଜେନା ଓ ଅନୁଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବ୍ରଦର୍ସ ଇଲେଭେନକୁ ଚାମ୍ପିୟନ ଟ୍ରଫି ସହ ଅର୍ଥରାଶି ଓ କିଙ୍ଗ୍ କୋବ୍ରାକୁ ରନର୍ସଅପ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା।

# ଗ୍ରୀଷ୍ମଋତୁରେ ଆସିବ କେନାଲ ପାଣି

ଯୋଗେଶ୍ୱରପୁର,୧୮।୨(ରଶ୍ମିରଞ୍ଜନ ସାହୁ)

ରବିଋତୁରେ ଧାନଚାଷ କରିବାକୁ ଚାଷୀ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ବେଳେ ଫଗୁଣ ମାସର ମୁଣ୍ଡଫଟା ଖରା ସେମାନଙ୍କୁ ଚିନ୍ତାରେ ପକାଇଦେଇଛି। ପ୍ରଚଣ୍ଡ ଖରା ହେଉଥିବାରୁ ଗାଁ ଗଣ୍ଡାରେ ପୋଖରୀରୁ ପାଣି ଶୁଖିବାରେ ଲାଗିଛି। କୁଣ୍ଡେଇ କେନାଲ ଓ ଏହାର ଶାଖା କେନାଲଗୁଡ଼ିକରେ ଜଳସମ୍ପଦ ବିଭାଗ ପାଣି ଯୋଗାଇଦେଲେ ନୟାହାଟ ଅଞ୍ଚଳର ଧୂମାଳ, ଜଙ୍ଗଲବୋରୀ, ସୋରୋବା, ଦେଷ୍ଠଳୀ, ଇଶାଣପୁର, ବାଉଲଙ୍ଗ ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳର ଚାଷୀ ଉପକୃତ ହୋଇପାରିବେ। ଏ ଦିଗରେ ଜଳସମ୍ପଦ ବିଭାଗ ଦୃଷ୍ଟିଦେବାକୁ ଧୂମାଳ ପଞ୍ଚାୟତ ସଭାପତି ଦିଲୀପ ରାୟ, ଯୁବନେତା ଅଭିମନ୍ୟୁ ସିଂ, ସରପଞ୍ଚ ମୋନାଲିସା ସିଂ, ଦେଷ୍ଠଳୀ ପଞ୍ଚାୟତ ସରପଞ୍ଚ ରିଶ୍ମା ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ, ସବୁଆଡ଼େ କେନାଲ କାମ ଚାଲିଛି। ଏବେ ପାଣି ଆସିବ କି ନାହିଁ ତାଙ୍କ ପାଖକୁ କୌଣସି ନିର୍ଦ୍ଦେଶନାମା ସରକାର ପକ୍ଷରୁ ଆସିନାହିଁ। ଗ୍ରୀଷ୍ମଋତୁ ହେଲେ ଗାଈ ଗୋରୁ ପିଇବାକୁ ଓ ଗଛଲତା ବଞ୍ଚିବା ପାଇଁ ପାଣି ଆସିବ ବୋଲି ଯନ୍ତ୍ରୀ ନାୟକ ପ୍ରକାଶ କରିଛନ୍ତି।

# ୨୧ରୁ ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତୀୟ ବିଶ୍ୱକର୍ମା ମହାସଂଘର ହୀରକ ଜୟନ୍ତୀ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ପୁରୀ ଟାଉନ୍ ହଲ୍‌ଠାରେ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ମଙ୍ଗଳବାର ଚକ୍ରତୀର୍ଥ ରୋଡ୍‌ସ୍ଥିତ ୟୁଥ୍ ହଷ୍ଟେଲ ସଭାଗୃହରେ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଅଖିଳ ଭାରତୀୟ ସଭାପତି ଛେଦିଲାଲ ଶର୍ମା ବିଶ୍ୱକର୍ମା କହିଛନ୍ତି, ସାରା ଭାରତରେ ୧୯ ଲକ୍ଷ ବିଶ୍ୱକର୍ମା ରହିଛନ୍ତି। ସେମାନଙ୍କ ସାମାଜିକ, ରାଜନୈତିକ, ଆର୍ଥିକ ଓ ଧାର୍ମିକ ଉନ୍ନତି ପାଇଁ ସଂଘ ପ୍ରତି ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଦାବି ଜଣାଇବ।

ସେହିପରି ନିଖିଳ ଉତ୍କଳ ବିଶ୍ୱକର୍ମା ସମିତିର ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ସଭାପତିତ୍ୱ କରି କହିଛନ୍ତି, ଓଡ଼ିଶାରେ ବିଶ୍ୱକର୍ମା ଭାଇମାନଙ୍କ ଆର୍ଥିକ ଅବସ୍ଥା ଦୁର୍ବଳ ସ୍ଥିତିରେ ରହିଛି। ରାଜ୍ୟ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣା କହିଥିଲେ, ରାଜଧାନୀ ଭୁବନେଶ୍ୱରଠାରେ ବିଶ୍ୱକର୍ମା ଭବନ, ବିଶ୍ୱକର୍ମା ସଂଗ୍ରହାଳୟ ଓ ବିଶ୍ୱକର୍ମା କୌଶଳ ବିକାଶ କେନ୍ଦ୍ର ପାଇଁ ଜମି ଯୋଗାଇଦେବା ପାଇଁ ସମ୍ମିଳନୀରେ ଆଲୋଚନା ହେବ। ଏହି ସମ୍ମିଳନୀରେ ଓଡ଼ିଶାରୁ ୫୦୦ ପ୍ରତିନିଧି ଓ ଭାରତର ବିଭିନ୍ନ ରାଜ୍ୟରୁ ୩୦୦ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ଭାଗୀରଥି ବିନ୍ଧାଣି, ଯୁଗ୍ମ ସମ୍ପାଦକ ପ୍ରମୋଦ ରଞ୍ଜନ ମହାରଣା, ପୁରୀ ସହର ସଭାପତି ହୃଷୀକେଶ ମହାରଣା ଓ ସମ୍ପାଦକ ସଚ୍ଚିଦାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# କୋଣାର୍କର ଗୌରବ ବେହେରାଙ୍କୁ ସ୍ୱର୍ଣ୍ଣ

### ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

କୋଣାର୍କ,୧୮।୨(ଜ୍ୟୋତିରାଜ ମହାନ୍ତି)

ପୁରୀ ଜିଲା ବଡ଼ି ବିଲଡର ଆସୋସିଏଶନ ପକ୍ଷରୁ ପୁରୀ ବେଳାଭୂମିରେ ଆୟୋଜିତ ୧୪ତମ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର ୭୫ କେଜି ଶ୍ରେଣୀ ବର୍ଗରେ କୋଣାର୍କର ୨୩ ବର୍ଷୀୟ ଗୌରବ ବେହେରା ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଫଳରେ ସେ ଆସନ୍ତା ମାର୍ଚ୍ଚରେ ମୁମ୍ବାଇ ଶିରିଡିରେ ଅନୁଷ୍ଠିତ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଗୌରବଙ୍କ ବଡ଼ ଭାଇ ସୁରଜ କୁମାର ବେହେରା ତାଙ୍କୁ ୧୮ ବର୍ଷ ବୟସରୁ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ସହାୟତା କରିଆସୁଥିଲେ। ଗୌରବ ହେଉଛନ୍ତି କୋଣାର୍କ ନଗର ବିଜେଡି ସଭାପତି ତଥା ପୁରୀ ଜିଲା ଯାଦବ ସଂଘ ସଭାପତି ଗୋପାଳ ବେହେରାଙ୍କ ନାତି ଏବଂ ପ୍ରମୋଦ ବେହେରା ଓ ମହାଶ୍ୱେତା ବେହେରାଙ୍କ କନିଷ୍ଠ ପୁତ୍ର। ଗୌରବଙ୍କ ସାନ ଜେଜେ ନକୁଳ ଚନ୍ଦ୍ର ବେହେରା, କୋଣାର୍କ ପ୍ରେସ୍ କ୍ଲବ, କୋଣାର୍କ ସାମ୍ବାଦିକ ସଂଘ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୌରବଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।



ସ୍ୱର୍ଣ୍ଣ ବିଜେତା ଗୌରବ ବେହେରା ।

# ଅତୀତର ଚାଟଶାଳୀ ପାଠଧାରା ପୁନଃ ପ୍ରଚଳନ ଜରୁରୀ

ପୁରୀ,୧୮।୨( ଅଜିତ୍ କୁମାର ମହାନ୍ତି)

ସମତା ସାହିତ୍ୟ ସମିତି ପୁରୀ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ଓଡ଼ିଶା ସଙ୍ଗୀତ ପରିଷଦଠାରେ ମାତୃଭାଷାର ସୁରକ୍ଷା ଶୀର୍ଷକ ଆଲୋଚନାଚକ୍ର ସହ କବିତା ପାଠୋତ୍ସବ ସମିତିର ସଭାପତି ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା, ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାତ ଚନ୍ଦ୍ର ରଥ, ପଣ୍ଡିତ୍ ସଦାଶିବ ମିଶ୍ର, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ସମ୍ପାଦକ ଭାଗବତ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାଥମିକସ୍ତରରୁ ଶିଶୁଟି ଓଡ଼ିଆ ଭାଷାର ମୌଳିକ ବର୍ଣ୍ଣ ଓ ଲିପି ଉପରେ ବିଶେଷ ଜ୍ଞାନ ଆହରଣ କରିପାରିବ। ଅତୀତର ଚାଟଶାଳୀ ପାଠଧାରା ପୁନଃ ପ୍ରଚଳନ ହେବା ଜରୁରୀ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ପ୍ରାରମ୍ଭରେ ସମିତିର ସଦସ୍ୟା ଡ. ସସ୍ମିତା ମିଶ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଖବରଦାତା ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ରରେ ପଣ୍ଡିତ ଦୟାନିଧି ତ୍ରିପାଠୀ, ଡ. ଅଶୋକ ମିଶ୍ର, ଅଶୋକ ମହାନ୍ତି, ଅଧ୍ୟାପକ ଭାରତୀ ଭୂଷଣ ଦାସ, ବିଚିତ୍ର ରଞ୍ଜନ ମହାପାତ୍ର, କ୍ରିଷ୍ଣା ମହାପାତ୍ର, ଅନନ୍ତ ପ୍ରଧାନ, ମୀରା ମହାନ୍ତି, ବିଶ୍ୱବନ୍ଧୁ ଦାଶ, ଶର୍ମିଷ୍ଠା ଜେନା, ଦେବୀଦତ୍ତ ମିଶ୍ର, ଅନୁକୂଳ ସେଠୀ, ଅରୁଣିମା ନନ୍ଦ, ସର୍ବାଣୀ ଦାସ, ରାଜେଶ କୁମାର ବେହେରା ପ୍ରମୁଖଙ୍କ ସମେତ ଅନେକ ଲେଖକ ଅଂଶଗ୍ରହଣ କରିଥିଲେ। ଶେଷରେ ପ୍ରଦୀପ ନାୟକ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ ।

# ସଂକଳ୍ପ ପଦଯାତ୍ରାରେ କଂଗ୍ରେସର ଶକ୍ତି ପ୍ରଦର୍ଶନ

ପିପିଲି,୧୮।୨(ଦୁର୍ଗାମାଧବ ମିଶ୍ର)

ଭକ୍ତ ଚରଣ ଦାସ ରାଜ୍ୟ କଂଗ୍ରେସର ନୂତନ ପିସିସି ସଭାପତି ହେବା ପରେ ପ୍ରଥମେ ଜଗନ୍ନାଥଙ୍କୁ ଦର୍ଶନ କରି ବିଧିବଦ୍ଧ ଭାବେ ତାଙ୍କ ଦାୟିତ୍ୱ ତୁଲାଇବେ। ସେଥିପାଇଁ ଭୁବନେଶ୍ୱର ବିମାନବନ୍ଦରରୁ ସଂକଳ୍ପ ପଦଯାତ୍ରା ଆରମ୍ଭ ହୋଇ ଅପରାହ୍ନ ୫ଟାରେ ପିପିଲି ନିର୍ବାଚନମଣ୍ଡଳୀର ଉତ୍ତରାଠାରେ ପହଞ୍ଚିଥିଲା। ପଦଯାତ୍ରାକୁ ପିପିଲିର ନିଶିକାନ୍ତ ମିଶ୍ର, ପ୍ରସାଦ ହରିଚନ୍ଦନ, ବିଶ୍ୱରଞ୍ଜନ ମିଶ୍ର, ମାନସ ଆଚାର୍ଯ୍ୟ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଗୁଣନିଧି ପ୍ରଧାନ, ଜ୍ଞାନ ପଟ୍ଟନାୟକ, ଅନ୍ତର୍ଯାମୀ ଦୀକ୍ଷିତ ସ୍ୱାଗତ କରିଥିଲେ। ପିପିଲି ବ୍ଲକ ଛକ ପାଖରେ ଥିବା କ୍ରିଷ୍ଣା ଗାର୍ଡେନଠାରେ ରାତ୍ରିଯାପନ କରିଥିଲେ।

# ଆୟୁଷ ଛାତ୍ର ସଙ୍ଗଠନର ଆନ୍ଦୋଳନ ପ୍ରତ୍ୟାହୃତ

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ଆୟୁଷ ନିର୍ଦ୍ଦେଶକ କାର୍ଯ୍ୟାଳୟରେ କାର୍ଯ୍ୟରତ ନୋଡାଲ ଅଫିସର ପ୍ରମୋଦ ବିହାରୀ ପ୍ରଧାନ ଏବଂ କିରାଣି ପ୍ରଦୀପ୍ତ କୁମାର ନାଥଶର୍ମାଙ୍କ ସମେତ ନିର୍ଦ୍ଦେଶକ ପ୍ରେମଜିତ ନାୟକଙ୍କ ବଦଳି ଦାବିରେ ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନ ପକ୍ଷରୁ ଜାରି ରହିଥିବା ଆନ୍ଦୋଳନ ମଙ୍ଗଳବାର ଶେଷ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନ ସହିତ ପୁରୀର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ଆୟୁଷ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଆନ୍ଦୋଳନ କରାଯାଇଥିଲା। ଏନେଇ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି, ଆୟୁଷ ବିଭାଗ ବିକାଶରେ ବାଧକ ସାଜିଥିବା ଉକ୍ତ ଅଧିକାରୀମାନଙ୍କ ବଦଳି ଦାବିରେ ସଙ୍ଗଠନ ଦୀର୍ଘଦିନରୁ ସରକାରଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ। ମଙ୍ଗଳବାର ସରକାର ସଂଗଠନର ଦାବିକୁ ଶୁଣିବା ସହିତ ନୋଡାଲ ଅଫିସର ପ୍ରମୋଦ ବିହାରୀ ପ୍ରଧାନ ଏବଂ କିରାଣି ପ୍ରଦୀପ୍ତ କୁମାର ନାଥଶର୍ମାଙ୍କୁ ବଦଳି କରିଛନ୍ତି। ସରକାର ସଦାସର୍ବଦା ଆୟୁଷ ଛାତ୍ରୀଛାତ୍ରଙ୍କ ସହ ରହିଆସିଛନ୍ତି ଏବଂ ଏହା ପ୍ରମାଣିତ ହୋଇଛି। ସରକାରଙ୍କ ଏହି ପଦକ୍ଷେପରେ ସମଗ୍ର ଆୟୁଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଲ୍ଲାସର ବାତାବରଣ ଖେଳିଯାଇଛି। ସମ୍ପୂର୍ଣ୍ଣ ଆୟୁଷ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି।




ନିଖିଳ ଓଡ଼ିଶା ଆୟୁଷ ଛାତ୍ର ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି ।

# ଅଟୋ, ଟୋଟୋ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ

### ୟୁଜର୍ସ ଫି' ଆଦାୟ ପାଇଁ ହୋଇଥିବା ଆଦେଶର ପ୍ରତ୍ୟାହାର ଦାବି

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

ପୁରୀ ପୌରପାଳିକା ପକ୍ଷରୁ ଅଟୋ ଓ ଟୋଟୋଗୁଡ଼ିକଠାରୁ ୟୁଜର୍ସ ଫି' ଆଦାୟ ନେଇ ହୋଇଥିବା ଆଦେଶକୁ ପ୍ରତ୍ୟାହୃତ ସହ ଅନ୍ୟାନ୍ୟ ଦାବିନେଇ ମଙ୍ଗଳବାର ପୁରୀ ସହର ଅଟୋ ଓ ଟୋଟୋ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମିଳିତ ମଞ୍ଚ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ଫେବୃଆରୀ ୧୧ରେ ପୁରୀ ପୌରପାଳିକା କର୍ତ୍ତୃପକ୍ଷଙ୍କ ଚିଠି ନଂ.୧୨୯୬ ପ୍ରତ୍ୟେକ ଅଟୋ ଓ ଟୋଟୋରେ ୧,୦୦୦ଟଙ୍କା ୟୁଜର୍ସ ଫି' ତଥା ଲୋଗୋ ଲଗାଇବା ନିମନ୍ତେ ଆଦେଶନାମା ଜାରି କରିଥିଲେ। ଏନେଇ ପୌରସଂସ୍ଥା ପକ୍ଷରୁ ମଞ୍ଚର ପ୍ରତିନିଧିଙ୍କ ସହ କୌଣସି ପ୍ରକାର ଆଲୋଚନା କରାନଯାଇ ଜୋରଜବରଦସ୍ତ ଲଗାଯାଉଛି। ଏହା ନ ଲଗାଇଲେ କୌଣସି ଅଟୋ ଓ ଟୋଟୋ ପୁରୀ ସହରରେ ଚାଲିପାରିବ ନାହିଁ ବୋଲି ମଧ୍ୟ ଆଦେଶନାମା ଜାରି କରିଛନ୍ତି, ଯାହାକି ଏକ ଅଗଣତାନ୍ତ୍ରିକ ପଦ୍ଧତି। ଅଟୋ ଓ ଟୋଟୋ ଚାଳକମାନଙ୍କ ଉପରେ ପୋଲିସର ମାତ୍ରାଧିକ ଜୁଲମ ବଢ଼ିଚାଲିଛି। ପୁରୀ ବଡ଼ଦାଣ୍ଡ, ସମୁଦ୍ରକୂଳରେ ଟାଉନ୍ ବସ୍ ଚଳାଚଳ କରିବା ଦ୍ୱାରା ହଜାର ହଜାର ଅଟୋ ଓ ଟୋଟୋ ଚାଳକମାନେ ଜୀବିକା ହରାଇଛନ୍ତି। ଅଟୋ ଓ ଟୋଟୋ ରେଜିଷ୍ଟ୍ରେଶନ ବଢ଼ି ଚାଲିଥିବା ବେଳେ ଗାଡ଼ି ରଖିବାକୁ ପୋଲିସ ଓ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ମାର୍ଗଦର୍ଶିକା ନାହିଁ। ତେଣୁ ପ୍ରଶାସନ ମ୍ୟୁନିସିପାଲିଟି ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରୁ। ପ୍ରଶାସନ, ପୋଲିସ ଓ ମିଳିତ ମଞ୍ଚର ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ କରାଯାଉ ବୋଲି ମଞ୍ଚ ଦାବି କରିଛି। ମିଳିତ ମଞ୍ଚର ଆବାହକ ଶରତ କୁମାର ରାୟଗୁରୁ, ବାବୁଲା ପ୍ରସାଦ, ସଞ୍ଜୀବ ମହାନ୍ତି, ଜଗନ୍ନାଥ ଦେଓ, ଦାଶରଥି ସାହୁ, କୃପାସିନ୍ଧୁ ପଣ୍ଡା, ରଘୁନାଥ ରାଉତ, ଅଜିତ ମିଶ୍ର, ପ୍ରମୋଦ ଜେନା, ସୁରେଶ ସାହୁ, ବିପିନ କୁମାର ସାହୁ, ଗଜପତି ସେନାପତି, ପଦ୍ମ ପ୍ରଧାନ, ରାଜ କିଶୋର ସାହୁ, ନାରାୟଣ ପ୍ରହରାଜ, ଶିବ ଶଙ୍କର ସ୍ୱାଇଁ, ସୌଦାଗର ସାମଲ, ରାଜ କିଶୋର ମୁରୁଡ଼ି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତେବେ ଅତିରିକ୍ତ ଜିଲାପାଳ ଆସନ୍ତା ଦିନରେ ପ୍ରତିନିଧିମଣ୍ଡଳୀଙ୍କୁ ଆଲୋଚନା ପାଇଁ ଡାକିବାକୁ ପ୍ରତିଶ୍ରୁତି ଦେଇଥିବା ଆବାହକ ରାୟଗୁରୁ ସୂଚନା ଦେଇଛନ୍ତି।




ଅଟୋ ଓ ଟୋଟୋ ମିଳିତ ମହାମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ସଂକ୍ଷେପରେ

### ସିଡିଏମ୍‌ଓଙ୍କ କାର୍ଯ୍ୟାଳୟରୁ ମିଳୁନି ନର୍ସିଂହୋମ୍ ସମ୍ପର୍କିତ ତଥ୍ୟ

**କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅଞ୍ଚଳରେ ଅନେକ ନର୍ସିଂହୋମ୍ ଖୋଲି ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ହେଲେ ଏହି ସବୁ ନର୍ସିଂହୋମ୍‌ରେ ଅଗ୍ନି ନିରାପତ୍ତା ଓ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରମାଣପତ୍ର ରହିଛି କି ନାହିଁ ସେ ସମ୍ପର୍କରେ ଜାଣିବା ପାଇଁ ଜଣେ ସୂଚନା ଅଧିକାର କର୍ମୀ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ଇତିମଧ୍ୟରେ ୬୦ ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତଥ୍ୟ ଦେବା ପାଇଁ ଜଣେ କିରାଣି ଟାଳଟୁଳ ନୀତି ଅବଲମ୍ବନ କରୁଥିବା ସିଡିଏମ୍‌ଓଙ୍କ ନିକଟରେ ଅଭିଯୋଗ ହୋଇଛି। ନର୍ସିଂହୋମ୍ ସଂକ୍ରାନ୍ତୀୟ ସୂଚନା ଦେବା ପାଇଁ ପତ୍ରସଂଖ୍ୟା ୧୬୧୦୩/୧୦।୧୨।୨୦୨୪ରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଜଣେ କିରାଣିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମା କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଇଛି। ଅଭିଯୋଗ ସମ୍ପର୍କରେ ସିଡିଏମ୍‌ଓ ପ୍ରଶାନ୍ତ କୁମାର ହୋତାଙ୍କୁ ପଚାରିବାରୁ ଅଫିସ୍‌ରୁ ବୁଝି କହିବେ ବୋଲି ସୂଚନା ଦେଇଛନ୍ତି।

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)**

ଆକ୍ରମଣ ଅଭିଯୋଗରେ କିଶନ ନଗର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଚାଙ୍ଗପଡ଼ା ଗ୍ରାମର ଅଶ୍ୱିନୀ କୁମାର ସାହୁ(୨୮)। ସୋମବାର ଦୋକାନରେ ପାନ କିଣାକୁ କେନ୍ଦ୍ରକରି ଚାଙ୍ଗପଡ଼ା ଗ୍ରାମର ରଣଜିତ୍ ଜେନା(୪୦)ଙ୍କୁ ଅଭିଯୁକ୍ତ ଜଣକ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏତଲା ଦିଆଯିବା ପରେ ପୋଲିସ ଏକ ମାମଲା(ନଂ.୩୧/୨୫) ରୁଜୁ କରିଥିଲା।

### ଅଷ୍ଟପ୍ରହର ନାମଯଜ୍ଞ

**ମଙ୍ଗୁଳି-ଜଗତପୁର, ୧୮।୨(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୁରୁଜଙ୍ଗ ଗ୍ରାମ ହରିଜନ ସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସଯାତ୍ରା, ଯଜ୍ଞମଣ୍ଡପ ପ୍ରତିଷ୍ଠା, ସୂର୍ଯ୍ୟପୂଜା, ଗୋପୂଜା, ମହାଆଳତି ସହ ପୂର୍ଣ୍ଣାହୁତି ହୋଇଥିଲା। ଏଥିରେ କର୍ତ୍ତାକର୍ତ୍ତୀ ଭାବେ ଅମୂଲ୍ୟ ମଳିକ ଓ ଡଲି ମଳିକ ଯୋଗଦେଇଥିଲେ। ଗ୍ରାମର ବନମାଳୀ ମଳିକ, ନବକିଶୋର ମଳିକ, ରାଜା ମଳିକ, କ୍ଷୀରୋଦ ମଳିକ, କାହ୍ନୁ ମଳିକ, ସନ୍ତୋଷ ମଳିକ, ଗୁରୁଚରଣ ମଳିକ, ଦେବେନ୍ଦ୍ର ମଳିକ, କହ୍ନେଇ ମଳିକ ଓ ମକୁ ମଳିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

### ୨୦ରେ ଓମ୍ ଜ୍ୟୋତି ଭବନ ଉଦ୍‌ଘାଟନ

**କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାରଠାରେ ଆସନ୍ତା ୨୦ ତାରିଖରେ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବନିର୍ମିତ ଓମ୍ ଜ୍ୟୋତି ଭବନ ଉଦ୍‌ଘାଟନ କରାଯିବ। ଏହାକୁ ବିଶ୍ୱବିଦ୍ୟାଳୟର ଅତିରିକ୍ତ ମୁଖ୍ୟ ପ୍ରଶାସକ ରାଜଯୋଗିନୀ ବ୍ରହ୍ମାକୁମାରୀ ଜୟନ୍ତୀ ଦିଦି ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ରାଜଯୋଗିନୀ ବି.କେ. କମଳେଶ ଦିଦିଙ୍କ ସମେତ ସହରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ଏନେଇ ବେଣ୍ଟକାରଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶାଖା ତରଫରୁ ବି.କେ. ନଥମଲ ଭାଇ ସୂଚନା ଦେଇଛନ୍ତି। ଏହି ଖବରଦାତା ବି.କେ.ଗିନା, ବି.କେ ମିନତି, ବି.କେ.ପ୍ରସନ୍ନ, ବି.କେ.ଉପେନ୍ଦ୍ର ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କ ଗିରଫ ଦାବିରେ ମୃତଦେହ ରଖି ଧାରଣା

**ଖୁଣ୍ଟୁଣୀ, ୧୮।୨(ସଚ୍ଚିଦାନନ୍ଦ ପଣ୍ଡା)**



ମୃତଦେହ ରଖି ଥାନା ସମ୍ମୁଖରେ ଲୋକମାନେ ଧାରଣାରେ ବସିଛନ୍ତି।

କଟକ ଜିଲା ଗୁରୁଡିଝାଟିଆ ଥାନା ଅଧୀନ ଗୋବରା ପଞ୍ଚାୟତର ଓରିଙ୍ଗାବାଡି ଗ୍ରାମରେ ଗତ ରବିବାର କେତେଜଣ ଯୁବକ ସଂଘବଦ୍ଧ ଭାବେ ଆକ୍ରମଣ କରି ବିକ୍ରମ ଜେରାଇ ନାମକ ଯୁବକଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଚୈତନ୍ୟ ମୁଣ୍ଡୁଲିଆ ଓ ରାମ ବଦରା ଗୁରୁତର ହୋଇଛନ୍ତି। ଆକ୍ରମଣକାରୀ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୩ଟାରେ ଶତାଧିକ ଆଦିବାସୀ ପରିବାର ଗୁରୁଡିଝାଟିଆ ଥାନା ମୁଖ୍ୟ ଫାଟକ ନିକଟରେ ବିକ୍ରମଙ୍କ ମୃତଦେହ ରଖି ଧାରଣାରେ ବସିଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ସାହୁ, ଏସ୍.ଏନ୍. ମୁଦୁଲି, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଖୁଣ୍ଟୁଣୀ ଆଇଆଇସି ରଞ୍ଜନ କୁମାର ପ୍ରଧାନ, ଗୁରୁଡିଝାଟିଆ ଆଇଆଇସି ପରେଶ ମହାନ୍ତି ଓ ଟାଙ୍ଗୀ ଥାନା ଆଇଆଇସି ଶିବ ପ୍ରସାଦ ଭଦ୍ର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଆଦିବାସୀ ହରିଜନ ରାଜ୍ୟ ଭାଜପା ମିଡିଆ ସେଲ୍ ସଂଯୋଜକ ସତ୍ୟଜିତ୍ ମଲ୍ଲିକ, ଆଠଗଡ଼ ଆଦିବାସୀ ଦଳିତ ନେତା ବିଚିତ୍ରାନନ୍ଦ ସେଠୀ, ହରିଶ୍ଚନ୍ଦ୍ର

### ବିକ୍ରମ ଜେରାଇ ହତ୍ୟା ଘଟଣା

ହାଇବ୍ରୁ, ନରେଶ ନାଏକ ଓ ବିକ୍ରମଙ୍କ ସ୍ତ୍ରୀ ସବିତାଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଆଠଗଡ଼ର ଭାଜପା ନେତା ଅଭୟ କୁମାର ବାରିକ ଘଟଣାସ୍ଥଳରେ ପହଞ୍ଚି ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୨୦ ତାରିଖ ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣ ସାଢେ ୫ଟାରେ ଧାରଣା ସ୍ଥଗିତ ରହିଥିଲା। ଏହାପରେ ସବିତାଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ପୋଲିସ ୧୦ ହଜାର ଟଙ୍କା ଓ ଭାଜପା ନେତା ବାରିକ ୨୦ ହଜାର ଟଙ୍କା ଦେଇଥିଲେ। ତେବେ ୨୦ ତାରିଖ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଥାନା ଆଗରେ ଧାରଣାରେ ବସିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ରବିବାର ବିକ୍ରମ, ଚୈତନ୍ୟ ଓ ରାମ ଏକ ଫାର୍ମରେ କାମ ସାରି ଘରକୁ ଫେରିବା ବାଟରେ କେତେଜଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ବିକ୍ରମଙ୍କ ମୃତ୍ୟୁ ଘଟିଥିବାବେଳେ ଚୈତନ୍ୟ ଓ ରାମ ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିକ୍ରମଙ୍କୁ ହତ୍ୟା କରାଯାଇଥିବା ନେଇ ସବିତା ଗୁରୁଡିଝାଟିଆ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା(ନଂ.୩୦/୨୫) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ସୋମବାର ଆଠଗଡ଼ ଡାକ୍ତରଖାନାକୁ ପଠାଇଥିଲା। ହେଲେ ରାତିରେ ମୃତଦେହ ଆସି ପହଞ୍ଚିବା ପରେ ଆଦିବାସୀମାନେ ସତ୍କାର କରି ନ ଥିଲେ। ଆଦିବାସୀ ଦଳିତ ନେତା ବିଚିତ୍ରାନନ୍ଦ ସେଠୀଙ୍କ ପରାମର୍ଶରେ ମଙ୍ଗଳବାର ଥାନା ଆଗରେ ମୃତଦେହ ରଖି ଲୋକମାନେ ଧାରଣାରେ ବସିଥିଲେ।

# ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ଆଜୀବନ ଜେଲ

**କଟକ, ୧୮।୨(କାର୍ତ୍ତିକ ସାହୁ)**

ନାବାଳିକା ବଳାତ୍କାର ମାମଲାରେ କଟକ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ପୋକ୍ସୋ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ମାସ କାରାଦଣ୍ଡ ଭୋଗିବାକୁ ହେବ। ଅଭିଯୁକ୍ତ ହେଲେ ଜଗତପୁର ଥାନା ଅନ୍ତର୍ଗତ ବିଶ୍ୱନାଥପୁରର ରବୀନ୍ଦ୍ର ଭୋଇ(୬୪)। ଅପରପକ୍ଷରେ ଜଗତ୍‌ପୁର ଅଞ୍ଚଳର ପୀଡ଼ିତା ନାବାଳିକାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କଟକ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଅଦାଲତ ଆଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୨୪ ମାର୍ଚ୍ଚ ୨୭ ତାରିଖରେ ରବୀନ୍ଦ୍ର ଜଣେ ୪ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ୨୦୨୪ ମେ' ୨୭ ତାରିଖରେ ଅଦାଲତରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ତେବେ ୧୨ ଜଣଙ୍କ ସାକ୍ଷ୍ୟ ଓ ୧୯ଟି ତଥ୍ୟକୁ ବିଚାରକୁ ନେଇ ଅଦାଲତ ଏହି ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ୯ ଦଫା ଦାବି ନେଇ ମେହେନ୍ତର ସଂଘର ଧାରଣା




ଦାବି ପୂରଣ ପାଇଁ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ଚୌଦ୍ୱାର, ୧୮।୨(ଆଶୁତୋଷ ଦାସ)**

୯ ଦଫା ଦାବି ନେଇ ଚୌଦ୍ୱାର ପୌରପାଳିକାରେ ଠିକା କର୍ମଚାରୀ ଭାବେ କାର୍ଯ୍ୟରତ ମେହେନ୍ତର ସଂଘ ପକ୍ଷରୁ ମଙ୍ଗଳବାର ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ପରେ ଏକ ପ୍ରତିନିଧିମଣ୍ଡଳୀ ପୌରନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଗତ ଜାନୁଆରୀରେ ସଂଘ ପକ୍ଷରୁ ଏ ସମ୍ପର୍କିତ ଦାବିପତ୍ର ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ବାଧ୍ୟହୋଇ ଧାରଣାରେ ବସିଥିବା ଆନ୍ଦୋଳନକାରୀ କହିଛନ୍ତି। ସେମାନଙ୍କ କହିବାନୁଯାୟୀ, ପୌରପାଳିକାରେ ସଫେଇ ଦାୟିତ୍ୱରେ ଥିବା ଠିକାଦାର ସେମାନଙ୍କୁ ମୌଳିକ ସୁବିଧା ଯୋଗାଇବାରେ ଅବହେଳା କରୁଛନ୍ତି। ଏ ସମ୍ପର୍କରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନି। ଯଦି ଦାବି ପୂରଣ ନ କରାଯାଏ ତେବେ ଆଗାମୀ ଦିନରେ ଅନ୍ଦୋଳନ ତୀବ୍ରତର କରାଯିବ ବୋଲି ସଫେଇ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବ ଆପଦାମିତ୍ର ତାଲିମ



ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଆପଦାମିତ୍ରଙ୍କୁ ତାଲିମ ଦିଆଯାଉଛି।

**କଟକ, ୧୮।୨(କାର୍ତ୍ତିକ ସାହୁ)**

ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଆପଦା ମିତ୍ରମାନଙ୍କୁ ତାଲିମ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ସୁରକ୍ଷା ଯୋଗାଇଦେବା, ଅସୁରକ୍ଷିତ ଅବସ୍ଥାରେ ଥିବା ଶିଶୁଙ୍କୁ ଚିହ୍ନଟ କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଆବଶ୍ୟକ ପଦକ୍ଷେପ କିପରି ନିଆଯାଇପାରିବ ସେ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏହି ଆପଦାମିତ୍ର ତାଲିମ ତୃଣମୂଳ ସ୍ତରରେ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବ ବୋଲି ପ୍ରଶିକ୍ଷକମାନେ କହିଛନ୍ତି। ଜିଲା ଜରୁରିକାଳୀନ ବିଭାଗର ବାପି ବିଶ୍ୱଜିତ ସାହୁ ଏବଂ ଜିଲା ଶିଶୁମଙ୍ଗଳ ସମିତି ଅଧ୍ୟକ୍ଷ ପ୍ରମୋଦ କିଶୋର ଆଚାର୍ଯ୍ୟ ବିଷୟ ବିଶାରଦ ଭାବେ ଯୋଗଦେଇଥିଲେ। ଏଥିରେ ବିଭିନ୍ନ ବ୍ଲକରୁ ୪୦ଜଣ ଆପଦାମିତ୍ର ଯୋଗଦେଇ ତାଲିମ ଗ୍ରହଣ କରିଥିଲେ।

### ଧାନମଣ୍ଡି ପରିଦର୍ଶନ କଲେ ଜିଲାପାଳ

**କଟକ ସଦର, ୧୮।୨(ସୁଶାନ୍ତ କୁମାର ଜେନା)**

କଟକ-ପାରାଦୀପ ରାସ୍ତାପାର୍ଶ୍ୱ ଗତିରାଉତପାଟଣା ଧାନମଣ୍ଡିକୁ ମଙ୍ଗଳବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ପରିଦର୍ଶନରେ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ବର୍ଷା ହେବା ସମ୍ଭାବନା ଥିବାରୁ ମଣ୍ଡିରେ ଧାନକୁ ସୁରକ୍ଷିତ ରଖିବା ବ୍ୟବସ୍ଥା କରିବା ପାଇଁ ଗତିରାଉତପାଟଣା ସମବାୟ ସମିତିର ସଭାପତି ସମର ବେହେରାଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଅବଧି ଶୀଘ୍ର ପୂରଣ ହେବାକୁ ଥିବାରୁ ସପ୍ତାହରେ ଆଉ ଅଧିକ ଗୋଟିଏ ଦିନ ପାଳି କରିବା ପାଇଁ ମିଲରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ସହକାରୀ ସମବାୟ ନିବନ୍ଧକ ସ୍ନିଗ୍ଧା ଶତପଥୀ ସାମିଲ ହୋଇଥିଲେ।

### ୨୩ ବସ୍‌ରୁ ଖୋଲାଗଲା ମଲ୍ଟି ହର୍ନ

**କଟକ, ୧୮।୨(କାର୍ତ୍ତିକ ସାହୁ)**

କମିଶନରେଟ୍ ପୋଲିସର ଟ୍ରାଫିକ ପୋଲିସ କର୍ମଚାରୀମାନେ ଗାଡ଼ିରେ ଲାଗିଥିବା ମଲ୍ଟି ହର୍ନ ବିରୋଧରେ ମଙ୍ଗଳବାର ସନ୍ଧ୍ୟାରେ ଏକ ସ୍ୱତନ୍ତ୍ର ଅଭିଯାନ କରିଥିଲେ। ସେମାନେ ଖାନ୍‌ନଗର ଛକ ନିକଟରେ ବିଭିନ୍ନ ବସ୍‌ରେ ଲାଗିଥିବା ମଲ୍ଟି ହର୍ନ ଯାଞ୍ଚ କରିଥିଲେ। ମୋଟ ୨୩ଟି ବସ୍‌ରୁ ମଲ୍ଟି ହର୍ନ ଖୋଲାଯାଇ ଜବତ କରାଯାଇଥିଲା। ଏଥିସହ ଓଡ଼ିଶା ସହରାଞ୍ଚଳ ପୋଲିସ ଅଧିନିୟମ ଅନୁଯାୟୀ ଉକ୍ତ ବସ୍‌ଗୁଡ଼ିକରୁ ମୋଟ ୧୧,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

# କୋଇଲା ଡିପୋରେ ନିଆଁ

**ମଙ୍ଗୁଳି-ଜଗତପୁର, ୧୮।୨(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କୟଳପଡ଼ା ପଞ୍ଚାୟତର ନୂଆପାଟଣା ଗ୍ରାମରେ ଖୋଲିଥିବା ଏକ କୋଇଲା ଡିପୋରେ ଗତ ୩ ଦିନ ହେବ ନିଆଁ ଲାଗିଛି। ଏପରିକି ବାରମ୍ବାର ନିଆଁ ଲାଗିବା ଫଳରେ ପରିବେଶ ପ୍ରଦୂଷଣ ହେଉଛି। ଏଥିସହ ଜୀବଜନ୍ତୁ ବିପଦରେ ପଡୁଥିବାବେଳେ ଚାଷକାମ ବ୍ୟାଘାତ ହୋଇଥିବା ଅଭିଯୋଗ ହୋଇଛି। ଏହି କୋଇଲା ଡିପୋକୁ ପ୍ରଶାସନିକ ସ୍ତରରେ ତୁରନ୍ତ ବନ୍ଦ କରିବା ଅଥବା ହଟାଇବା ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀ ପ୍ରଦୀପ ନାୟକ ସ୍ଥାନୀୟ ତହସିଲ, ଖଣି ଓ ବନ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି, ପ୍ରଦୀପ ପ୍ଲଟ୍ ନମ୍ବର ୧୫୩, ୧୬୦, ୧୦୨୯, ୧୦୫୦ରେ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ କୁକୁଡ଼ା ଚାଷ, ଗୋପାଳନ, ମାଛ ଓ ପନିପରିବା ଚାଷ କରି ଆସୁଛନ୍ତି। ଉକ୍ତ ପ୍ଲଟ୍‌ରେ ଅନେକଗୁଡ଼ିଏ ଛୋଟ, ବଡ ପୋଖରୀ, ଶାଳ, ନିମ୍ବ, ଶାଗୁଆନ, ଆମ୍ବ, ପିଜୁଳି ଗଛ ଲଗାଯାଇ ଜଙ୍ଗଲ ପରିବେଶ ସୃଷ୍ଟି କରାଯାଇଛି। ଶୀତଦିନେ ବିଦେଶୀ ପକ୍ଷୀ ଏଠାକୁ ଆସିଥାନ୍ତି। କିନ୍ତୁ ଗତ ଦୁଇବର୍ଷ ହେବ ଉକ୍ତ ପ୍ଲଟ୍ ନିକଟ ଅନ୍ୟ ଦୁଇଟି ପ୍ଲଟ୍ (ନଂ.୧୫୮, ୧୦୨୧)ରେ ସନ୍ତୋଷ କୁମାର ଭୁଟିଆ ନାମକ ବ୍ୟକ୍ତି ଏକ କୋଇଲା ଡିପୋ କରି ହାରାହାରି ୮୦୦୦ ଟନ୍ କୋଇଲା ରଖିଛନ୍ତି। ଏହି କୋଇଲାରେ ନିଆଁ ଲାଗିବା ଫଳରେ ପରିବେଶ ପ୍ରଦୂଷଣ ସହ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ପ୍ରଶାସନ ଏଦିଗରେ ପଦକ୍ଷେପ ନେବା ପାଇଁ ପ୍ରଦୀପ ଦାବି କରିଛନ୍ତି। ଏନେଇ କୋଇଲା ଡିପୋ ମାଲିକ ସନ୍ତୋଷ କୁମାର ଭୁଟିଆ କହିଛନ୍ତି, କୋଇଲା ଗଦାରେ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇଛି। ଆଗକୁ କିପରି ନିଆଁ ଲାଗିବ ନାହିଁ ସେଥିପ୍ରତି ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ପ୍ରଶାସନିକ ସ୍ତରରେ ପ୍ରତିକ୍ରିୟା ମିଳିପାରିନାହିଁ।



କୋଇଲା ଡିପୋରେ ଲାଗିଥିବା ନିଆଁ।

# କିଟ୍ ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

**କଟକ, ୧୮।୨(ଶିଳ୍ପା ପ୍ରିୟଦର୍ଶିନୀ)**

ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡଷ୍ଟ୍ରିଆଲ ଟେକ୍ନୋଲୋଜି(କିଟ୍) ବିଶ୍ୱବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଓ ନେପାଳୀ ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟରୁ ବିଦାକରିବା ଘଟଣାକୁ ନେଇ ଏଆଇଡିଏସ୍‌ଓ ପକ୍ଷରୁ ମଙ୍ଗଳବାର କଟକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ଣରେ କଟକ କଲେଜ ଛକ ପୂଜା କମିଟି ସମ୍ମୁଖରୁ ଶୋଭାଯାତ୍ରା ବାହାରି ନିକଟସ୍ଥ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିଥିଲା। ଏ ସମ୍ପର୍କରେ ଏଆଇଡିଏସ୍‌ଓ ସର୍ବଭାରତୀୟ ସମ୍ପାଦକ ଶିବାଶିଷ ପ୍ରହରାଜ କହିଛନ୍ତି, କ୍ୟାମ୍ପସଗୁଡ଼ିକ ଏବେ ଅସୁରକ୍ଷିତ ହୋଇପଡ଼ିଛି। କିଟ୍ ଛାତ୍ରୀଙ୍କ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପରିବର୍ତ୍ତେ ଯେଉଁ ଛାତ୍ରୀଛାତ୍ର ତଦନ୍ତ ପାଇଁ ଦାବି କରୁଥିଲେ ସେମାନଙ୍କୁ ଦୁର୍ବ୍ୟବହାର କରାଯାଇ ବିଶ୍ୱବିଦ୍ୟାଳୟରୁ ବିଦାକରାଯାଇଛି। ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରୁଛୁ। ତୁରନ୍ତ ଏହି ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ନେପାଳୀ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୁରକ୍ଷା ପ୍ରଦାନ




ଏଆଇଡିଏସ୍‌ଓ ପକ୍ଷରୁ କଟକ କଲେଜ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲା ଏବିଭିପି

ପାଇଁ ଦାବି କରାଯାଉଥିବା ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇଡିଏସ୍‌ଓର କର୍ମୀମାନେ ସାମିଲ ହୋଇଥିଲେ।

ସେହିପରି ଉକ୍ତ ଘଟଣାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ସନ୍ଧ୍ୟାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ଏବିଭିପିର ସଦସ୍ୟ ତଥା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଛାତ୍ର ଚିନ୍ମୟ ନାୟକ କହିଛନ୍ତି, କିଟ୍ ଛାତ୍ରୀ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବା ଆବଶ୍ୟକ ଥିଲା। ହେଲେ କିଟ୍ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ ଏଡାଇଦେଇ ମୃତା ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ଆନ୍ଦୋଳନ କରୁଥିବା ନେପାଳୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାନୁଷ୍ଠାନର ବସ୍‌ରେ ବସାଇ କଟକ ରେଳଷ୍ଟେଶନରେ ଛାଡି ଦେଇଥିଲେ। ତେବେ ଏହି ଘଟଣା ପାଇଁ ଭାରତ ଓ ନେପାଳ ମଧ୍ୟରେ ଥିବା ସୁସମ୍ପର୍କ ନଷ୍ଟ ହୋଇଛି। ତେବେ ଏହି ଘଟଣାରେ ଯେଉଁମାନଙ୍କ ସମ୍ପୃକ୍ତି ରହିଛି ସରକାର ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ମୃତା ଛାତ୍ରୀଙ୍କୁ ନ୍ୟାୟ ଦେବା ପାଇଁ ନାୟକ ଦାବି କରିଛନ୍ତି। ଏହି ବିକ୍ଷୋଭରେ ଏବିଭିପି ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସଭାପତି ରାଜା ମଲ୍ଲିକ, ବାଗ୍‌ମିତା ପଣ୍ଡା, ପ୍ରଲିପ୍ତା ଶାହା, ବିଷ୍ଣୁପ୍ରସାଦ ଜେନା, ସୁଜାତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋ ରେ ଖବର



କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ମଙ୍ଗଳବାର ଛାତ୍ରୀମାନେ ଯୁକ୍ତ ୨ ପରୀକ୍ଷା ଦେବା ପାଇଁ ଯାଉଛନ୍ତି।



କଟକ ସାରଳା ଭବନରେ ମଙ୍ଗଳବାର ରାଷ୍ଟ୍ରଦୀପ ସାପ୍ତାହିକର ୩୧ତମ ବସନ୍ତ ମିଳନ ଉତ୍ସବରେ ଅତିଥିମାନେ ରାଷ୍ଟ୍ରଦୀପର ବିଶେଷାଙ୍କକୁ ଉନ୍ମୋଚନ କରୁଛନ୍ତି।

# ୫ ବର୍ଷରେ ସବୁ ଜିଲାରେ ମେଡିକାଲ କଲେଜ

**ବିକାଶର ରୋଡ଼ମ୍ୟାପ୍ ରଖିଲେ କେନ୍ଦ୍ରମନ୍ତ୍ରୀ**

- ସର୍ବାଧିକ ଟସର ସିଲ୍କ ଉପାଦନକାରୀ ରାଜ୍ୟ ହେବ ଓଡ଼ିଶା
- ରାଜ୍ୟରେ ୫ରୁ ୬ ଏୟାରପୋର୍ଟ ନିର୍ମାଣ ଲକ୍ଷ୍ୟ



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କ ସହ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଭାଜପା ସଭାପତି ମନମୋହନ ସାମଲ।

ଭୁବନେଶ୍ୱର,୧୮।୨ (ଅନୁରାଧା ମହାରଣା)

ପୂର୍ବରୁ ଓଡ଼ିଶାରେ ମାତ୍ର ୩ଟି ମେଡିକାଲ କଲେଜ ଥିଲା। ଗତ ୧୦ ବର୍ଷରେ ନୂଆ ୭ଟି ମେଡିକାଲ କଲେଜ ତିଆରି କରାଯାଇଛି। ଆଗାମୀ ୫ବର୍ଷ ଭିତରେ ଓଡ଼ିଶାର ସବୁ ଜିଲାରେ ମେଡିକାଲ କଲେଜ ଖୋଲିବାକୁ ଯୋଜନା କରାଯାଇଛି। ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗରେ କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ଅଧିକ ଥିବାରୁ ସବୁ ଜିଲାରେ ଗୋଟିଏ ଲେଖାଏ ଡେ' କେୟାର ସେଣ୍ଟର କରିବାକୁ ଯୋଜନା କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଗିରିରାଜ ସିଂ ଏହି ସୂଚନା ଦେଇଛନ୍ତି। ଗିରିରାଜ କହିଛନ୍ତି, ୨୦୧୪ରେ ଭାରତର ବଜେଟ ୧୬ ଲକ୍ଷ କୋଟିରୁ ଆରମ୍ଭ ହୋଇଥିଲା। ୨୦୨୫-୨୬ ବଜେଟ ଏବେ ୫୧ ଲକ୍ଷ କୋଟିରେ ପହଞ୍ଚିଛି। କେନ୍ଦ୍ର ବଜେଟରେ ଚାକିରିଆ, ବ୍ୟବସାୟୀଙ୍କ ପାଇଁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼ କରାଯାଇଛି। କୃଷକଙ୍କ ପାଇଁ କିଷାନ କାର୍ଡର ସୀମା ୩ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଆଗକୁ ଓଡ଼ିଶା କିଭଳି ଦେଶର ସବୁଠାରୁ ବଡ଼ ଟସର ସିଲ୍କ ଉପାଦନକାରୀ ରାଜ୍ୟ ହୋଇପାରିବ ସେଥିପାଇଁ କେନ୍ଦ୍ର ସରକାର ଯୋଜନା କରିଛନ୍ତି। ରାଜ୍ୟର ୪ରୁ ୫ଟି ଜିଲାକୁ ବୟନ ଶିଳ୍ପ ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ୫ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ଦ୍ୱାରା ଚିହ୍ନଟ ଜିଲାକୁ ପର୍ଯ୍ୟଟନ ସହ ଯୋଡ଼ି ବୟନଶିଳ୍ପ ବ୍ୟବସାୟକୁ ସୁଦୃଢ଼ କରାଯିବ। ବୁଣାକାରଙ୍କ ଆମଦାନୀ ବୃଦ୍ଧିଲାଗି କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗ୍ରାମାଞ୍ଚଳରେ ୨୯ ଲକ୍ଷ ଓ ୧୭୬ଟି ସହର ପାଇଁ ୩ ଲକ୍ଷ ଘର ତିଆରି କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରାୟ ୪୧ହଜାର କି.ମି.ରୁ ଅଧିକ ସଡ଼କ ତିଆରି ହୋଇଛି। ଜଳଜୀବନ ମିଶନରେ ୭୧% ଘରକୁ ପିଇବା ପାଣି ଯୋଗାଣ କରାଯାଇଛି। ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ଯୋଗାଣ ଓ ଜନଧନ ଯୋଜନାରେ ଗ୍ରାମାଞ୍ଚଳରେ ବ୍ୟାଙ୍କ ସେବା ପହଞ୍ଚାଯାଇପାରିଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ସେବା ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦିଆଯାଇଛି । ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ରାଜ୍ୟରେ ରେଳପଥର ବିକାଶ ପାଇଁ ବାର୍ଷିକ ହାରାହାରି ୮୩୮କୋଟି ଟଙ୍କା ମିଳୁଥିବାବେଳେ ବର୍ତ୍ତମାନ ଏହା ୧୦ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି। ରାଜ୍ୟରେ ୪୮ଟି ରେଳପ୍ରକଳ୍ପ ପାଇଁ ୭୩ ହଜାର ୭୨୩ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ୫୯ଟି ଅମୃତ ଷ୍ଟେଶନ ପାଇଁ ୨୩୭୯ କୋଟି ବ୍ୟୟବରାଦ ହୋଇଛି। ଏହାବାଦ୍ ୬ଟି ବନ୍ଦେ ଭାରତ ଟ୍ରେନ, ଗୋଟିଏ ଅମୃତ ଭାରତ ଟ୍ରେନ ଓଡ଼ିଶା ପାଇଁ ଦିଆଯାଇଛି। ଓଡ଼ିଶାରେ ପେଟ୍ରୋଲିୟମ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମଧ୍ୟ ଭାଜପା ସରକାର ଅଧିକ ଗୁରୁତ୍ୱ ଦେଇଛନ୍ତି। ହୀରାକୁଦ ଡ୍ୟାମ ଓ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ପାଇଁ ୧୦୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଶିକ୍ଷା କ୍ଷେତ୍ରରେ ସବୁ ସ୍କୁଲରେ ଅଟଳ ଇନୋଭେଶନ ସେଣ୍ଟର, ପିଏମ୍‌ଶ୍ରୀ ଯୋଜନା ଲାଗୁ କରାଯିବା ସହ ଆଇଆଇଟି ବିସ୍ତାର କରିବାକୁ ଯୋଜନା କରାଯାଇଛି। ୫ ବର୍ଷ ମଧ୍ୟରେ ସରକାରୀ ବିଦ୍ୟାଳୟଗୁଡ଼ିକୁ ୫୦ହଜାର ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା ହେବାକୁ ଥିଲାବେଳେ ଓଡ଼ିଶାରେ ପ୍ରାୟ ୮୬୩ ଅଟଳ ଟିଙ୍କରିଂ ଲ୍ୟାବ ଖୋଲିବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ଭାରତନେଟ ପ୍ରକଳ୍ପ ଅଧୀନରେ ୩୬୫୯ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟ ଏବଂ ଗ୍ରାମାଞ୍ଚଳର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଇଣ୍ଟରନେଟ ଓ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦିଆଯିବ। ଦେଶର ଉପକୂଳଗୁଡ଼ିକର ବିକାଶ ପାଇଁ ୨୫ ହଜାର କୋଟି ଟଙ୍କାର ଏକ କର୍ପସ ଫଣ୍ଡ ଗଠନ କରାଯାଇଛି। ବର୍ତ୍ତମାନ ରାଜ୍ୟରେ ୫ଟି ଏୟାରପୋର୍ଟ ଥିବାବେଳେ ଆଉ ୫ରୁ ୬ଟି ଏୟାରପୋର୍ଟ ଖୋଲିବାର ଯୋଜନା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟ ସରକାର ବଜେଟରେ ଗରିବ, ଯୁବବର୍ଗ, କୃଷକ, ମହିଳାଙ୍କ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ସମାଜର ତଳ ପାହାଚରେ ଥିବା ଲୋକେ କିପରି ଲାଭାନ୍ୱିତ ହୋଇପାରିବେ, ସେଥିପାଇଁ ବଜେଟରେ ବ୍ୟବସ୍ଥା କରାଯାଇଛି। ଆମ ସଂକଳ୍ପପତ୍ରରେ ଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବା ପାଇଁ ବଜେଟରେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ ଉପସ୍ଥିତ ଥିଲେ। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ 'ବିକଶିତ ଭାରତ ପାଇଁ କେନ୍ଦ୍ର ଓ ରାଜ୍ୟ ବଜେଟ' ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀରେ ଯୋଗଦେବା ପୂର୍ବରୁ ଏହି ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା।



କଟକ ଖ୍ରୀଷ୍ଟିଆନ ସାହି ପଡ଼ିଆଠାରେ ଉଦ୍‌ଘାଟିତ ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀର ଏକ ଷ୍ଟଲରେ ବିକ୍ରି ହେଉଥିବା ଟେରାକୋଟା ସାମଗ୍ରୀ।

# 'ଟେରାକୋଟା ହ୍ରାସ କରିବ ପ୍ଲାଷ୍ଟିକ୍ ବ୍ୟବହାର'

**ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ ଉଦ୍‌ଘାଟିତ**

କଟକ,୧୮।୨(କାର୍ତ୍ତିକ ସାହୁ)



ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଷ୍ଟଲ ବୁଲି ଦେଖୁଛନ୍ତି।

ରାଜ୍ୟସ୍ତରୀୟ ଟେରାକୋଟା ପ୍ରଦର୍ଶନୀ କଟକ ଖ୍ରୀଷ୍ଟିଆନ ସାହି ପଡ଼ିଆଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ଟେରାକୋଟାରେ ଉପଲବ୍ଧ ସାମଗ୍ରୀଗୁଡ଼ିକ ବାବଦରେ ଜନସାଧାରଣ ଅବଗତ ହୋଇପାରିଲେ ଏହା ପ୍ଲାଷ୍ଟିକର ବ୍ୟବହାରକୁ ହ୍ରାସ କରିପାରିବ। ଏଥିସହ ଟେରାକୋଟା ସାମଗ୍ରୀ ପରିବେଶ ଅନୁକୂଳ ହୋଇପାରିବ। ଏହି ପ୍ରଦର୍ଶନୀ ଟେରାକୋଟା କାରିଗରଙ୍କୁ ବିଶେଷ ସହାୟତା ଯୋଗାଇବାରେ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ଏଥିରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ଜେନା, ହସ୍ତଶିଳ୍ପ ବିକାଶ ଅଧିକାରୀ ସୁଶାନ୍ତ କୁମାର ସାମଲ, ତାପସ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ହସ୍ତଶିଳ୍ପ ଅଧିକାରୀ ମାନସ ରଞ୍ଜନ ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଉତ୍ପାଦକ ଗୋଷ୍ଠୀ ଓ ବ୍ୟକ୍ତି ଅଂଶଗ୍ରହଣ କରିଛନ୍ତି। ରାଜ୍ୟରୁ ମୋଟ ୭୫ଟି ଷ୍ଟଲ ଏହି ପ୍ରଦର୍ଶନୀକୁ ଆସିଛି। ଖୁବ୍ ଆକର୍ଷଣୀୟ ଟେରାକୋଟା ସାମଗ୍ରୀ ଏଠାରେ ପ୍ରଦର୍ଶିତ ହେଉଛି। ଏହି ପ୍ରଦର୍ଶନୀ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଦର୍ଶନୀର ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ଆଜି ମହାପ୍ରଭୁଙ୍କ ବନକଲାଗି ନୀତି

ପୁରୀ,୧୮।୨(ଅଜିତ୍ କୁମାର ମହାନ୍ତି)

- ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ
- ୧୯, ୨୦ରେ ରତ୍ନଭଣ୍ଡାର ମରାମତି ବନ୍ଦ ରହିବ



ଫାଲ୍‌ଗୁନ କୃଷ୍ଣପକ୍ଷ ଷଷ୍ଠୀ ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଇତମହାପାତ୍ର ସେବକମାନେ ଏହି ଗୁପ୍ତ ବନକଲାଗି ନୀତିକୁ ସମ୍ପାଦନ କରିଥା'ନ୍ତି। ଏହା ଗୁପ୍ତନୀତି ହୋଇଥିବାରୁ ନୀତି ସମୟରେ ସର୍ବସାଧରଣ ଦର୍ଶନ ବନ୍ଦ ରହିବ। ଦଇତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯିବ ଓ ପରେ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହେବ। ବୁଧବାର ଅପରାହ୍ନ ୫ଟାଠାରୁ ରାତି ୧୦ଟା ପର୍ଯ୍ୟନ୍ତ ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନକଲାଗି ନୀତି ନିମନ୍ତେ ୧୯ ଏବଂ ୨୦ ତାରିଖରେ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିବ ବୋଲି ସୂଚନା ପ୍ରଦାନ କରାଯାଇଛି।

# ହାତୀ ଆକ୍ରମଣରେ ବୃଦ୍ଧ ଗୁରୁତର

ବାଣପୁର,୧୮।୨(ଦିଲୀପ କୁମାର ସ୍ୱାଇଁ)

ବାଲୁଗାଁ ରେଞ୍ଜ ଧୂଆଁନଳୀ ସେକ୍ସନ ଅଧୀନ କଦଳୀବାରିଠାରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନୀଳାଦ୍ରିପ୍ରସାଦ କଦଳୀବାରି ଗ୍ରାମର ସୁଦର୍ଶନ ବେହେରା(୭୦)। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସୁଦର୍ଶନ ସକାଳେ ଔଷଧ ଆଣିବା ପାଇଁ ସାଇକେଲରେ ନୀଳାଦ୍ରିପ୍ରସାଦ ଯାଉଥିବା ବେଳେ କଦଳୀବାରି ନିକଟରେ ତାଙ୍କୁ ହାତୀ ଗୋଡ଼ାଇଥିଲା। ଫଳରେ ସେ ଭାରସାମ୍ୟ ହରାଇ ସାଇକେଲରୁ ତଳେ ପଡ଼ିଯାଇଥିଲେ। ଏହା ପରେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ନିକଟରେ ଥିବା କେତେଜଣ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ହାତୀ ସୁଦର୍ଶନଙ୍କୁ ଛାଡି ପଳାଇଥିଲା। ଏହାପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ



@ ବିଜୟ



@ ସତ୍ୟରଞ୍ଜନ



@ କାମିନୀ



@ ମାମା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫୯୫ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କୁ ମାଲାବାର ସ୍କଲାରଶିପ୍

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)




ମାଲାବାର ସ୍କଲାରଶିପ୍ ପ୍ରଦାନ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ସହ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟମାନେ।

ମାଲାବାର ଗ୍ରୁପ୍ ଦ୍ୱାରା ପରିଚାଳିତ ମାଲାବାର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ତୃତୀୟ ଜାତୀୟ ସ୍କଲାରଶିପ୍ ପ୍ରଦାନ କାର୍ଯ୍ୟକ୍ରମ ମଙ୍ଗଳବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଭବିଷ୍ୟତ ପିଢ଼ିର ଛାତ୍ରୀମାନେ ନୂତନ ଓଡିଶା ଗଠନ କରିବାର ସ୍ୱପ୍ନ ଦେଖନ୍ତୁ। ଛାତ୍ରୀଙ୍କୁ ପାଠପଢ଼ାରେ ସହଯୋଗ କରିବା ନିମନ୍ତେ ମାଲାବାର ଚାରିଟେବୁଲ ଟ୍ରଷ୍ଟର ସ୍କଲାରଶିପ୍ ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ମାଲାବାର ନିଜ ସିଏସ୍ଆର୍‌କୁ ଗରିବ ଲୋକ, ଛାତ୍ରୀ ଏବଂ ଅନାଥ ଶିଶୁଙ୍କ ପାଇଁ ପ୍ରଦାନ କରୁଛି। ଏପରି ମହାନ କାର୍ଯ୍ୟ ବହୁତ କମ ସଂସ୍ଥା କରିଥାଆନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ ଯୋଗଦେଇ କହିଲେ, ଯୁବପିଢ଼ିମାନେ ଦେଶର ଆଗାମୀ ଭବିଷ୍ୟତ। ଆତ୍ମନିର୍ଭରଶୀଳ ହେବା ପାଇଁ ଝିଅମାନେ ପାଠପଢ଼ିବାର ଆବଶ୍ୟକତା ରହିଛି। ଭାଜପା ନେତା ଜଗନ୍ନାଥ ପ୍ରଧାନ ଯୋଗଦେଇ ମାଲାବାର ସମାଜର ଗରିବ ଲୋକଙ୍କ ମୁହଁରେ ହସ ଫୁଟେଇପାରୁଛି। ଏଭଳି କାର୍ଯ୍ୟକ୍ରମକୁ ସମସ୍ତେ ସ୍ୱାଗତ କରିବା ଦରକାର ବୋଲି ସେ କହିଛନ୍ତି। ମାଲାବାର ଗ୍ରୁପ୍ ପୂର୍ବାଞ୍ଚଳ ଜୋନ୍‌ର ଜୋନାଲ ମୁଖ୍ୟ ତାସିଲ ଅହମ୍ମଦ ସ୍ୱାଗତ ଭାଷଣ ଦେଇ କହିଲେ, ଭାରତବର୍ଷରେ ମାଲାବାର ତା'ର ଜାତୀୟ ସ୍କଲାରଶିପ କାର୍ଯ୍ୟକ୍ରମରେ ୨୧ହଜାରରୁ ଅଧିକ ଝିଅଙ୍କୁ ପାଠପଢ଼ିବା ପାଇଁ ୧୬ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କରିଛି। ଚଳିତବର୍ଷ ପୂର୍ବାଞ୍ଚଳର ୬ଟି କଲେଜର ୫୯୫ରୁ ଅଧିକ ଛାତ୍ରୀଙ୍କୁ ସ୍କଲାରଶିପ ପ୍ରଦାନ କରୁଛି। ଏବାବଦକୁ ୫୧.୨୬ ଲକ୍ଷ ଟଙ୍କାର ବ୍ୟୟବରଦା କରାଯାଇଛି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଶୈଳବାଳା ମହିଳା ମହାବିଦ୍ୟାଳୟର ୪୨୭ଜଣ ଛାତ୍ରୀ ଏହି ସ୍କଲାରଶିପ୍‌ରେ ସାମିଲ ହୋଇଥିବା ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ଅପୂର୍ବ ନାରାୟଣ ରାଉତ, ଶୋ'ରୁମ ମୁଖ୍ୟ ଅସନାଫ ଅରାକଲ ଓ ମାଲାବାରର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞଙ୍କ ସମାବେଶ

ଭୁବନେଶ୍ୱର,୧୮।୨
(ସୌମ୍ୟରଞ୍ଜନ ରାଉତ)




ଅନ୍ତର୍ଜାତୀୟ ମାତୃଭାଷା ସମ୍ମିଳନୀ 'ଆମରି ଭାଷା ପଥେ'ର ଏକାଦଶ ସଂସ୍କରଣ 'ଲ୍ୟାଙ୍ଗଫେଷ୍ଟ' ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଘୋଷଣା ଦିବସ ଓ ବିଶ୍ୱ ମାତୃଭାଷା ଦିବସ ଅବସରରେ ଆସନ୍ତା ୨୦ ଓ ୨୧ ତାରିଖରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହେବ। ଓଡିଆ ବୁଦ୍ଧିଜୀବୀ ଫୋରମ 'ଦି ଇଣ୍ଟେଲେକ୍ଟସ' ପକ୍ଷରୁ ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ଡ. ଭଗବାନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ସମ୍ମିଳନୀରେ ମାତୃଭାଷାର କମ୍ପ୍ୟୁଟରୀକରଣ (ଡିଜିଟାଲାଇଜେଶନ) ଉପରେ ଆଲୋଚନା ହେବ। ଏଥିରେ ସମସ୍ତ ଭାରତୀୟ ଶାସ୍ତ୍ରୀୟ ଭାଷା ତଥା ଭାରତୀୟ ଭାଷାର ବିଶେଷଜ୍ଞମାନେ ଯୋଗଦେଇ 'ମାତୃଭାଷାରେ ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଓ ଜାତିର ପ୍ରଗତି' ପରେ ନିଜ ଦୃଷ୍ଟି ଭଙ୍ଗୀ ରଖିବେ। ମାତୃଭାଷାକୁ ସମୃଦ୍ଧ କରିବା ସହିତ ଆଗାମୀ ପିଢି ପାଖରେ ଅଧିକ ଆଦୃତ କରିବା ପାଇଁ ଏହାର କମ୍ପ୍ୟୁଟରୀକରଣ ଅତ୍ୟନ୍ତ ଜରୁରୀ। ଏଣୁ ଏହି ପ୍ରକ୍ରିୟାକୁ ଓଡ଼ିଆ ଭାଷାରେ ତ୍ୱରାନ୍ୱିତ କରିବାର ଲକ୍ଷ୍ୟ ରଖି ଚଳିତ ବର୍ଷ ମାତୃଭାଷା ସମ୍ମିଳନୀ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଆୟୋଜନ କରାଯାଉଛି ବୋଲି ଆବାହକ ରାଉତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ଶିଳ୍ପମନ୍ତ୍ରୀଙ୍କ ସମେତ ଅନ୍ୟ ନେତୃବର୍ଗ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଓଡିଆ ଭାଷାର ଉନ୍ନତି କ୍ଷେତ୍ରରେ ଅବଦାନ ରଖିଥିବା ଲେଖକ, ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କୁ 'ଆମ ଗୌରବ ସମ୍ମାନ' ପ୍ରଦାନ କରାଯିବ।

## ପରୀକ୍ଷା ବେଳେ ୪ ଛାତ୍ରୀ ଅଚେତ

ରାୟଗଡ଼ା,୧୮।୨(ଆଶିଷ ରଞ୍ଜନ ପଣ୍ଡା): ରାୟଗଡ଼ା ଜିଲା କୋଲନରା ବ୍ଲକ୍ ଅନ୍ତର୍ଗତ ରିଲକଣା ସରକାରୀ ଏସ୍ଏସ୍‌ଡି ହାଇସ୍କୁଲରେ ମଙ୍ଗଳବାର ଅଘଟଣ ଘଟିଛି। ବିଦ୍ୟାଳୟ ଶ୍ରେଣୀକକ୍ଷରେ ପରୀକ୍ଷା ଦେଉଥିବାବେଳେ ୪ଜଣ ନବମ ଶ୍ରେଣୀ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ ଇନ୍ଦୁ ହିମିରିକା, ଇନ୍ଦୁ କଣ୍ଡାଗରି, ରିଙ୍କି ନାଟିକା ଓ ସୁମିତ୍ରା ହିମିରିକା। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟ୍ଟୱାରି ସୂଚନା ପାଇବା ପରେ ତୁରନ୍ତ ସେମାନଙ୍କ ଚିକିତ୍ସା କରିବା ପାଇଁ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ସେମାନଙ୍କ ଅବସ୍ଥା ଭଲ ଥିବା ଜିଲାପାଳ ସୂଚନା ଦେଇଛନ୍ତି।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

### ପ୍ରଶ୍ନପତ୍ର ଲିକ୍ ବା ଗୁଜବ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଫଟୋ: ବିକାଶ ନାୟକ

ପ୍ରଥମ ଦିନରେ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ୨ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷାରେ ପରୀକ୍ଷା ଦେଉଛନ୍ତି।

ଭୁବନେଶ୍ୱର,୧୮।୨(ସୁଚିସ୍ମିତା ସାହୁ)

### ଆଜି କଳା, ବାଣିଜ୍ୟ ବିଦ୍ୟାର୍ଥୀଙ୍କ ମାତୃଭାଷା ପରୀକ୍ଷା

ଉଚ୍ଚମାଧ୍ୟମିକଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପରିଚାଳିତ ଯୁକ୍ତ୨ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ଛାତ୍ରୀଛାତ୍ର ମାତୃଭାଷା(ଓଡ଼ିଆ)ରେ ପରୀକ୍ଷା ଦେଇଛନ୍ତି। ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ୨୦ରେ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ଦିଆଯାଇଥିଲା। ସକାଳ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ଣ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ପରୀକ୍ଷା ସମୟ ନ ସରିବା ଯାଏ କୌଣସି ପରୀକ୍ଷାର୍ଥୀଙ୍କୁ ବାହାରକୁ ଯିବାକୁ ଦିଆଯାଇ ନ ଥିଲା। କପି ରୋକିବା ପାଇଁ ପଞ୍ଚସ୍ତରୀୟ ସ୍କ୍ୱାଡ୍ ବ୍ୟବସ୍ଥା କରାଯାଇଥିବାବେଳେ ପରୀକ୍ଷା କେନ୍ଦ୍ରର ବାହାର ଗେଟ୍‌ଠାରୁ ପିଲାଙ୍କୁ ଚେକିଂ କରି ପଠାଯାଇଥିଲା। ସେହିପରି ବୁଧବାର କଳା ଓ ବାଣିଜ୍ୟ ବିଦ୍ୟାର୍ଥୀ ମାତୃଭାଷା(ଓଡ଼ିଆ)ରେ ପରୀକ୍ଷା ଦେବେ। ଏବର୍ଷ ଅଧିକ ପିଲା ପରୀକ୍ଷା ଦେଉଥିବାରୁ ସିଏଚ୍ଏସ୍ଇ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କଳାରେ ସର୍ବାଧିକ ୨ଲକ୍ଷ ୪୭ ହଜାର ୩୯୧ଜଣ ଏବଂ ବାଣିଜ୍ୟରେ ୨୫ ହଜାର ୫୨୬ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ଗୁରୁବାରଠାରୁ ଧନ୍ଦାମୂଳକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଆରମ୍ଭ ହେବ ଓ ଏଥିରେ ୫ହଜାର ୭୨୧ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଥିବା ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ବା ଗୁଜବ ସୃଷ୍ଟି କଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲ୍‌କୁ କେବଳ ବିଦ୍ୟାଳୟର ଆଇଡି କାର୍ଡ, ପରୀକ୍ଷା ଆଡ୍‌ମିଟ କାର୍ଡ ଓ ପେନ ନେଇ ଯିବେ। ପରୀକ୍ଷା ହଲ୍ ପରିସରକୁ କୌଣସି ଇଲେକ୍ଟ୍ରୋନିକ୍ସ ଡିଭାଇସ୍ ନେବାକୁ ବାରଣ କରାଯାଇଛି। ମୋବାଇଲ ଫୋନ୍, ବ୍ଲୁଟୁଥ୍, ଇୟର ଫୋନ, ମାଇକ୍ରୋଫୋନ୍, ସ୍ମାର୍ଟ ୱାଚ୍, ୱାଲେଟ, ଗଗଲ୍ସ, ହ୍ୟାଣ୍ଡବ୍ୟାଗ, ପାଉଚ୍, ରଙ୍ଗବେରଙ୍ଗର ପାଣି ବୋତଲ ନେବାକୁ ମନା କରାଯାଇଛି। ସ୍ୱଚ୍ଛତା ସହିତ ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ସିସିଟିଭି କ୍ୟାମେରା ଲଗାଯାଇଛି। ପ୍ରଶ୍ନପତ୍ର ଲିକ୍ ବା ଗୁଜବ ସୃଷ୍ଟି କଲେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି।

# ୧୩,୫୭,୨୨୪ ଚାଷୀଙ୍କଠାରୁ ୬୧,୭୭,୪୮୮ ମେଟ୍ରିକ୍ ଟନ୍ ଧାନ କିଣାଯାଇଛି

**ବିଧାନସଭା ଖବର**

ଭୁବନେଶ୍ୱର,୧୮।୨(ବନ୍ଦନା ସେଠୀ)

ଧାନ କ୍ରୟ ପ୍ରକ୍ରିୟାକୁ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ଚଳିତ ଖରିଫ୍ ଋତୁରେ ଅନେକ ପଦକ୍ଷେପ ନେଇଛନ୍ତି। ଏହି କ୍ରମରେ ଚଳିତମାସ ୧୭ ତାରିଖ ସୁଦ୍ଧା ୧୩ଲକ୍ଷ ୫୭ହଜାର ୨୨୪ଜଣ ଚାଷୀଙ୍କଠାରୁ ୬୧ଲକ୍ଷ ୭୭ହଜାର ୪୮୮ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇ ସର୍ବନିମ୍ନ ସହାୟତା ରାଶି (ଏମ୍ଏସ୍‌ପି) ୧୪ ହଜାର ୨୦୮କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଅଦ୍ୟାବଧି ସରକାରଙ୍କୁ ଧାନ ବିକ୍ରି କରିଥିବା ଚାଷୀମାନଙ୍କୁ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ହିସାବରେ ମୋଟ୍ ୧୯ ହଜାର ୧୫୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ ସୂଚନା ଦେଇଛନ୍ତି। ମଙ୍ଗଳବାର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ ବିଧାୟକ ସି.ଏସ୍. ରାଜନ ଏକ୍କାଙ୍କ ଦ୍ୱାରା 'ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ କିଣିବାରେ ସମ୍ପୂର୍ଣ୍ଣ ବିଫଳ, କର୍ଟନି ଛଟ୍‌ନିରେ ୮ରୁ ୧୫ କିଲୋ ପ୍ରତି ଚାଷୀଙ୍କଠାରୁ ନେଉଥିବାରୁ ଚାଷୀ ହଇରାଣ' ସମ୍ପର୍କୀୟ ଆଗତ ମୁଲତବୀ ପ୍ରସ୍ତାବ ଉପରେ ଉତ୍ତର ରଖି ମନ୍ତ୍ରୀ ପାତ୍ର ଏହା କହିଛନ୍ତି। ସେହିପରି ଖରିଫ୍ ଧାନ ସଂଗ୍ରହକୁ ବ୍ୟବସ୍ଥିତ କରିବା ପାଇଁ ରାଜ୍ୟ ସରକାର ଭାରତ ସରକାରଙ୍କ ନିର୍ଦ୍ଧାରଣ ଅନୁଯାୟୀ ସାଧାରଣ ଧାନ ପାଇଁ କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ ୨୩ଶହ ଟଙ୍କା ହାରରେ ଚାଷୀଙ୍କୁ ପ୍ରଦାନ ଏବଂ ସମୃଦ୍ଧ କୃଷକ ଯୋଜନା ଅଧୀନରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଦ୍ୱାରା କୁଇଣ୍ଟାଲ ପିଛା ଅତିରିକ୍ତ ୮ଶହ ଟଙ୍କା ଇନ୍‌ପୁଟ୍ ସହାୟତା ରାଶି ପ୍ରଦାନ କରାଯାଇଛି। ଏଥିସହ ଚଳିତ ଖରିଫ୍ ଋତୁରେ ୫୬.୪୨ ଲକ୍ଷ ଏକର ଚାଷଜମି ପଞ୍ଜୀକୃତ ହୋଇଛି। ଧାନ ସଂଗ୍ରହର ସାମଗ୍ରିକ ଧାର୍ଯ୍ୟ ଲକ୍ଷ୍ୟକୁ ସମୀକ୍ଷା ଓ ସଂଶୋଧନ କରିବା ନିମନ୍ତେ ମନ୍ତ୍ରୀସ୍ତରୀୟ ଉପକମିଟି ଗଠନ, ମଣ୍ଡିରେ ଧାନ ସଂଗ୍ରହକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ମଣ୍ଡି ନୋଡାଲ ଅଫିସର ଓ ମଣ୍ଡି ସୁପରଭାଇଜର୍ ଅଫିସରଙ୍କୁ ନିୟୋଜିତ କରାଯିବା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ସେହିପରି ସମବାୟ ବିଭାଗକୁ ପ୍ରାପ୍ତ ତଥ୍ୟ ଅନୁଯାୟୀ, ଧାନ କ୍ରୟ ପ୍ରକ୍ରିୟାରେ ଅନିୟମିତତା ଓ ଅବହେଳା ଅଭିଯୋଗର ତଦନ୍ତ କରାଯାଇ ୨ଜଣ ସମବାୟ ସମିତି କର୍ମଚାରୀ ଓ ଜଣେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀଙ୍କୁ ବହିଷ୍କାର କରାଯାଇଛି। ଏଥିସହ ୫ଜଣ ସମବାୟ ସମିତି କର୍ମଚାରୀ ଓ ଜଣେ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀଙ୍କୁ ନିଲମ୍ବନ କରାଯାଇଛି। ୩୬ଜଣ ସମବାୟ ସମିତି କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା ସହିତ ୬ଜଣ ସମବାୟ ସମିତିର ଧାନ କ୍ରୟ ଅଧିକାରୀଙ୍କୁ ଧାନକିଣା ପ୍ରକ୍ରିୟାରୁ ଅବ୍ୟାହତି ଦିଆଯାଇଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ୫ ବର୍ଷରେ ପଞ୍ଚାୟତିରାଜ ବିଭାଗରେ ୨୮କୋଟିର ଦୁର୍ନୀତି ହୋଇଛି: ମନ୍ତ୍ରୀ ନାଏକ

ଭୁବନେଶ୍ୱର,୧୮।୨(ବନ୍ଦନା ସେଠୀ)

ପଞ୍ଚାୟତିରାଜ ବିଭାଗରେ ଗତ ୫ବର୍ଷରେ ୨୮କୋଟି ଟଙ୍କାର ଦୁର୍ନୀତି ହୋଇଥିବା ନେଇ ମଙ୍ଗଳବାର ବିଧାନସଭାରେ ତଥ୍ୟ ରଖିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ। ଉକ୍ତ ତଥ୍ୟ ଅନୁଯାୟୀ, ବିଜେଡି ସରକାରଙ୍କ ଅମଳରେ ୨୦୨୦-୨୧ ଆର୍ଥିକ ବର୍ଷରେ ୯କୋଟି ୧୩ଲକ୍ଷ ୨୮ହଜାର ଟଙ୍କାର ଦୁର୍ନୀତି ହୋଇଛି। ସେହିପରି ୨୦୨୧-୨୨ ବର୍ଷରେ ୪ କୋଟି ୨୮ଲକ୍ଷ ୧୬ହଜାର ଟଙ୍କା, ୨୦୨୨-୨୩ ବର୍ଷରେ ୯ କୋଟି ୧୭ ଲକ୍ଷ ଟଙ୍କା ଏବଂ ୨୦୨୩-୨୪ରେ ୩ କୋଟି ୮୦ ଲକ୍ଷ ୩୭ ହଜାର ଟଙ୍କାର ବଡ଼ ଦୁର୍ନୀତି ହୋଇଛି। ଏହା କେବଳ ୫ବର୍ଷର ତଥ୍ୟ ହୋଇଥିବାବେଳେ ବିଭାଗରେ ଆହୁରି ଅନେକ ଦୁର୍ନୀତି ହୋଇଥିବା ନେଇ ମନ୍ତ୍ରୀ ଆଶଙ୍କା ପ୍ରକାଶ କରିଛନ୍ତି।

# ୨ ବର୍ଷ ୮ ମାସ ପରେ ତଦନ୍ତ ନିର୍ଦ୍ଦେଶ

### ଜାଲ୍ ଭେଣ୍ଡର ରସିଦ୍‌ରେ ୪ କୋଟି ହେରଫେର ଘଟଣା

ଯାଜପୁର,୧୮।୨(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ୧୧ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ରେ ଧାନକିଣାରେ ଭେଣ୍ଡର ରସିଦ ଜାଲିଆତି କରି ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଥିବା ଷ୍ଟେଟ୍ ଏନ୍‌ଫୋର୍ସ ସ୍କ୍ୱାଡ୍ ହାତରେ ଧରାପଡିଥିଲା। ଏନେଇ ଧରିତ୍ରୀରେ ପ୍ରଥମେ ୧୬।୬।୨୦୨୨ରେ ତଥ୍ୟ ସମ୍ବଳିତ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ସ୍କ୍ୱାଡ୍‌ର ରିପୋର୍ଟକୁ ନେଇ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକ(ଆରସିଏସ୍) ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ୧୩।୬।୨୦୨୨ରେ ଯାଜପୁର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋଅପରେଟିଭ ସୋସାଇଟି (ଏଆରସିଏସ୍)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ପୁଣି ୧୮।୧୧।୨୦୨୨ରେ ଯାଜପୁର ଏଆରସିଏସ୍‌ଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଥିଲା। ଏହି ଘଟଣାକୁ ୨ ବର୍ଷ ୮ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କୌଣସି ପଦକ୍ଷେପ ନ ନେଇ ଚାପି ଦିଆଯାଇଥିଲା। ସୁକିନ୍ଦା ବିଧାୟକ ତଥା ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ୨୪।୭।୨୦୨୪ରେ ତୁରନ୍ତ ଘଟଣାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶକୁ ୭ ମାସ ଅତିକ୍ରାନ୍ତ ହେବା ପରେ ଆରସିଏସ୍ ତାଙ୍କ ପତ୍ରସଂଖ୍ୟା ୨୯୫୪/୧୭।୨।୨୦୨୫ରେ ୩ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ସିନିୟର ଏଆରସିଏସ୍‌ଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ମୂଳରୁ ଏଭଳି ପତ୍ର ଆଦାନପ୍ରଦାନ ଏବଂ ଜାଣିଶୁଣି ବିଳମ୍ବ ଘଟଣାକୁ ଅବଲୋକନ କଲେ ଏହି ଦୁର୍ନୀତିରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଇଛି।

## ୨ବାଘ ଦାନ୍ତ ଜବତ, ପୂର୍ବତନ ସରପଞ୍ଚ ଗିରଫ

ନୟାଗଡ଼/ରଣପୁର,୧୮।୨ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ବାଘ ଦାନ୍ତ ଜବତ ପରେ ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ ପକ୍ଷରୁ ବନ୍ଧମୁଣ୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଜୟ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ଗିରଫ ଖବର ପ୍ରଚାରିତ ପରେ ରଣପୁର ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଅପରାହ୍ଣ ୩ଟାରେ ବିଜେଡି କର୍ମକର୍ତ୍ତା ଓ ଜନପ୍ରତିନିଧିମାନେ ଧାରଣା ଦେଇଛନ୍ତି। ଅଭିଯୁକ୍ତଙ୍କୁ ଖସାଇବା ପାଇଁ ରଣପୁରର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ ସନ୍ଧ୍ୟାରେ ରଣପୁର ରେଞ୍ଜ କାର୍ଯ୍ୟାଳୟରେ ପହଞ୍ଚି ରେଞ୍ଜରଙ୍କ ସହିତ ଆଲୋଚନା କରିବା ସହିତ ପୂର୍ବତନ ସରପଞ୍ଚଙ୍କୁ ଛାଡ଼ି ଦେବାକୁ ପରାମର୍ଶ ଦେଇଥିଲେ। ହେଲେ ପୂର୍ବତନ ବିଧାୟକଙ୍କ କଥାକୁ ଅଣଦେଖା କରି ରେଞ୍ଜର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିବାକୁ ଉଦ୍ୟମ କରିଥିଲେ। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନଙ୍କ ସୂଚନା ଅନୁଯାୟୀ, ଅଜୟ କୁମାର ପ୍ରଧାନଙ୍କଠାରୁ ୨ ବାଘଦାନ୍ତ ଜବତ ପରେ ତାଙ୍କୁ ଗିରଫ କରାଯାଇ ପଚରାଉଚୁରା ଜାରି ରହିଛି। ଜବତ ବାଘଦାନ୍ତ ମହାବଳ ବାଘର ନା କଲରାପତରିଆର ତଦନ୍ତ ଚାଲିଛି। ଅଜୟ ଶିକାରୀ ନା ବ୍ୟବସାୟୀ ତାହା ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇଛି ବୋଲି ସେ କହିଛନ୍ତି।

# ଯାତ୍ରୀଙ୍କୁ ଅସମ୍ମାନ, ପାତରଅନ୍ତର କଲେ କାର୍ଯ୍ୟାନୁଷ୍ଠାନ



ସିଏନ୍‌ବିଟିରେ ଏସ୍‌ଟିଏ ଅଧିକାରୀମାନେ ମହିଳା ଯାତ୍ରୀଙ୍କୁ ପଚରାଉଚରା କରୁଛନ୍ତି।

**ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏସ୍‌ଟିଏର ପଦକ୍ଷେପ**

- ସିଏନ୍‌ବିଟିରେ ମାରାଥନ ଯାଞ୍ଚ
- ପ୍ରଥମ ଯାତ୍ରୀ ଭାବେ ମହିଳାଙ୍କୁ କେହି ବାରଣ କରିପାରିବେ ନାହିଁ

କଟକ,୧୮।୨(କାର୍ତ୍ତିକ ସାହୁ)

ଯାତ୍ରୀମାନଙ୍କ ମଧ୍ୟରେ ବସ୍ କର୍ମଚାରୀ ପାତରଅନ୍ତର କରିପାରିବେ ନାହିଁ। ମହିଳାଙ୍କ ପ୍ରତି ଅସମ୍ମାନକୁ ବରଦାସ୍ତ କରାଯିବ ନାହିଁ। ପ୍ରଥମ ଯାତ୍ରୀ ଭାବରେ ମହିଳାଙ୍କୁ ବାରଣ ଭଳି କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଦୃଢ଼ ପଦକ୍ଷେପ ନେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। କଟକ ନେତାଜୀ ବସ୍ ଟର୍ମିନାଲ (ସିଏନ୍‌ବିଟି)ରେ ମଙ୍ଗଳବାର ମାରାଥନ ଯାଞ୍ଚ କରାଯାଇଛି। ଆଗକୁ ରାଜ୍ୟର ସମସ୍ତ ବସ୍‌ଷ୍ଟାଣ୍ଡରେ ଯାଞ୍ଚ ଓ ସଚେତନତା କାର୍ଯ୍ୟକ୍ରମ କରାଯିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଏସ୍‌ଟିଏ ସଚିବ ଚିନ୍ମୟୀ ବିଶ୍ୱାଳ, ଉପ ପରିବହନ ଆୟୁକ୍ତ ବିରଞ୍ଚି ନାରାୟଣ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ସିଏନ୍‌ବିଟିରେ ମଙ୍ଗଳବାର ସକାଳୁ ପହଞ୍ଚିଥିଲା। ଯାତ୍ରୀଙ୍କୁ ନେବାକୁ ପ୍ରସ୍ତୁତ ହେଉଥିବା ବିଭିନ୍ନ ରୁଟ୍‌ର ୨୦ରୁ ଅଧିକ ବସ୍ ଉପରେ ସେମାନେ ନଜର ରଖିଥିଲେ। ପ୍ରଥମେ ଆସୁଥିବା ମହିଳା ଯାତ୍ରୀଙ୍କ ପ୍ରତି ବସ୍ କର୍ମଚାରୀଙ୍କ ବ୍ୟବହାର ସେମାନେ ଦେଖିଥିଲେ। ଏହାସହ ଟର୍ମିନାଲରେ ଥିବା ଅନ୍ୟ ମହିଳା ଯାତ୍ରୀଙ୍କଠାରୁ ଏ ସଂକ୍ରାନ୍ତରେ ପଚାରି ବୁଝିଥିଲେ। ଏସ୍‌ଟିଏ ସଚିବ ବିଶ୍ୱାଳ କହିଛନ୍ତି, ମୋଟରଯାନ ଆଇନ ଅନୁଯାୟୀ ଯାତ୍ରୀଙ୍କ ମଧ୍ୟରେ ପାତରଅନ୍ତର କରାଯିବା ଦଣ୍ଡନୀୟ ଅପରାଧ। ଏଥିପାଇଁ ନିୟମାବଳୀରେ ଜରିମାନା, ପର୍ମିଟ୍ ରଦ୍ଦ ଭଳିଦଣ୍ଡବିଧାନର ବ୍ୟବସ୍ଥା ରହିଛି। ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି, ମହିଳାଙ୍କ ସମ୍ମାନକୁ ସୁନିଶ୍ଚିତ କରିବା କେବଳ ସମାଜର ସମସ୍ତଙ୍କ ଦାୟିତ୍ୱ। ମହିଳାଙ୍କୁ ଅସମ୍ମାନ ଘଟଣା ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ଦିଗରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି, ଜନସାଧାରଣଙ୍କ ସୁରକ୍ଷା ଓ ସମ୍ମାନକୁ ପ୍ରାଥମିକତା ଦେବା ଆମର ଦାୟିତ୍ୱ। ଆଗକୁ ମଧ୍ୟ ପରିବହନ ସେବା କ୍ଷେତ୍ରରେ ଏଭଳି ସର୍‌ପ୍ରାଇଜ୍ ଚେକିଂ ଜାରି ରହିବ। କେବଳ କଟକ ନୁହେଁ, ସମସ୍ତ ବସ୍‌ଷ୍ଟାଣ୍ଡରେ ଏଭଳି ଯାଞ୍ଚ ପାଇଁ ଆର୍‌ଟିଓମାନଙ୍କୁ କୁହାଯାଇଥିବା ସେ ଜଣାଇଛନ୍ତି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଜେନା ଏସ୍‌ଟିଏର ଏଭଳି ଯାଞ୍ଚ ପ୍ରକ୍ରିୟାରେ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଯାତ୍ରୀଙ୍କ ସୁରକ୍ଷା କରିବା ଏସ୍‌ଟିଏର କର୍ତ୍ତବ୍ୟ। ବିଶେଷକରି ମହିଳାଙ୍କ ସମ୍ମାନର ବିଷୟ ଆସିଲେ, ଅଧିକ ସକ୍ରିୟତାର ସହ ପଦକ୍ଷେପ ଗ୍ରହଣ କରିବାକୁ ଆମ ସରକାର ବଦ୍ଧପରିକର।

# ପୂର୍ବତନ ଏମ୍‌ପି ମୃତ୍ୟୁଞ୍ଜୟ ନାୟକଙ୍କ ପରଲୋକ

ଫୁଲବାଣୀ,୧୮।୨(ରାକେଶ କୁମାର ରାଉତ)



କଂଗ୍ରେସରୁ ୩ ଥର ଜିତି ଏମ୍‌ପି ହୋଇଥିବା ଫୁଲବାଣୀର ମୃତ୍ୟୁଞ୍ଜୟ ନାୟକ(୭୨)ଙ୍କ ମଙ୍ଗଳବାର ସନ୍ଧ୍ୟାରେ ପରଲୋକ ହୋଇଛି। ଅସୁସ୍ଥତା କାରଣରୁ ସେ ଗତ କିଛିଦିନ ହେଲା ବ୍ରହ୍ମପୁର ମେଡିକାଲ, ଦୁଇଦିନ ତଳେ ଭୁବନେଶ୍ୱର ଏମ୍‌ସ୍‌ରେ ଭର୍ତ୍ତି ହୋଇଥିଲେ। ବୁଧବାର ଫୁଲବାଣୀଠାରେ ତାଙ୍କ ଅନ୍ତିମ ସଂସ୍କାର ହେବ ବୋଲି ଜଣାପଡ଼ିଛି।

୧୯୫୨ ଜୁଲାଇ ୧ ତାରିଖରେ ଜନ୍ମିତ ମୃତ୍ୟୁଞ୍ଜୟ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଉଚ୍ଚଶିକ୍ଷା ହାସଲ ପରେ ଜାନକୀ ପଟ୍ଟନାୟକଙ୍କ ନେତୃତ୍ୱରେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ। କଂଗ୍ରେସ ଦଳ ଟିକେଟରେ ୧୯୮୦, ୧୯୯୧ ଓ ୧୯୯୬ରେ ଫୁଲବାଣୀ ଏମ୍‌ପି ନିର୍ବାଚିତ ହୋଇଥିଲେ। ଏଥିସହ ସେ ଜାତୀୟ ଅନୁସୂଚିତ ଜାତି କମିଶନ ସଦସ୍ୟ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ବିୟୋଗ ଜିଲାରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ା କହିଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ପୂର୍ବତନ ଜିଲା କଂଗ୍ରେସ ସଭାପତି ଅନାମ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

**ଜାତୀୟ/ଅନ୍ତର୍ଜାତୀୟ ଖବର**

## କଶ୍ମୀରରେ ଜନମତ ସଂଗ୍ରହ ଦାବିରେ ପାକିସ୍ତାନ ସଂସଦରେ ପ୍ରସ୍ତାବ ପାରିତ

ଇସ୍‌ଲାମାବାଦ, ୧୮।୨

ଭାରତର କଶ୍ମୀରରେ ଜନମତ ସଂଗ୍ରହ କରିବା ଦାବିରେ ମଙ୍ଗଳବାର ପାକିସ୍ତାନର ସଂସଦ ପକ୍ଷରୁ ସର୍ବସମ୍ମତିକ୍ରମେ ଏକ ପ୍ରସ୍ତାବ ପାରିତ କରାଯାଇଛି। ପାକିସ୍ତାନର କଶ୍ମୀର ବ୍ୟାପାର ମନ୍ତ୍ରୀ ଅମିର ମୁକାମ ଗୃହରେ ଏହି ପ୍ରସ୍ତାବକୁ ଉପସ୍ଥାପନ କରିଛନ୍ତି। ଉକ୍ତ ପ୍ରସ୍ତାବ ଅନୁଯାୟୀ, କଶ୍ମୀରୀ ବାସିନ୍ଦାଙ୍କର ଆତ୍ମ ନିର୍ଦ୍ଧାରଣ ଅଧିକାର ରହିଛି। ଏହି ଅଧିକାରର ସୁରକ୍ଷା ନିମନ୍ତେ ପାକିସ୍ତାନର ନୈତିକ, ରାଜନୈତିକ ଏବଂ କୂଟନୈତିକ ସମର୍ଥନ ସର୍ବଦା ରହିଆସିଛି। ତେବେ ପୂର୍ବରୁ ପାକିସ୍ତାନର ଏହି ଦାବିକୁ ଭାରତ ଅନେକଥର ପ୍ରତ୍ୟାଖ୍ୟାନ କରିସାରିଛି।

# ଅନ୍‌ଲାଇନ ଟ୍ରୋଲ୍‌ରୁ ଦକ୍ଷିଣ କୋରିଆ ଅଭିନେତ୍ରୀଙ୍କ ଆତ୍ମହତ୍ୟା

ସିଓଲ, ୧୮।୨



କିମ୍ ସେ-ରନ୍

ଦକ୍ଷିଣ କୋରିଆର ଅଭିନେତ୍ରୀ କିମ୍ ସେ-ରନ୍(୨୪)ଙ୍କ ମୃତ୍ୟୁକୁ ନେଇ କୋରିଆନ୍ ଫିଲ୍ମ ଇଣ୍ଡଷ୍ଟ୍ରି ସ୍ତବ୍ଧ ହୋଇଛି। ରବିବାର ରାତିରେ ସିଓଲସ୍ଥିତ ବାସଭବନରୁ ତାଙ୍କର ମୃତଦେହ ମିଳିଥିଲା। ତେବେ କିମ୍ ଆତ୍ମହତ୍ୟା କରିଛନ୍ତି ବୋଲି ମଙ୍ଗଳବାର ସିଓଲର ସେଓଙ୍ଗ୍‌ଡୋଙ୍ଗ୍ ପୋଲିସ ସୂଚନା ଦେଇଛି। ଏହାପୂର୍ବରୁ କିମ୍‌ଙ୍କ ଅନ୍ତିମ ସଂସ୍କାର ବେଳେ ତାଙ୍କ ବାପା ବିଭିନ୍ନ ୟୁଟ୍ୟୁବର୍‌ଙ୍କୁ ସମାଲୋଚନା କରିଥିଲେ। କିମ୍ ଆତ୍ମହତ୍ୟା କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ନେଇ ହୋଇଥିବା ଅନ୍‌ଲାଇନ ଟ୍ରୋଲକୁ ଦାୟୀ କରିଥିଲେ। ଖାସ୍‌କରି ୟୁଟ୍ୟୁବରେ ବିଭିନ୍ନ ଭିଡିଓ ମାଧ୍ୟମରେ କିମ୍‌ଙ୍କୁ ନେଇ ଅନେକ ମିଥ୍ୟା ଦାବି କରାଯାଉଥିଲା, ଯାହାଫଳରେ ସେ ମାନସିକ ଅଶାନ୍ତି ମଧ୍ୟରେ ରହୁଥିଲେ ଏବଂ ଚରମ ପଦକ୍ଷେପ ନେବାକୁ ବାଧ୍ୟ ହୋଇଥିଲେ ବୋଲି ତାଙ୍କ ବାପା କହିଛନ୍ତି। କିମ୍ ଆର୍ଥିକ ସଙ୍କଟରେ ଅଛନ୍ତି ଏବଂ ନିଜ ଗୁଜୁରାଣ ମେଣ୍ଟାଇବା ପାଇଁ ସେ ସିଓଲର ଏକ କାଫେରେ କାମ କରୁଥିବା ନେଇ ବିଭିନ୍ନ ୟୁଟ୍ୟୁବର ଦାବି କରିଥିଲେ। ତେବେ ୨୦୨୨ ମେ'ରେ କିମ୍ ନିଶାଗ୍ରସ୍ତ ଥିବା ସମୟରେ କାର୍ ଚଳାଇ ସାର୍ବଜନୀନ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଥିଲେ। ଏଥିପାଇଁ କିମ୍ କ୍ଷମା ମାଗିଥିଲେ ଓ କୋର୍ଟ ତାଙ୍କ ଉପରେ ଜରିମାନା ମଧ୍ୟ ଲଗାଇଥିଲେ। ତେବେ ଏହି ଘଟଣାକୁ କେନ୍ଦ୍ର କରି ତାଙ୍କୁ ବହୁଳ ମାତ୍ରାରେ ଅନ୍‌ଲାଇଲ ଟ୍ରୋଲ୍‌ର ସାମ୍ନା କରିବାକୁ ପଡ଼ିଥିଲା। ଫଳରେ କିମ୍‌ଙ୍କୁ ଅନେକ ପ୍ରୋଜେକ୍ଟ ହରାଇବାକୁ ପଡ଼ିଥିଲା। ସେହିପରି ଉକ୍ତ ଘଟଣା ପରେ ଲୋକଙ୍କ ଭାବନାକୁ ଦୃଷ୍ଟିରେ ରଖି ସ୍ଥାନୀୟ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ମଧ୍ୟ ତାଙ୍କ ବିରୋଧରେ ଲଗାତର ନକାରାତ୍ମକ କଭରେଜ୍ କରୁଥିଲେ। କିମ୍‌ଙ୍କର ଅନେକ ଫଟୋ, ବିଭିନ୍ନ ପାର୍ଟିରେ ତାଙ୍କର ଯୋଗଦାନ ଏବଂ କାମ ମିଳୁ ନ ଥିବା କହି ସେ କରୁଥିବା ପୋଷ୍ଟଗୁଡ଼ିକରେ ସୁନିୟୋଜିତ ଭାବେ ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରାଯାଉଥିଲା। କିମ୍‌ଙ୍କ ମୃତ୍ୟୁ ପରେ ତାଙ୍କୁ ନେଇ କରାଯାଇଥିବା ବିଷାକ୍ତ ଟିପ୍ପଣୀଗୁଡ଼ିକୁ ଆଲୋଚନା କରି ମଙ୍ଗଳବାର ବିଭିନ୍ନ ଆଗଧାଡ଼ିର କୋରୀୟ ଖବରକାଗଜ ପକ୍ଷରୁ ସମ୍ପାଦକୀୟ ପ୍ରକାଶ ପାଇଛି।

## ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ରୁଷିଆ-ଆମେରିକା ଆଲୋଚନା

ନୂଆଦିଲ୍ଲୀ,୧୮।୨(ପି.ଟି.)

ୟୁକ୍ରେନ୍‌ରେ ପାଖାପାଖି ୩ ବର୍ଷ ହେଲା ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ମଙ୍ଗଳବାର ସାଉଦି ଆରବରେ ରୁଷିଆ ଏବଂ ଆମେରିକାର ଶୀର୍ଷ କୂଟନୀତିଜ୍ଞମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁବ୍‌ଶୀଘ୍ର ଟ୍ରମ୍ପ୍ ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ମଧ୍ୟରେ ଆଲୋଚନା ହେବା ଆଶା କରାଯାଉଛି।

ମଙ୍ଗଳବାରର ବୈଠକରେ ଆମେରିକା ପରରାଷ୍ଟ୍ର ସଚିବ ମାର୍କୋ ରୁବିଓ, ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ୟୁକ୍ରେନ୍ ଯୁଦ୍ଧର ସମ୍ଭାବ୍ୟ ସମାଧାନ ବାହାର କରିବା ଉପରେ ବିଚାରବିମର୍ଶ କରାଯିବା ସହ ରୁଷିଆ ଏବଂ ଆମେରିକା ମଧ୍ୟରେ ତିକ୍ତ ସମ୍ପର୍କକୁ ସୁଧାରିବା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପ୍ରଥମ ଥର ପାଇଁ ଆମେରିକା ଏବଂ ରୁଷିଆର ଅଧିକାରୀମାନେ ଏକାଠି ଯୁଦ୍ଧ ବନ୍ଦ ପାଇଁ ଆଲୋଚନା କରିଛନ୍ତି। ରିୟାଧରେ ୪ ଘଣ୍ଟା ୩୦ ମିନିଟ୍ ଧରି ବୈଠକ ବସିଥିଲାବେଳେ ୟୁକ୍ରେନ୍‌ରୁ କୌଣସି ଅଫିସର ଯୋଗ ଦେଇ ନାହାନ୍ତି। ଆଲୋଚନାରେ ୟୁକ୍ରେନ୍ ଭାଗ ନ ନେଲେ ନିଷ୍ପତ୍ତିକୁ ଗ୍ରହଣ କରାଯିବ ନାହିଁ ବୋଲି ଏହାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି।

## ୨୭୦.୫୭ କୋଟିର ଋଣ ଜାଲିଆତି କରିଛି ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର

ନୂଆଦିଲ୍ଲୀ,୧୮।୨(ପି.ଟି.)

ଓଡ଼ିଶାର ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲି୍. ୨୭୦.୫୭ କୋଟି ଟଙ୍କାର ଋଣ ଜାଲିଆତି କରିଥିବା ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ୍ (ପିଏନ୍‌ବି) ମଙ୍ଗଳବାର ରିଜର୍ଭ ବ୍ୟାଙ୍କକୁ ରେଗୁଲେଟୋରି ଫାଇଲିଂ ଜରିଆରେ ଜଣାଇଛି। ଗୁପ୍ତା ପାୱାରକୁ ପିଏନ୍‌ବିର ଭୁବନେଶ୍ୱର ଷ୍ଟେଶନ ସ୍କୋୟାର ବ୍ରାଞ୍ଚ୍ ଏହି ଋଣ ଦେଇଥିଲା। ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ବ୍ୟାଙ୍କ ୨୭୦.୫୭ କୋଟି ଟଙ୍କା ବ୍ୟବସ୍ଥା କରିସାରିଛି। ଡିସେମ୍ବର ତ୍ରୈମାସିକରେ ପିଏନ୍‌ବିର ନେଟ୍ ଲାଭ ଦୁଇଗୁଣ ବଢ଼ି ୪,୫୦୮ କୋଟି ଟଙ୍କା ହୋଇଛି, ଯାହାକି ବର୍ଷେ ପୂର୍ବରୁ ଏହି ତ୍ରୈମାସିକରେ ୨,୨୨୩ କୋଟି ଟଙ୍କା ଥିଲା। କମ୍ପାନୀର ମୋଟ ଆୟ ବର୍ଷକ ପୂର୍ବରୁ ୨୯,୯୬୨ କୋଟି ଥିବାବେଳେ ଗତ ତ୍ରୈମାସକରେ ତାହା ୩୪,୭୫୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଚାଲିବ

ନୂଆଦିଲ୍ଲୀ, ୧୮।୨

ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ବିରୋଧରେ ମନି ଲଣ୍ଡରିଂ ମାମଲା ଜାରି ରହିବ। ଏନେଇ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଯାଞ୍ଚକୁ ଆଧାର କରି ସତ୍ୟେନ୍ଦ୍ରଙ୍କ ବିରୋଧରେ ମାମଲା ଜାରି ରଖିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ନିକଟରେ ଆବେଦନ କରାଯାଇଥିଲା।

## ୬ ମାସରେ ମହିଳାଙ୍କ ପାଇଁ କ୍ୟାନ୍ସର ଟିକା

ନୂଆଦିଲ୍ଲୀ, ୧୮।୨

କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଦବ ମଙ୍ଗଳବାର କ୍ୟାନ୍ସର ଟିକାକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ମହିଳାଙ୍କଠାରେ ହେଉଥିବା କ୍ୟାନ୍ସର ପାଇଁ ଆଗାମୀ ୫ରୁ ୬ ମାସ ମଧ୍ୟରେ ଟିକା ଉପଲବ୍ଧ ହେବ। ୯ରୁ ୧୬ ବର୍ଷ ବୟସର ଝିଅମାନଙ୍କୁ ଏହି ଟିକା ଦିଆଯିବ। ବର୍ତ୍ତମାନ ଏହି ଟିକାକୁ ନେଇ ଅନୁସନ୍ଧାନ ପ୍ରାୟ ଶେଷ ହୋଇଛି ଏବଂ ଏବେ ଏହାର ଟ୍ରାଏଲ ଚାଲିଥିବା ସେ କହିଛନ୍ତି। ଦେଶରେ କର୍କଟ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ସରକାର ଏହି ସମସ୍ୟାର ମୁକାବିଲା ଦିଗରେ ପଦକ୍ଷେପ ନେଉଛନ୍ତି ବୋଲି ପ୍ରତାପରାଓ କହିଛନ୍ତି। ସେହିପରି କ୍ୟାନ୍ସର ମୁକାବିଲା ପାଇଁ ୩୦ ବର୍ଷରୁ ଅଧିକ ବୟସର ମହିଳାଙ୍କର ହସ୍ପିଟାଲରେ ସ୍କ୍ରିନିଂ କରାଯିବ ଏବଂ କର୍କଟ ରୋଗର ଶୀଘ୍ର ଚିହ୍ନଟ ପାଇଁ ଡେ କେୟାର କ୍ୟାନ୍ସର ସେଣ୍ଟର ନିର୍ମାଣ କରାଯିବ।

## ଶିନ୍ଦେଙ୍କ ୨୦ ବିଧାୟକଙ୍କ ସୁରକ୍ଷା ହ୍ରାସ

ମୁମ୍ବାଇ,୧୮।୨

ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶାସକ ମହାମେଣ୍ଟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିଥିଲାବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ସୋମବାର ଏକ ନୂଆ ମୋଡ଼ ନେଇଛି। ମୁଖ୍ୟମନ୍ତ୍ରୀଙ୍କ ହାତରେ ଥିବା ଗୃହ ବିଭାଗ ଶିନ୍ଦେଙ୍କ ଶିବସେନାର ୨୦ ଜଣ ବିଧାୟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ହ୍ରାସ ବା ପ୍ରତ୍ୟାହାର କରିଛି। ସେମାନଙ୍କୁ ୱାଇ ପ୍ଲସ୍ ସୁରକ୍ଷା ଯୋଗାଇ ଦିଆଯାଇ ଆସୁଥିବାବେଳେ ଏବେ ମାତ୍ର ଜଣେ କନ୍‌ଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ। ଭାଜପା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିର କେତେଜଣ ବିଧାୟକଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କମ୍ କରାଯାଇଛି। ତେବେ ଶିନ୍ଦେଙ୍କ ସର୍ବାଧିକ ୨୦ ବିଧାୟକଙ୍କ ସୁରକ୍ଷା ହ୍ରାସ ଭାଜପା-ଶିବସେନା ମଧ୍ୟରେ ଫାଟକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ଟଙ୍କା ନ ଦେବାରୁ ନୃଶଂସ ହେଲେ

## ପୁଅ ଶାବଳ ମାଡ଼ରେ ବାପାଙ୍କ ମୃତ୍ୟୁ

ବାସୁଦେବପୁର,୧୮।୨(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଗୋପବନ୍ଧୁନଗର ପଞ୍ଚାୟତ ଶାସମଲଘେରି ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ଶାବଳ ମାଡ଼ରେ ବୃଦ୍ଧ ବାପାଙ୍କ ପ୍ରାଣହାନି ହୋଇଛି। ମୃତକ ହେଲେ କଷିଆ ସାମୁଦ୍ରିକ ଥାନା ଅଧୀନ ଶାସମଲଘେରି ଗ୍ରାମର ଦୁଃଖୀରାମ ମଣ୍ଡଳ(୬୫)। ଅନ୍ୟଜଣେ ପୁଅଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତ ପୁଅ ବାଇଧରଙ୍କୁ ଗିରଫ କରି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦୁଃଖୀରାମଙ୍କୁ ଗତ କିଛିଦିନ ତଳେ ପୁଅ ଟଙ୍କା ମାଗିଥିଲେ। ସେ ତାଙ୍କୁ ଟଙ୍କା ଦେଇଥିଲେ। ପୁଣି ସୋମବାର ପୁଅ ଟଙ୍କା ମାଗିଥିଲେ। ସେ ଦେବାକୁ ଅସମର୍ଥ ପ୍ରକାଶ କରିବାକୁ ପୁଅ ତାଙ୍କ ମା'ଙ୍କୁ ଟଙ୍କା ମାଗିଥିଲେ। ମା' ମଧ୍ୟ ଟଙ୍କା ଦେଇ ନ ଥିଲେ। ଟଙ୍କା ମାଗି ନିରାଶ ହେବା ପରେ ପୁଅ ମଙ୍ଗଳବାର ମଧ୍ୟାହ୍ନରେ ବାପା ଦୁଃଖୀରାମଙ୍କ ସହ ଝଗଡ଼ା କରି ଅତର୍କିତ ଭାବେ ଏକ ଶାବଳରେ ଆକ୍ରମଣ କରିଥିଲେ। ଏଥିରେ ଦୁଃଖୀରାମ ସଂଜ୍ଞାହୀନ ହୋଇପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୨ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟଜଣେ ପୁଅ ଅନୁକୂଳ ମଣ୍ଡଳଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୪/୨୫) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଅଭିଯୁକ୍ତ ବାଇଧରଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା କଷିଆ ସାମୁଦ୍ରିକ ଥାନା ଆଇଆଇସି ସାବିତ୍ରୀ ପଣ୍ଡା କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ଦମ୍ପତିଙ୍କୁ ହତ୍ୟା

ବାରିପଦା,(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର (ମାନସ ମହାନ୍ତି) ୧୮।୨

ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ କିତାବେଡ଼ା ଗ୍ରାମ ଡୁଙ୍ଗୁରିସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଗୁଣିଗାରେଡ଼ି ସନ୍ଦେହରେ ସମ୍ପର୍କୀୟ ପୁତୁରା ଏକ ଦମ୍ପତିଙ୍କୁ ଅତି ନିର୍ମମ ଭାବେ କୁରାଢ଼ିରେ ହାଣି ହତ୍ୟା କରିଛନ୍ତି। ଆକ୍ରମଣରୁ ମୃତ ଦମ୍ପତିଙ୍କ ପୁତ୍ରବଧୂ ଓ ନାତୁଣୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ପୋଲିସ ଅଭିଯୁକ୍ତ ଅଜୟ ନାଏକ(୨୩)ଙ୍କୁ ଅଟକ ରଖିଛି। ମୃତ ଦମ୍ପତି ହେଲେ ଦେବେନ୍ଦ୍ର ନାଏକ(୭୦) ଓ ସ୍ତ୍ରୀ ଚମ୍ପା(୪୮)। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୩୭/୨୫) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଅଜୟଙ୍କ ଶିଶୁପୁତ୍ର ଓ ତାଙ୍କ ବାପା ସୁରେନ୍ଦ୍ରଙ୍କ ବାରମ୍ବାର ଦେହ ଅସୁସ୍ଥ ରହୁଥିଲା। ଦେବେନ୍ଦ୍ର ଓ ଚମ୍ପା ଗୁଣିଗାରେଡ଼ି କରି ଏଭଳି କରୁଥିବା ଅଜୟ ସନ୍ଦେହ କରୁଥିଲେ। ଅଜୟ ସୋମବାର ରାତି ୯ଟା ବେଳେ ଦେବେନ୍ଦ୍ରଙ୍କ ଘରକୁ ଯାଇଥିଲେ। ଦେବେନ୍ଦ୍ର ତାଙ୍କ ବିଲାତି କ୍ଷେତରେ ପାଣି ମଡ଼ାଉଥିବା ବେଳେ ଅଜୟ ତାଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସୁଯୋଗ ଦେଖି ଏକ କୁରାଢ଼ିରେ ଦେବେନ୍ଦ୍ରଙ୍କ ମୁଣ୍ଡକୁ ହାଣି ହତ୍ୟା କରିବା ପରେ ଘର ମଧ୍ୟକୁ ପ୍ରବେଶ କରିଥିଲେ। ସେଠାରେ ଚମ୍ପା ଶୋଇଥିବା ସମୟରେ ତାଙ୍କୁ ମଧ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ଚମ୍ପାଙ୍କ ପାଖରେ ଶୋଇଥିବା ପୁତ୍ରବଧୂ ସୁମିତ୍ରା ଏଭଳି ଘଟଣା ଦେଖି ତାଙ୍କ ଶିଶୁକନ୍ୟାଙ୍କୁ ଛାଡ଼ି ବାହାରକୁ ଦୌଡ଼ି ପଳାଇଥିଲେ। ମଙ୍ଗଳବାର ସକାଳେ ସୁମିତ୍ରା ଅନ୍ୟ ଗ୍ରାମରେ ରହୁଥିବା ଦିଅର ରାବେନ୍ଦ୍ର ନାଏକଙ୍କୁ ଘଟଣା ସମ୍ପର୍କରେ ଫୋନ୍‌ରେ ଜଣାଇଥିଲେ। ରାବେନ୍ଦ୍ରଙ୍କଠାରୁ ଖବରପାଇ ବିଶୋଇ ପୋଲିସ, ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ତେବେ ଗୁଣିଗାରେଡ଼ି ସନ୍ଦେହରେ ଏଭଳି ନୃଶଂସ ହତ୍ୟାକାଣ୍ଡ ଘଟିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବିଶୋଇ ଥାନାଧିକାରିଣୀ ମିନି ଭୋଇ ରଣା ପ୍ରକାଶ କରିଛନ୍ତି।

# ବ୍ୟାଙ୍କ ମ୍ୟାନେଜରଙ୍କୁ ବାନ୍ଧିଲା ପୋଲିସ

ବ୍ରହ୍ମପୁର,୧୮।୨(ସୁବାସ ଚନ୍ଦ୍ର ପାଢ଼ୀ)

### ୩ ଜମାକାରୀଙ୍କ ୪୫ ଲକ୍ଷ ଠକେଇ



ଗିରଫ ବ୍ୟାଙ୍କ ମ୍ୟାନେଜର ଇପିଲି ମିଥୁନ।

କ୍ରେଡିଟ୍ କାର୍ଡ ଲୟାଲିଟି ସ୍କିମ ନାଁରେ ବ୍ରହ୍ମପୁର ସହରର ୩ ଜମାକାରୀଙ୍କଠାରୁ ୪୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ଅଭିଯୋଗରେ ଗୋଷାଣି ନୂଆଗାଁ ଶାଖା ଆଇସିଆଇସିଆଇ ବ୍ୟାଙ୍କ ମ୍ୟାନେଜର ଇପିଲି ମିଥୁନ(୩୫)ଙ୍କୁ ପୋଲିସ ଗିରଫ କରିଛି। ସେ ରାଜାରାଣୀ ଆପାର୍ଟମେଣ୍ଟରେ ରହୁଥିଲେ ବୋଲି ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି। ଟାଉନ ଥାନା ପୋଲିସ ମାମଲା ନଂ. ୭୦/୨୫ରେ ତାଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବ୍ରହ୍ମପୁର ସଦାନନ୍ଦ ବିହାରର ଚନ୍ଦନ କୁମାର ପାଢ଼ୀ, ଏମ୍. ଦେବୀ ପ୍ରସାଦ ଓ ସନ୍ଦୀପ କୁମାର ସାହୁ ଦେଢ଼ ବର୍ଷ ତଳେ ବ୍ୟକ୍ତିଗତ ଋଣ ପାଇଁ ଗୋଷାଣି ନୂଆଗାଁସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାକୁ ଯାଇଥିଲେ। ବ୍ୟାଙ୍କ ମ୍ୟାନେଜର ମିଥୁନ ସେମାନଙ୍କୁ ବ୍ୟକ୍ତିଗତ ଋଣ କରାଇଦେବା ବଦଳରେ କ୍ରେଡିଟ୍ କାର୍ଡ ଲୟାଲିଟି ଇନ୍‌ଭେଷ୍ଟମେଣ୍ଟ ସ୍କିମ ବିଷୟରେ ବୁଝାଇଥିଲେ। ଯେତେ ଟଙ୍କା ଇନ୍‌ଭେଷ୍ଟ କରିବେ, ସେହି ହିସାବରେ ମାସିକ ୪ ପ୍ରତିଶତ ସୁଧ ମିଳିବ ବୋଲି କହିଥିଲେ। ତେଣୁ ଜମାକାରୀ ସନ୍ଦୀପ ନିଜ କ୍ରେଡିଟ୍ କାର୍ଡରୁ ୫ ଲକ୍ଷ ୮୦ ହଜାର ଟଙ୍କା, ଦେବୀପ୍ରସାଦ ୧୫ ଲକ୍ଷ ଟଙ୍କା ଏବଂ ଚନ୍ଦନ ୧୨ ଲକ୍ଷ ଟଙ୍କା ବ୍ୟାଙ୍କ ମ୍ୟାନେଜରଙ୍କୁ ଦେଇଥିଲେ। ଟଙ୍କା ଦେବାର ୧ ମାସ ପରେ ମିଥୁନ ସେମାନଙ୍କୁ ଲୟାଲିଟି ବାବଦକୁ କିଛି ଟଙ୍କା ନିଜ ସ୍ତ୍ରୀଙ୍କ ଫୋନ୍ ପେ' ଆକାଉଣ୍ଟରୁ ମାସକୁ ମାସ ପଠାଉଥିଲେ। ଅଧିକ ଲୋଭ ଦେଖାଇ ୩ ଜମାକାରୀଙ୍କଠାରୁ ୪୫ ଲକ୍ଷରୁ ଅଧିକ ଟଙ୍କା ନେବା ପରେ ସେ ମାସିକ ଲୟାଲିଟି ଦେବା ବନ୍ଦ କରି ଦେଇଥିଲେ। ଟଙ୍କା ବିଷୟରେ ଜମାକାରୀ ପଚାରିବାରେ ସେ ସମସ୍ତ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇ ମୂଳ ଟଙ୍କା ମଧ୍ୟ ଫେରାଇ ନଥିଲେ। ଏପଟେ କ୍ରେଡିଟ୍ କାର୍ଡରୁ ବାକି ଆଣି ମ୍ୟାନେଜରଙ୍କୁ ଟଙ୍କା ଦେଇଥିବାରୁ ସେ ବାବଦ ସୁଧ ବଢ଼ିବାରେ ଲାଗିଥିଲା। କ୍ରେଡିଟ୍ କାର୍ଡ ରିକଭରି ବିଭାଗରୁ ଜମାକାରୀଙ୍କୁ ଟଙ୍କା ପଇଠ ପାଇଁ ବାରମ୍ବାର ଚାପ ପକାଯାଉଥିଲା। ହେଲେ ମ୍ୟାନେଜର ମିଥୁନ ଟଙ୍କା ଫେରସ୍ତ କରିବା ବଦଳରେ ଗୁଣ୍ଡା ପଠାଇ ଧମକ ଦେଉଥିବା ଜମାକାରୀମାନେ ଥାନାରେ ଅଭିଯୋଗ କରିଥିଲେ। ମ୍ୟାନେଜର ମିଥୁନ ଜମାକାରୀଙ୍କଠାରୁ ଟଙ୍କା ନେବା ପରେ ନିଜ ସ୍ତ୍ରୀ'ଙ୍କ ଆକାଉଣ୍ଟରୁ ଲୟାଲିଟି ଟଙ୍କା ପ୍ରଦାନ କରୁଥିବାରୁ ଏହା ତାଙ୍କର ନିଜସ୍ୱ ସ୍କିମ ବୋଲି ସନ୍ଦେହ କରାଯାଉଛି।


## ବିବାହ ଶୁଭେଚ୍ଛା



ପ୍ରଶାନ୍ତ ରଣା (ପପୁ) ଓ
ସୋନାଲିସା (ସୋନି)
ସ୍ଥାନ: ଭାପୁରୁ ବ୍ଲକ୍, ପଥର ଚକଡ଼ା ପଞ୍ଚାୟତ ଅଧୀନ ମାଧପୁର, ନୂଆସାହି
(ବିବାହ ବନ୍ଧନରେ ବାନ୍ଧି ହେଲେ ରଞ୍ଜି ଖେଳାଳି ପ୍ରଶାନ୍ତ ରଣା)
ତୁମ ଦୁହିଁଙ୍କ ବୈବାହିକ ଜୀବନ ସୁଖମୟ, ଶୁଭମୟ ହେଉ,
ଏହାହିଁ ପ୍ରଭୁ ଶ୍ରୀନୀଳମାଧବଙ୍କ ନିକଟରେ ପ୍ରାର୍ଥନା ।
ଶୁଭେଚ୍ଛା ସହ: ପରିବାର ଓ ବନ୍ଧୁବର୍ଗ ।
ଧ-୨୯୯୧





## LEGAL NOTICE

Letter No- 146,
dt.21.01.25

ମାନ୍ୟବର ଆଡିସିନାଲ କମିସନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଓ.ଏ.ସ(ଏସ୍.ଏସ୍.) ଆଡିସିନାଲ
ଡିଭିଜନ କୋର୍ଟ ନଂ.- ୪ଙ୍କ
ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍
ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-
୧୦୭୭/୨୦୨୩

ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ
....ବାଦୀ/ଦରଖାସ୍ତକାରୀ
-ବନାମ-
ବିଦ୍ୟାଧର ସାହୁ @ ମହାପାତ୍ର ଓ ଅନ୍ୟ ଅପର ପକ୍ଷମାନେ
....ପ୍ରତିବାଦୀ/ଅପରପକ୍ଷମାନେ

ପ୍ରାପ୍ତେଷୁ,
୧. କାର୍ତ୍ତିକ ସାହୁ, ବୟସ ୭୪, ପିତା-ମଧୁ ସାହୁ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୪୦୦୫,
୨.ପ୍ରଫୁଲ୍ଲ କୁମାର ବିଧାର, ବୟସ ୬୪, ପିତା- ସ୍ୱର୍ଗତ ବେଣୁଧର ବିଧାର, ରିପ୍ରେଜେଣ୍ଟେଡ୍ ଆଜ୍ ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭେଲପରସ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୪୦୦୫
.....ପ୍ରତିବାଦୀ ନଂ.- ୧୫ ଏବଂ ୧୬

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫ ମୁତାବକ ମାନ୍ୟବର ଆଡିସିନାଲ କମିସନର, ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧୫ ଓ ୧୬ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୧୫ ଓ ୧୬ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ୨୪।୦୩।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା-ଭୁଆସୁଣୀ, ଥାନା-ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୨୭୩, ପ୍ଲଟ୍ ନଂ.-୧୦୩୭, ସାବକ ସମନ୍ଧ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୧୮୯, କିସମ ଶାରଦ, ଏ୦୩.୯୦୦ ଡେସିମାଲ ସମନ୍ଧରୁ ଏରିଆ- ଏ୦.୦୬୨ ଡେସିମାଲ, ଚୌହଦି-ଉତ୍ତର ହାଲ୍ ପ୍ଲଟ୍ ୧୦୩୮, ଦକ୍ଷିଣ ପ୍ଲଟ୍ ନଂ.- ୧୦୩୬, ପୂର୍ବ- ଭେଣ୍ଡିଙ୍କ ପାଇଁ ଭେଣ୍ଡରଙ୍କ ଦ୍ୱାରା ଛଡ଼ାଯାଇଥିବା ରାସ୍ତା, ପଶ୍ଚିମ ହାଲ୍ ପ୍ଲଟ୍ ନଂ.- ୧୦୪୦।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧୫ ଓ ୧୬ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୮୨

Letter No- 147,
dt.21.01.25

ମାନ୍ୟବର ଆଡିସିନାଲ କମିସନର
ଶ୍ରୀ ପ୍ରଦୀପ କୁମାର ନାୟକ,
ଓ.ଏ.ସ(ଏସ୍.ଏସ୍.) ଆଡିସିନାଲ
ଡିଭିଜନ କୋର୍ଟ ନଂ.- ୪ଙ୍କ
ଅଦାଲତ, ଭୁବନେଶ୍ୱର
ଚତୁର୍ଥ ମହଲା ହେଡ୍ସ ଅଫ୍
ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନଂ.-
୧୦୭୬/୨୦୨୩

ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ
....ବାଦୀ/ଦରଖାସ୍ତକାରୀ
-ବନାମ-
ବିଦ୍ୟାଧର ସାହୁ @ ମହାପାତ୍ର ଓ ଅନ୍ୟ ଅପର ପକ୍ଷମାନେ
....ପ୍ରତିବାଦୀ/ଅପରପକ୍ଷମାନେ

ପ୍ରାପ୍ତେଷୁ,
୧. କାର୍ତ୍ତିକ ସାହୁ, ବୟସ ୭୪, ପିତା-ମଧୁ ସାହୁ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୪୦୦୫,
୨.ପ୍ରଫୁଲ୍ଲ କୁମାର ବିଧାର, ବୟସ ୬୪, ପିତା- ସ୍ୱର୍ଗତ ବେଣୁଧର ବିଧାର, ରିପ୍ରେଜେଣ୍ଟେଡ୍ ଆଜ୍ ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭେଲପରସ, ଗ୍ରାମ/ପୋ.- ଦାରୁଠେଙ୍ଗ, ଥାନା-ଚନ୍ଦକା, ଜିଲ୍ଲା-ଖୋର୍ଦ୍ଧା, ପିନ୍- ୭୫୪୦୦୫
.....ପ୍ରତିବାଦୀ ନଂ.- ୧୫ ଏବଂ ୧୬

ନୋଟିସ

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮ ଧାରା-୧୫ ମୁତାବକ ମାନ୍ୟବର ଆଡିସିନାଲ କମିସନର ଆଡିସିନାଲ ଡିଭିଜନ କୋର୍ଟ ନ.- ୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ହରଭଜନ କୌର ଓ ଅନ୍ୟ ଦରଖାସ୍ତକାରୀମାନେ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ. ୧୫ ଓ ୧୬ଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା। ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.- ୧୫ ଓ ୧୬ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି କି ଯେ ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ୦୩।୦୩।୨୦୨୫ରିଖ ଦିବା ୧୧.୩୦ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ମୌଜା-ଭୁଆସୁଣୀ, ଥାନା-ଚନ୍ଦକା, ତହସିଲ-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.- ୨୭୩, ପ୍ଲଟ୍ ନଂ.-୧୦୩୭, ସାବକ ସମନ୍ଧ ଖାତା ନଂ.- ୪୪, ସାବକ ପ୍ଲଟ୍ ନଂ.- ୧୮୯, କିସମ ଶାରଦ, ଏ୦୩.୯୦୦ ଡେସିମାଲ ସମନ୍ଧରୁ ଏରିଆ- ଏ୦.୦୬୨ ଡେସିମାଲ, ଚୌହଦି-ଉତ୍ତର ହାଲ୍ ପ୍ଲଟ୍ ୧୦୩୭, ଦକ୍ଷିଣ ପ୍ଲଟ୍ ନଂ.- ୧୦୩୩, ପୂର୍ବ- ଭେଣ୍ଡିଙ୍କ ପାଇଁ ଭେଣ୍ଡରଙ୍କ ଦ୍ୱାରା ଛଡ଼ାଯାଇଥିବା ରାସ୍ତା, ପଶ୍ଚିମ- ରାସ୍ତା, ପୂର୍ବ- ହାଲ୍ ପ୍ଲଟ୍ ନଂ.- ୧୦୩୫।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- ୧୫ ଓ ୧୬ କିମ୍ବା ମୃତ ହୋଇଥିଲେ ଔରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଇସଲା କରାଯିବ ।

ସ୍ୱା./- ଆଡିସିନାଲ ଡିଭିଜନ କୋର୍ଟ ନଂ.- ୪ଙ୍କ ଅଦାଲତ
ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୨୯୮୩


# Classified Everyday
0674-2580101, 9692975378




## BRIDE WANTED

Handsome Karan Boy 1994, 6ft., B.Tech, MBA (NIT), serving MNC Hyderabad. "Sunasansar". 9937512659 D-76239

ମନବୁଝା ସନ୍ତାନଯୋଗ୍ୟା ସଂସ୍କାରୀ ପାତ୍ରୀ ଆବଶ୍ୟକ। ଯୁବସୁଲଭ ଯୋଗାଭ୍ୟାସୀ ଡାଇଭର୍ସଡ୍ ବୟସ୍କ ବ୍ରାହ୍ମଣ ଉଚ୍ଚଶିକ୍ଷାପ୍ରାପ୍ତ ସରକାରୀ ଆୟୁର୍ବେଦ ଡାକ୍ତର। ସକାରାତ୍ମକ; ବେଳହୁଁ ପହଞ୍ଚ ସ୍ୱାଗତଯୋଗ୍ୟ। 9437593214. D-2939

## GROOM WANTED

Beautiful Teli girl 28+ Govt. II Officer (Caste No bar). 9938199964. D-2938



## REAL ESTATE
## SALE

Outright/ Sharing Lands available for Apartment/ Duplex Projects around Bhubaneswar/ Cuttack. 8984349324/ 9692207504/ 7008521277/ 8599857228/ 7077798353. D-2973

କଟକର ପୁରୀଘାଟ ବଙ୍ଗାଳିସାହି ବଗଲାଗଳିରେ ଘରବାରି ଥାଇ 041, ଡେସିମିଲର ଜାଗା ବିକ୍ରୟ କରାଯିବ। Contact: 8480514601. D-2989

ହଂସପାଳ ଛକରୁ 8K.M. ଭିଙ୍ଗାରପୁରରେ 1300sqft. 7,80,000/- ଫ୍ଲଟ୍ ବିକ୍ରିହେବ। 9114705579. D-76238

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

Plot selling ବାରଙ୍ଗ Rs.- 545/-, ପଟିଆ, ସାମନ୍ତରାଏପୁର, ନଖରା, ଖୋରଦା, ଜଗତ୍‌ସିଂହପୁର। 8895778043. D-2961

ଫୁଲନଖରା ନିକଟସ୍ଥ **Sum Hospital-2** ଓ **Grand Bazar** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି ପ୍ଲଟ୍ କିଣନ୍ତୁ। 6372509299. D-76239

Contact for House Construction (Simplex/ Duplex/Apartment) and Interior Design (Modular Kitchen/ TV Unit/ Wardrobe) by experts. 7008550473. D-2967

**3BHK flat for sale in Gudiapokhari, Near Krupajal College, Uttara. Contact- 7978097047.** D-2959

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 6370277334.** D-2990

ଆଶ୍ଚର୍ଯ୍ୟଜନକ ଅପ୍ରିୟ ସତ୍ୟ, ଦଶହଜାରରୁ ତିନିଲକ୍ଷ ମଧ୍ୟରେ best investment project- 8917622925. D-2923

**1.25Acre land available for sale in sisolo, Near Balipatna (7kms from Uttara Square). Contact- 7978097047.** D-2960




**700Sqft Hall with Toilet Available in Uttara Square for Commercial Purpose. Contact- 7978097047.** D-2968

Showroom/Office space available at sahidnagar. Contact- 9238505978. D-2981

**1000Sqft Hall Available on Lewis Main Road, In Samanatarapur for Commercial Purpose. Contact- 7978097047.** D-2966




Take wellness herbal full body relax massage by trend therapist. 7008773793. D-76193

Positively health benefited SPA by expert female therapist, Jaydevbihar. 8458048909. D-76196

Positively health benefited SPA by expert female therapist, Bapujinagar. 8018429809. D-76198

Newly open health benefits SPA by experience lady therapist. 8658088274. D-76197

**Full body massage experience, good looking therapist @999 (Bhubaneswar). 9078484455.** D-2815


## AFFIDAVIT

I, Subham Dalai, S/o- Balaram Dalai, age 19 years, Village- Kendupadar, Post- Haridapadar, P.S.- Kotinada, Dist.- Ganjam, Odisha has changed my name from Subham Dalai to Siba Dalai vide affidavit number- 333, dated 29.01.2025 before Notary by Sri Prabhat Kumar Padhi for all purpose. D-2987

By virtue of an affidavit No.- 258, date- 17.02.2025 sworn before the Executive Magistrate, Boudh, I, Bijay Kumar Behera, R/o- Village- Unal, P.O.- Dhalpur, P.S.-Harabhanga, Dist.- Boudh, Odisha, PIN- 762013 declare that I have changed my son's name from Bijaya Kumar Behera to Subhendu Kumar Behera. Henceforth, he shall be known as Subhendu Kumar Behera for all future purposes. D-2979

By an affidavit I Pradipta Kumar Panda, R/o- Jagannathpur, P.O.- Bardandi, P.S.- Bolagada, Dist.- Khordha, PIN-752066 declare that I have changed name of my minor son from Aditya Prasad Panda to Aryan Aditya Panda. Henceforth, he shall be known as Aryan Aditya Panda for all purpose. D-2980

By virtue of an affidavit sworn before the Executive Magistrate, Khordha on dt 18.02.2025, I, Rabinarayan Das of Village- Nimapatana, P.O.- Banamalipur- patana, P.S.- Fategarh, Dist.- Nayagarh, PIN- 752077 declare that I have changed my daughter's name from BABY ONE OF MAHAMAYEE BARAD to DIPIKA DAS. Henceforth, she shall be known as DIPIKA DAS for all purposes. D-2988

### ପାଠକଙ୍କ ପାଇଁ ସୂଚନା

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜିଠୁ ଆଇସିସି ଚାମ୍ପିୟନ୍ସ ଟ୍ରଫି



କରାଚୀର ନ୍ୟାଶନାଲ ଷ୍ଟାଡିୟମ ବାହାରେ ଜଣେ ସୁରକ୍ଷା କର୍ମୀ ପାଟ୍ରୋଲିଂ କରୁଛନ୍ତି।

**ଦୁବାଇ/କରାଚୀ, ୧୮।୨ (ପି.ଟି.)**

## ■ ପାକିସ୍ତାନ-ନ୍ୟୁଜିଲାଣ୍ଡ ଉଦ୍‌ଘାଟନୀ ମୁକାବିଲା
## ■ ଭାରତ ୨୦ରେ ବାଂଲାଦେଶକୁ ଭେଟିବ

ଆଇସିସି ଚାମ୍ପିୟନ୍ସ ଟ୍ରଫିର ନବମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହେବାକୁ ଯାଉଛି। ପାକିସ୍ତାନ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ କରାଚୀର ନ୍ୟାଶନାଲ ବ୍ୟାଙ୍କ କ୍ରିକେଟ ଆରେନାରେ ଅନୁଷ୍ଠିତ ହେବ। ଭାରତ ଏହାର ପ୍ରଥମ ମ୍ୟାଚ ୨୦ ତାରିଖରେ ଦୁବାଇରେ ବାଂଲାଦେଶକୁ ଭେଟିବ। ପାକିସ୍ତାନ ଏହି ପ୍ରତିଯୋଗିତାର ଆୟୋଜକ ହୋଇଥିବାବେଳେ ହାଇବ୍ରିଡ ମୋଡ୍‌ରେ ଭାରତ ଏହାର ସମସ୍ତ ମ୍ୟାଚ ଦୁବାଇରେ ଖେଳିବାକୁ ନିଷ୍ପତ୍ତି ହୋଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମଧ୍ୟରେ ୨୩ ତାରିଖରେ ମୁକାବିଲା ହେବ। ୧୯୯୬ ବିଶ୍ୱକପ ପରେ ପାକିସ୍ତାନ ପ୍ରଥମଥର ପାଇଁ ଏହି ଆଇସିସି ଇଭେଣ୍ଟ ଆୟୋଜନ ଅଧିକାର ପାଇଛି।

ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ଭାରତ, ପାକିସ୍ତାନ, ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ରହିଥିବାବେଳେ ଗ୍ରୁପ୍ 'ବି'ରେ ଆଫଗାନିସ୍ତାନ, ଅଷ୍ଟ୍ରେଲିଆ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସ୍ଥାନ ପାଇଛନ୍ତି। ଟି୨୦ କ୍ରିକେଟର ଲୋକପ୍ରିୟତା ବଢୁଥିବାବେଳେ ୫୦ ଓଭର ବିଶିଷ୍ଟ ଦିନିକିଆ କ୍ରିକେଟକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି। ଦୀର୍ଘ ୮ ବର୍ଷ ବ୍ୟବଧାନରେ ହେଉଥିବା ଆଇସିସି ଚାମ୍ପିୟନ୍ସ ଟ୍ରଫି ଏଥିପାଇଁ ଅନେକ ଗୁରୁତ୍ୱ ବହନ କରିବ। ଶେଷଥର ପାଇଁ ୨୦୧୭ରେ ହୋଇଥିବା ଚାମ୍ପିୟନ୍ସ ଟ୍ରଫିରେ ପାକିସ୍ତାନ ଚାମ୍ପିୟନ ହୋଇଥିଲା।

କ୍ୟାରିୟରର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିବାରୁ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା ଓ ତାରକା ବ୍ୟାଟର ବିରାଟ କୋହଲିଙ୍କ ଉପରେ ନଜର ରହିବ। କାରଣ ଏହି ଟୁର୍ନାମେଣ୍ଟ ହିଁ ତାଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରିବ। ଆସନ୍ତା ଜୁନ୍‌ରେ ଇଂଲଣ୍ଡ ଗସ୍ତ ବେଳକୁ ଏମାନେ ଦଳରେ ରହିବେ କି ନାହିଁ ତାହା ସମ୍ଭବତଃ ଏହି ଟୁର୍ନାମେଣ୍ଟରୁ ସ୍ଥିର ହୋଇଯିବ। ଏହା ବ୍ୟତୀତ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ଭବିଷ୍ୟତ ମଧ୍ୟ ଏହି ପ୍ରତିଯୋଗିତାରୁ ଅନେକ ପରିମାଣରେ ସ୍ପଷ୍ଟ ହୋଇଯିବ। ନିକଟରେ ଘରୋଇ ସିରିଜରେ ଇଂଲଣ୍ଡ ବିପକ୍ଷରେ ଭାରତର ଭଲ ପ୍ରଦର୍ଶନ ଗମ୍ଭୀରଙ୍କୁ କିଛି ପରିମାଣରେ ଆଶ୍ୱସ୍ତ କରିଛି। ମାତ୍ର ଏକ ଆଇସିସି ଟ୍ରଫି ବିଜୟ ତାଙ୍କ ସ୍ଥିତିକୁ ଅଧିକ ମଜଭୁତ କରିପାରିବ।

ଭାରତ ଶେଷଥର ପାଇଁ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ୨୦୧୩ରେ ଚାମ୍ପିୟନ୍ସ ଟ୍ରଫି ଜିତିଥିଲା। ୫୦ ଓଭର ବିଶିଷ୍ଟ ଏହି ଫର୍ମାଟରେ ଏବେ ବିଜୟ ପାଇଁ ଭାରତ ବ୍ୟଗ୍ରତାର ସହ ଅପେକ୍ଷା କରିଛି। ନିକଟ ଅତୀତର ପ୍ରଦର୍ଶନକୁ ଦେଖିଲେ ଭାରତ ଫେଭରାଇଟ ବିବେଚିତ ହେଉଛି। ମାତ୍ର ଗୋଟିଏ ଖରାପ କ୍ଷଣ କିମ୍ବା ସେସନ ପୂରା ଗଣନାକୁ ବିଗାଡ଼ି ଦେଇପାରେ। ୨୦୨୩ ବିଶ୍ୱକପରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପାଇଁ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ହାରି ଯାଇଥିଲା। ଅଷ୍ଟ୍ରେଲିଆ ଯଦିଓ ଏହାର ୩ ମୁଖ୍ୟ ପେସ୍ ବୋଲର ପ୍ୟାଟ୍ କମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ୍ ହାଜେଲଉଡ୍‌ଙ୍କ ବିନା ଏହି ପ୍ରତିଯୋଗିତା ଖେଳିବାକୁ ଯାଉଛି ତେବେ ଦୃଢ଼ ବ୍ୟାଟିଂ ଲାଇନ୍‌ଅପ୍ ପାଇଁ ପ୍ରତିପକ୍ଷ ଦଳକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ସକ୍ଷମ। ସେହିପରି ଟ୍ରେଣ୍ଟ ବୋଲ୍ଟ ଓ ଟିମ୍ ସୌଦୀ ଅବସର ନେଇଯାଇଥିବାରୁ ଯୁବ ଖେଳାଳିଙ୍କ ଭରସାରେ ରହିବ ନ୍ୟୁଜିଲାଣ୍ଡ। ଭେଟେରାନ କେନ୍ ୱିଲିୟମସନ ଟ୍ରମ୍ପକାର୍ଡ ବିବେଚିତ ହୋଇପାରନ୍ତି। ଆୟୋଜକ ପାକିସ୍ତାନ ଏକ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ଏଥିରେ ଦ୍ୱିମତ ନାହିଁ। ଭାରତ ବିପକ୍ଷ ମ୍ୟାଚରେ ଆବେଗକୁ ନିୟନ୍ତ୍ରଣରେ ରଖିପାରିଲେ ଏହି ଦଳ ନିଶ୍ଚିତ ଅନ୍ୟତମ ଦାବିଦାର ଭାବେ ଉଭା ହେବ।

### (ଆଜିର ମ୍ୟାଚ)
**ପାକିସ୍ତାନ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: କରାଚୀ, ସମୟ: ଅପରାହ୍ନ ୨ଟା ୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ସ୍ପୋର୍ଟ୍ସ୧୮



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ କଳିଙ୍ଗ ଷ୍ଟାଡିୟମରେ ଭାରତ ଓ ସ୍ପେନ୍ ମଧ୍ୟରେ ଅନୁଷ୍ଠିତ ମହିଳା ହକି ମ୍ୟାଚ। (ଫଟୋ: ବିକାଶ ନାୟକ)

# ଭାରତୀୟ ମହିଳା ଦଳର ଦ୍ୱିତୀୟ ପରାଜୟ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

**ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ମହିଳା ହକି ଦଳ ମଙ୍ଗଳବାର ସ୍ପେନ୍‌ଠାରୁ ୩-୪ ଗୋଲରେ ହାରି ଯାଇଛି। ତୃତୀୟ କ୍ୱାର୍ଟର ସୁଦ୍ଧା ୩-୨ରେ ଅଗ୍ରଣୀ ରହିବା ସତ୍ତ୍ୱେ ଦଳ ଅନ୍ତିମ କ୍ୱାର୍ଟରରେ ସ୍ପେନ୍ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲା। ୩ ମ୍ୟାଚରୁ ଭାରତର ଏହାଥିଲା ଦ୍ୱିତୀୟ ପରାଜୟ। ଇଂଲଣ୍ଡ ବିପକ୍ଷରେ ୩-୨ରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ପେନାଲ୍ଟି ଶୁଟ୍‌ଆଉଟ ୧-୨ ଗୋଲରେ ହାରି ଯାଇଥିଲା। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଉପସ୍ଥିତ ଥିଲେ।

ମଙ୍ଗଳବାର ପ୍ରଥମ କ୍ୱାର୍ଟର ଖେଳ ଗୋଲଶୂନ୍ୟଭାବେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରୁ ଆରମ୍ଭ ହୋଇଥିଲା ହକି ରୋମାଞ୍ଚ। ୧୯ତମ ମିନିଟରେ ବଲଜିତ କୌର ଏକ ଫିଲ୍ଡ ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରିଥିବାବେଳେ ୨୧ତମ ମିନିଟରେ ସ୍ପେନ୍‌ର ସୋଫିଆ ପୋଗୋସ୍କି ଏହାକୁ ପରିଶୋଧ କରି ଦେଇଥିଲେ। ୨୫ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ଇସ୍ତେଲ ପେଚାମେ ଗୋଲରେ ପରିଣତ କରିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ସ୍ପେନ୍ ୨-୧ରେ ଆଗୁଆ ରହିଥିଲା। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୩୮ତମ ମିନିଟରେ ସାକ୍ଷୀ ରାଣା ଓ ୩୫ତମ ମିନିଟରେ ଋତଜା ଦାଦାସୋ ପିସାଲ ଗୋଲ ଦେବାରୁ ଭାରତ ୩-୨ରେ ଆଗୁଆ ହୋଇ ଯାଇଥିଲା। ଅନ୍ତିମ କ୍ୱାର୍ଟରରେ ୪୯ତମ ମିନିଟରେ ଇସ୍ତେଲ ପେଚାମେ ଓ ୫୨ତମ ମିନିଟରେ ଅଧିନାୟିକା ଲୁସିଆ ଜିମେଞ୍ଜ ଗୋଲ କରିବାରୁ ଭାରତ ବିଜୟ ଆଶା ଧୂଳିସାତ ହୋଇ ଯାଇଥିଲା।



ଦିଲୀପ ତିର୍କୀଙ୍କ ସହ ଅତିଥି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ।



ଭାରତ ଓ ଜର୍ମାନୀ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ପ୍ରୋ ଲିଗ୍ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜର୍ମାନୀଠାରୁ ଭାରତ ପରାସ୍ତ

**ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)**

ଭାରତୀୟ ପୁରୁଷ ହକି ଦଳ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଦ୍ୱିତୀୟ ପରାଜୟ ବରଣ କରିଛି। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଜର୍ମାନୀ ୪-୧ ଗୋଲରେ ଭାରତକୁ ପରାସ୍ତ କରିଛି। ମ୍ୟାଚର ୭ମ ମିନିଟରେ ଫ୍ଲୋରିଆନ ସ୍ପେର୍ଲିଂଙ୍କ ଗୋଲ ବଳରେ ଜର୍ମାନୀ ଅଗ୍ରଣୀ ନେଇଥିଲା। ମାତ୍ର ୧୩ଶ ମିନିଟରେ ଭାରତର ଗୁରଜାନ୍ତ ସିଂ ଗୋଲ ପରିଶୋଧ କରିବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ତେବେ ଏହାର ୧ ମିନିଟ ପରେ ଥିଏସ ପ୍ରିଞ୍ଜ ଗୋଟିଏ ଗୋଲ ଦେବାରୁ ଜର୍ମାନୀ ପୁଣି ଅଗ୍ରଣୀଲାଭ କରିଥିଲା। ପରବର୍ତ୍ତୀ ୩ଟି ଯାକ କ୍ୱାର୍ଟରରେ ଜର୍ମାନୀର ଆଧିପତ୍ୟ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ମିଚେଲ ଷ୍ଟ୍ରୁଥୋଫ ଗୋଲରେ ପରିଣତ କରିଥିଲେ ଏବଂ ୫୫ତମ ମିନିଟରେ ରାଫାଲ ହାର୍ଟକୋଫଙ୍କ ଗୋଲ ଜରିଆରେ ଜର୍ମାନୀ ବଡ଼ ବ୍ୟବଧାନରେ ବିଜୟୀ ହୋଇଥିଲା। ଗତ ୧୫ ତାରିଖରେ ସ୍ପେନଠାରୁ ୧-୩ ଗୋଲରେ ପରାଜିତ ହୋଇ ସିଜନ ଆରମ୍ଭ କରିଥିବା ଭାରତ ୧୬ ତାରିଖରେ ପରବର୍ତ୍ତୀ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀକୁ ୨-୦ ଗୋଲରେ ପରାସ୍ତ କରିଥିଲା। ଅଧିନାୟକ ହରମନପ୍ରୀତ ସିଂଙ୍କୁ ବିଶ୍ରାମ ଦିଆଯାଇଥିବାରୁ ଓଡ଼ିଶାର ଅମିତ ରୋହିଦାସ ଏହି ମ୍ୟାଚରେ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ।

# ଇଂଲଣ୍ଡ ବିଜୟୀ

**ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ):** କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ମଙ୍ଗଳବାର ପୁରୁଷ ବିଭାଗର ଏକ ମ୍ୟାଚରେ ଇଂଲଣ୍ଡ ଶୁଟ୍‌ଆଉଟ ୧-୦ ଗୋଲରେ ସ୍ପେନ୍‌କୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ଇଂଲଣ୍ଡର ଏକମାତ୍ର ଜ୍ୟାକବ ପେଟନ ଗୋଲସ୍କୋର କରିବାରେ ସକ୍ଷମ ହୋଇଥିଲେ। ନିର୍ଦ୍ଧାରିତ ସମୟ ଖେଳରେ ଇଂଲଣ୍ଡର ଜ୍ୟାକବ ପେଟନ ୧୩ ଓ ସାମ୍ ୱାର୍ଡ ୩୨ ଏବଂ ସ୍ପେନ୍‌ର ନିକୋଲାସ ଆଲଭାରେଜ ୪୯ ଓ ବ୍ରୁନୋ ଫଣ୍ଟ ୫୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

# ଇସ୍ତଫା ଦେଇ ନାହାନ୍ତି ମେରୀକମ୍

**ନୂଆଦିଲ୍ଲୀ, ୨୮।୨ (ପି.ଟି.)**



ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ଆଥ୍‌ଲେଟ୍ସ କମିଶନ ଚେୟାରମ୍ୟାନ ପଦବୀରୁ ବକ୍ସିଂ କିମ୍ବଦନ୍ତୀ ଏମ୍.ସି. ମେରୀକମ୍ ଇସ୍ତଫା ଦେଇ ନ ଥିବା ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ପ୍ୟାନେଲରେ ସେ ତାଙ୍କ କାର୍ଯ୍ୟକାଳ ଶେଷ କରିବେ ବୋଲି କହିଛନ୍ତି। ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି ବୋଲି ଯାହା କୁହାଯାଉଛି ତାହା ଠିକ୍ ନୁହେଁ ବୋଲି ସେ କହିଛନ୍ତି। ମଣିପୁରର ଏହି ୪୨ ବର୍ଷୀୟା ହେଉଛନ୍ତି ୨୦୧୨ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା। ଗତ ସପ୍ତାହରେ ଜାତୀୟ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ସେ ହଲ୍‌ଦ୍ୱାନୀ ଗସ୍ତ କରିଥିଲେ। ତାଙ୍କ ରହଣି ପାଇଁ ଏକ ନିମ୍ନ ମାନର ହୋଟେଲରେ ବ୍ୟବସ୍ଥା କରାଯାଇଥିଲା। ଏକ ଘରୋଇ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଏହି ପ୍ରସଙ୍ଗ ନେଇ ସେ କେବଳ ତାଙ୍କର ଅସନ୍ତୋଷ ପ୍ରକାଶ କରିଥିଲେ। ମାତ୍ର ଏହାକୁ ଗଣମାଧ୍ୟମରେ ଭିନ୍ନରୂପେ ଚିତ୍ରଣ କରାଯାଇଥିଲା। ମାତ୍ର ସେ ଇସ୍ତଫା ଦେଇ ନାହାନ୍ତି। ୨୦୨୬ରେ ତାଙ୍କ କାର୍ଯ୍ୟକାଳ ଶେଷହେବା ପର୍ଯ୍ୟନ୍ତ ସେ ତାଙ୍କ ପଦବୀରେ ରହିବେ ବୋଲି କହିଛନ୍ତି। ସେ ତାଙ୍କ ସହକର୍ମୀ (ଆଥଲେଟ୍ସ କମିଶନ ସଦସ୍ୟ)ମାନଙ୍କୁ କହିଥିଲେ ଯେ, ଯଦି ଭବିଷ୍ୟତରେ ତାଙ୍କ ପ୍ରତି ଏଭଳି ଆଚରଣ କରାଯାଏ ତେବେ ସେ ଇସ୍ତଫା ଦେବା କଥା ବିଚାର କରିପାରନ୍ତି ବୋଲି କହିଥିଲେ। ସେ କେବେ ଇସ୍ତଫା ଦେବା କଥା କହି ନାହାନ୍ତି। ଆଇଓଏ ହେଉଛି ତାଙ୍କର ଏକ ପରିବାର। ଯଦି ସେ କୌଣସି ବିଷୟରେ ଅସନ୍ତୁଷ୍ଟ ତେବେ ତାହା ପ୍ରକାଶ କରିବା ତାଙ୍କର ଅଧିକାର ରହିଛି। ଏହାର ମାନେ ନୁହେଁ ସେ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି।

# ସ୍ୱଦେଶ ଫେରିଲେ ମୋର୍କେଲ

**ଦୁବାଇ, ୧୮।୨ (ପି.ଟି.):** ପାରିବାରିକ ଜରୁରୀ କାର୍ଯ୍ୟ ପାଇଁ ଭାରତର ବୋଲିଂ କୋଚ୍ ଦକ୍ଷିଣ ଆଫ୍ରିକାର ମୋର୍ନ ମୋର୍କେଲ ସ୍ୱଦେଶ ଫେରି ଯାଇଛନ୍ତି। ମୋର୍କେଲ ଗତବର୍ଷ ବୋଲିଂ କୋଚ୍ ଭାବେ ନିଯୁକ୍ତି ପାଇଥିଲେ। ଶନିବାର ସେ ଭାରତୀୟ ଦଳ ସହିତ ଦୁବାଇ ଗସ୍ତ କରିଥିଲେ। ବୁଧବାର ଆଇସିସି ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ପୂର୍ବରୁ ସେ ଦଳର ପ୍ରଥମ ପ୍ରାକ୍ଟିସ ସେସନରେ ଅଂଶଗ୍ରହଣ କରିଥିଲେ। ଦକ୍ଷିଣ ଆଫ୍ରିକାର ୪୦ ବର୍ଷୀୟ ଏହି ପୂର୍ବତନ ପେସ୍ ବୋଲର ସୋମବାର ଦ୍ୱିତୀୟ ଅଭ୍ୟାସ ସେସନରେ ଉପସ୍ଥିତ ନ ଥିଲେ। ଗୁରୁବାର ଦୁବାଇ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଭାରତର ବାଂଲାଦେଶ ବିପକ୍ଷ ମ୍ୟାଚ ପୂର୍ବରୁ ଏହି ଘଟଣା ଘଟିଛି। ଆଇସିସି ଟୁର୍ନାମେଣ୍ଟ ପାଇଁ ଭାରତୀୟ ବୋଲିଂ ଆକ୍ରମଣ ଫାଷ୍ଟ ବୋଲିଂ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସମେତ ସ୍ପେସାଲିଷ୍ଟ ପେସରମାନଙ୍କୁ ନେଇ ହୋଇଛି।

# ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍ ଆରମ୍ଭ

**ଭୁବନେଶ୍ୱର, ୧୮।୧ (ବିଜୟ ରଣା)**

## ଉଦ୍‌ଘାଟନୀରେ ଓଡିଏମ୍ ଫୁଟ୍‌ବଲ ସ୍କୁଲ ବିଜୟୀ

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗକ୍ରମେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ତରଫରୁ ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍ ୨୦୨୪-୨୫ ଆରମ୍ଭ ହୋଇଛି। ଏହାର ତିନୋଟି ବୟସବର୍ଗ ଯଥା ୧୩ ବର୍ଷରୁ କମ୍, ୧୫ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବର୍ଗରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଭେନ୍ୟୁରେ ଆୟୋଜିତ ହୋଇଛି। ମଙ୍ଗଳବାର ୧୩ ବର୍ଷରୁ କମ୍ ଲିଗ୍‌ର ଉଦ୍‌ଘାଟନୀ ଉତ୍ସବ କଟକ ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିଭାବେ ଫାଓ ଉପସଭାପତି ଦିଲୀପ କୁମାର ସାହୁ ଓ ବିରେନ୍ଦ୍ର କୁମାର ବେହେରା, ଟେକ୍‌ନିକାଲ ଡାଇରେକ୍ଟର ଅକ୍ଷୟ ଦାସ ଏବଂ ଫାଓ ସଦସ୍ୟ ଚିତ୍ରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଅନୁଷ୍ଠିତ ଉଦ୍‌ଗାଟନୀ ମଞ୍ଚାଚରେ ଓଡିଏମ୍ ଫୁଟ୍‌ବଲ ସ୍କୁଲ ୪-୧ ଗୋଲ୍‌ରେ ଓ.ଜି.ପି (ଓଡ଼ିଶା ଗଭର୍ନମେଣ୍ଟ ପ୍ରେସ୍) କ୍ଲବକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଅଧିନାୟିକା ତଥା ଫରୱାର୍ଡ ଅଦିତି ପଟେଲ (୪୩ ତମ ଓ ୫୦ତମ ମିନିଟ) ଏବଂ ହର୍ଷିତା କୁମାରୀ (୪ର୍ଥ ଓ ୨୦ତମ ମିନିଟ୍) ଦୁଇଟି ଲେଖାଏଁ ଗୋଲ ସ୍କୋର କରିଥିବା ବେଳେ ଓଜିପି ପକ୍ଷରୁ ଲଭ୍‌ଲୀ ବିଷୋଇ ୧୨ତମ ମିନିଟରେ ଦେଇଥିଲେ।



ଅସ୍ମିତା ଖେଲୋ ଇଣ୍ଡିଆ ଫୁଟ୍‌ବଲ ଲିଗ୍‌ର ପ୍ରଥମ ମ୍ୟାଚ ପୂର୍ବରୁ ଖେଳାଳି ଓ ଅଫିସିଆଲଙ୍କ ସହ ଅତିଥିମାନେ।

# ଆଜିଠୁ ପ୍ରଶାନ୍ତ ସ୍ମାରକୀ ଆଇନଜୀବୀ କ୍ରିକେଟ

**ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ବାର୍ ଆସୋସିଏଶନ (ବିବିଏ) ଆନୁକୂଲ୍ୟରେ ପ୍ରଶାନ୍ତ ରାଉତରାୟ ସ୍ମାରକୀ ଅଲ୍ ଓଡ଼ିଶା ଆଇନଜୀବୀ କ୍ରିକେଟ ଟୁର୍ନାମେଣ୍ଟ ବୁଧବାରଠାରୁ ଆରମ୍ଭ ହେବ। ଟି୨୦ ଫର୍ମାଟରେ ଏହି ପ୍ରତିଯୋଗିତା ବିଜେବି କଲେଜ ଗ୍ରାଉଣ୍ଡରେ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦୧୪ରେ ଆରମ୍ଭ ହୋଇଥିବା ଟୁର୍ନାମେଣ୍ଟର ଏହା ହେବ ୧୦ମ ସଂସ୍କରଣ। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍ 'ଏ'ରେ ଭୁବନେଶ୍ୱର ବାର୍ ଆସୋସିଏଶନ, ବୋର୍ଡ ଅଫ୍ ରେଭିନ୍ୟୁ ବାର୍ ଆସୋସିଏଶନ, ପୁରୀ ବାର୍ ଆସୋସିଏଶନ ଓ ସମ୍ବଲପୁର ବାର୍ ଆସୋସିଏଶନ ଦଳ ସ୍ଥାନ ପାଇଛି। ସେହିପରି ଗ୍ରୁପ୍ 'ବି'ରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ, ଗଞ୍ଜାମ ବାର୍ ଆସୋସିଏଶନ, ମୋଟର ଭେଇକ୍ଲ ବାର୍ ଆସୋସିଏଶନ କଟକ ଓ ଭୁବନେଶ୍ୱର ଗ୍ରୀନ୍ସ ଦଳ ରହିଛି। ମ୍ୟାଚ ଗୁଡ଼ିକ ନକ୍‌ଆଉଟ ଭିତ୍ତିରେ ଅନୁଷ୍ଠିତ ହେବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଅବସରରେ ବିଭିନ୍ନ ଦଳର ଜର୍ସି ଉନ୍ମୋଚନ କରାଯାଇଛି। ୨୩ ତାରିଖରେ ଫାଇନାଲ ପୂର୍ବରୁ ୨୨ରେ ପ୍ରେସ୍ ଏକାଦଶ ବନାମ କମିଶନରେଟ ପୋଲିସ ଏକାଦଶ ଏବଂ ପ୍ରଶାସନିକ ଏକାଦଶ ବନାମ ସେକ୍ରେଟାରି ଏକାଦଶ ମଧ୍ୟରେ ୨ଟି ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଆୟୋଜକ କମିଟି ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଦାସ, ଉପାଧ୍ୟକ୍ଷ ସନ୍ତୋଷ ଚୌଧୁରୀ, ଭୁବନେଶ୍ୱର ବାର୍ ଆସୋସିଏଶନ ସମ୍ପାଦକ ଦୀପକ ଦାଶ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଅଧିନାୟକ ସୁମନ ରାଉତରାୟ, କମିଟି ସଦସ୍ୟ ଜୟନ୍ତ କୁମାର ଜେନା ଓ ନିହାର ରଞ୍ଜନ ସେଠୀ ଏବଂ ବିବିଏ ମ୍ୟାନେଜର ରମାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଅଂଶଗ୍ରହଣକାରୀ ଦଳ ଗୁଡ଼ିକର ଜର୍ସି ଉନ୍ମୋଚନ କରୁଛନ୍ତି।

## ଭାଗନେବେ ୮ ଦଳ, ଜର୍ସି ଉନ୍ମୋଚିତ



# ରଜନୀଗନ୍ଧାର ଉନ୍ନତ କିସମ

**ର**ଜନୀଗନ୍ଧା କଏବେଠାରୁ ମେ ମାସ ପର୍ଯ୍ୟନ୍ତ ଲଗାଯାଏ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର,କୋଏମ୍ବାଟୁର,ସିଙ୍ଗଲ ଓ ସୁହାସିନୀ(ଡବଲ)ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୮୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ୍ ଓ ୮୦କି.ଗ୍ରା. ପଟାସ ସାର) ର ଏକତୃତୀୟାଂଶ ଯବକ୍ଷାରଜାନ ଓ ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ ହୋଇଥାଏ। କନ୍ଦାଗୁଡ଼ିକୁ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ଡିଗ୍ରୀ ସେଲ୍‌ସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜାହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକ ପ୍ରତି ୧୬୦କେ.ଜି. ନିମ୍ବପିଡ଼ିଆ ପ୍ରୟୋଗ କରନ୍ତୁ। କନ୍ଦାଗୁଡ଼ିକୁ ଲଗାଇବା ପୂର୍ବରୁ ଚେରଗୁଡ଼ିକୁ କାଟିଦିଅନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ କନ୍ଦାକୁ କନ୍ଦା ୩୦ସେ.ମି. ବ୍ୟବଧାନରେ ଲଗାନ୍ତୁ।

# ଦୁଗ୍ଧ ଉତ୍ପାଦନ ଓ ଆତ୍ମନିର୍ଭରଶୀଳତା



ଡା. ବୀରକିଶୋର ପରିଡ଼ା

**ପ୍ର**ତ୍ୟେକ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ ଶୈଶବ ଅବସ୍ଥାରେ କେବଳ ଦୁଗ୍ଧପାନ କରୁଥିବାବେଳେ ମନୁଷ୍ୟ କ୍ଷେତ୍ରରେ କି ଆବାଳ ବୃଦ୍ଧବନିତା ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦୁଗ୍ଧପାନ କରିଥାନ୍ତି । ଦୁଗ୍ଧ କେବଳ ପାନୀୟ ଭାବରେ ବ୍ୟବହାର କରାଯାଏ ତାହା ନୁହେଁ, ଏହା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା - ବଟରମିଲ୍କ, ଆଇସ୍‌କ୍ରିମ୍, ଲସି, ଛେନା ଆଦିର ମୌଳିକ ପଦାର୍ଥ ଭାବେ ବ୍ୟବହୃତ ହୁଏ । ଦୁଗ୍ଧରେ ଉଚ୍ଚଗୁଣାତ୍ମକ ମାନର ଖାଦ୍ୟସାର ଯଥା - କ୍ୟାଲସିୟମ୍, ଫସ୍‌ଫରସ୍, ଭିଟାମିନ୍-ବି, ପୋଟାସିୟମ ଓ ଭିଟାମିନ୍-ଡି ଭରପୂର ହୋଇଥାଏ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଆମ ସ୍ୱାସ୍ଥ୍ୟରକ୍ଷାରେ ସହାୟକ ହେବା ସଙ୍ଗେ ସଙ୍ଗେ ହାଡ଼ଭଙ୍ଗା ଓ ହାଡ଼ର ଅଷ୍ଟିଓପୋରୋସିସ୍ ରୋଗରୁ କେତେକାଂଶରେ ଉପଶମ ଦେଇଥାଏ । ସାଧାରଣତଃ, ୧ଗ୍ଲାସ୍ ଦୁଗ୍ଧରେ କ୍ୟାଲ୍‌ସିୟମ ୨୯ ପ୍ରତିଶତ ଓ ଭିଟାମିନ୍-ଡି ୨୫ ପ୍ରତିଶତ ଥିବାବେଳେ ଫସ୍‌ଫରସ୍ ୨୩ ପ୍ରତିଶତ, ରାଇବୋଫ୍ଲାବିନ୍ ୨୩ ପ୍ରତିଶତ ଓ ଭିଟାମିନ୍ 'ବି'-୧୨ ୧୫ ପ୍ରତିଶତ ନିହିତ ଥାଏ ଯାହାକି ଆମ ଶରୀର ପାଇଁ ଏକାନ୍ତ ଆବଶ୍ୟକ । ସମସ୍ତ ସ୍ତନ୍ୟପାୟୀ ପ୍ରାଣୀଙ୍କଠାରେ କେତେକ ଜୈବ ରାସାୟନିକ ପ୍ରକ୍ରିୟା ଯଥା- ରକ୍ତରୁ ଦୁଗ୍ଧ ବା ପହ୍ନାର ଜୀବକୋଷରୁ ଦୁଗ୍ଧଗ୍ରନ୍ଥି ଓ ହର୍‌ମୋନ୍‌ର ସାହାଯ୍ୟରେ ଦୁଗ୍ଧ ସୃଷ୍ଟି ହୋଇଥାଏ।

ସାଧାରଣତଃ ଦୁଗ୍ଧ ଆମେ ଗାଈ, ମଇଁଷି ବା ଛେଳିଠାରୁ ପାଇଥାଉ। ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟ ରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକମାନେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ବିଭିନ୍ନ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ମଇଁଷି ଦୁଗ୍ଧରେ ଅଧିକ ସ୍ନେହସାର ସହ ସମୁଦାୟ କଠିନାଂଶ ଅଧିକ ଥିବା ହେତୁ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ବିକ୍ରିକରି ବେଶ୍ ଦିପଇସା ଅଧିକ ପାଉଥିବାରୁ ଉତ୍ତର ଭାରତରେ ମଇଁଷି ପାଳନ ଅଧିକ ଦେଖିବାକୁ ମିଳେ। ଦୁଗ୍ଧଚାଷୀମାନେ କେବଳ ଦୁଗ୍ଧ ବଜାରରେ ବିକ୍ରିକରି ଯେତିକି ପଇସା ପାଇଥାନ୍ତି। ତା'ଅପେକ୍ଷା ବିଭିନ୍ନ ଦୁଗ୍ଧଜାତ ଦ୍ରବ୍ୟ ଯଥା- ଦହି, ଛେନା, ପନିର, ରାବିଡ଼ି, ଛେନାପୋଡ଼, ରସଗୋଲା, ଛେନାଝିଲ୍ଲୀ, ରସମଲେଇ, ଆଇସ୍‌କ୍ରିମ୍ ଆଦି ପ୍ରସ୍ତୁତକରି ଅନେକାଂଶରେ ଲାଭ ବା ଫାଇଦା ଉଠାଇଥାନ୍ତି। ଦୁଗ୍ଧ ଅପେକ୍ଷା ଦୁଗ୍ଧଜାତ ଦ୍ରବ୍ୟ ଅଧିକ ଦିନ ସାଇତି ରଖିହୁଏ। ବଜାର ଦର ସ୍ଥିର ଥିବାବେଳେ ଦୁଗ୍ଧ ଉତ୍ପାଦନ ଖର୍ଚ୍ଚ ଯେତେ କମିବ, ଆମ ଦୁଗ୍ଧଚାଷୀମାନେ ଗୋପାଳନରୁ ସେତେ ଅଧିକ ଲାଭବାନ ହୋଇପାରିବେ। ସେଥିପାଇଁ ସବୁଦିନିଆ ଘାସଚାଷ ସହ ଋତୁକାଳୀନ ଘାସଚାଷ କରିବା ନିତାନ୍ତ ଆବଶ୍ୟକ।

ବର୍ତ୍ତମାନ ଆମ ଦେଶ ବିଶ୍ୱସ୍ତରରେ ୧୯୯୮-୯୯ ବର୍ଷଠାରୁ କ୍ରମାଗତଭାବେ ଦୁଗ୍ଧ ଉତ୍ପାଦନରେ ପ୍ରଥମ ସ୍ଥାନ ଅଧିକାର କରିଛି। ଦୁଗ୍ଧରେ ଜୈବିକ ମୂଲ୍ୟ ୮୪.୫ ବା ଅଧିକ ଥିବାରୁ ଶିଶୁ, ମହିଳା ଓ ବୟସ୍କ ଲୋକଙ୍କ ପୁଷ୍ଟିହୀନତା ଦୂରକରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜାତୀୟ ସ୍ତରରେ ଉନ୍ନତ ସଙ୍କର ଜାତୀୟ ଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ହାରାହାରି ୮.୫୨ କେଜି ଥିବାବେଳେ ଦେଶୀଗାଈଙ୍କ ଦୈନିକ ଦୁଗ୍ଧ ଉତ୍ପାଦନ ଦକ୍ଷତା ହେଉଛି ୩.୩୬ କେଜି । ଆମ ରାଜ୍ୟ ତଥା ଦେଶର ଦୁଗ୍ଧଚାଷୀଙ୍କ ଅନବରତ ଗୋସେବା ଓ ନିଷ୍ଠାପର ଉଦ୍ୟମ ଯୋଗୁ ଏହା କେବଳ ସମ୍ଭବ ହୋଇପାରିଛି। ଆମ ରାଜ୍ୟରେ ଦୁଗ୍ଧଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ, ସଂରକ୍ଷଣ ଓ ବିକ୍ରିବଟାର ସୁବିଧା ପାଇଁ ଓମ୍‌ଫେଡ୍ କାର୍ଯ୍ୟ କରୁଛି। ଓମ୍‌ଫେଡ୍ ଗୁଜରାଟର ଆନନ୍ଦ ଢାଞ୍ଚା ଭଳି ତ୍ରିସ୍ତରୀୟ ସମବାୟ ବ୍ୟବସ୍ଥା ସ୍ୱରୂପ ଗ୍ରାମୀଣସ୍ତରରେ ଦୁଗ୍ଧ ଉତ୍ପାଦକ ସମବାୟ ସମିତି, ଜିଲା ସ୍ତରରେ ଜିଲା ଦୁଗ୍ଧ ସଂଘ ଏବଂ ୧୯୮୦ ମସିହାରେ ରାଜ୍ୟ ସ୍ତରରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଗଠିତ ହୋଇଛି। ଓମ୍‌ଫେଡ୍ ପ୍ରତିଷ୍ଠାର କେତୋଟି ମୂଳ ଲକ୍ଷ୍ୟ ରହିଛି। ସେଗୁଡ଼ିକ ମଧ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଦୁଗ୍ଧ ସଂଗ୍ରହ, ଦୁଗ୍ଧ ପ୍ରକ୍ରିୟାକରଣ ଆଦି ସହ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ବିକ୍ରିବଟାକରି ଦୁଗ୍ଧ ଚାଷୀଙ୍କ ଆର୍ଥିକ ବିକାଶ ଘଟାଇବା ଏବଂ ଦୁଗ୍ଧଶିଳ୍ପର ଉନ୍ନତି, ବିକାଶ ଓ ଦୁଧିଆଳୀ ଗାଈଙ୍କ ସୁରକ୍ଷା ନିମନ୍ତେ ଆନୁଷଙ୍ଗିକ କାର୍ଯ୍ୟକଳାପର ବିକାଶ ଓ ସମ୍ପ୍ରସାରଣ କରିବା ଅନ୍ୟତମ।

"ସାଧାରଣତଃ ଦୁଗ୍ଧ ଆମେ ଗାଈ, ମଇଁଷି ବା ଛେଳିଠାରୁ ପାଇଥାଉ। ଦୁଗ୍ଧରେ ପ୍ରାୟ ୮୭ ପ୍ରତିଶତ ଜଳ ସହ ଅନ୍ୟାନ୍ୟ ଉପାଦେୟ ଖାଦ୍ୟସାର ନିହିତ ଥିବାରୁ ଏହା ଏକ ଉତ୍କୃଷ୍ଟ ଆଦର୍ଶ ପାନୀୟରୂପେ ବ୍ୟବହାର ହୋଇଥାଏ। ଆମ ରାଜ୍ୟର ଲୋକମାନେ ଗାଈ ପାଳନକୁ ବିଶେଷ ଭାବରେ ଗ୍ରହଣ କରିଥିବା ବେଳେ ଗୁଜରାଟ, ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ ପ୍ରଭୃତି ଦୁଗ୍ଧ ଉତ୍ପାଦନକାରୀ ପ୍ରମୁଖ ରାଜ୍ୟରେ ବିଭିନ୍ନ ପ୍ରଜାତିର ମଇଁଷି ପାଳନ ଘରେ ଘରେ ଦେଖିବାକୁ ମିଳେ। ମଇଁଷି ଦୁଗ୍ଧରେ ଅଧିକ ସ୍ନେହସାର ସହ ସମୁଦାୟ କଠିନାଂଶ ଅଧିକ ଥିବା ହେତୁ ଦୁଗ୍ଧ ସମବାୟ ସମିତିରେ ଦୁଗ୍ଧ ବିକ୍ରିକରି ବେଶ୍ ଦିପଇସା ଅଧିକ ପାଉଥିବାରୁ ଉତ୍ତର ଭାରତରେ ମଇଁଷି ପାଳନ ଅଧିକ ଦେଖିବାକୁ ମିଳେ।"



ଆମ ରାଜ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଚାହିଦା ପୂରଣ ପରେ ଓମ୍‌ଫେଡ୍ ବଳକା ଦୁଗ୍ଧରୁ ଗୁଣ୍ଡଦୁଗ୍ଧ ଓ ଘିଅ ପ୍ରସ୍ତୁତ କରୁଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଉଥିବାରୁ ଓମ୍‌ଫେଡ୍‌ର ସମ୍ପ୍ରସାରଣ ନିମନ୍ତେ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି।

ଆମ ରାଜ୍ୟର ଲୋକମାନେ ଅନ୍ୟାନ୍ୟ ମୃଦୁପାନୀୟ ବ୍ୟବହାରକରିବା ପରିବର୍ତ୍ତେ ଦୁଗ୍ଧ ବ୍ୟବହାର ଅଧିକ ଅଭ୍ୟାସକଲେ ପୁଷ୍ଟିହୀନତା ଦୂରହେବା ସହିତ ସୁନ୍ଦର ସ୍ୱାସ୍ଥ୍ୟବାନ ହୋଇପାରିବେ। ଏହାସହ ଦୁଗ୍ଧଚାଷୀମାନେ ମଧ୍ୟ ଗୋପାଳନ କ୍ଷେତ୍ରରେ ଅଧିକ ଲାଭବାନ୍ ହୋଇପାରିବେ। ବର୍ତ୍ତମାନ ଓମ୍‌ଫେଡ୍ ଖାଉଟିମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ଗୁଣବତ୍ତା ପ୍ରତି ସଦାସର୍ବଦା ଗୁରୁତ୍ୱ ଦେଇଆସିଛି। ଦୁଗ୍ଧର ଉତ୍ପାଦନ ଖର୍ଚ୍ଚ କମାଇ ଅଧିକ ପଇସା ପାଇବାକୁ ହେଲେ ଗୋପାଳନ କ୍ଷେତ୍ରରେ ଆମକୁ ସବୁଜ ଘାସଚାଷ କରିବା ଏକାନ୍ତ ଅପରିହାର୍ଯ୍ୟ।

-ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ (ପ୍ରାଣୀ ସମ୍ପଦ ବିକାଶ) ତଥା ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨



# ଭେଣ୍ଡି ଚାଷ

**ବ**ର୍ଷ ସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ-ଉତ୍କଳ, ଗୌରବ, ଅର୍କ, ଅନାମିକା, ଉପହାର, ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା- ବର୍ଷା, ବିଜୟ, ବିଶାଳ, ତାରା, ଆଧୁନିକ, ଅତ୍ୟାଧୁନିକ, ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ, ୪୫କି.ଗ୍ରା. ଯବକ୍ଷାରଜାନ, ୨୫କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ଼ ଗୋବର ଖତ, ୮୦କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ ସେ.ମି. ବ୍ୟବଧାନରେ ମଞ୍ଜିପୋତନ୍ତୁ।



# ଫଳ ଚାଷ

**ଓ**ଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ , ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚା ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ୍ୟ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାରକରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି , ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ମାଣ୍ଡିଆରେ ସାର ପ୍ରୟୋଗ



**ମା**ଣ୍ଡିଆ ତଳି ୩ ସପ୍ତାହର ହୋଇଗଲେ ତଳିକୁ ଧାଡ଼ିକୁ ଧାଡ଼ି ୨୦ସେ.ମି . ଓ ଗଛକୁ ଗଛ ୧୦ସେ.ମି. ବ୍ୟବଧାନରେ ରୁଅନ୍ତୁ। ମାଟି ପରୀକ୍ଷା ପରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ। ମାଟି ପରୀକ୍ଷା ହୋଇ ନ ଥିଲେ ଏକର ପ୍ରତି ୨୪: ୧୬:୧୨ଅନୁପାତରେ ଯବକ୍ଷାରଜାନ,ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ରୋଇବା ସମୟରେ ଅଧା ଯବକ୍ଷାରଜାନ ସାର ସହିତ ସମସ୍ତ ଫସ୍‌ଫରସ୍ ଓ ପଟାସ ପ୍ରୟୋଗ କରନ୍ତୁ। ସଅଳ ରୁଆଯାଇଥିବା ମାଣ୍ଡିଆ ଲଗାଇବାର ୩-୪ସପ୍ତାହ ହୋଇଯାଇଥିଲେ ଏକର ପ୍ରତି ୧୨କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗକଲେ ଭଲ।

# ପୋଟଳରେ ଫୁଲଫଳ ଧରୁଥିଲେ...

**ପୋ**ଟଳ ଫୁଲଫଳ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଦରକାର। କାରଣ ଘାସ ଜମିର ଆର୍ଦ୍ରତା ବଜାୟ ରଖିବାରେ ସାହାଯ୍ୟକରେ ଓ ମାଟି ଉପରେ ମାଡୁଥିବା ଲତାର ଫଳକୁ ନିରାପଦରେ ଧରିରଖେ। ଏହାଦ୍ୱାରା ଫଳଗୁଡ଼ିକ ମାଟିର ସଂସ୍ପର୍ଶରେ ଆସି ନଷ୍ଟ ହୁଏନାହିଁ। ଡେରିରେ ଲଗାଯାଇଥିବା ପୋଟଳରେ ଫୁଲ ଆସିବା ପୂର୍ବରୁ କୋଡ଼ାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗକରି ଜଳସେଚନ କରନ୍ତୁ। ପୋଟଳରେ କବକଜନିତ ଝାଉଁଳା ରୋଗ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୧.୫ ଗ୍ରାମ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ମୂଳମାଟି ଭିଜାଇ ରଖନ୍ତୁ।



# ଖରାଟିଆ ମୁଗ ଫସଲରେ ଜଳସେଚନ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ । ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍‌ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନକଲେ ଅଧିକ ସଂଖ୍ୟାରେ ଫୁଲହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।

# ହଳଦୀ ଲଗାଇବା ପୂର୍ବରୁ...

**ରୋ**ମା,ସୁରମା,ରଙ୍ଗ,ରଶ୍ମି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡ ଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡ ଚାଷକରି ୧ ମିଟର ଓସାର ,୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ,୧୨କି.ଗ୍ରା. ଫସ୍‌ଫରସ୍,୩୬କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ସମୁଦାୟ ସୁପର ଫସ୍‌ଫେଟ୍ ଓ ଅଧା ମ୍ୟୁରେଟ୍ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।





# ସବୁଜ ଗୋଖାଦ୍ୟ ଫସଲ

**ବ**ର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ । ଶେଷଓଡ଼ ଚାଷରେ ଏକର ପ୍ରତି ୫ ଗାଡ଼ି ଶଢ଼ା ଗୋବର ଖତ,୪୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ୍ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବା ସମ୍ଭବନା ଥିଲେ ଶେଷ ଓଡ଼ ଚାଷରେ ଏକର ପ୍ରତି ୧୦କି.ଗ୍ରା. ଶତକଡ଼ା ୧.୫ଭାଗ କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କି.ଗ୍ରା. ମକା ବିହନ ଓ ୨୦କି.ଗ୍ରା. ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡ଼ି ମକା ପରେ ୨ଧାଡ଼ି ବରଗୁଡ଼ି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯/୨୦୨୫ Bhubaneswar, Wednesday, February 19/ 2025

# ସଫେଇଦେଲା ୱାଡା

ମାଡ୍ରିଡ୍‌, ୧୮।୨ (ଏ.ପି)

## ସିନରଙ୍କୁ ବାସନ୍ଦ ପ୍ରସଙ୍ଗ

ସମାନ ଧରଣର ଡୋପିଙ୍ଗ ମାମଲାରେ ଜଣେ ସ୍ପାନିଶ ଫିଗର ସ୍କେଟର ଲାଉରା ବାର୍କ୍ୟୁରୋଙ୍କୁ ୬ ବର୍ଷ ସସ୍‌ପେଣ୍ଡ କରାଯାଇଥିବା ବେଳେ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଟେନିସ ଖେଳାଳି ଜାନିକ ସିନରଙ୍କୁ କାହିଁକି ସ୍ୱଳ୍ପ ଦଣ୍ଡବିଧାନ କରାଗଲା ସେ ନେଇ ସଫେଇ ଦେଇଛି ଡୋପିଙ୍ଗ ଏଜେନ୍ସି (ୱାଡା)। ଯଦିଓ ଦୁଇଟି ମାମଲାରେ ସମାନ ପଦାର୍ଥ ରହିଛି, ତେବେ କାରଣ ଭିନ୍ନ ରହିଛି। ଡୋପ୍‌ ଟେଷ୍ଟରେ ଉଭୟ ଖେଳାଳି ନିଷିଦ୍ଧ ଆନାବୋଲିକ୍‌ କ୍ଲୋଷ୍ଟେବଲ୍‌ ପାଇଁ ଧରାପଡ଼ିଥିଲେ। ଶରୀର ଭିତରକୁ ଏହାର ପ୍ରବେଶ ଭିନ୍ନ ମାଧ୍ୟମ ଥିଲା। ୨୦୨୨ ୱିଣ୍ଟର ଅଲିମ୍ପିକ୍ସ ବେଳେ ହୋଇଥିବା ଡୋପ୍‌ ଟେଷ୍ଟରେ ବାର୍କ୍ୟୁରୋଙ୍କର କ୍ଲୋଷ୍ଟରବଲ୍‌ ପାଇଁ ପଜିଟିଭ ଆସିଥିଲା। ପରେ ଇଣ୍ଟରନ୍ୟାଶନାଲ ସ୍କେଟିଂ ୟୁନିୟନ ଦ୍ୱାରା ପ୍ରତିଯୋଗିତା ବାହାରେ କରାଯାଇଥିବା ଡୋପ୍‌ ଟେଷ୍ଟରେ ତାଙ୍କ ନମୁନାରେ ପୁଣି କ୍ଲୋଷ୍ଟରବଲ ଠାବ ହୋଇଥିଲା। ସିନର ମଧ୍ୟ ଦୁଇଥର ସାମାନ ନିଷିଦ୍ଧ ପଦାର୍ଥ ପାଇଁ ଡୋପ୍‌ ଟେଷ୍ଟରେ ଦୁଇଥର ବିଫଳ ହୋଇଥିଲେ। ୩ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନଙ୍କୁ ଅତିକମ୍‌ରେ ଏକ ବର୍ଷ ସସ୍‌ପେଣ୍ଡ କରିବା ଲାଗି ୱାଡା କହିଥିଲା। ମାତ୍ର ସିନର ଗତବର୍ଷ ଇଣ୍ଟରନ୍ୟାଶନାଲ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି (ଆଇଟିଆଇଏ) ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଘଟଣାକ୍ରମେ ଆଥଲେଟଙ୍କ ଶରୀରକୁ ନିଷିଦ୍ଧ ଆନାବୋଲିକ୍‌ ଷ୍ଟେରଏଡ୍‌ ସଂକ୍ରମିତ କରିଥିଲା ବୋଲି ଦର୍ଶାଇଥିଲା ଏବଂ ସିନର ଠକି ନାହାନ୍ତି ବୋଲି କହିଥିଲା। ସିନର କହିଛନ୍ତି ତାଙ୍କ ଆଙ୍ଗୁଠି କଟିଯାଇଥିଲା। ସେତେବେଳେ ଜଣେ ଟ୍ରେନର ତାଙ୍କର ମସାଜ କରୁଥିବା ବେଳେ ଯେଉଁ ଉପାଦାନ ବ୍ୟବହାର କରିଥିଲେ ସେଥିରେ କ୍ଲୋଷ୍ଟେବଲ୍‌ର ମାତ୍ରା ଥିଲା। ୱାଡା ଆଥଲେଟଙ୍କ ଯୁକ୍ତିକୁ ଗ୍ରହଣ କରିଥିଲା। ବୁଝାମଣା ଭିତ୍ତିରେ ସିନରଙ୍କୁ ୩ ମାସ ବାସନ୍ଦ କରାଯାଇଥିଲା।

# ଓଡ଼ିଶାର ଜାନକୀଙ୍କୁ ବ୍ରୋଞ୍ଜ

ଭୁବନେଶ୍ୱର, ୧୮।୨ (ତପନ ସ୍ୱାଇଁ)

ଚେନ୍ନାଇରେ ଆରମ୍ଭ ହୋଇଥିବା ୨୩ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଜାନକୀ ଓରାମ ଓଡ଼ିଶା ପାଇଁ ପ୍ରଥମ ପଦକ ଜିତିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ମହିଳା ଟି୧୨ ବର୍ଗ ୧୦୦ ମିଟର ରେସ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଆସନ୍ତା ୨୦ ପର୍ଯ୍ୟନ୍ତ ଚାଲିବାକୁ ଥିବା ପ୍ରତିଯୋଗିତାରେ ଓଡ଼ିଶାର ୩୨ ପାରା ଆଥଲେଟ୍‌ ଅଂଶଗ୍ରହଣ କରିଛନ୍ତି।

# ସର୍ବନିମ୍ନ ସ୍କୋର ଡିଫେଣ୍ଡ କଲା ଆମେରିକା

## ଦିନିକିଆରେ ବିଶ୍ୱ ରେକର୍ଡ

ଆଲ ଆମାରାତ (ମସ୍କଟ), ୧୮।୨(ପି.ଟି.): ଦିନିକିଆ କ୍ରିକେଟରେ ସର୍ବନିମ୍ନ ସ୍କୋରକୁ ଡିଫେଣ୍ଡ କରି ଆମେରିକା ବିଶ୍ୱ ରେକର୍ଡ କରିଛି। ଓମାନ ବିପକ୍ଷ କ୍ରିକେଟ ୱାର୍ଲ୍ଡ କପ୍‌ ଲିଗ୍‌-୨ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୧୨୨ ରନ କରିଥିଲା। ଏହାସତ୍ତ୍ୱେ ଆମେରିକା ମ୍ୟାଚକୁ ୫୭ ରନରେ ଜିତି ନେଇଛି। ପୁରୁଷ ଦିନିକିଆ ଇତିହାସରେ ସଫଳତାର ସହିତ ଡିଫେଣ୍ଡ ହୋଇଥିବା ଏହା ସର୍ବନିମ୍ନ ଦଳଗତ ସ୍କୋର। ସ୍ପିନରଙ୍କୁ ଅତ୍ୟଧିକ ସୁହାଉଥିବା ପରିବେଶରେ ଓମାନ ଟସ୍‌ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆମେରିକା ୩୫.୩ ଓଭରରେ ୧୨୨ ରନରେ ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ମିଲିନ୍ଦ କୁମାର ୪୭ ରନ କରି ଅପରାଜିତ ରହିଥିବା ବେଳେ ଆରୋନ ଜୋନ୍ସ ୧୬ ଓ ସଞ୍ଜୟ କ୍ରିଷ୍ଣମୂର୍ତ୍ତି ୧୬ ରନ କରିଥିଲେ। ଓମାନ ପକ୍ଷରୁ ସକିଲ ଅହମ୍ମଦ ୩ଟି ଉଇକେଟ ନେଇଥିଲେ। ଜବାବରେ ନୋସଥୁସ କେନଜିଗଙ୍କ ୫ ଉଇକେଟ ସଫଳତା ଯୋଗୁ ଆୟୋଜକ ଓମାନ ମାତ୍ର ୬୫ ରନରେ ଅଲଆଉଟ ହୋଇଯାଇଥିଲା। ଏହା ଓମାନ ଲାଗି ଦିନିକିଆ କ୍ରିକେଟରେ ସର୍ବନିମ୍ନ ଦଳଗତ ସ୍କୋର। ମିଲିନ୍ଦ କୁମାର ଓ ୟାସିର ମହମ୍ମଦ ୨ଟି ଲେଖାଏଁ ଉଇକେଟ ନେଇଥିବା ବେଳେ ହର୍ମିତ ସିଂ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚରେ ଉଭୟ ଦଳ ପକ୍ଷରୁ ଗୋଟିଏ ହେଲେ ଓଭର ପେସରଙ୍କୁ ଦିଆଯାଇ ନ ଥିଲା।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ